ଜୟଗୁରୁ

# ସାରସ୍ୱତ ମାଧୁରୀ

## ୨୦୦୨

## ଆମେରିକା ସାରସ୍ୱତ ପାଠଚକ୍ର

### ପ୍ରଥମ ବାର୍ଷିକ ସମ୍ମିଳନୀ

## ନୀଳାଚଳ ସାରସ୍ୱତ ସଂଘ, ପୁରୀ

ଜୟଗୁରୁ

# ମୁଖବନ୍ଧ

ମନ୍ନାଥଃ ଶ୍ରୀ ଜଗନ୍ନାଥୋ ମଦ୍‌ଗୁରୁ ଶ୍ରୀଜଗଦ୍‌ଗୁରୁଃ
ମଦାତ୍ମା ସର୍ବଭୂତାତ୍ମା ତସ୍ମୈ ଶ୍ରୀଗୁରବେ ନମଃ ।

ପରମାରାଧ୍ୟ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅପାର କରୁଣା ବଳରେ 'ଆମେରିକା ସାରସ୍ୱତ ପାଠଚକ୍ର' ର ପ୍ରଥମ ବାର୍ଷିକ ସମ୍ମିଳନୀ ଉପଲକ୍ଷେ ପାଠଚକ୍ର ତରଫରୁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ବୈଶିଷ୍ଟ୍ୟ ଓ ଭାବଧାରାର ମାଧୁର୍ଯ୍ୟରେ ମଣ୍ଡିତ ହୋଇ 'ସାରସ୍ୱତ ମାଧୁରୀ' ର ପ୍ରଥମ ସଂଖ୍ୟା ପ୍ରକାଶିତ ହେଲା । ସ୍ୱଳ୍ପ ସମୟ ମଧ୍ୟରେ ଏହି 'ସାରସ୍ୱତ ମାଧୁରୀ'ର ପ୍ରସ୍ତୁତି ଓ ପ୍ରକାଶିତ ରୂପରେଖ ଯେ ଶ୍ରୀଶ୍ରୀଠାକୁରଙ୍କ ଅହେତୁକ କରୁଣା ଓ ଆଶୀର୍ବାଦ ଫଳରେ ସମ୍ଭବ ହୋଇଛି, ଏହା ଆମର ଅନ୍ତରର ଅନୁଭବ । ସେଥିପାଇଁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଶ୍ରୀଚରଣ କମଳରେ ଭକ୍ତିପୂତ ପ୍ରଣିପାତ ପୂର୍ବକ ଅନ୍ତରର ଗଭୀର କୃତଜ୍ଞତା ଜ୍ଞାପନ କରୁଅଛୁ ।

ଯୁକ୍ତରାଷ୍ଟ୍ର ଆମେରିକାର ବିଭିନ୍ନ କୋଣରେ ବିକ୍ଷିପ୍ତଭାବେ ରହିଥିବା ଭକ୍ତ ଭାଇ ଓ ମା'ମାନଙ୍କର ଓଡିଆ ଓ ଇଂରାଜୀ ଲେଖାକୁ ନେଇ ଏହି ପତ୍ରିକାର କଳେବର ସୃଷ୍ଟି ହୋଇଛି । ଶ୍ରୀଶ୍ରୀଠାକୁରଙ୍କ ମହିମା, ଭାବଧାରା, ଦେବୀ ସୁଧାଂଶୁବାଳା, ନୀଳାଚଳ ସାରସ୍ୱତ ସଂଘ, ଗୁରୁତତ୍ତ୍ୱ, ନାମ ମହିମା, ଆମେରିକା ସାରସ୍ୱତ ପାଠଚକ୍ରର ଇତିବୃତି ବିଷୟରେ ଲେଖା ଏଥିରେ ସ୍ଥାନ ପାଇଛି । ଏହାଛଡା ଶ୍ରୀଶ୍ରୀଠାକୁରଙ୍କ ବିବିଧ ଉପଦେଶ, ଭକ୍ତ ମାନଙ୍କ ଦ୍ୱାରା ଲିଖିତ କେତୋଟି ପ୍ରାର୍ଥନା ଗୀତିକା ଓ କୃପାନୁଭୂତି ଏଥିରେ ସନ୍ନିବେଶିତ ।

ଏହି ଆଧ୍ୟାତ୍ମିକ ପତ୍ରିକା 'ଆମେରିକା ସାରସ୍ୱତ ପାଠଚକ୍ର'ର ପ୍ରଥମ ଅର୍ଘ୍ୟ ହୋଇଥିବାରୁ ଏହାର ପରିକଳ୍ପନା ଓ ରୂପପ୍ରଦାନ ତଥା ସଂପାଦନା ଓ ମୁଦ୍ରଣରେ ଥିବା ସମସ୍ତ ତୃଟି ନିମିତ୍ତ ଆମେ ଶ୍ରୀଶ୍ରୀଠାକୁର ମହାରାଜ ଓ ପାଠକମାନଙ୍କ ନିକଟରେ କ୍ଷମାପ୍ରାର୍ଥୀ । ସାମଗ୍ରିକ ଭାବରେ ଏହି ପ୍ରଥମ ସଂଖ୍ୟାଟି ପାଠକମାନଙ୍କ ଦ୍ୱାରା ସମାଦୃତ ହେବ ବୋଲି ଆଶା ରଖିଛୁ ।

ପରିଶେଷରେ ଏହି ପ୍ରକାଶନରେ ବିବିଧ ଭାବରେ ସହାୟତା କରି ଯଥା ସମୟରେ ଏହାର ମୁଦ୍ରଣ କାର୍ଯ୍ୟ ଶେଷ କରିଥିବାରୁ ଭକ୍ତ ଭାଇ ଓ ମା'ମାନଙ୍କର ସର୍ବବିଧ ମଂଗଳ ନିମନ୍ତେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ପ୍ରାର୍ଥନା ଜଣାଉଛୁ ।

୮-୩୧-୨୦୦୨
ଶନିବାର

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ


ଶ୍ରୀ ବିଶ୍ୱଜିତ୍ ସୁନ୍ଦର ରାୟ
ଶ୍ରୀମତୀ ଶିବାନୀ ମହାନ୍ତି
ଶ୍ରୀ ପୃଥ୍ୱୀରାଜ ସାହୁ
(ସଂପାଦନା ମଣ୍ଡଳୀ)
ଆମେରିକା ସାରସ୍ୱତ ପାଠଚକ୍ର

# ସୂଚୀପତ୍ର


| | | |
|---|---|---|
| ପଦେ କଥା | ଶ୍ରୀ ଶ୍ୟାମ ସୁନ୍ଦର ଦାଶ | 7 |
| ମହାବିଭୂତି ପଞ୍ଚକମ୍ | ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ | 8 |
| ପ୍ରଣତି | ଶ୍ରୀମତୀ ସ୍ମିତାରାଣୀ ସୁନ୍ଦର ରାୟ | 9 |
| ସଦ୍‌ଗୁରୁଙ୍କ ସ୍ୱରୂପ | ଶ୍ରୀ ଉମେଶଚନ୍ଦ୍ର ସାମନ୍ତରାୟ | 11 |
| ଦେବୀ ସୁଧାଂଶୁବାଳା | ଶ୍ରୀମତୀ ଶିବାନୀ ମହାନ୍ତି | 13 |
| ମାଗୁଣି ମୋର | ଶ୍ରୀ ଜ୍ଞାନ ରଞ୍ଜନ ଦ୍ୱିବେଦୀ | 15 |
| ଗୁରୁତତ୍ତ୍ୱ | ଶ୍ରୀ ଦୋଳଗୋବିନ୍ଦ ଦ୍ୱିବେଦୀ | 16 |
| ଆମର ପ୍ରିୟ ଅନୁଷ୍ଠାନ - ନୀଳାଚଳ ସାରସ୍ୱତ ସଂଘ | ଶ୍ରୀ ବିଶ୍ୱଜିତ୍ ସୁନ୍ଦର ରାୟ | 17 |
| ଆମେରିକା ସାରସ୍ୱତ ପାଠଚକ୍ରର ଇତିବୃତ୍ତି | ଶ୍ରୀ ଜ୍ଞାନ ରଞ୍ଜନ ଦ୍ୱିବେଦୀ | 21 |
| ଶ୍ରୀଶ୍ରୀଠାକୁରଙ୍କ ନୀତିନିୟମ ଓ ଭାବଧାରା | ଶ୍ରୀ ବାଣୀପ୍ରସନ୍ନ ମହାନ୍ତି | 24 |
| ଆମର ଆଦର୍ଶ ଗୃହସ୍ଥ ସାଧନାର କେତୋଟି ଦିଗ | ଶ୍ରୀମତୀ ସ୍ମିତାରାଣୀ ସୁନ୍ଦର ରାୟ | 26 |
| ସଂଘ ଶକ୍ତିର ଆବଶ୍ୟକତା | ଶ୍ରୀ ରବି ନାରାୟଣ ତ୍ରିପାଠୀ | 29 |
| ଆଜି ଏ ଶୁଭ ଲଗନେ | ଶ୍ରୀମତୀ କାଞ୍ଚନବାଳା ଦାସ | 30 |
| Bhava Binimay: My Perspective | Sri Brajendra Panda | 31 |
| In my Heart | Sri Gyan Ranjan Dwibedy | 32 |
| ସନାତନ ଧର୍ମ | ଶ୍ରୀ ପୃଥ୍ୱୀରାଜ ସାହୁ | 33 |
| ଶିବଜ୍ଞାନରେ ଜୀବସେବା | ଶ୍ରୀ ଜାମିନିକାନ୍ତ ସାମନ୍ତରାୟ | 35 |
| ଜୟଗୁରୁ ନାମର ମହିମା | ଶ୍ରୀମତୀ ଅଞ୍ଜନା ଅରୁକ୍ | 36 |
| ଆଦର୍ଶ ଗୃହସ୍ଥ ଜୀବନ ଗଠନ-ମୋର କିଛି ଅନୁଚିନ୍ତା | ଶ୍ରୀମତୀ ପଲ୍ଲବିତା ପଟ୍ଟନାୟକ | 37 |
| ସମ୍ମିଳନୀର ଉଦ୍ଦେଶ୍ୟ | ଶ୍ରୀ ବିନୟ କୁମାର ସାହୁ | 39 |
| Sri Sri Thakur in my life | Sri Bijoy Kumar Sahoo | 43 |
| ହୋଇଛି ଆଶା ପୂରଣ | ଶ୍ରୀମତୀ କାଞ୍ଚନବାଳା ଦାସ | 45 |
| ଆମେରିକା ସାରସ୍ୱତ ପାଠଚକ୍ର ପାଇଁ ପ୍ରାର୍ଥନା ଓ ଶୁଭକାମନା | ଶ୍ରୀ ଦେବେନ୍ଦ୍ରନାଥ ମହାପାତ୍ର | 47 |
| ଅଭିମତ ଓ ଅନୁଭୂତି | | 50 |
| ଅନୁଭୂତି (୧) | ଶ୍ରୀ ବ୍ରଜେନ୍ଦ୍ର ପଣ୍ଡା | 50 |
| ଅନୁଭୂତି (୨) | ଶ୍ରୀମତୀ ପଦ୍ମାଗନ୍ଧା ସାହୁ | 51 |
| ଅନୁଭୂତି (୩) | ଶ୍ରୀମତୀ ପଲ୍ଲବିତା ପଟ୍ଟନାୟକ | 53 |
| ଅନୁଭୂତି (୪) | ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ର | 53 |
| ଅନୁଭୂତି (୫) | ଶ୍ରୀମତୀ ଶିବାନୀ ମହାନ୍ତି | 54 |
| ଅନୁଭୂତି (୬) | ଶ୍ରୀମତୀ ଅଞ୍ଜନା ଅରୁକ୍ | 55 |
| ଅନୁଭୂତି (୭) | ଶ୍ରୀମତୀ ସ୍ମିତାରାଣୀ ବାଇ | 57 |
| ଅନୁଭୂତି (୮) | ଶ୍ରୀମତୀ ଶିବାନୀ ସାହୁ | 59 |
| ଅନୁଭୂତି (୯) | ଶ୍ରୀମତୀ ଉର୍ମିଳା ତ୍ରିପାଠୀ | 60 |
| ଅନୁଭୂତି (୧୦) | ଶ୍ରୀମତୀ ସ୍ମିତାରାଣୀ ସୁନ୍ଦର ରାୟ | 60 |
| ଅନୁଭୂତି (୧୧) | Sri Gyan Ranjan Dwibedy | 62 |
| List of Bhaktas in USA | | 64 |
| USA Map with Location of Bhaktas | | 67 |



Paramhansa Shreemat Swami Nigmananda Saraswati Dev

# ପଦେ କଥା

ଶ୍ରୀଶ୍ରୀଠାକୁର ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଅହେତୁକ କୃପା ବଳରେ ଆମେରିକା ସାରସ୍ୱତ ପାଠଚକ୍ରର ଆନୁକୂଲ୍ୟରେ 'ସାରସ୍ୱତ ମାଧୁରୀ' ନାମକ ଏକ ଆଧ୍ୟାତ୍ମିକ ପତ୍ରିକା ପ୍ରକାଶ କରାଯାଉଅଛି ।

ପାଠକମାନେ ମନେରଖିବେ ଯେ, ଦେବତାମାନଙ୍କଠାରୁ ମନୁଷ୍ୟ ଓ କୀଟପତଂଗ ପର୍ଯ୍ୟନ୍ତ ତ୍ରିଲୋକର ପ୍ରତ୍ୟେକ ଜୀବର ଧର୍ମସାଧନାର ଆବଶ୍ୟକତା ଅଛି । ଯାହାହେଲେ ମଧ୍ୟ ମନୁଷ୍ୟର ଧର୍ମ ଅଛି ଓ ଧର୍ମଜ୍ଞାନ ଅଛି । କିନ୍ତୁ ପଶୁପକ୍ଷୀ, କୀଟପତଙ୍ଗ ମାନଙ୍କର ଧର୍ମ ଅଛି, ଧର୍ମଜ୍ଞାନ ନାହିଁ । ଧର୍ମଜ୍ଞାନ ଥିବାରୁ ମନୁଷ୍ୟ ଅନ୍ୟାନ୍ୟ ଜୀବ ମାନଙ୍କଠାରୁ ଶ୍ରେଷ୍ଠ । ଆଉ ମଧ୍ୟ ଏହି ଧର୍ମ ସାଧନାକରି ମନୁଷ୍ୟ ଚରମ ଆଧ୍ୟାତ୍ମିକ ଉନ୍ନତି କରିବା ସଙ୍ଗେ ସଙ୍ଗେ ଇହକାଳରେ ପରମଶାନ୍ତି ଓ ପରକାଳରେ ପରମଗତି ଲାଭ କରିପାରେ । ସୁତରାଂ ମନୁଷ୍ୟ ଶରୀର ଧର୍ମସାଧନାର ଉପଯୁକ୍ତ କ୍ଷେତ୍ର ।  ପୁନଶ୍ଚ ମନୁଷ୍ୟ ହେଲେ ବି ଯେ ତାର ଧର୍ମଜ୍ଞାନ ଅଛି, ଏହା ସର୍ବତ୍ର ସ୍ୱୀକାର କରାଯାଇ ପାରିବ ନାହିଁ । ବଣ ଜଙ୍ଗଲରେ ଏପରିକି ଅନେକ ଦେଶରେ ଏପରି ଲୋକ ଅଛନ୍ତି, ଯେଉଁମାନେ ଧର୍ମବୋଲି କ'ଣ ଜାଣି ନାହାନ୍ତି ବା କୌଣସି ଧର୍ମର ଅନୁଶୀଳନ କରନ୍ତି ନାହିଁ । ଅନେକ ଲୋକ ସଭ୍ୟ ସମାଜରେ ଜନ୍ମଗ୍ରହଣ କରି ମଧ୍ୟ ଧର୍ମାନୁଶୀଳନ ପ୍ରତି କୌଣସି ସ୍ପୃହା ଥିବାର ଦେଖାଯାଏ ନାହିଁ । ଅତଏବ ମନୁଷ୍ୟ ଜୀବନ ଲାଭକରି ଧର୍ମାନୁଶୀଳନ କରିବା ସର୍ବଥା ବାଞ୍ଛନୀୟ । ଯେଉଁମାନେ ମନୁଷ୍ୟ ଜନ୍ମପାଇ ମଧ୍ୟ କେବଳ ଆହାର ନିଦ୍ରା ପ୍ରଭୃତିରେ ରତ ରହି ଜୀବନକୁ ବୃଥାରେ କଟାଇ ଦିଅନ୍ତି, ସେମାନଙ୍କୁ ମନୁଷ୍ୟ ଦେହଧାରୀ ପଶୁ ବୋଲି ଅଭିହିତ କରାଯାଏ । ମନୁଷ୍ୟର ଯେଉଁ ଶକ୍ତି ନିଜ ଆୟତ୍ତରେ ଅଛି, ତାହାରି ବଳରେ ଏହି ଜୀବନରେ ମଧ୍ୟ ମନୁଷ୍ୟ ଉନ୍ନତିର ଚରମସୀମାରେ ଉପନୀତ ହୋଇପାରିବ । ଭଗବାନ କୃପାକରି ମନୁଷ୍ୟକୁ ଏହି ଶକ୍ତି ପ୍ରଦାନକରି ତାଙ୍କ ପ୍ରିୟ ସୃଷ୍ଟିର ଶ୍ରେଷ୍ଠ ଜୀବ ରୂପେ ଗଠନ କରିଛନ୍ତି । ସେହି ଶକ୍ତିର ନାମ ଧର୍ମଜ୍ଞାନ । ଅତଏବ ଧର୍ମର ଅନୁଶୀଳନ କରି ପଶୁତ୍ୱ ପରିହାର ପୂର୍ବକ ମନୁଷ୍ୟତ୍ୱ ଅର୍ଜନ କରିବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ ।

ଶ୍ରୀଶ୍ରୀଠାକୁର ସାଧନ ଜଗତରେ ଏକ ଅଦ୍ୱିତୀୟ ମହାପୁରୁଷ । ତାଙ୍କର ଅମିତ ସାଧନ ଶକ୍ତି ତାଙ୍କୁ ସନାତନ ଧର୍ମର ଚତୁର୍ବିଧ ସାଧନା ପଥରେ ଅଗ୍ରସର କରାଇ ପ୍ରତ୍ୟେକ ସାଧନାରେ ସର୍ବୋଚ୍ଚ ସ୍ତରରେ ଉପନୀତ କରାଇଥିଲା । ସେ ନିର୍ବିକଳ୍ପ ସାଧନାରେ ନିଜର ସ୍ୱରୂପକୁ ସମଗ୍ର ଜଗତର ଊର୍ଦ୍ଧ୍ୱରେ 'ଗୁରୁତତ୍ତ୍ୱ' ବୋଲି ଅନୁଭବ କରି ଜଗତକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଶ୍ରୀଶ୍ରୀଠାକୁର ମହାରାଜ ନିଜର ସାଧନାଶକ୍ତି ବଳରେ ଏହି ଗୁରୁତତ୍ତ୍ୱ ସହିତ ଅଦ୍ୱୈତବୋଧର ଅଧିକାରୀ ହୋଇଥିବାରୁ, ସେ ନିଜକୁ ସମସ୍ତ ଗୁରୁଙ୍କ ଉପରେ ସାର୍ବଭୌମ ଗୁରୁଭାବରେ ଲୋକସମାଜରେ ପ୍ରତିଷ୍ଠିତ କରିପାରିଥିଲେ । ସେ ବ୍ରହ୍ମ, ଆତ୍ମା, ଭଗବାନ ଏହି ତ୍ରିତତ୍ତ୍ୱରେ ପ୍ରତିଷ୍ଠିତ ଅଛନ୍ତି । ଏବଂ ଭକ୍ତ ତାଙ୍କରି ଚିନ୍ତା ଓ ଧ୍ୟାନ ଫଳରେ ଏହି ତ୍ରିତତ୍ତ୍ୱରେ ପ୍ରତିଷ୍ଠିତ ହୋଇ ପାରିବ ।

ପରିଶେଷରେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀପାଦପଦ୍ମରେ ପ୍ରାର୍ଥନା, ଆମେରିକାରେ ଏହି ଧର୍ମ ପତ୍ରିକା ଭକ୍ତ ସମାଜରେ ଆଦୃତ ହେଉ । ଶ୍ରୀଶ୍ରୀଠାକୁର ସେଠାରେ ଥିବା ତାଙ୍କର ଆଶ୍ରିତ ସନ୍ତାନମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଶୁଭ ଦୃଷ୍ଟିପାତ କରନ୍ତୁ ।

ଶ୍ରୀଶ୍ରୀଠାକୁର ଶ୍ରୀଚରଣାଶ୍ରିତ
ଶ୍ୟାମ ସୁନ୍ଦର ଦାଶ
ତା ୨/୫/୦୨
ସଭାପତି ଓ ପରିଚାଳକ
ନୀଳାଚଳ ସାରସ୍ୱତ ସଂଘ, ପୁରୀ

# ମହାବିଭୂତି ପଞ୍ଚକମ୍

ଶ୍ରୀର୍ବକ୍ଷସ୍ୟ ପିତରଃ ଛାୟୟାସନ୍
ଧର୍ମସ୍ତନାଦି ତରଃ ପୃଷ୍ଠତୋଽଭୂତ
ଦ୍ୟୌର୍ଯସ୍ୟ ଶୀର୍ଷୋଽପ୍ସରସୋ ବିହାରାତ୍
ପ୍ରସୀଦତାଂ ନଃ ସ ମହାବିଭୂତିଃ ॥୧॥

ଯାହାଙ୍କ ବକ୍ଷସ୍ଥଳରୁ ଲକ୍ଷ୍ମୀ, ଯାହାଙ୍କ ଛାୟାରୁ ପିତୃଗଣ, ଯାହାଙ୍କ ପୃଷ୍ଠଭାଗରୁ ଧର୍ମ, ଯାହାଙ୍କ ମସ୍ତକରୁ ସ୍ୱର୍ଗ ଏବଂ ଯାହାଙ୍କ ବିହାରରୁ ଅପ୍‌ସରାଗଣ ଉତ୍ପନ୍ନ ହୋଇଛନ୍ତି, ସେହି ପରମ ବିଭୂତିଶାଳୀ ମହାପୁରୁଷ ଆମମାନଙ୍କ ପ୍ରତି ପ୍ରସନ୍ନ ହୁଅନ୍ତୁ ।

ବଳାନ୍ମହେନ୍ଦ୍ର ସ୍ତ୍ରିଦଶା ପ୍ରସାଦା
ନ୍ମ ନ୍ୟୋ ଗିରୀଶୋ ଧୀଷଣାଦ୍‌ବିରଞ୍ଚିଃ
ଶେଭ୍ୟ ସ୍ତୁ ଛନ୍ଦାଂ ସ୍ୟୃଷୟୋମେଢ୍ରତଃ
ପ୍ରସୀଦତାଂ ନଃ ସ ମହାବିଭୂତିଃ ॥୨॥

ଯାହାଙ୍କ ବଳରୁ ମହେନ୍ଦ୍ର, ଯାହାଙ୍କ ପ୍ରସନ୍ନତାରୁ ଦେବଗଣ, ଯାହାଙ୍କ କ୍ରୋଧରୁ ରୁଦ୍ରଦେବ, ଯାହାଙ୍କ ବୁଦ୍ଧିରୁ ବ୍ରହ୍ମା, ଯାହାଙ୍କ ଦେହଗତ ଛିଦ୍ର ସମୂହରୁ ଛନ୍ଦ ଓ ଋଷିଗଣ ଏବଂ ଯାହାଙ୍କ ଉପସ୍ଥରୁ ପ୍ରଜାପତି ଉତ୍ପନ୍ନ ହୋଇଛନ୍ତି, ସେହି ପରମ ବିଭୂତିଶାଳୀ ମହାପୁରୁଷ ଆମମାନଙ୍କ ପ୍ରତି ପ୍ରସନ୍ନ ହୁଅନ୍ତୁ ।

ସୋମଂମନୋ ଯସ୍ୟ ସମାମନନ୍ତି
ଦିବୌ କସାଂ ଯୋ ବଳମନ୍ନମାୟୁଃ
ଈଶେନଗାନାଂ ପ୍ରଜନଂ ପ୍ରଜାନାମ୍
ପ୍ରସୀଦତାଂ ନଃ ସ ମହାବିଭୂତିଃ ॥୩॥

ବେଦସମୂହ ଚନ୍ଦ୍ରଙ୍କୁ ଯାହାଙ୍କର ମନ ବୋଲି ନିରୂପଣ କରିଛନ୍ତି, ଯେ ଦେବତାମାନଙ୍କର ଅନ୍ନବଳ ଓ ଆୟୁ ସ୍ୱରୂପ, ଯାହାଙ୍କଠାରୁ ଲୋକପାଳଗଣ ଉତ୍ପନ୍ନ ହୋଇଛନ୍ତି ଓ ଯାହାଙ୍କ ଦ୍ୱାରା ଜୀବିତ ଅଛନ୍ତି, ସେହି ପରମ ବିଭୂତିଶାଳୀ ମହାପୁରୁଷ ଆମମାନଙ୍କ ପ୍ରତି ପ୍ରସନ୍ନ ହୁଅନ୍ତୁ ।

ଅଗ୍ନିର୍ମୁଖଂ ଯସ୍ୟ ତୁ ଜା ତବେଦା
ଜାତଃ କ୍ରିୟାକାଣ୍ଡ ନିମିତ୍ତ ଜନ୍ମ
ଅନ୍ତଃ ସମୁଦ୍ରେଽନୁ ପତନ୍ ସ୍ୱଧାତୁନ୍
ପ୍ରସୀଦତାଂ ନଃ ସ ମହାବିଭୂତିଃ ॥୪॥

ଅଗ୍ନି ଯାହାଙ୍କର ମୁଖ ବୋଲି ନିରୂପିତ, ଯାହାଙ୍କ କ୍ରିୟାକାଣ୍ଡ ନିମିତ୍ତ ଜାତ ହୋଇଥିବା ବେଦ ସମୂହ ଜନ୍ମ ନେଇଛନ୍ତି, ଯାହାଙ୍କ ଦ୍ୱାରା ଅନ୍ତକାଳରେ ଏ ସମସ୍ତ ପ୍ରଳୟ ରୂପକ ସମୁଦ୍ରରେ ପତିତ ହୋଇଥାଆନ୍ତି, ସେହି ପରମ ବିଭୂତିଶାଳୀ ମହାପୁରୁଷ ଆମମାନଙ୍କ ପ୍ରତି ପ୍ରସନ୍ନ ହୁଅନ୍ତୁ ।

ପ୍ରାଣାଦ୍‌ଭୃଦ୍‌ ଯସ୍ୟ ଚରାଚରାଣାଂ
ପ୍ରାଣ ସହୋବଳ ସୋଜଷ୍ଟ ବାୟୁଃ
ଅନ୍ୱାସ୍ମ ସମ୍ରାଜମିବା ନୁଗା ବୟମ୍‌
ପ୍ରସୀଦତାଂ ନଃ ସ ମହାବିଭୂତିଃ ।।୫।।

ଭୃତ୍ୟମାନେ ଯେପରି ସମ୍ରାଟଙ୍କୁ ଅନୁସରଣ କରନ୍ତି, ସେହିପରି ବୁଦ୍ଧି ପ୍ରକୃତିର ଅଧିଷ୍ଠାତା ଦେବଗଣ ଯେଉଁ ମହାପ୍ରାଣଙ୍କୁ ଅନୁସରଣ କରିଥାନ୍ତି, ଦେହ ମନ ଓ ଇନ୍ଦ୍ରିୟର ଚାଳକ ବାୟୁ ଯାହାଙ୍କ ପ୍ରାଣରୁ ଉତ୍ପନ୍ନ, ସେହି ପରମ ବିଭୂତିଶାଳୀ ମହାପୁରୁଷ ଆମମାନଙ୍କ ପ୍ରତି ପ୍ରସନ୍ନ ହୁଅନ୍ତୁ ।

ଇତି ଶ୍ରୀ ସ୍କନ୍ଦପୁରାଣେ ଉତ୍ତରଖଣ୍ଡେ ପରମହଂସ ସନତ୍‌ କୁମାର ସହିତାୟାଂ ଉମାମହେଶ୍ୱର ସମ୍ବାଦେ ଶ୍ରୀଗୁରୁଗୀତାୟାଂ ଶ୍ରୀଗୁରୁ ମହାବିଭୂତି ପଞ୍ଚକଂ ସଂପୂର୍ଣ୍ଣଂ ।ଜୟଗୁରୁ।

ଶ୍ରୀ ଯୋଗେଶ୍ୱର ସୁନ୍ଦରାୟ
ବେଗୁନିଆ ଶାଖା ସଂଘ

# ପ୍ରଣତି

## ('ଆମେରିକା ସାରସ୍ୱତ ପାଠଚକ୍ର' ଭକ୍ତ ସମ୍ମିଳନୀ ଉପଲକ୍ଷେ)

ଦୂର ବିଦେଶରେ ଭକ୍ତ କେତେଜଣ
ରହିଥିଲେ ଦୂରେ ଦୂରେ
ସଂଘ ସମ୍ମିଳନୀ ଦରଶନ ଆଉ
ଘଟୁନି କାହା ଭାଗ୍ୟରେ ।୧।

ଅନ୍ତର୍ଯ୍ୟାମୀ ସେ ଯେ ଅନ୍ତର ବୁଝନ୍ତି
ବୁଝନ୍ତି ମନର ବ୍ୟଥା
ଭାବର ଠାକୁର ସେ ଯେ ଦୟାମୟ
ଶୁଣନ୍ତି ଭକତ କଥା ।୨।

ଦେଖିଲେ ଠାକୁର ଏ ଦୂର ବିଦେଶେ
ହେଲେଣି ଭକ୍ତ ଅନେକ
ପ୍ରେରଣା ଯୋଗାଇ ଦେଲେ ଭକତଙ୍କୁ
ଗଢ ପାଠଚକ୍ର ଏକ ।୩।

ତାଙ୍କ ଇଚ୍ଛା ବିନେ ପବନ ବହେନି
ଆମେ ତ ନିମିତ୍ତ ମାତ୍ର
କ୍ଷୁଦ୍ର ଶିଶୁଟିଏ ତାଙ୍କରି ସ୍ନେହରେ
ଜନମ ଲଭିଲା ମାତ୍ର ।୪।

ଶୁଣିବାକୁ ନୂଆ ବୁଝିବାକୁ ନୂଆ
ପ୍ରଥା ଏହି ଅଭିନବ
ଶୁଭ ଜନ୍ମୋତ୍ସବ ତିଥିରେ ଆରମ୍ଭ
ଭକତଙ୍କ ଯୋଗାଯୋଗ ।୫।

କିଏ କେତେ ଦୂରେ ରହିତ ଅଛନ୍ତି
ଦେଖିବା ସମ୍ଭବ ନୁହେଁ
ମାସକରେ ଥରେ ଦୂରଭାଷ ଯୋଗେ
ପାଠଚକ୍ର କରାହୁଏ ।୬।

ସଂଘବଦ୍ଧ ହୁଅ ତାଙ୍କର ଆଦେଶ
କର 'ଭକ୍ତ ସମ୍ମିଳନୀ'
ଆମେରିକା ଭକ୍ତ ଆନନ୍ଦ ପାଇବେ
ଶୁଣି 'ଜୟଗୁରୁ' ଧ୍ୱନି ।୭।

କୃପାବଳେ ତାଙ୍କ ପଙ୍ଗୁ ଲଙ୍ଘେ ଗିରି
ମୂର୍ଖ ହୁଅଇ ପଣ୍ଡିତ
ଦେବେ ସେ ଶକତି ପ୍ରାଣ, ମନେ ଭରି
କର୍ମ କରିବୁ ସତତ ।୮।

କରୁଣା ସାଗର    କରୁଣା କଟାକ୍ଷେ
ଦେଖ ରହିଛନ୍ତି ଚାହିଁ
ଭକତଙ୍କ ଅଳି    କରିବେ ପୂରଣ
ବାଞ୍ଛା କଳ୍ପତରୁ ସେହି ।୯।

କୋଟି ସୂର୍ଯ୍ୟ ସମ    ଫୁଟି ଉଠେ ପ୍ରଭା
ବସିଛନ୍ତି ଗୁରୁଦେବ
ଜ୍ଞାନର ଆଲୋକ    ହେବ ପ୍ରକାଶିତ
ଅଜ୍ଞାନ ଦୂରେଇ ଯିବ ।୧୦।

ସ୍ନେହ, ପ୍ରେମ, ପ୍ରୀତି    ଶ୍ରଦ୍ଧା, ଭାତୃଭାବ
ହୃଦୟରେ ଯିବ ଭରି
ହିଂସା, ଦ୍ୱେଷ, ଈର୍ଷା    ଅଶାନ୍ତି, ଉଦବେଗ
ଯିବ ମନୁ ଅପସରି ।୧୧।

କୃପାଡୋରେ ଆଜି    ଆଣିଛନ୍ତି ଟାଣି
ଭକତଙ୍କୁ ନିଜ ପାଶ
ରସାଇବେ ସବୁ    ଭକତ ପରାଣ
ଦେଇ ଅମୃତ ପରଶ ।୧୨।

ଏ ଶୁଭ ଲଗନେ    ତାଙ୍କ ଶ୍ରୀଚରଣେ
କରୁ ଏହି ନିବେଦନ
ଆମ ଏହି କ୍ଷୁଦ୍ର    ପାଠଚକ୍ରଟିକୁ
କର ଆଶୀର୍ବାଦ ଦାନ ।୧୩।

ତୁମରି କୃପାରୁ    ନିୟମିତ ଭାବେ
ସେବାପୂଜା ହେଉଥାଉ
ଦୂର ଦେଶେ ରହି    ତୁମରି ଆଦେଶ
ସଦା ଆମେ ପାଳୁଥାଉ ।୧୪।

ତୁମକୁ ନେଇତ    କରିଛୁ ସଂସାର
ତୁମ ଚରଣ ଆଶ୍ରୟ
ଭକ୍ତି ଭରା ହୃଦେ    ଭକ୍ତଗଣଙ୍କର
ବିନମ୍ର ପ୍ରଣତି ନିଅ ।୧୫।

ସେବା ଦିଅ ପିତା    ସେବକ ତୁମର
ତୁମ କାର୍ଯ୍ୟ କରିଯାଉ,
ଗୁରୁ, ଭକ୍ତଙ୍କର    ସେବା କରିପ୍ରଭୁ
ଜୀବନ ସାର୍ଥକ ହେଉ ।୧୬।

ଭକ୍ତ ସମ୍ମିଳନୀ    ସଫଳ ହେଉ ହେ
ଆସିଛନ୍ତି ଭକ୍ତ ବୃନ୍ଦ,
ପ୍ରେମଭରା କଣ୍ଠେ    'ଜୟଗୁରୁ' ଗାଇ
ଲଭନ୍ତୁ ଦିବ୍ୟ ଆନନ୍ଦ ।୧୭।

ଆନନ୍ଦ ଉଲ୍ଲାସେ    ଦେହ, ମନ, ପ୍ରାଣ
ହୋଇଯାଉ ପୁଲକିତ
ଭକତି ସୁମନ    ପ୍ରୀତି ଅର୍ଘ୍ୟ ଦେଇ
କରୁ ପଦେ ପ୍ରଣିପାତ ।୧୮।

ଶ୍ରୀମତୀ ସ୍ମିତାରାଣୀ ସୁନ୍ଦର ରାୟ

ନିଜ ନିଜ କର୍ତ୍ତବ୍ୟ ଯଥାସାଧ୍ୟ ସଂପନ୍ନ କରି ଭଗବାନଙ୍କ ପ୍ରେମରସରେ ମଜ୍ଜି ନ ପାରିଲେ ଶାନ୍ତି ପାଇବାର ଆଉ ଉପାୟ ନାହିଁ । ତୁମେମାନେ ଆତ୍ମନିର୍ଭର କରିବାକୁ ଅଭ୍ୟାସ କର । ସଂପଦ-ବିପଦରେ ତାଙ୍କର ଜୟ ଉଚ୍ଚାରଣ କର । ବୀର ଭଳି କର୍ମଫଳ ଭୋଗ କରିବାକୁ ଅଭ୍ୟସ୍ତ ହୁଅ । ମୋହ ତ୍ୟାଗ କର । ତେବେ ଯାଇ ଶାନ୍ତିର ଅଧିକାରୀ ହେବ -ନ ହେଲେ ସଂସାରର ଅଭାବ ଅନାଟନ ମେଣ୍ଟାଇ କୌଣସି ଦିନ ଶାନ୍ତି ଲାଭକରି ପାରିବ ନାହିଁ । ଏ ପର୍ଯ୍ୟନ୍ତ କେହି ପାରି ନାହିଁ । ଆଶୀର୍ବାଦ କରେ ତୁମେମାନଙ୍କର ଶୁଭବୁଦ୍ଧି ହେଉ ।

-- ଶ୍ରୀଶ୍ରୀଠାକୁର

# ସଦ୍‌ଗୁରୁଙ୍କ ସ୍ୱରୂପ

ଶ୍ରୀଶ୍ରୀଠାକୁର ତାଙ୍କ ନିଜ ଶ୍ରୀମୁଖରେ କହିଛନ୍ତି ଯେ 'ମୁଁ ସଦ୍‌ଗୁରୁ' । ଜଣେ ଭକ୍ତ ସଦ୍‌ଗୁରୁଙ୍କର ସ୍ୱରୂପ କଣ ବୋଲି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଶ୍ନ କରିଥିଲେ । ଶ୍ରୀଶ୍ରୀଠାକୁର ଉତ୍ତରରେ କହିଥିଲେ ଯେ 'ଯେହେତୁ ପ୍ରଶ୍ନ ପଚାରିଛନ୍ତି ତେଣୁ ମୋତେ କିଛି ଉତ୍ତର ଦେବାକୁ ହେବ । କିନ୍ତୁ ଉତ୍ତର ଦେବା ପୂର୍ବରୁ କହି ରଖୁଛି ଯେ ଭାଷା ସାହାଯ୍ୟରେ ଗୁରୁଙ୍କର ସ୍ୱରୂପ ବର୍ଣ୍ଣନା କରାଯାଇ ପାରେନାହିଁ ।' ପ୍ରକୃତ କଥା ଗୁରୁଙ୍କର ସ୍ୱରୂପ ଅନିର୍ବଚନୀୟ । ବୈଖରୀକୁ ସ୍ତବସ୍ତୁତିରେ ଆଭାସ ବା ଇଙ୍ଗିତ ମାତ୍ର ଦିଆଯାଇପାରେ । ଅଦ୍ୱୈତବାଦୀ ଆଚାର୍ଯ୍ୟଶ୍ରେଷ୍ଠ ଶ୍ରୀମତ୍ ଶଙ୍କରାଚାର୍ଯ୍ୟ ତାଙ୍କ ରଚିତ ଗ୍ରନ୍ଥ 'ବିବେକ ଚୂଡାମଣୀ'ର ପ୍ରଥମ ଶ୍ଳୋକରେ ଲେଖିଛନ୍ତି –

'ସର୍ବବେଦାନ୍ତ ସିଦ୍ଧାନ୍ତ ଗୋଚରମ୍ ତମୋ ଅଗୋଚରମ୍
ଗୋବିନ୍ଦଂ ପରମାନନ୍ଦଂ ସଦ୍‌ଗୁରୁ ତ୍ୱଂ ପ୍ରଣମାମ୍ୟହମ୍'

ପ୍ରତିଦିନ ଆମେ ସଦ୍‌ଗୁରୁଙ୍କୁ ପ୍ରଣାମ ବା ଧ୍ୟାନମନ୍ତ୍ରରେ ଯାହା ଉଚ୍ଚାରଣ କରୁ ତାହାରି ମଧ୍ୟରେ ରହସ୍ୟମୟ ଶ୍ରୀଗୁରୁଙ୍କର ସ୍ୱରୂପର କିଞ୍ଚିତ୍ ଆଭାସ ମାତ୍ର ପାଇଥାଉ । ସଦ୍‌ଗୁରୁଙ୍କୁ ଗୋଚର ଏବଂ ଅଗୋଚର ଦୁଇ ପ୍ରକାର କୁହାଯାଇପାରେ । ତାହାର ତାତ୍ପର୍ଯ୍ୟ ହେଲା ଗୁରୁବ୍ରହ୍ମ ଶୁଦ୍ଧ ମନବୁଦ୍ଧିର ଗୋଚରୀଭୂତ ଏବଂ ଅଶୁଦ୍ଧ ମନର ଅଗୋଚର । ଅବସ୍ଥାର ତାରତମ୍ୟ ବା ଅଧିକାରୀ ଭେଦରେ ସେ ଗୋଚର ଏବଂ ଅଗୋଚର ଉଭୟ । ଗୁରୁଙ୍କର ସ୍ୱରୂପ ଜାଗ୍ରତ ସ୍ଥୂଳ ଇନ୍ଦ୍ରିୟର ନିକଟରେ କିଛି ବ୍ୟକ୍ତ ଓ ବାକିଟା ଅବ୍ୟକ୍ତ । ବ୍ରହ୍ମର ଚାରିପାଦ ମଧ୍ୟରୁ ତିନିପାଦ ଅବ୍ୟକ୍ତ ଓ ଗୋଟିଏ ପାଦ ମାତ୍ର ବ୍ୟକ୍ତ ବୋଲି ବେଦରେ ପୁରୁଷ ସୁକ୍ତରେ ଉଲ୍ଲେଖ କରାଯାଇଛି । ସଦ୍‌ଗୁରୁଙ୍କର ସ୍ୱରୂପ ସମ୍ବନ୍ଧରେ ଏହିକଥା ମଧ୍ୟ ପ୍ରଯୁଜ୍ୟ । ବ୍ରହ୍ମର ବ୍ୟକ୍ତ ରୂପରେ ବ୍ରହ୍ମ ନିଃଷେଶିତ ହୋଇଯାଏ ନାହିଁ । ଏଣୁ ସଦ୍‌ଗୁରୁଙ୍କ ସ୍ୱରୂପ ଅର୍ନିବଚନୀୟ । ଆମେ କହୁ ଗୁରୁ ବ୍ରହ୍ମ, ଅର୍ଥାତ୍ ଗୁରୁ ହିଁ ବ୍ରହ୍ମ ଓ ବ୍ରହ୍ମ ହିଁ ଗୁରୁ । ଭାରତୀୟ ପରିଭାଷାରେ ବ୍ରହ୍ମ ସର୍ବୋଚ୍ଚ ପର୍ଯ୍ୟାୟରେ । ଭାଷ୍ୟାକାର ଏବଂ ଟୀକାକାରଗଣ ଗୁରୁଙ୍କୁ ପ୍ରଣାମ କରି ବ୍ରହ୍ମଙ୍କ ସହିତ ଏକ ଏବଂ ଅଭିନ୍ନ ବୋଲି ସର୍ବତ୍ର ଉଲ୍ଲେଖ କରିଛନ୍ତି । ଶ୍ରୀଶ୍ରୀରାମକୃଷ୍ଣ ପରମହଂସଦେବଙ୍କ ଭାଷାରେ ଆଜି ପର୍ଯ୍ୟନ୍ତ ସମସ୍ତ ପଦାର୍ଥ ଉଚ୍ଛିଷ୍ଟ ହୋଇଅଛି । କିନ୍ତୁ ବ୍ରହ୍ମ ଉଚ୍ଛିଷ୍ଟ ହୋଇନାହିଁ । ଏହା ବାକ୍ୟ ଓ ମନବୁଦ୍ଧିର ଅଗୋଚର । ଭାଷାରେ ବ୍ରହ୍ମଙ୍କର ସ୍ୱରୂପ ବର୍ଣ୍ଣନା କରାଯାଇ ପାରେନାହିଁ । ଗୁରୁଙ୍କର ସ୍ୱରୂପ ମୁକାସ୍ୱାଦନ୍‌ବତ୍ । ଗୀତାରେ ମଧ୍ୟ ଏହି ଗୁହ୍ୟ ରହସ୍ୟ କଥା ଝଂକୃତ ହୋଇଅଛି । ଯଥା – 'କଶ୍ଚିନ୍ନାଂ ବେଭିତତ୍ତ୍ୱତଃ' । ତତ୍ତ୍ୱତ ଓ ସ୍ୱରୂପତଃ ଜାଣିବା ଏକା କଥା । ଗୁରୁଙ୍କୁ ଦେଖିବା ଗୋଟିଏ କଥା ଓ ତତ୍ତ୍ୱତଃ ଜାଣିବା ଆଉ ଗୋଟିଏ କଥା । ଗୁରୁଙ୍କୁ ସ୍ଥୂଳ ଚକ୍ଷୁରେ ଦେଖାଯାଇପାରେ, କିନ୍ତୁ ତତ୍ତ୍ୱତଃ ବୁଝିବା ବଡ କଠିନ । କେବଳ ତାଙ୍କରି କୃପାରେ ତାଙ୍କୁ ବୁଝାଯାଇପାରେ । 'ଗୁରୁକୃପା ହିଁ କେବଳମ୍' । ସେ ଯଦି ଧରା ଦିଅନ୍ତି, ଦିବ୍ୟଦୃଷ୍ଟି ପ୍ରଦାନ କରନ୍ତି ତେବେ ସ୍ୱରୂପତଃ ତାଙ୍କୁ ବୁଝାଯାଏ ଏବଂ ତତ୍ତ୍ୱତଃ ତାଙ୍କୁ ଜାଣିହୁଏ । ବର୍ତ୍ତମାନ ସଦ୍‌ଗୁରୁଙ୍କର ଧ୍ୟାନମନ୍ତ୍ର ଓ ପ୍ରଣାମମନ୍ତ୍ର ଆଲୋଚନା କରିବାକୁ ଚେଷ୍ଟା କରିବା ।

ଯେ ବ୍ରହ୍ମାନନ୍ଦ ସ୍ୱରୂପ, ପରମସୁଖଦ, ନିର୍ଲିପ୍ତ, ଜ୍ଞାନମୂର୍ତ୍ତି, ଦ୍ୱନ୍ଦାତୀତ, ଗଗନସଦୃଶ୍ୟ, ତତ୍ତ୍ୱମସି ପ୍ରଭୃତି ମହାବାକ୍ୟର ଲକ୍ଷ୍ୟ, ଏକ, ନିତ୍ୟ, ବିମଳ, ଅଚଳ ଏବଂ ସକଳ ବୁଦ୍ଧିର ସାକ୍ଷୀ ସ୍ୱରୂପ, ଭାବାତୀତ, ତ୍ରିଗୁଣରହିତ, ସେହି ସଦ୍‌ଗୁରୁଙ୍କୁ ମୁଁ ପ୍ରଣାମ କରୁଅଛି ।

ଗୁରୁବ୍ରହ୍ମଙ୍କର ସ୍ୱରୂପର ପରିଚୟ ଏହି ପ୍ରଣାମମନ୍ତ୍ରରେ ପରିସ୍ଫୁଟ ହୋଇଅଛି । ଅର୍ଜୁନଙ୍କ ସମ୍ମୁଖରେ ଶ୍ରୀକୃଷ୍ଣ ସ୍ଥୂଳରେ ଉପସ୍ଥିତ ଥିଲେ ମଧ୍ୟ ଜଗଦ୍‌ଗୁରୁ ଭଗବାନ୍ ତାଙ୍କର ବିଶ୍ୱରୂପ ବା ବିମ୍ବାତୀତ ରୂପ ସ୍ଥୂଳଚକ୍ଷୁରେ ଦେଖିବା ସମ୍ଭବପର ନୁହେଁ ବୋଲି କହିଥିଲେ । ତେଣୁ ସେ ଅର୍ଜୁନଙ୍କୁ ଦିବ୍ୟଦୃଷ୍ଟି ପ୍ରଦାନ କରିଥିଲେ । ଗୁରୁଙ୍କ ଶରୀରକୁ ଜ୍ଞାନମୂର୍ତ୍ତି ବା ଆକାଶଶରୀର ବୋଲି କୁହାଯାଇଛି । ଦିବ୍ୟଚକ୍ଷୁ ବ୍ୟତିତ ଗୁରୁଙ୍କର ସ୍ୱରୂପ ଦର୍ଶନ ହୋଇପାରେନାହିଁ । ଜ୍ଞାନମୂର୍ତ୍ତି, ସ୍ଥୂଳ ଇନ୍ଦ୍ରିୟଗ୍ରାହ୍ୟ ମୂର୍ତ୍ତି, ଅନ୍ତରରେ ବିରାଜିତ । ଏହା ଗୁରୁକୃପାରୁ ଅର୍ନ୍ତଦୃଷ୍ଟି ଜାଗରିତ ହେଲେ ତୃତୀୟ ନୟନ ସାହାଯ୍ୟରେ ତାଙ୍କର ସ୍ୱରୂପ ଦର୍ଶନ ସମ୍ଭବପର ହୋଇଥାଏ । ବ୍ରହ୍ମଚୈତନ୍ୟ ସକଳ ଚୈତନ୍ୟର ସାକ୍ଷୀସ୍ୱରୂପ । ସେ ସବୁ ସଂପ୍ରଦାୟର ଗୁରୁ । ସେ କେବଳ ଆମର ନୁହଁନ୍ତି, କୌଣସି ବିଶିଷ୍ଟ ସଂପ୍ରଦାୟର ନୁହଁନ୍ତି, ସମସ୍ତଙ୍କର ଯେ ପୂଜ୍ୟ ସେହି ସାକ୍ଷୀସ୍ୱରୂପ ବ୍ରହ୍ମଚୈତନ୍ୟ ହିଁ ଗୁରୁବ୍ରହ୍ମ । ଆକାଶ ଯେପରି ସର୍ବାଶ୍ରୟ ଗୁରୁବ୍ରହ୍ମ ସେହିପରି ସର୍ବାଶ୍ରୟ । ସ୍ୱରୂପତଃ ଗୁରୁବ୍ରହ୍ମଙ୍କୁ ବୁଝିବାକୁ ହେଲେ ସବୁପ୍ରକାର ବୃତ୍ତିକୁ ନିରୁଦ୍ଧ କରିବାକୁ ହେବ । ଗୁରୁବ୍ରହ୍ମ ନିଷ୍କଳ । ଆକାଶବତ୍ ଗୁରୁବ୍ରହ୍ମଙ୍କ ଶରୀର ବ୍ୟୋମ ଶରୀର । ଦକ୍ଷୀଣାମୂର୍ତ୍ତୀ ସ୍ତୋତ୍ରରେ ଆଚାର୍ଯ୍ୟ ଶଙ୍କର ମଧ୍ୟ କହିଛନ୍ତି – ଭାବ ଯେପରି ସତ୍ୟ, ଭାବାତୀତ ତତ୍ତ୍ୱମଧ୍ୟ ସେହିପରି ସତ୍ୟ । ଏଣୁ ପରାବାକ୍ୟର ସନ୍ଧାନ ନ ପାଇଲେ ସ୍ୱରୂପତଃ ଗୁରୁବ୍ରହ୍ମଙ୍କୁ ସମ୍ୟକ ଭାବରେ ଅନୁଭବ କରାଯାଇ ପାରେ ନାହିଁ । ଯେ ପର୍ଯ୍ୟନ୍ତ ସାଧକଙ୍କର

ଅତିନ୍ଦ୍ରିୟ ଦର୍ଶନ ହୋଇନାହିଁ କେବଳ ସ୍ଥୂଳ ଚକ୍ଷୁଦ୍ୱାରା ଦର୍ଶନ ତତ୍ତ୍ୱତଃ ଗୁରୁଦର୍ଶନ ହୁଏ ନାହିଁ । ସବିଶେଷ ଓ ନିର୍ବିଶେଷ, ବ୍ୟକ୍ତ ଓ ଅବ୍ୟକ୍ତ ଏହି ଦୁଇର ସମ୍ମିଶ୍ରଣକୁ ଗୁରୁବ୍ରହ୍ମ କୁହାଯାଏ । ଗୁରୁବ୍ରହ୍ମଙ୍କୁ ବ୍ୟକ୍ତାବ୍ୟକ୍ତ ଏହି ଉଭୟ ରୂପରେ ବୁଝିବାକୁ ହେବ ।

ସ୍ୱରୂପରେ ଅବସ୍ଥିତ ଗୁରୁବ୍ରହ୍ମଙ୍କୁ ବୁଝିବାକୁ ହେଲେ ନିର୍ବିକଳ୍ପ ଭୂମିରେ ଆରୋହଣ କରିବାକୁ ହେବ । ସାଧାରଣଙ୍କ ଚିତ୍ତ କ୍ଷିପ୍ତ, ବିକ୍ଷିପ୍ତ, ମୂଢ ଏହି ତିନି ଭୂମିରେ ବିଚରଣ କରେ । ସମସ୍ତଙ୍କ ଭାଗ୍ୟରେ ଏକାଗ୍ର ଓ ନିରୁଦ୍ଧ ଭୂମିରେ ଚିତ୍ତ ଅଧିରୋହଣ କରିପାରେ ନାହିଁ । ସ୍ଥୂଳ ଇନ୍ଦ୍ରିୟ ଦ୍ୱାରା ଗୁରୁବ୍ରହ୍ମର ଆଭାସ ମାତ୍ର ମିଳିପାରେ । କିନ୍ତୁ ଆଭାସ ଓ ସ୍ୱରୂପ ଏକ କଥା ନୁହେଁ । ଚିତ୍ତ ନିରୁଦ୍ଧ ଭୂମିରେ ଅବସ୍ଥାନ ନ କଲେ ତତ୍ତ୍ୱତଃ ଶ୍ରୀଗୁରୁଙ୍କୁ ଦର୍ଶନ କରିବା କଠିନ । ଶ୍ରୀଗୁରୁଙ୍କୁ ତତ୍ତ୍ୱମାଳାର ଭୂଷଣ ବୋଲି କୁହାଯାଏ । ତତ୍ତ୍ୱ ଅର୍ଥ ଚତୁର୍ବିଂଶତୀ ତତ୍ତ୍ୱ । ପ୍ରକୃତି ତତ୍ତ୍ୱ, ବିକୃତି ତତ୍ତ୍ୱ ବା ନପ୍ରକୃତି ଓ ନବିକୃତି ତତ୍ତ୍ୱ ଇତ୍ୟାଦିକଥା ନୁହେଁ । ଚତୁଃଷ୍ପାଦ ବ୍ରହ୍ମଙ୍କୁ ବୁଝିବାକୁ ହେଲେ ଚିତ୍ତ କ୍ଷେତ୍ରକୁ ଜାଗ୍ରତ, ସ୍ୱପ୍ନ, ସୁସୁପ୍ତି ଓ ତୁରୀୟ ଭୂମିକୁ କ୍ରମେ କ୍ରମେ ଉଠିବାକୁ ପଡିବ । ଚରମ ଭୂମିରେ ଆରୋହଣ କରିଲେ ଏହି ସ୍ଥୂଳ ଜଗତକୁ ଚିନ୍ମୟ ବୋଲି ବୋଧ ହୁଏ । ପ୍ରକୃତ ଗୁରୁବ୍ରହ୍ମ କଣ ତାହା ଆଭାସ, ଇଙ୍ଗିତ ବା ତତ୍ତ୍ୱଜ୍ଞାନ ବ୍ୟତୀତ ବୁଝିବା ଅସମ୍ଭବ । ସର୍ବବ୍ୟାପି ସତ୍ତାକୁ ଯଦି କୁହାଯାଏ ଯେ କେବଳ ଏହି ଗୋଟିଏ ସ୍ଥାନରେ ସେ ବିରାଜମାନ ଅଛନ୍ତି ତେବେ ଏହି ଉକ୍ତିକୁ ସମ୍ୟକ ଜ୍ଞାନର ଉକ୍ତି ବୋଲି କୁହାଯାଇ ପାରିବ ନାହିଁ ।

ବ୍ରହ୍ମଚକ୍ର ବା ଜ୍ଞାନଚକ୍ରର ଶୀର୍ଷସ୍ଥାନରେ ରହିଛି ନିର୍ବିଶେଷ ନିର୍ଗୁଣ ବ୍ରହ୍ମର କଥା । ତାପରେ ହେଉଛି ସଗୁଣ ବ୍ରହ୍ମ ବା ମହାଶକ୍ତିର କଥା । ତାପରେ କୁଟସ୍ଥବ୍ରହ୍ମ ଏବଂ ସର୍ବଶେଷରେ ଜୀବବ୍ରହ୍ମର କଥା । ଗୁରୁବ୍ରହ୍ମଙ୍କର ବ୍ୟକ୍ତ ରୂପକୁ ଧରି କ୍ରମଶଃ ଅବ୍ୟକ୍ତ ରୂପରେ ପହଞ୍ଚିବାକୁ ହୁଏ । ଶଙ୍କର ମତ କହିଲେ ତୁରୀୟ ଭୂମିରେ ଅବସ୍ଥାନ କଥା ।

ଆହୁରି ମଧ୍ୟ ଗୁରୁଙ୍କର ସ୍ୱରୂପ ବୁଝିବାକୁ ହେଲେ ମୌନ ରହି ଅନ୍ତଚେତନାରେ ବୁଡିଯିବାକୁ ହେବ । ଏ ସମସ୍ତ ଆଲୋଚନା କରି ମଧ୍ୟ ଗୁରୁଙ୍କ ସ୍ୱରୂପ ପ୍ରକାଶ ହୋଇପାରିନାହିଁ । ସ୍ୱରୂପ ଉପଲବ୍ଧି ପାଇଁ ଗୁରୁବ୍ରହ୍ମଙ୍କ ନିକଟରେ ବ୍ୟାକୁଳଭାବରେ ପ୍ରାର୍ଥନା କରିବାକୁ ହେବ ଏବଂ ଚିତ୍ତଶୁଦ୍ଧିର ସାଧନାରେ ନିଷ୍ଠାବାନ୍ ହେବାକୁ ପଡିବ । ନିର୍ବିକଳ୍ପ ଭୂମିରେ ଆରୋହଣ ବ୍ୟତୀତ ଗୁରୁଙ୍କର ସ୍ୱରୂପ ବୁଝିବା ଅସମ୍ଭବ ମନେହୁଏ । କାଗଜ କଲମରେ ଗୁରୁଙ୍କର ସ୍ୱରୂପ ମହିମା ବୁଝାଯାଇପାରେନାହିଁ । ତାହା ଏକମାତ୍ର ଅପୋରକ୍ଷାନୁଭୂତିରେ ବୁଝାଯାଏ ।

ଶ୍ରୀଶ୍ରୀଠାକୁର ପ୍ରେମିକଗୁରୁ ଗ୍ରନ୍ଥରେ ବର୍ଣ୍ଣନା କରିଛନ୍ତି ଯେ 'ପୁରାଇଲ ବାକ୍ ମୋର' ଅର୍ଥାତ୍ ମୋର କହିବାକୁ ଆଉ ଭାଷା ନାହିଁ । ସଦ୍‌ଗୁରୁଙ୍କର ତତ୍ତ୍ୱପୂର୍ଣ୍ଣ ବାଣୀକୁ ବୁଝିବାକୁ ହେଲେ ପ୍ରତ୍ୟାହାର ଦ୍ୱାରା ତୁରୀୟରାଜ୍ୟେ ଚିତ୍ତକୁ ଅଧିରୋହଣ କରିବାକୁ ହେବ । ଜୀବବ୍ରହ୍ମ ଗୁରୁବ୍ରହ୍ମଙ୍କ ନିକଟରେ ପ୍ରାର୍ଥନାରେ କାନ୍ଦି ନିଜକୁ ଭସାଇ ଦେବାକୁ ହେବ । ତତ୍ତ୍ୱମାଳା ଗୁରୁମୂର୍ତ୍ତିର ଶରଣାଗତ ହେଲେ ଗୁରୁଦେବ କୃପାକରି ନିଜର ସ୍ୱରୂପ ଉଦ୍‌ଘାଟିତ କରି ଦର୍ଶନଦାନ କରନ୍ତି । ଗୁରୁଙ୍କର ସ୍ୱରୂପ ପ୍ରଣାମମନ୍ତ୍ରେ ଯାହା ଉଲ୍ଲେଖ ଅଛି, ତାହାର ଧ୍ୟାନ ଓ ମନନ କରିବାକୁ ହେବ । ଗୁରୁଙ୍କର ସ୍ୱରୂପ ଗୁହ୍ୟାତିଗୁହ୍ୟ । ତାହା ବଜାରର କୌଣସି କ୍ରୟ ଦ୍ରବ୍ୟ ନୁହେଁ । ବହୁ ଜନ୍ମେ ବା ଅନ୍ତିମ ଜନ୍ମେ ଜ୍ଞାନ ଲାଭ ସବୁ ଗୁରୁଙ୍କ କୃପା ଉପରେ ନିର୍ଭର କରେ । ବୃଥା ସମୟ ନଷ୍ଟ ନ କରି ଦେହ, ମନ ଓ ପ୍ରାଣ ଦ୍ୱାରା ସଦ୍‌ଗୁରୁଙ୍କର ପ୍ରଣାମ ମନ୍ତ୍ରର ଅର୍ଥ ବୁଝି ସାଧନପଥରେ ଅଗ୍ରସର ହେବା ସମସ୍ତଙ୍କର ଏକମାତ୍ର କର୍ତ୍ତବ୍ୟ ।

ଉମେଶଚନ୍ଦ୍ର ସାମନ୍ତରାୟ
ସଂପାଦକ - ନୀଳାଚଳ ସାରସ୍ୱତ ସଂଘ, ପୁରୀ

ଫଳ ପାଚିଲେ ଆପଣାଛାଏଁ ବୃକ୍ଷରୁ ପତିତ ହୁଏ । ସେ ଯେମିତି ଇଚ୍ଛା ସେମିତି ଭାବରେ ଜୀବକୁ ନେଇ ଲୀଳା କରନ୍ତି । ଅତଏବ ବାସନା-କାମନା ଭୁଲି ପ୍ରାଣର ପ୍ରାର୍ଥନା ସରଳଭାବରେ ବ୍ୟାକୁଳ କଣ୍ଠରେ ତାଙ୍କୁ ଜଣାଇଲେ ସେ ସବୁ ଠିକ୍ କରିଦେବେ । ଆମ ମାନଙ୍କର କିଛି ହିଁ କରିବାକୁ ପ୍ରୟୋଜନ ନାହିଁ, ତେବେ ଭାବର ଘରେ କପଟତା ନ ରହିଲେ ହେଲା । ତାଙ୍କୁ କେବଳ ଡାକ, ତାଙ୍କ ପାଇଁ ଯେମିତି ବ୍ୟାକୁଳତା ଆସେ ସେଥି ପାଇଁ ପ୍ରାର୍ଥନା କର ।

-- ଶ୍ରୀଶ୍ରୀଠାକୁର

# ଦେବୀ ସୁଧାଂଶୁବାଳା

ଜଗଜ୍ଜନନୀ ଦେବୀ ସୁଧାଂଶୁବାଳା ରୂପରେ ଶ୍ରୀଶ୍ରୀଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କର (ପୂର୍ବାଶ୍ରମର ନାମ ନଳିନୀକାନ୍ତ ଚଟ୍ଟୋପାଧ୍ୟାୟ) ପତ୍ନୀ ରୂପରେ ଆସିଥିଲେ । ୧୮୮୪ ମସିହାରେ ପଶ୍ଚିମବଙ୍ଗର ହାଲି ସହରର ବୈଦ୍ୟନାଥ ମୁଖୋପାଧ୍ୟାୟ ଏବଂ ମନମୋହିନୀ ଦେବୀଙ୍କର ଜ୍ୟେଷ୍ଠା କନ୍ୟା ରୂପରେ ସୁଧାଂଶୁବାଳା ଜନ୍ମଗ୍ରହଣ କରିଥିଲେ । ନଅ ବର୍ଷ ବୟସରେ ପିତୃବିୟୋଗ ପରେ ସେ ଜେଜେମାଙ୍କ ପାଖରେ ହାଲି ସହରରେ ରହି ବଢିଥିଲେ । ୧୮୯୭ ମସିହା ଫାଲ୍‌ଗୁନ ମାସରେ (୧୩ ବର୍ଷବୟସରେ) ନଳିନୀକାନ୍ତଙ୍କ ସହିତ ତାଙ୍କର ବିବାହ ହୋଇଥିଲା ।

ସ୍ୱର୍ଗୀୟ ସୁଷମାର ଅଧିକାରିଣୀ, ଜଗଜ୍ଜନନୀଙ୍କର ନିଖୁଣ ପ୍ରତିବିମ୍ବ ଦେବୀ ସୁଧାଂଶୁବାଳା ନିଜର ଦୟା, ଦାକ୍ଷିଣ୍ୟ, ପାତିବ୍ରତ୍ୟ, ସ୍ନେହ, ଶ୍ରଦ୍ଧା, ଭକ୍ତି, ବିନୟ, ଧୈର୍ଯ୍ୟ, ସ୍ଥୈର୍ଯ୍ୟ, ସେବା, ପ୍ରିୟବାଦିତା ଆଦି ସଦ୍‌ଗୁଣ ଦ୍ୱାରା ଏକାଧାରରେ ସ୍ୱାମୀ, ଶ୍ୱଶୁର, ଦିଅର, ତଥା ପାଖପଡୋଶୀ, ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ । ଦେବୀ ସୁଧାଂଶୁବାଳା ଆଦର୍ଶ ଗୃହିଣୀର ଉଜ୍ଜଳ ଦୃଷ୍ଟାନ୍ତ ପ୍ରଦର୍ଶନ କରି ଯାଇଛନ୍ତି । ନିରଳସ ଭାବରେ ଦିନଚର୍ଯ୍ୟା ସହିତ ନିଜର ଗୃହଚର୍ଯ୍ୟା ଗୋଟିକ ପରେ ଗୋଟିଏ ସହାସ୍ୟ ବଦନରେ ସେ କରିଯାଉଥିଲେ । ସାମାନ୍ୟ ଉପଚାରରେ ସେ ଯେପରି ପାକକ୍ରିୟା କରନ୍ତି, ତାହା ପରମ ତୃପ୍ତି ସହକାରେ ଭୋଜନ କରି ଆତ୍ମୀୟସ୍ୱଜନମାନେ ତାଙ୍କ ରନ୍ଧନର ଉଚ୍ଛ୍ୱସିତ ପ୍ରଶଂସା କରନ୍ତି । ଗୃହକର୍ମ ସାରି ଦ୍ୱିପ୍ରହର ସମୟରେ ଦେବୀ ଆସନ ବୁଣିବା, କନ୍ଥା ସିଲେଇ କରିବା ସହିତ ପାଖପଡୋଶୀ ଝିଅମାନଙ୍କୁ ସିଲେଇ ମଧ୍ୟ ଶିଖାନ୍ତି । ସେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢିଥିଲେ ମଧ୍ୟ ଜ୍ଞାନ ତାଙ୍କର ଯଥେଷ୍ଟ ଥିଲା । ସେ ଘରେ ଦିଅରଙ୍କୁ ପାଠ ପଢାଉଥିଲେ ଓ ଗଣିତର ଜଟିଳ ସୂତ୍ର ଆଦି ବତାଇ ଦେଉଥିଲେ । ଦେବୀ ସୁଧାଂଶୁବାଳା କୁତବପୁରରେ ରହି ବିପତ୍ନୀକ ଶ୍ୱଶୁରଙ୍କର ସେବା କରୁଥିଲେ ଏବଂ ସ୍ୱାମୀ ନଳିନୀକାନ୍ତ ଦିନାଜପୁରରେ ଚାକିରୀ କରୁଥିଲେ । ସ୍ୱାମୀ ଘରେ ନଥିବାବେଳେ ଦେବୀ ନିରାଭରଣା ହୋଇ, ଉଦାସୀନା ଭାବରେ ଦିନ ବିତାଉ ଥିଲେ, କିନ୍ତୁ ଗୃହକାର୍ଯ୍ୟରେ କିମ୍ବା ଶ୍ୱଶୁର ଓ ଦିଅରଙ୍କ ସେବାରେ ସାମାନ୍ୟ ମାତ୍ର ତ୍ରୁଟି କରୁ ନଥିଲେ । ସାହିର ସମବୟସୀ ଝିଅମାନେ ନଳିନୀକାନ୍ତଙ୍କର ଅନୁପସ୍ଥିତିରେ ତାଙ୍କର ଆଭୂଷଣ ପରିତ୍ୟାଗର କାରଣ ପଚାରିଲେ ସେ କହନ୍ତି, "କାହାପାଇଁ ମୁଁ ବେଶ ହେବି । ସେ ତ ଦୂରରେ ।" ଏହା ଥିଲା ତାଙ୍କର ଆଦର୍ଶ ପାତିବ୍ରତ୍ୟର ସୁସ୍ପଷ୍ଟ ପରିଚୟ ।

ଦେବୀ ସୁଧାଂଶୁବାଳାଙ୍କର ଜୀବନର ପର୍ଯ୍ୟାଲୋଚନା କଲେ ସ୍ପଷ୍ଟ ଜଣାଯାଏ ଯେ ସେ ଥିଲେ ମହାମାୟାଙ୍କର ଅବତାର । ନିଜ ଜୀବନ କାଳରେ ଯେଉଁ ଅଲୌକିକ ଶକ୍ତିର ସେ ପରିଚୟ ଦେଇଯାଇଛନ୍ତି ତାହା ସାଧାରଣ ମାନବୀ ପକ୍ଷରେ ସମ୍ଭବ ନୁହେଁ । ଦେବୀଙ୍କର ଐଶ୍ୱରିକ ଶକ୍ତିରୁ ଦୁଇଟି ନିମ୍ନରେ ଉଦ୍ଧୃତ କରାଗଲା–

୧) ଦିନକର ଘଟଣା, ନଳିନୀକାନ୍ତ ଚାକିରୀ କ୍ଷେତ୍ରରେ ଥାଆନ୍ତି । ଦିଅର ରାମପଦଙ୍କୁ ଭୀଷଣ ଜ୍ୱର ହୋଇଥାଏ । ଶ୍ୱଶୁର ଭୁବନମୋହନ ଡାକ୍ତର ଡାକିବା ପାଇଁ ପାଖ ଗାଁକୁ ଯାଇଥାନ୍ତି । ଏହି ସମୟରେ, ଖରାବେଳେ ଗ୍ରାମରେ ନିଆଁ ଲାଗିଗଲା । ଦେବୀ ଅନ୍ୟ କୌଣସି ଉପାୟ ନ ଦେଖି ଚତୁର୍ଭୁଜା ମୂର୍ତ୍ତିଧାରଣ କରିଥିଲେ । ଦୁଇହାତରେ ଅସୁସ୍ଥ ଦିଅରଙ୍କୁ ଧରି, ଅନ୍ୟ ଦୁଇହାତରେ ଘରର ଆସବାବପତ୍ର ଉଠାଇ ନିକଟସ୍ଥ ଆମ୍ବତୋଟାକୁ ଚାଲିଆସିଥିଲେ । ତାଙ୍କର ଚତୁର୍ଭୁଜାମୂର୍ତ୍ତି ଦେଖି ଡରିଯାଇ ରାମପଦ ପାଣି ମାଗିବାରୁ, ଦେବୀ ପୁଣି ଦ୍ୱିଭୁଜା ମୂର୍ତ୍ତିହୋଇ ତାଙ୍କୁ ପାଣି ଦେଇଥିଲେ । ରାମପଦ ସନ୍ୟାସୀ ହେଲାପରେ ଏ ବିଷୟରେ ଲେଖିଥିଲେ, "ଭାଉଜଙ୍କର ସେଦିନର ଚେହେରା ମୁଁ ଭୁଲି ପାରିବି ନାହିଁ । ଭୁବନମୋହନ ଫେରିବା ସମୟରେ ପାଖ ଗାଁରୁ ନିଆଁ ଲାଗିବା ଖବର ଶୁଣି ଅତ୍ୟନ୍ତ ବିଚଳିତ ହୋଇ ନିଜ ଗାଁରେ ପହଞ୍ଚି ଦେଖିଲେ ଯେ ତାଙ୍କ ଘର ସଂପୂର୍ଣ୍ଣରୂପେ ଧ୍ୱଂସ ହୋଇଯାଇଛି, କିନ୍ତୁ ବୋହୁର ଉପସ୍ଥିତ ବୁଦ୍ଧି ଯୋଗୁଁ ଘରର ପ୍ରାୟ ସମସ୍ତ ଜିନିଷପତ୍ର ରକ୍ଷା ହୋଇଯାଇଛି ।

୨) ଆଉ ଦିନକର ଘଟଣା, ଦିଅର ତାରାପଦଙ୍କର ବିବାହ ପାଇଁ କୁତବପୁରରୁ ରାଧାକାନ୍ତପୁର ଯିବାକୁ ପଡିଲା । ନଳିନୀକାନ୍ତ ଚାକିରୀରୁ ଛୁଟିନେଇ ଆସି ବିବାହର ସମସ୍ତ ଆୟୋଜନ କଲେ । ସୁଧାଂଶୁବାଳା ଓ ରାମପଦଙ୍କର ଶଗଡଗାଡିରେ କୁତବପୁରରୁ ରାଧାକାନ୍ତପୁର ଯିବାର ବ୍ୟବସ୍ଥା କରି ଦେଇ ଆଗରୁ ନଳିନୀକାନ୍ତ ରାଧାକାନ୍ତପୁର ଚାଲିଗଲେ । ସଂଧ୍ୟା ସମୟ, ଦିଅର ରାମପଦଙ୍କ ସହିତ ବଳଦଗାଡିରେ ଦେବୀ ରାଧାକାନ୍ତପୁର ଯାତ୍ରା କରୁଥାନ୍ତି । ନିଶବ୍ଦ ରାତିରେ କେଁକେଟର ଶବ୍ଦକରି ଶଗଡ ଗାଡି ଚାଲିଥାଏ । ହଠାତ୍ ଦେବୀ ଅସହ୍ୟ ବେଦନା ଅନୁଭବ କଲେ । ରାମପଦ ଭାବିଲେ ବଳଦଗାଡିରେ ବସିବାର ଅଭ୍ୟାସ ନଥିବାରୁ ଭାଉଜଙ୍କର ଏପରି ଅସୁବିଧା ହେଉଛି । କିଛି ସମୟ ପରେ ଯନ୍ତ୍ରଣାରେ ଚିତ୍କାର କରିଉଠି ଦେବୀ କହିଲେ, "ତୁ ଗାଡିରେ ତେଲ ଦେଇନାହୁଁ ବୋଲି ବଳଦଙ୍କୁ କଷ୍ଟ ହେଉଛି । ସେମାନଙ୍କର କଷ୍ଟ ମୁଁ ଆଉ ସହିପାରୁ ନାହିଁ ।" ଏତିକି କହି ପଣତ କାନିରେ ଆଖିରୁ ଲୁହ ପୋଛିଲେ । ଜଗତର ଜନନୀ ସେ ଜୀବର କଷ୍ଟ ସହନ୍ତେ ବା

କିପରି ?  ଗାଡିଆଳ ଗାଡିରେ ତେଲ ଦେବାରୁ ଗାଡି ଭଲ ଚାଲିଲା । ଆଉ କିଛି ବାଟ ଗଲା ପରେ ବଳଦମାନେ ଆଗକୁ ନଯାଇ ଅଟକିଗଲେ । ଗାଡିଠାରୁ ପ୍ରାୟ ୨୦ ହାତ ଦୂରରେ ଏକ ମହାବଳ ବାଘ ରାସ୍ତା ମଝିରେ ବସି ଲାଞ୍ଜ ପିଟୁଛି । ବାଘ ଦେଖି ଗାଡିଆଳ ଇଚ୍ଛାମିଆଁ ଭୟରେ ଆସି ଗାଡିଭିତରେ ଲୁଚିଲା । ବାଘ ଭୟରେ ଦିଅର ରାମପଦଙ୍କ ଅବସ୍ଥା ମଧ୍ୟ ସାଂଘାତିକ । ଏ ପରିସ୍ଥିତିରେ ପାଞ୍ଚଣ ବାଡି ହାତରେ ଧରି ଦେବୀ ବାହାରକୁ ବାହାରି ଆସିଲେ । ମୁକ୍ତକେଶା ହୋଇ, ଶଗଡର ଦୁଇ ପାଖଦଣ୍ଡାରେ ପାଦ ଦେଇ ଠିଆ ହୋଇ, ବାଘ ଉପରେ ଦୃଷ୍ଟିନିକ୍ଷେପକରି, "ଚାଲିଯା" ବୋଲି କହିବାରୁ ବିରାଟକାୟ ମହାବଳବାଘ ଲାଙ୍ଗୁଡ ଜାକି, ଚିତ୍କାର କରି ବଣ ଭିତରକୁ ଚାଲିଗଲା । ତାପରେ ବେଶ ସମ୍ଭାଳି ଦେବୀ ଆସି ଗାଡି ଭିତରେ ବସିଲେ । ରାମପଦ ପଚାରିଲେ, "ଭାଉଜ, ତୁମେ ବାଘକୁ କିପରି ଘଉଡାଇ ଦେଲ?"
ଦେବୀ କହିଲେ, "ରାଗିକରି ଚାହିଁ ଦେଲି ଯେ, ବାଘ ଚାଲିଗଲା ।"
ରାମପଦ କହିଲେ, "ସେ ଆଖି ମୋତେ ଥରେ ଦେଖାଅ ନାଁ ।"
ଦିଅରଙ୍କ ଶିର ଚୁମ୍ବନ କରି ଦେବୀ କହିଲେ, "ତୁମେ ପରା ମୋର ସୁନା ଦିଅର, ତୁମକୁ କେମିତି ସେ ଆଖିରେ ଚାହିଁବି?"

ରାମପଦଙ୍କର ବିବାହପରେ ସୁଧାଂଶୁବାଳା ସ୍ୱାମୀଙ୍କ ସହିତ ନାରାୟଣପୁର ଆସିଥିଲେ । ସେଠାରେ ତାଙ୍କର ପ୍ରକୃତ ଦାମ୍ପତ୍ୟ ଜୀବନର ଅୟମାରମ୍ଭ ହୋଇଥିଲା । କିନ୍ତୁ ବିଧିର ନିର୍ଦ୍ଦେଶ ଥିଲା ଅନ୍ୟ ପ୍ରକାର । ଏ ସୁଖ ତାଙ୍କର ବେଶୀ ରହିବାର ନ ଥିଲା । ନାରାୟଣପୁରରେ ରହିବାର ପ୍ରାୟ ୬ ମାସ ପରେ ଦେବୀ ସନ୍ତାନ ସମ୍ଭବା ହୋଇଥିଲେ । ଏପରି ଅବସ୍ଥାରେ ଆତ୍ମୀୟସ୍ୱଜନ ମାନେ ତାଙ୍କର ଉପଯୁକ୍ତ ଯତ୍ନ ନେଇ ପାରିବେ ବୋଲି ବିଚାର କରି ନଳିନୀକାନ୍ତ ତାଙ୍କୁ କୁତବପୁର ପଠାଇ ଦେଇଥିଲେ । ଉପଯୁକ୍ତ ସମୟରେ ଦେବୀ ଏକ ପୁତ୍ରସନ୍ତାନ ପ୍ରସବ କରିଥିଲେ । କିନ୍ତୁ ଜନ୍ମହେବାର ପ୍ରାୟ ୧୦ ଦିନ ପରେ ଶିଶୁର ମୃତ୍ୟୁ ହୋଇଥିଲା । ସୂତିକା ରୋଗରେ ପୀଡିତା ହୋଇ ଦେବୀ ସୁଧାଂଶୁବାଳା ୧୯୦୧ ମସିହା ରାତ୍ରି ୯ଟା ସମୟରେ, ଭୁବନମୋହନଙ୍କ ପରିବାରକୁ ଶୋକର ସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କରିଥିଲେ । ସେତେବେଳେ ନଳିନୀକାନ୍ତ ଚାକିରୀକ୍ଷେତ୍ରରେ ଥିଲେ, ପତ୍ନୀ ବିୟୋଗର ଖବର ପାଇନଥିଲେ । ସେଦିନ ରାତିରେ ସୁଧାଦେବୀଙ୍କର ଛାୟାମୂର୍ତ୍ତି ଦର୍ଶନ କରି ନଳିନୀକାନ୍ତଙ୍କ ମନରେ ଆଶଙ୍କା ଉଦୟ ହୋଇଥିଲା । "ସୁଧା କ'ଣ ଆଉ ଇହଜଗତରେ ନାହିଁ ?" ପତ୍ନୀ ଯେ ଆଉ ଇହଜଗତରେ ନାହାନ୍ତି, ଏପରି ଚିନ୍ତା ମନକୁ ଆସିଲେ ନଳିନୀକାନ୍ତଙ୍କୁ ଭୀଷଣ କଷ୍ଟ ହେଉଥିଲା । ଛାୟାମୂର୍ତ୍ତି ଦର୍ଶନକୁ ମନର ବିକାର ଭାବି ସେ କୌଣସି ପ୍ରକାରେ ନିଜକୁ ଦୁଃଶ୍ଚିନ୍ତାରୁ ମୁକ୍ତ ରଖିବାକୁ ଚେଷ୍ଟା କରୁଥିଲେ ।  ପରେ ପୂଜା ଛୁଟିରେ ଘରକୁ ଆସି ଜାଣିଲେ ଯେ, ଯେଉଁଦିନ ସେ ସୁଧାଂଶୁବାଳାଙ୍କର ଛାୟାମୂର୍ତ୍ତି ଦର୍ଶନ କରିଥିଲେ, ସେହିଦିନ ପ୍ରାୟ ଏକଘଣ୍ଟା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା । ନଳିନୀକାନ୍ତ ନିକଟ ସଂପର୍କୀୟା ଏକ ଖୁଡୀଙ୍କୁ ପଚାରି ଜାଣିଲେ ଯେ, ମୃତ୍ୟୁ ପୂର୍ବରୁ ଦେବୀ ସୁଧାଂଶୁବାଳା ସ୍ୱାମୀଙ୍କ ପାଇଁ କହିଯାଇଛନ୍ତି, "ତାଙ୍କୁ କହିବ ଆଉ ବିବାହ କରିବେ ନାହିଁ ।  ପରକାଳ ସତ୍ୟ । ସଦ୍‌ଗୁରୁଙ୍କ ଆଶ୍ରୟ ନେଇ ସେ ନିସ୍ତ୍ରୈଗୁଣ୍ୟର ସାଧନ କରିବେ ।"

ବାଲ୍ୟକାଳରେ ନଳିନୀକାନ୍ତଙ୍କର କୋଷ୍ଠିବିଚାର କରି କୁଳଗୁରୁ କହିଥିଲେ ଯେ, ସେ ସଂସାରତ୍ୟାଗ କରି ସନ୍ୟାସୀ ହେବେ । ଏହି ଭୟରେ ତାଙ୍କର ପିତା ଅଳ୍ପବୟସରେ ନଳିନୀକାନ୍ତଙ୍କର ବିବାହ କରିଦେଇଥିଲେ ।

ସୁଧାଂଶୁବାଳାଙ୍କ ପରି ଅସାମାନ୍ୟା ରୂପଗୁଣ ସଂପନ୍ନା ପତ୍ନୀର ସାହଚର୍ଯ୍ୟ ତ୍ୟାଗକରି, ପୁତ୍ର ଯେ ସଂସାର ବୈରାଗୀ ହୋଇ ପାରିବେ ନାହିଁ, ଏହା ଚିନ୍ତା କରି ଭୁବନମୋହନ ନିଶ୍ଚିନ୍ତ ହୋଇଥିଲେ । କିନ୍ତୁ ସୁଧାଂଶୁବାଳା ଏକ ଛୋଟ ସଂସାର ଭିତରେ ନଳିନୀକାନ୍ତଙ୍କୁ ବାନ୍ଧିରଖିବାକୁ ଆସିନଥିଲେ । ନଳିନୀକାନ୍ତଙ୍କୁ ନିଗମାନନ୍ଦ ରୂପରେ ପ୍ରତିଷ୍ଠିତ କରିବାପାଇଁ ଜଗଜ୍ଜନନୀ ଦେବୀ ସୁଧାଂଶୁବାଳା ରୂପରେ ଆବିର୍ଭୂତା ହୋଇଥିଲେ । ନହେଲେ ଏକ ଅଳ୍ପ ଶିକ୍ଷିତା ଗ୍ରାମ୍ୟବଧୂ "ନିସ୍ତ୍ରୈଗୁଣ୍ୟ ସାଧନ" ର କଥା କହନ୍ତା ବା କିପରି ? ଦେବୀ ମୃତ୍ୟୁ ପରେ ମଧ୍ୟ ତିନିଥର ଛାୟାମୂର୍ତ୍ତି ରୂପରେ ସ୍ୱାମୀଙ୍କୁ ଦର୍ଶନ ଦେଇ ତାଙ୍କ ମନରେ ପରକାଳ ପ୍ରତି ବିଶ୍ୱାସ ଜନ୍ମାଇ ଥିଲେ । ଏହିସବୁ ଘଟଣା ପରେ ନଳିନୀକାନ୍ତ ପରକାଳତତ୍ତ୍ୱର ପର୍ଯ୍ୟାଲୋଚନା କରିବାକୁ ଯାଇ, ଚତୁର୍ବିଧ ସାଧନ କରି, ନିର୍ବିକଳ୍ପ ସମାଧିରୁ "ଗୁରୁ" ରୂପରେ ବ୍ୟୁତ୍‌ଥିତ ହୋଇ ସଂସାରକୁ ପୁନରାବର୍ତ୍ତନ କରିଥିଲେ  ।

ଦେବୀ ସୁଧାଂଶୁବାଳାଙ୍କର ନୈସର୍ଗିକ ରୂପର ବର୍ଣ୍ଣନା କରିବାକୁ ଯାଇ ଶ୍ରୀଶ୍ରୀ ଠାକୁର ଲେଖିଛନ୍ତି, "ରସାଣିତ ସୁବର୍ଣ୍ଣ ସଦୃଶ ତାଙ୍କର କାନ୍ତି, ଆକର୍ଣ୍ଣବିସ୍ତୃତ ନୟନଯୁଗଳ, କୁନ୍ଦଦନ୍ତୋପନ୍ତି, ବିମ୍ବାଧର, ଅଳକ୍ତକ ରାଗରଞ୍ଜିତ ପଦଯୁଗଳ, ଘନକୁଞ୍ଚିତ କୃଷ୍ଣ କେଶ ଦାମ – ଦେଖିଲେ ମନେହେଉଥିଲା ଯେପରି କୈଳାସବାସିନୀ ଦେବୀ ପାର୍ବତୀ ମାନବୀ ରୂପଧରି ଧରାଧାମକୁ ଓହ୍ଲାଇ ଆସିଛନ୍ତି । ସେ ଦେବୀ ମୂର୍ତ୍ତିରେ କୌଣସି ଖୁଣ ନ ଥିଲା ।" କିନ୍ତୁ ଠାକୁର ପୁଣି କହିଛନ୍ତି ଯେ, "ମୁଁ ତାର ରୂପରେ ମୁଗ୍‌ଧ ନଥିଲି, ମୁଗ୍‌ଧ ଥିଲି ତା'ର ଗୁଣରେ । ସେ ପ୍ରାୟ ସାରାରାତି ଉଜାଗର ରହି ମୋର ସେବା କରେ । ମୁଁ କହିଲେ ଶୁଏ, ପୁଣି ମୁଁ ଉଠିବା ପୂର୍ବରୁ ଉଠିଥାଏ । କୌଣସି ଅଭିଯୋଗ

କରେ ନାହିଁ । ଥରେ ପଚାରିବାରୁ କହିଲା, "ତୁମେ ତ ଅଛ, ମୋର ଅଧିକା ଆଉ କ'ଣ ଦରକାର ।" ଭଲପାଇବାର ପାତ୍ର ଅଯୋଗ୍ୟ ହେଲେ ମଧ୍ୟ ଅପରପକ୍ଷର ଭଲପାଇବା ଶକ୍ତିରେ ତା'ର ଉତ୍କର୍ଷ ସାଧିତ ହୁଏ । ଶ୍ରଦ୍ଧା ଭକ୍ତିରେ ଶିଳା ମଧ୍ୟ ଶାଳଗ୍ରାମରେ ପରିଣତ ହୁଏ । ତା'ର ଏ ଆନ୍ତରିକ ଭଲପାଇବାରେ, ତା ବିଚ୍ଛେଦରେ ମୁଁ ପାଗଳପ୍ରାୟ ହୋଇଯାଇଥିଲି । ତା'ର ଦେହତ୍ୟାଗ ପରେ ମୁଁ ତା'ର ପ୍ରକୃତ ଭଲପାଇବା ଅନୁଭବ କରିପାରିଥିଲି । ମୁଁ ପ୍ରତିଜ୍ଞା କରିଥିଲି, ଜୀବନରେ ଆଉ କାହାକୁ ଭଲପାଇବି ନାହିଁ । ଯଦି ଭଗବାନ ସ୍ତ୍ରୀ ରୂପରେ ଆସନ୍ତି, ତେବେ ସେହିଦିନ ତାଙ୍କୁ ଭଲପାଇବି ।"

ସହଧର୍ମିଣୀ ସୁଧାଂଶୁବାଳାଙ୍କର ଅଭୁଲାସ୍ମୃତି ମନେପକାଇ, ତାଙ୍କ ପ୍ରତି ଅନ୍ତରର ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ସିଦ୍ଧ ଜୀବନରେ ସ୍ୱାମୀ ନିଗମାନନ୍ଦ ତାଙ୍କର ଅମର ଗ୍ରନ୍ଥ "ପ୍ରେମିକଗୁରୁ"ରେ ଲେଖିଛନ୍ତି- "ପ୍ରେମମୟୀ! ତୁମରି ପ୍ରେମ-ପ୍ଲାବନର ପଟୁ ପଡିହିଁ ଏହି ଉଷର ହୃଦୟ ସରସ ହୋଇଥିଲା । ମୁଁ ଯେତେବେଳେ ଅନ୍ଧକାର ମଧ୍ୟରେ ପଥହରା ହୋଇ ଏଣେତେଣେ ଘୁରିବୁଲୁଥିଲି, ସେତେବେଳେ ତୁମେ ହିଁ ନା ପ୍ରଥମେ ପ୍ରେମର ଆଲୋକ ପ୍ରଜ୍ୱଳିତ କରି ମୋ ହୃଦୟର ଅନ୍ଧକାର ବିଦୂରିତ କରିଥିଲ ? ତୁମେ ହିଁ ଗୁରୁ ରୂପରେ ମୋର ଏହି ସୁପ୍ତ ପ୍ରାଣରେ ପ୍ରେମର ବୀଜ ବପନ କରିଥିଲ ।"

ଉପରେ ବର୍ଣ୍ଣିତ ଦେବୀ ସୁଧାଂଶୁବାଳାଙ୍କର ଅଲୌକିକ ଶକ୍ତି କଥା ବାଦ୍‌ଦେଲେ ମଧ୍ୟ ଲୌକିକ ଜୀବନରେ, ସଂସାର ଜୀବନରେ ସେ ଥିଲେ ଜଣେ ଅସାଧାରଣ ମହିଳା, ଆଦର୍ଶ ସହଧର୍ମିଣୀ ଓ ଗୃହିଣୀ । ତାଙ୍କ ଭଳି ସତୀ, ସାଧ୍ୱୀ, ପତିବ୍ରତା, ସେବାପରାୟଣା ଓ ଅନେକ ସଦ୍‌ଗୁଣରେ ଭୂଷିତା ଆଦର୍ଶଗୃହିଣୀ ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତା ସବୁ ମା'ମାନଙ୍କ ପାଇଁ ଆଦର୍ଶ । ତାଙ୍କର ଜୀବନ ଚରିତ ସଂଘ ପ୍ରକାଶିତ ପୁସ୍ତକାବଳୀରୁ ପାଠ କରି ମୁଁ ମୁଗ୍ଧ ହୋଇଛି, ଅନୁପ୍ରାଣିତ ହୋଇଛି । ସେ ଆମ ନିଗମ ପରିବାରର ସବୁ ମା'ମାନଙ୍କ ପାଇଁ **Role Model** ବୋଲି ମୁଁ ମନେକରେ ।

ଶ୍ରୀମତୀ ଶିବାନୀ ମହାନ୍ତି

# ମାଗୁଣି ମୋର

ପ୍ରାଣ ଠାକୁର ! ମାଗୁଣି କରୁଛି ମୁହିଁ
ତୁମରି ନାମ ସୁମରି ହୋଇବି ଜଗତଜୟୀ ।୦।

ତୁମେ ତ ଜଗତ ଗୁରୁ ତୁମେ ବାଞ୍ଛା କଳ୍ପତରୁ
ତୁମ ବିନା ମୋର ଗତି ମୁକତି ନାହିଁ ।୧।

ତୁମେ ଜଗତ କରତା ତୁମେ ଭୁକ୍ତି ମୁକ୍ତି ଦାତା
ତୁମେ ତ ଶରଣ ଦାତା ଜଗତ ସାଇଁ ।୨।

ବସ ତୁମେ ହୃଦେ ମୋର ତରିବି ଭବସାଗର
ଜୟଗୁରୁ ନାମ ଘୋଷି ଶ୍ରୀପଦ ଧ୍ୟାୟି ।୩।

ଭିକ୍ଷା ମାଗେ ଶ୍ରୀଚରଣେ ଭକ୍ତି ଦିଅ ପ୍ରାଣେ ମନେ
ଭରିଯାଉ ମୋର କଣ୍ଠ ସେ ନାମ ଗାଇ ।୪।

ଶ୍ରୀ ଜ୍ଞାନ ରଞ୍ଜନ ଦ୍ୱିବେଦୀ

# ଗୁରୁତତ୍ତ୍ୱ

ସଦଗୁରୁ ତତ୍ତ୍ୱ ଅତ୍ୟନ୍ତ ନିଗୁଢ଼ । ପ୍ରଶ୍ନ ଆସେ ନିଗୁଢ଼ କାହିଁକି ? ତାର କାରଣ ସେ ହେଉଛନ୍ତି ଜଗଦ୍‌ଗୁରୁଙ୍କର ମାନୁଷୀତନୁ । ଜଗତରେ ଥାଇ ଆମ ସାଙ୍ଗରେ ଲୀଳାଖେଳା କରନ୍ତି ସେ । ସାଧାରଣ ଜୀବ ପରି ଚଳୁଥିଲେ ମଧ୍ୟ ସେ ହେଉଛନ୍ତି ସେ ଜଗତର । ସବୁ ସିଦ୍ଧ ସଦ୍‌ଗୁରୁ ନୁହଁନ୍ତି । ଯେଉଁ ସିଦ୍ଧ ମହାପୁରୁଷଙ୍କ ଶୁଦ୍ଧ ଆଧାରରେ ଜଗଦ୍‌ଗୁରୁଙ୍କର ମହାନ୍ ଇଚ୍ଛା ପ୍ରତିଫଳିତ ହୁଏ, ସେ ସଦ୍‌ଗୁରୁ ଭାବରେ ଜଗତକୁ ଫେରନ୍ତି ଓ ଜୀବ ଉଦ୍ଧାର କାର୍ଯ୍ୟରେ ଲାଗନ୍ତି । ତାଙ୍କର ଏକମାତ୍ର କାର୍ଯ୍ୟ (one and only one ) ଜୀବକୁ ମୁକ୍ତି ପ୍ରଦାନ । ଆଧ୍ୟାତ୍ମିକ ରାଜ୍ୟରେ ତାଙ୍କର ଏହା ଏକଚାଟିଆ ଅଧିକାର । ଜୀବର ଜନ୍ମଜନ୍ମାନ୍ତର କର୍ମଫଳକୁ ଧୀରେ ଧୀରେ ଭୋଗକରାଇ ଶେଷରେ ନିଜର କରି ନିଅନ୍ତି । କିଭଳି ଭୋଗ କଲେ ଜୀବ ସହ୍ୟ କରିପାରିବ, ତାହାର ବ୍ୟବସ୍ଥା ମଧ୍ୟ ସେ କରନ୍ତି । ଜୀବର ନିଜର ହୋଇ ଏ ଜଗତରେ କେହିନାହିଁ । ଆସିଛି ଏକା ଓ ଶେଷରେ ଯିବ ମଧ୍ୟ ଏକା । ତେଣୁ ଜୀବ ନାମରେ ନାମିତ ହୋଇଛି । ଏକମାତ୍ର ଗୁରୁ ହିଁ ତାର ସଖା । ଯେ ରହେ ନାହିଁ ସେ ଜୀବ । ସାଧାରଣ କଥାରେ କୁହାଯାଏ, 'ଜୀବ ଯିବ' । ଭାଗବତରେ ଗୋଟିଏ ପଦ ଅଛି 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି – ଦେବତା ହୋଇଲେ ମରଇ' ।

ଉକ୍ତ ନିରାଟ ସତ୍ୟକୁ ଯେ ଜାଣି, ବୁଝି, ହୃଦୟଙ୍ଗମ କରି ଏଥିରୁ ନିଷ୍କୃତି ଲାଭ ନିମିତ୍ତ ଚେଷ୍ଟା କରନ୍ତି ସେ ଶିଷ୍ୟ ନାମରେ ପରିଚିତ । ଏହିଭଳି ବ୍ୟକ୍ତିଙ୍କୁ ସେ ଧରା ଦିଅନ୍ତି । ଜଗତରେ ଏତେ ଲୋକ ଅଛନ୍ତି, କାହିଁକି ସମସ୍ତେ ତ ତାଙ୍କୁ ଆଶ୍ରା କରୁନାହାନ୍ତି । ତାର କାରଣ, ଯେଉଁମାନଙ୍କର କର୍ମ ଶେଷ ହୋଇ ଆସିଲାଣି, ସେହିମାନେ ହିଁ ତାଙ୍କୁ ଚିହ୍ନିପାରିବେ ଓ ତାଙ୍କୁ ଠିକ୍ ଠିକ୍ ଭାବେ ଧରିପାରିବେ । ଧରିପାରିବେ ଅର୍ଥାତ୍ ତାଙ୍କ ଆଦେଶ ପାଳନ ପୂର୍ବକ ଶେଷ ନିଶ୍ୱାସ ତ୍ୟାଗ କରିବେ । ଯେତେ ଘାତ ପ୍ରତିଘାତ ଆସିଲେ ମଧ୍ୟ ଅବିଚଳିତ ରହି ତାଙ୍କର କର୍ମ କରିଯିବେ । ଶିଷ୍ୟଙ୍କର ଚିତ୍ତ ଯେତେ ଶୁଦ୍ଧ ହେବ, ତାଙ୍କର ମହିମା ସେ ସେତେ ହୃଦୟଙ୍ଗମ କରିପାରିବେ । ଶ୍ରୀଶ୍ରୀ ଠାକୁର ଲେଖିଛନ୍ତି 'ମୁଁ ଯେଉଁ ସବୁ ପୁସ୍ତକ ରଚନା କରିଛି ସେ ସବୁ ଚିତ୍ତଶୁଦ୍ଧି ପାଇଁ ' । ଚିତ୍ତଶୁଦ୍ଧ ହେଲେ ଶୁଦ୍ଧଚିତ୍ତରେ ଆତ୍ମପ୍ରତିବିମ୍ବ ପ୍ରକାଶିତ ହୁଏ । 'ମହିମା ତବ ଗୋଚର ଶୁଦ୍ଧ ମନେ' । ଯେ ଯେତେ ନିଜ ଗୁରୁଙ୍କ ନିକଟରେ ନତ ସେ ସେତେ ଉନ୍ନତ । ଅନ୍ତର୍ଜଗତକୁ ଯେ ଯେତିକି ଗତି କରୁଥିବ, ସେ ସେତିକି ନଇଁ ଯାଉଥିବ । ଚିତ୍ତଶୁଦ୍ଧି ଦିଗରେ ଯେ ଯେତେ ଆଗେଇବ, ତାର ସେତିକି ଅଭିମାନ ଓ ଅହଂକାର କମିଯିବ । ଅହଂକାର କେଉଁଆଡେ ଯିବ ନାହିଁ । ଦାସୋହଂରେ ପରିଣତ ହେବ ।

ଏ ସଂସାରରେ ରହି ଅସଂସାରି ଭାବରେ କାଳ ଯାପନ କରିବାକୁ ଆଧ୍ୟାତ୍ମିକ ଭାଷାରେ ଜୀବନ୍ମୁକ୍ତ ଅବସ୍ଥା କୁହାଯାଏ । ଜୀବନ୍ମୁକ୍ତ ଅବସ୍ଥା ଅତ୍ୟନ୍ତ ଦୁର୍ଲଭ କିନ୍ତୁ ଅଲଭ୍ୟ ନୁହେଁ । ଏହି ଅବସ୍ଥା ପ୍ରାପ୍ତି ନିମିତ୍ତ ଦୁଇଟି ରାସ୍ତା ଅଛି । ଗୋଟିଏ କଠୋର ସନ୍ୟାସ ଯୋଗ ଓ ଅନ୍ୟଟି ବ୍ରହ୍ମବିତ୍ ଗୁରୁଙ୍କ ସେବା । ପ୍ରାୟ ସମସ୍ତ ମୁମୁକ୍ଷୁ ବ୍ୟକ୍ତିମାନଙ୍କ ପାଇଁ ବ୍ରହ୍ମବିତ୍ ଗୁରୁଙ୍କ ସେବା ହିଁ ସହଜ ପନ୍ଥା । କାରଣ ଜୀବ ଜନ୍ମ ହେବା ସଙ୍ଗେ ସଙ୍ଗେ ତାହା ସାଥୀରେ ଏହି ସହଜ ଭାବଟି ଆସିଥାଏ । ସେ ଚକ୍ଷୁ ଖୋଲିବା ମାତ୍ରେ ତାର ଜନ୍ମଦାତ୍ରୀ ମା'କୁ ଦେଖେ । ପ୍ରଥମେ ତାର ମା'ର ସ୍ନେହ, ଆଦର ଓ ସେବା ପାଏ । ଧୀରେ ଧୀରେ ସେ ବଢିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ଶ୍ରଦ୍ଧା ଭକ୍ତି କରିବାକୁ ଶିକ୍ଷା କରେ । ସେବା ହିଁ ଜୀବର ଏକ ମୌଳିକ ଧର୍ମ ।

ସେବକ ସେବ୍ୟଙ୍କର ମନ ଜାଣି ସେବା କରେ । ତେବେ ସେ ସେବ୍ୟଙ୍କର ମନ ଜାଣେ କିପରି ? ଏ ପ୍ରଶ୍ନର ଉତ୍ତର ଆଉ ଗୋଟିଏ ପ୍ରଶ୍ନରେ ଦିଆଯାଇପାରେ । ଗୋଟିଏ ମା, ତା ପିଲାର ମନ ଜାଣେ କିପରି ? ମା'ର ପିଲା ପ୍ରତି ଐକାନ୍ତିକ ଶ୍ରଦ୍ଧା ଫଳରେ ସେ ତାର ମନ କଥା ଜାଣିପାରେ । ସେବକଙ୍କୁ ମଧ୍ୟ ସେହିପରି ସ୍ନେହ ଶ୍ରଦ୍ଧା କରିବାକୁ ପଡିବ । ଶ୍ରୀଶ୍ରୀଠାକୁରଙ୍କ ଭାଷାରେ 'ମୋତେ ଟିକିଏ ସୁଖ ପାଅ' । ତାଙ୍କୁ ସୁଖ ପାଇଲେ ଧୀରେ ଧୀରେ ଚିତ୍ତ ଶୁଦ୍ଧ ହେବା ସଙ୍ଗେ ସଙ୍ଗେ ତାଙ୍କ ମନ କଥା ଜାଣି ହେବ, ସେବା ଠିକ୍ ଠିକ୍ ହେବ ଏବଂ ଶେଷରେ ସେବକଙ୍କ ପ୍ରେମ ସେବୋତ୍ତରା ଗତି ପ୍ରାପ୍ତ ହେବ । ସଦ୍‌ଗୁରୁ ତତ୍ତ୍ୱ ହୃଦୟଙ୍ଗମ କଲେ ତାଙ୍କ ପ୍ରତି ବ୍ୟାକୁଳ ଆକୁଳ ଭାବ ଆସିବ । ତାଙ୍କ କଥା ନ ଶୁଣିଲେ ରହିହେବନି, ତାଙ୍କ ବିଷୟ ଚିନ୍ତା ନ କଲେ ରହିହେବନି, ତାଙ୍କ ନିମିତ୍ତ କିଛି ନ କଲେ ରହିହେବନି ।

ଦୋଳଗୋବିନ୍ଦ ଦ୍ୱିବେଦୀ
ରାଉରକେଲା ସାରସ୍ୱତ ସଂଘ

# ଆମର ପ୍ରିୟ ଅନୁଷ୍ଠାନ - ନୀଳାଚଳ ସାରସ୍ୱତ ସଂଘ

ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ 'ନୀଳାଚଳ ସାରସ୍ୱତ ସଂଘ' ଉତ୍କଳର ଏକ ସୁପରିଚିତ ଧର୍ମ ପ୍ରତିଷ୍ଠାନ । ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟଧରି ଏହି ଅନୁଷ୍ଠାନ ଆଧ୍ୟାତ୍ମିକ ଜାଗରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଅଛି ।

ଶ୍ରୀଶ୍ରୀଠାକୁର ନିଗମାନନ୍ଦ ଜଣେ ଅସାଧାରଣ ସାଧନସିଦ୍ଧ ମହାପୁରୁଷ । ସେ ଖୁବ କମ୍ ସମୟରେ ଯୋଗ, ଜ୍ଞାନ, ତନ୍ତ୍ର ଓ ପ୍ରେମ ସାଧନାରେ ସିଦ୍ଧିଲାଭ କରି ନିର୍ବିକଳ୍ପ ସମାଧିରୁ ଗୁରୁଭାର ବହନ କରି ଏ ଜଗତକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଦଣ୍ଡୀ ପରିବ୍ରାଜକ ଅବସ୍ଥାରେ ଚତୁର୍ଦ୍ଧାମ ଭ୍ରମଣକାଳରେ ଶ୍ରୀଶ୍ରୀଠାକୁରଙ୍କ ପ୍ରବ୍ରଜ୍ୟାର ଶେଷ ପର୍ବ ନୀଳାଚଳ ଧାମ ପୁରୀରେ ସମାପ୍ତ ହୋଇଥିଲା । ଉତ୍କଳର ଶ୍ରୀକ୍ଷେତ୍ର, ଶ୍ରୀଜଗନ୍ନାଥ, ପୁରୀର ସାଗର ତଥା ବେଳାଭୂମି ଶ୍ରୀଶ୍ରୀଠାକୁରଙ୍କୁ ବିଶେଷ ଭାବରେ ଆକୃଷ୍ଟ ଏବଂ ମୁଗ୍ଧ କରିଥିଲା । ପରବର୍ତ୍ତୀ ଜୀବନରେ ସେ ଅନେକ ଥର ପୁରୀଧାମ ଦର୍ଶନରେ ଆସିଥିଲେ । ତାଙ୍କର ସ୍ଥୂଳ ଜୀବନରେ ଶେଷ ଚଉଦ ବର୍ଷ ଅର୍ଥାତ ୧୯୨୧ ମସିହାଠାରୁ ୧୯୩୫ ମସିହା ପର୍ଯ୍ୟନ୍ତ ଶ୍ରୀଶ୍ରୀଠାକୁର ନୀଳାଚଳ ଧାମକୁ ହିଁ ନିଜର ଶେଷ ବିଶ୍ରାମସ୍ଥଳୀ ଭାବରେ ବାଛି ନେଇଥିଲେ ଏବଂ ପୁରୀର ସ୍ୱର୍ଗଦ୍ୱାର ନିକଟରେ 'ନୀଳାଚଳ କୁଟୀର' ନାମକ ଏକ ବାସଗୃହ କ୍ରୟ କରି ସେଠାରେ ଅବସ୍ଥାନ କରିଥିଲେ । ଏହି ସମୟରେ ମୁଷ୍ଟିମେୟ କେତେଜଣ ଉତ୍କଳୀୟ ଭକ୍ତ ଓ ଛାତ୍ର ତାଙ୍କ ନିକଟକୁ ଆସିଥିଲେ । ସେମାନଙ୍କ ଭିତରେ ପୁରୀର ଓକିଲ ଶ୍ରୀ ବନମାଳୀ ଦାଶ, ଗଞ୍ଜାମର ଶ୍ରୀ ଈଶ୍ୱର ସାହୁ, ସମାଜ ଅଫିସର ଶ୍ରୀ ଚୈତନ୍ୟ ଚରଣ ଦାସ, ପୁଲିସ ବିଭାଗର ଶ୍ରୀ କ୍ଷୀରୋଦ ନାଥ ସିଂହ ଏବଂ ଛାତ୍ର ମାନଙ୍କ ଭିତରେ ସର୍ବଶ୍ରୀ ଦୁର୍ଗାଚରଣ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ନୃପାଳ ଜୀ, ଏକାଦଶୀ ହରିଚନ୍ଦନ ପ୍ରଭୃତିଙ୍କ ନାମ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ ।

ସେ ସମୟରେ ଶ୍ରୀଶ୍ରୀଠାକୁର ତାଙ୍କର ତତ୍କାଳୀନ ପ୍ରଖ୍ୟାତ କର୍ମକ୍ଷେତ୍ର ଆସାମର ଯୋରହାଟ ନିକଟବର୍ତ୍ତୀ କୋକିଳାମୁଖସ୍ଥ ଆସାମ ବଙ୍ଗୀୟ ସାରସ୍ୱତ ମଠ ଓ ଅବିଭକ୍ତ ବଙ୍ଗଳାର ପାଞ୍ଚଗୋଟି ସମୃଦ୍ଧିଶାଳୀ ବିଭାଗୀୟ ଆଶ୍ରମ ପରିତ୍ୟାଗ କରି ପୁରୀରେ ଏକ ପ୍ରକାର ନିର୍ଜନ ବାସ କରୁଥିଲେ । ତେଣୁ ତାଙ୍କ ନିକଟକୁ ବେଶୀ ଭକ୍ତ ସମାଗମ ବନ୍ଦଥିଲା । କିନ୍ତୁ ଏହି ଉତ୍କଳୀୟ ଭକ୍ତମାନଙ୍କର ସଂସ୍ପର୍ଶରେ ଆସି, ସେମାନଙ୍କର ଅନ୍ତରର ଭକ୍ତିଭାବ, ଆଗ୍ରହ ଓ ଶ୍ରଦ୍ଧା ଲକ୍ଷ୍ୟ କରି, ୧୯୩୪ ମସିହା ଅଗଷ୍ଟ ମାସ ୨୪ ତାରିଖ ଶୁକ୍ରବାର ଦିନ ଶ୍ରୀଶ୍ରୀଠାକୁର ତାଙ୍କର ଶୁଭ ଜନ୍ମତିଥି ଝୁଲଣ ପୂର୍ଣ୍ଣିମାରେ, ଭଗବତ୍ ପ୍ରେରଣାରେ, 'ନୀଳାଚଳ ସାରସ୍ୱତ ସଂଘ' ପ୍ରତିଷ୍ଠା କରି ଭକ୍ତମାନଙ୍କୁ ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘ ଶକ୍ତିର ପ୍ରତିଷ୍ଠା ଓ ଭାବବିନିମୟ ପୂର୍ବକ ତାଙ୍କର ଆଦର୍ଶ ଓ ଭାବଧାରାରେ ଶୃଙ୍ଖଳିତ ଭାବରେ ଚଳିବାପାଇଁ, ଆଦେଶ ଓ ଉପଦେଶ ପ୍ରଦାନ କରି କହିଥିଲେ - 'ମୋର ଆଦେଶ, ତୁମେମାନେ ଶୃଙ୍ଖଳାବଦ୍ଧ ଭାବରେ ଚଳିବାକୁ ଅଭ୍ୟାସ କର ଆଉ ପିଲାଖେଳ ପରି କାର୍ଯ୍ୟ କରନାହିଁ । ତୁମେମାନେ ଯଦି ମୋତେ ଆଶ୍ରୟ କଲଣି ତେବେ ଭଲ ଭାବରେ ଆଶ୍ରୟ କର । ତୁମେମାନେ ଯେତେ ଗୁରୁଭାଇ ଅଛ ପ୍ରତ୍ୟେକଙ୍କ ଘରେ ଗୁରୁଙ୍କର ପ୍ରତିମୂର୍ତ୍ତି ସ୍ଥାପନ କର । ତୁମ ଦେଶର ରୀତି ଅନୁଯାୟୀ ସେହି ପ୍ରତିମୂର୍ତ୍ତିଙ୍କ ନିକଟରେ ପୂଜା କର । ସ୍ତୋତ୍ରବନ୍ଦନା ପାଠ କର ଓ ସେଗୁଡିକର ଅର୍ଥ ବୁଝିବାକୁ ଚେଷ୍ଟା କର । ସପ୍ତାହ ମଧ୍ୟରେ ନିର୍ଦ୍ଦିଷ୍ଟ ଦିବସରେ ସମସ୍ତଭାଇ ଏକତ୍ର ମିଳିତ ହୋଇ ଯଥାବିଧାନରେ ଆରତି, ସ୍ତୋତ୍ରବନ୍ଦନା, ଆର୍ଯ୍ୟଦର୍ପଣାଦି ପାଠ କର । ସମସ୍ତେ ମିଳି ମୋ ଭାବଗୁଡିକୁ ଆଲୋଚନା କର । ଆଲୋଚନା ଶେଷରେ ପରବର୍ତ୍ତୀ ଅଧିବେଶନ ଯେଉଁ ଭାଇଙ୍କ ଘରେ ହେବାର ସ୍ଥିରହେବ ସେ ଅନ୍ୟଭାଇମାନଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ କରିବେ । ତୁମେମାନେ ସ୍ୱାଧୀନ ନ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଭାଇଙ୍କ ଘରେ ଏପରି ଅଧିବେଶନ କରିବାପାଇଁ ଅସୁବିଧା ହୋଇପାରେ । ଯଦି ଏପରି କରିବାପାଇଁ ଅସୁବିଧା ହୁଏ, ତେବେ ଯାହାଙ୍କର ସୁବିଧା ଅଛି, ସେହିପରି ଜଣଙ୍କ ଘରେ ପ୍ରତି ସପ୍ତାହରେ ସମସ୍ତେ ମିଳିତ ହୋଇପାର । ପ୍ରତ୍ୟେକ ଭାଇ ମାସିକ କିଛି କିଛି ଚାନ୍ଦା ଦେବେ ଓ ତାହା ଦରିଦ୍ର ନାରାୟଣଙ୍କ ସେବାରେ ବ୍ୟୟ କରିବ । ଏପରି କଲେ ତୁମମାନଙ୍କର ଚିତ୍ତଶୁଦ୍ଧି ହେବ । କେବଳ ଧ୍ୟାନ, ଜପ ଓ ସ୍ତୋତ୍ରବନ୍ଦନା କଲେ ଚିତ୍ତଶୁଦ୍ଧି ହୁଏ ନାହିଁ । ତାହା ସଙ୍ଗେ ସଙ୍ଗେ ସେବା ସାହାଯ୍ୟରେ ମଧ୍ୟ ଚିତ୍ତଶୁଦ୍ଧି ହୋଇଥାଏ ।'

'ସଂଘର ଅଧିବେଶନ ପ୍ରତ୍ୟେକ ରବିବାର ଦିନ କଲେ ସୁବିଧା ହେବ, ସେଦିନ ସଂଘରେ କେବଳ ଧର୍ମାଲୋଚନା କରିବ । ପ୍ରତ୍ୟେକ କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ସଂଘ ଅଛି, କାହାର ଉଦ୍ଦେଶ୍ୟ ରାଜନୀତି, କାହାର ଉଦ୍ଦେଶ୍ୟ ସମାଜ ସଂସ୍କାର ଆଦି । କିନ୍ତୁ ତୁମ ସଂଘର ଉଦ୍ଦେଶ୍ୟ ହେବ କେବଳ ଧର୍ମନୀତି । ଏହି ଭାବରେ ତୁମେମାନେ ସଂଘଶକ୍ତି ପ୍ରତିଷ୍ଠା କର, ନିକଟବର୍ତ୍ତୀ ସଂଘ ଓ ସମ୍ମିଳନୀକୁ ଯାଇ ସଂଘର କାର୍ଯ୍ୟାବଳୀ ପରିଦର୍ଶନ କରି ସଂଘବଦ୍ଧ ହୁଅ ।'

'ମୋର ଦ୍ୱିତୀୟ ଆଦେଶ – ତୁମେମାନେ ଆଦର୍ଶ ଗୃହସ୍ଥ ଜୀବନ ଯାପନ କର । ମୋର ଗୃହୀଭକ୍ତମାନେ ତ ସମସ୍ତଙ୍କଠାରୁ ଅଧିକ ଉନ୍ନତି କରିଛନ୍ତି । ତେଣୁ ତୁମେମାନେ ଗୃହସ୍ଥାଶ୍ରମରେ ରହି ପବିତ୍ର ଭାବରେ ଜୀବନ ଯାପନ କଲେ ତୁମର ସନ୍ତାନସନ୍ତତିମାନେ ଉନ୍ନତ ଚରିତ୍ରର ହୋଇ ଉଠିବେ । ମୋର ତୃତୀୟ ଆଦେଶ – ତୁମେମାନେ ପରସ୍ପର ଭାବର ଆଦାନ ପ୍ରଦାନ କର । ପ୍ରତ୍ୟେକ ଗୁରୁଭାଇ କାହାରି ନିକଟରେ କିଛି ଗୋପନ କରିବା ଉଚିତ୍ ନୁହେଁ । ତୁମେମାନେ ମୋ ନିକଟରେ ସମସ୍ତକଥା ଅକପଟ ଭାବରେ ଖୋଲି କହିବ । ସର୍ବଦା ସତ୍ୟ ଓ ସରଳତା ପାଳନ କରିବ ।' – ନୀଳାଚଳ ବାଣୀ

ଶ୍ରୀଶ୍ରୀଠାକୁରଙ୍କର ଏହି ସୁସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ଆଦେଶ ଓ ଉପଦେଶର ଭିତ୍ତି ଉପରେ ଗଢି ଉଠିଛି – 'ନୀଳାଚଳ ସାରସ୍ୱତ ସଂଘ' । ସେତେବେଳର ମୁଷ୍ଟିମେୟ କେତେଜଣ ଭକ୍ତଙ୍କୁ ନେଇ ଚାରାଗଛ ଭାବରେ ରୋପଣ କରାଯାଇଥିବା 'ନୀଳାଚଳ ସାରସ୍ୱତ ସଂଘ' ବର୍ତ୍ତମାନ ତାର ଶାଖା ପ୍ରଶାଖା ମେଲାଇ ବିଶାଳ ମହୀଦ୍ରୁମରେ ପରିଣତ ହୋଇଛି । ଶ୍ରୀଶ୍ରୀଠାକୁରଙ୍କର ବାଣୀ, ଉପଦେଶ ଓ ଭାବଧାରାର ପ୍ରସାର ନିମିତ୍ତ ଏହି ସଂଘର କାର୍ଯ୍ୟକଳାପ କ୍ରମଶଃ ପରିବ୍ୟାପ୍ତ ହୋଇ ଓଡିଶାର ପୁରପଲ୍ଲୀରେ, ଏପରିକି ଓଡିଶା ବାହାରେ କେତେକ ସ୍ଥାନରେ ବ୍ୟାପ୍ତ ହୋଇପଡିଛି । ଏହା ଶ୍ରୀଶ୍ରୀଠାକୁରଙ୍କର ଅହେତୁକ କୃପା ଓ ତାଙ୍କ ଶିଷ୍ୟ ଭକ୍ତମାନଙ୍କର ତାଙ୍କପ୍ରତି ଅକୁଣ୍ଠିତ ଭଲପାଇବା ଓ ସଂଘ ପ୍ରତି ନିଷ୍ଠାପର ସେବାପ୍ରଦାନ ଫଳରେ ସମ୍ଭବ ହୋଇପାରିଛି ।

ନୀଳାଚଳ ସାରସ୍ୱତ ସଂଘର ସୃଷ୍ଟି ସମୟରେ ଏହାର କୌଣସି ସ୍ଥାୟୀଗୃହ, ଆସନ ମନ୍ଦିର ନ ଥିଲା । ଶ୍ରୀଶ୍ରୀଠାକୁରଙ୍କର ଆଦେଶ ପାଳନ କରିବା ନିମିତ୍ତ ଶ୍ରୀ ବନମାଳୀ ଦାଶ ଭାଇଙ୍କ ନେତୃତ୍ୱରେ ୧୯୩୪ ମସିହା ଅକ୍ଟୋବର ମାସ ୪ ତାରିଖ ଗୁରୁବାର ଦିନ ଶ୍ରୀ ବନମାଳୀ ଭଞ୍ଜ ନାମକ ଜଣେ ଭକ୍ତଙ୍କର ପୁରୀରେ ଥିବା ବସାଘରେ 'ନୀଳାଚଳ ସାରସ୍ୱତ ସଂଘ'ର ପ୍ରଥମ ଅଧିବେଶନ ଓ ଅନାଡମ୍ବର ଭାବରେ ଶ୍ରୀଶ୍ରୀଠାକୁରଙ୍କର ପୂଜା ଅନୁଷ୍ଠିତ ହୋଇଥିଲା । ୧୯୩୪ ମସିହାରେ ଏହି ସଂଘର ଭକ୍ତମାନଙ୍କର ଆଗ୍ରହ ଓ ଉତ୍କଣ୍ଠା ଦେଖି ଶ୍ରୀଶ୍ରୀଠାକୁର ତାଙ୍କ ପ୍ରବର୍ତ୍ତିତ ଭକ୍ତ ସମ୍ମିଳନୀର ପରବର୍ତ୍ତୀ ଅଧିବେଶନ ନିଜେ 'ନୀଳାଚଳ ସାରସ୍ୱତ ସଂଘ'ର ପ୍ରତିନିଧି ହିସାବରେ ପୁରୀକୁ ଡାକି ସେହି ଅଧିବେଶନ ମାଧ୍ୟମରେ ଉତ୍କଳୀୟ ଭକ୍ତମାନଙ୍କୁ ଆନନ୍ଦ ଦେବାକୁ ଓ ଭକ୍ତସମ୍ମିଳନୀ ମାଧ୍ୟମରେ ତାଙ୍କ ଭାବଧାରା ସହିତ ପରିଚିତ କରାଇବାକୁ ଇଚ୍ଛା କରିଥିଲେ । କିନ୍ତୁ ଏହି ସମ୍ମିଳନୀ ଅନୁଷ୍ଠିତ ହେବାର ପ୍ରାୟ ଏକମାସ ପୂର୍ବରୁ ୧୯୩୫ ମସିହା ନଭେମ୍ବର ୨୯ ତାରିଖ ଦିନ କଲିକତାରେ ଶ୍ରୀଶ୍ରୀଠାକୁରଙ୍କ ସ୍ଥୂଳଦେହର ମହାସମାଧି ଘଟିବାରୁ ସମ୍ମିଳନୀର ଏହି ଅଧିବେଶନ ସେ ବର୍ଷ ପୁରୀରେ ଅନୁଷ୍ଠିତ ହୋଇପାରି ନ ଥିଲା । ତା ପରବର୍ଷ ଅନୁଷ୍ଠିତ ସମ୍ମିଳନୀରେ ଭକ୍ତମାନେ ପ୍ରତିକ୍ଷେତ୍ରରେ ଶ୍ରୀଶ୍ରୀଠାକୁରଙ୍କ କୃପା ଅନୁଭବ କରିଥିଲେ । ସେହି ସମୟର ଅଲୌକିକ ଘଟଣାରୁ (ରୌଦ୍ରତାପରେ ବିଗ୍ରହ ଘର୍ମାକ୍ତ ହେବା) ସମ୍ମିଳନୀରେ ଶ୍ରୀଶ୍ରୀଠାକୁରଙ୍କର ସୂକ୍ଷ୍ମ ଉପସ୍ଥିତି ଭକ୍ତମାନେ ହୃଦୟଙ୍ଗମ କରିଥିଲେ ।

ଶ୍ରୀଶ୍ରୀଠାକୁରଙ୍କୁ ଉତ୍କଳବାସୀଙ୍କ ନିକଟରେ ପରିଚିତ କରାଇବା ନିମିତ୍ତ ବନମାଳୀ ଦାଶ ଭାଇ ତତ୍କାଳୀନ ମାସିକ ପତ୍ରିକା 'ନବଭାରତ'ର ୧୩୪୩ ସାଲ ବୃଷ ସଂଖ୍ୟାରେ 'ସ୍ୱାମୀ ନିଗମାନନ୍ଦ ପରମହଂସ' ନାମ ଦେଇ ଏକ ସଂକ୍ଷିପ୍ତ ଜୀବନୀ ପ୍ରକାଶ କରିଥିଲେ । ଶ୍ରୀଶ୍ରୀଠାକୁରଙ୍କ ମହାସମାଧି ଗ୍ରହଣ ପରେ ତତ୍କାଳୀନ ଉତ୍କଳୀୟ ଭକ୍ତମାନଙ୍କ ମଧ୍ୟରୁ ସ୍ଥାୟୀ ଭାବରେ ପୁରୀରେ ବାସ କରୁଥିବା ଭକ୍ତମାନଙ୍କ ଛଡା ଅନ୍ୟମାନେ, କର୍ମଜୀବନରେ ବିଶେଷ କରି ଛାତ୍ରଭକ୍ତମାନେ ଶିକ୍ଷା ଶେଷ ହେବାପରେ ବିକ୍ଷିପ୍ତ ହୋଇ ପଡିଲେ । ଏହି ସମୟରେ ଭକ୍ତମାନେ କେବଳ ଶ୍ରୀଶ୍ରୀଠାକୁରଙ୍କର ଶୁଭ ଜନ୍ମତିଥିରେ ନୀଳାଚଳ କୁଟୀରରେ ସମବେତ ହୋଇ ଶ୍ରୀଶ୍ରୀଠାକୁରଙ୍କର ପୂଜା ଓ ସଂଘର ବାର୍ଷିକ ଅଧିବେଶନ କରୁଥିଲେ । ସଂଘରେ ସମସ୍ତେ ଏକତ୍ର ହୋଇ ପୂଜା କରିବା ସମ୍ଭବ ନଥିବାରୁ ଭକ୍ତମାନେ ନିଜ ନିଜ ଗୃହରେ ଶ୍ରୀଶ୍ରୀଠାକୁରଙ୍କର ଆସନ ରଖି ପୂଜା ଅର୍ଚ୍ଚନା କରୁଥିଲେ ଓ ପ୍ରତିବର୍ଷ ଡିସେମ୍ବର ମାସରେ ଅନୁଷ୍ଠିତ ସାର୍ବଭୌମ ଭକ୍ତ ସମ୍ମିଳନୀରେ କେତେଜଣ ଯୋଗଦେଇ ଆନନ୍ଦ ଲାଭ କରୁଥିଲେ ।

୧୯୪୨ ମସିହା ଏପ୍ରିଲ ମାସରେ ବନମାଳୀ ଦାଶ ଓ ଦୁର୍ଗାଚରଣ ମହାନ୍ତି ଭାଇଙ୍କ ପ୍ରଣୀତ ଶ୍ରୀଶ୍ରୀଠାକୁରଙ୍କ ପ୍ରଥମ ଓଡିଆ ଜୀବନୀ 'ଶ୍ରୀଶ୍ରୀଠାକୁର ନିଗମାନନ୍ଦ' ପାଠକ ଓ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇଥିଲା । ଏହି ପୁସ୍ତକ ପ୍ରକାଶିତ ହେବାପରେ ଓଡିଶାରେ ଶ୍ରୀଶ୍ରୀଠାକୁରଙ୍କର ଭକ୍ତସଂଖ୍ୟା ବର୍ଦ୍ଧିତ ହୋଇଥିଲା । ଏହି ପୁସ୍ତକ ପାଠକରି ବହୁବ୍ୟକ୍ତି ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ପରେ ସଂଘ ତରଫରୁ ଅନ୍ୟ କେତେକ ପୁସ୍ତକ ପ୍ରକାଶିତ ହୋଇ ଉତ୍କଳରେ ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ପ୍ରସାରରେ ସହାୟକ ହୋଇଥିଲା । ବର୍ତ୍ତମାନ 'ନୀଳାଚଳ ସାରସ୍ୱତ ସଂଘ' ଅନ୍ତର୍ଭୁକ୍ତ ସଂଘସେବୀଙ୍କ ସଂଖ୍ୟା ବହୁ ସହସ୍ରାଧିକ । ଭକ୍ତମାନଙ୍କ ନିଷ୍ଠା, ଆନ୍ତରିକତା,

ତ୍ୟାଗ ଓ ଉଦ୍ୟମ ଫଳରେ ଓଡିଶାର ବହୁସ୍ଥାନରେ ସଂଘ, ଆସନ ମନ୍ଦିର, ପାରିବାରିକ ଆସନ ଓ ଅନୁମୋଦିତ ପାଠଚକ୍ର ଗଢି ଉଠିଛି । ଓଡିଶା ବାହାରେ ପ୍ରବାସୀ ଭକ୍ତମାନେ ଦିଲ୍ଲୀ, କଲିକତା, ଜାମସେଦପୁରରେ ଶାଖା ସଂଘ ଗଠନ କରିଛନ୍ତି । ବର୍ତ୍ତମାନ ଆମେରିକାର ବିଭିନ୍ନ ସ୍ଥାନରେ ରହୁଥିବା ଭକ୍ତମାନେ କେନ୍ଦ୍ରାନୁମୋଦନ କ୍ରମେ 'ଆମେରିକା ସାରସ୍ୱତ ପାଠଚକ୍ର' ମାଧ୍ୟମରେ ମାସକୁ ଥରେ ଟେଲିଫୋନ ମାଧ୍ୟମରେ ପାଠଚକ୍ରରେ ଯୋଗଦେଉଛନ୍ତି । କେନ୍ଦ୍ରସ୍ତରରେ ମହିଳା ଭକ୍ତମାନଙ୍କୁ ନେଇ 'ନୀଳାଚଳ ସାରସ୍ୱତ ମହିଳା ସଂଘ' ଓ ବିଭିନ୍ନ ସ୍ଥାନରେ ଶାଖାସଂଘରେ ମହିଳା ସଂଘମାନ ଗଢି ଉଠିଛି । କେତେକ ଶାଖାସଂଘରେ ଆଦର୍ଶ କୁମାରୀ ଜୀବନଯାପନ ଓ ପରବର୍ତ୍ତୀ ବିବାହିତ ଜୀବନ ନିମନ୍ତେ ସଂଘସେବୀ ଭାଇ ଓ ମା'ମାନଙ୍କର କୁମାରୀ କନ୍ୟାମାନଙ୍କୁ ନେଇ 'କୁମାରୀ ସଂଘ' ଗଠନ କରାହୋଇଛି । ସଂଘ ମାଧ୍ୟମରେ ସଂହତି ବୃଦ୍ଧି ନିମିତ୍ତ ଜିଲ୍ଲାସଂଘ ଓ ଆଞ୍ଚଳିକ ସଂଘମାନ କାର୍ଯ୍ୟ କରୁଅଛି । ଶ୍ରୀଶ୍ରୀଠାକୁରଙ୍କ ନିଷେଧ ଅନୁଯାୟୀ ସଂଘ ତରଫରୁ ଓଡିଶାରେ ବା ଅନ୍ୟତ୍ର କୌଣସି ମଠ ବା ଆଶ୍ରମ ସ୍ଥାପନ କରାଯାଇନାହିଁ ।

'ନୀଳାଚଳ ସାରସ୍ୱତ ସଂଘ' ତରଫରୁ ବହୁ ପୁସ୍ତକ ଓ ଏକ ତ୍ରୈମାସିକ ପତ୍ରିକା 'ସଂଘସେବକ' ପ୍ରକାଶିତ ହୋଇ ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ସଂଘର ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଅବଦାନ ହେଉଛି - ପ୍ରତିବର୍ଷ 'ଉତ୍କଳର ପ୍ରାଦେଶିକ ଭକ୍ତ ସମ୍ମିଳନୀ' ର ଆୟୋଜନ କରିବା । ମାଘପୂର୍ଣ୍ଣିମା ସମୟରେ ତିନିଦିନ ଧରି ଓଡିଶାର ଏକ ପୂର୍ବନିର୍ଦ୍ଦିଷ୍ଟ ସ୍ଥାନରେ ଶ୍ରୀଶ୍ରୀଠାକୁରଙ୍କୁ ଯଥାବିଧି ଆବାହନ କରି ସହସ୍ରାଧିକ ଭକ୍ତମାନଙ୍କର ମିଳନ ଘଟାଇ 'ଆର୍ଦଶ ଗୃହସ୍ଥ ଜୀବନ ଗଠନ', 'ସଂଘ ଶକ୍ତିର ପ୍ରତିଷ୍ଠା' ଓ 'ଭାବ ବିନିମୟ' ସଂପର୍କରେ ଆଲୋଚନା କରାଯାଇଥାଏ । ଉତ୍କଳୀୟ ରୀତିରେ ଶ୍ରୀଶ୍ରୀଠାକୁରଙ୍କର ଆବାହନ, ଷୋଡଶ ଉପଚାରରେ ପୂଜା, ସ୍ତୋତ୍ରବନ୍ଦନା, ଭକ୍ତି ସଙ୍ଗୀତ ନିବେଦନ, ନାମଯଜ୍ଞ, ଅନ୍ତରଙ୍ଗ ସଭା, ଆନନ୍ଦସଭା, ମହିଳା ସଭା, ସାଧାରଣ ସଭା, ବିଦାୟ ସଭା ପ୍ରଭୃତି ଏହି ସମ୍ମିଳନୀର ବିଶେଷ ଆକର୍ଷଣୀୟ ଅଙ୍ଗ । ଏହି ସମ୍ମିଳନୀର ପ୍ରଥମ ଅଧିବେଶନ ଗଞ୍ଜାମ ଜିଲ୍ଲାର ଆଙ୍କୋଲିଠାରେ ୧୯୪୭ ମସିହାରେ ମାତ୍ର ୬୦ ଜଣ ଭକ୍ତଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ପରେ ଏହି ସମ୍ମିଳନୀ କ୍ରମଶଃ ବିରାଟ ରୂପରେ ବହୁଭକ୍ତଙ୍କ ସମାବେଶରେ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀର ସୁବର୍ଣ୍ଣ ଜୟନ୍ତୀ ଅଧିବେଶନ ୨୦୦୧ ମସିହାରେ ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି ।

ସତ୍‌ଶିକ୍ଷା ବିସ୍ତାର ଥିଲା ଶ୍ରୀଶ୍ରୀଠାକୁରଙ୍କର ସୁମହାନ ଇଚ୍ଛା । ସେଥିନିମିତ୍ତ ବୀରତୁଙ୍ଗ ଗ୍ରାମରେ 'ସାରସ୍ୱତ ବିଦ୍ୟାପୀଠ' ଓ ଭୁବନେଶ୍ୱରରେ 'ସତ୍‌ଶିକ୍ଷା ମନ୍ଦିର' ଓ 'ସାରସ୍ୱତ ପାଠାଗାର' ରହିଛି । ଶ୍ରୀଶ୍ରୀଠାକୁରଙ୍କ ବ୍ୟବହୃତ ଦ୍ରବ୍ୟାଦି ଓ ପୁରୀରେ ଶ୍ରୀଶ୍ରୀଠାକୁରଙ୍କର ନିଜସ୍ୱ ବାସଗୃହ 'ନୀଳାଚଳ କୁଟୀର'କୁ ସଂଘ ଦ୍ୱାରା ସଂରକ୍ଷଣ କରାଯାଇଛି । 'ନୀଳାଚଳ କୁଟୀର' ନିକଟରେ 'ସ୍ମୃତି ମନ୍ଦିର' ଏହି ସଂଘର ଅନ୍ୟତମ କୀର୍ତ୍ତି । ସମିତି ଆଇନ୍ ଅନୁଯାୟୀ ନୀଳାଚଳ ସାରସ୍ୱତ ସଂଘ ଏକ ରେଜିଷ୍ଟ୍ରିଭୁକ୍ତ ପ୍ରତିଷ୍ଠାନ । ଏହାର ରେଜିଷ୍ଟ୍ରେସନ୍ ନମ୍ବର ୭୩୯୧/୩୯୦ ଅଫ ୧୯୭୩/୭୪ । ସଂଘର ସୁପରିଚାଳନା ନିମିତ୍ତ ଏକ ୯ ଜଣିଆ ପରିଚାଳନା ମଣ୍ଡଳୀ ବିବିଧ ନୀତି ନିୟମ ପ୍ରଣୟନ ତଥା କାର୍ଯ୍ୟକ୍ରମ ସ୍ଥିର କରିଥାନ୍ତି । ପରିଚାଳନା ମଣ୍ଡଳୀଙ୍କୁ ସହାୟତା କରିବା ନିମିତ୍ତ ସଂଘର ସବୁ ଶାଖାସଂଘର ପ୍ରତିନିଧିଙ୍କୁ ନେଇ ଏକ ପରାମର୍ଶଦାତା ମଣ୍ଡଳୀ ରହିଛି । ପରିଚାଳନା ମଣ୍ଡଳୀର ସଭ୍ୟମାନଙ୍କ ମଧ୍ୟରୁ ନୀଳାଚଳ ସାରସ୍ୱତ ସଂଘର ସଭାପତି ଓ ପରିଚାଳକ ନିର୍ବାଚିତ ହୋଇଥାନ୍ତି । ସେ ନୀଳାଚଳ ସାରସ୍ୱତ ସଂଘର ସର୍ବୋଚ୍ଚ କର୍ମକର୍ତ୍ତା ଓ ପ୍ରଥମ ସେବକ ।

ଆତ୍ମଗଠନ, ଚିତ୍ତଶୁଦ୍ଧି, ସଂଯମ, ପ୍ରକୃତି ସଂଶୋଧନ, ନିୟମାନୁବର୍ତ୍ତିତା, ବ୍ୟକ୍ତିଗତ କ୍ରିୟା ଓ ସାଧନା ଇତ୍ୟାଦି ଆଧ୍ୟାତ୍ମିକ ଜୀବନର ମୌଳିକ ଦିଗପ୍ରତି ସଂଘରେ ବିଶେଷ ଦୃଷ୍ଟି ଦିଆଯାଏ । ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ଅନୁଯାୟୀ ଆଦର୍ଶ ଗୃହସ୍ଥ ଜୀବନ ଗଠନ ଓ ଶୃଙ୍ଖଳିତ ସେବାଭାବର ଅନୁଶୀଳନ ସଂଘ ମାଧ୍ୟମରେ ଭକ୍ତମାନେ ଶିକ୍ଷାଲାଭ କରନ୍ତି । ସଂଘର ପ୍ରତ୍ୟେକ ସଭ୍ୟ ଶ୍ରୀଶ୍ରୀଠାକୁରଙ୍କୁ ଏକମାତ୍ର ଗୁରୁ ଏବଂ ଇଷ୍ଟରୂପେ ବରଣ କରିଥାନ୍ତି ଓ ସେମାନେ ଶ୍ରୀଶ୍ରୀଠାକୁରଙ୍କ ପ୍ରଦତ୍ତ 'ଜୟଗୁରୁ' ସିଦ୍ଧମନ୍ତ୍ର ଗ୍ରହଣ କରି 'ନୀଳାଚଳ ସାରସ୍ୱତ ସଂଘ' ର ନିର୍ଦ୍ଦେଶରେ ପରିଚାଳିତ ହେବାପାଇଁ ସ୍ୱୀକୃତି ପ୍ରଦାନ କରିଥାଆନ୍ତି । ସଂଘର ପ୍ରତିଷ୍ଠାତା ଶ୍ରୀଶ୍ରୀଠାକୁର ନିଗମାନନ୍ଦ ଦେବ ହିଁ 'ନୀଳାଚଳ ସାରସ୍ୱତ ସଂଘ'ର ପ୍ରାଣ ଏବଂ ସଂଘସେବୀ ଭକ୍ତମାନଙ୍କର ଏକମାତ୍ର ଗୁରୁ, ଇଷ୍ଟ ଏବଂ ଉପାସ୍ୟଦେବତା । ଶ୍ରୀଶ୍ରୀଠାକୁରଙ୍କର ନିତ୍ୟ ବିଦ୍ୟମାନତାରେ ବିଶ୍ୱାସ ଏବଂ ତାଙ୍କର ଆଦେଶ ଉପଦେଶ ପାଳନ ପୂର୍ବକ ନିଜ ଗୃହରେ ଗୃହାସନ ସ୍ଥାପନ କରି ସଂଘ ନିର୍ଦ୍ଦେଶିତ ପଥରେ ଶ୍ରୀଶ୍ରୀଠାକୁରଙ୍କ ସେବାପୂଜା ସଂପାଦନ, ଆତ୍ମଗଠନ ଓ ଆତ୍ମୋନ୍ନତି ପ୍ରତ୍ୟେକ ସଂଘସେବୀ ଜୀବନର ଲକ୍ଷ୍ୟ ।

ଏ ବର୍ଷ କେନ୍ଦ୍ରସଂଘ କର୍ତ୍ତୃପକ୍ଷ ସବୁଭକ୍ତଙ୍କର ଆତ୍ମଗଠନ ନିମିତ୍ତ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସେଥିରେ ୪ଟି ବିଷୟ ରହିଛି-

(୧) ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟା ତ୍ୟାଗ,

(୨) ଗୃହାସନରେ ଦୁଇଓଳି ସେବାପୂଜା ଓ ସଂଘ ନିର୍ଦ୍ଧାରିତ ଦିନଚର୍ଯ୍ୟା ପାଳନ,

(୩) ସଂଘ ପ୍ରକାଶିତ ପୁସ୍ତକାବଳୀ ଓ ପତ୍ରପତ୍ରିକାର ନିୟମିତ ସ୍ୱାଧ୍ୟାୟ, ଓ
(୪) ପ୍ରତ୍ୟହ ଦିନଲିପି ପୂରଣ (ମୁଦ୍ରିତ ଦିନଲିପି କେନ୍ଦ୍ରରୁ ମିଳିପାରିବ) ।

ଏହା ସଂଘର ପରିଚୟପତ୍ରଧାରୀ ସବୁ ଭକ୍ତ ଭାଇ ଓ ମା' ମାନଙ୍କର ଅବଶ୍ୟ ପାଳନୀୟ କର୍ତ୍ତବ୍ୟ । ଆମର 'ଆମେରିକା ସାରସ୍ୱତ ପାଠଚକ୍ର'ର ସମସ୍ତ ସଭ୍ୟସଭ୍ୟାମାନେ କେନ୍ଦ୍ରର ଏହି ଆଦେଶ ପାଳନରେ ନିଷ୍ଠାର ସହ ବ୍ରତୀ ହେବେ ବୋଲି ଆଶା ।

ଖୁସିର କଥା, ଚଳିତ ନୂତନ ଏକବିଂଶ ଶତାବ୍ଦୀରେ ଆମର ଏହି ପ୍ରିୟ ସଂଘ ୨୦୦୯ ମସିହାରେ ୭୫ ବର୍ଷ ଓ ୨୦୩୪ ମସିହା ଝୁଲଣ ପୂର୍ଣ୍ଣିମାରେ ୧୦୦ ବର୍ଷ ଅତିକ୍ରମ କରିବ । ସଂଘର ଇତିହାସରେ ଏହି ଦୁଇଟି ଐତିହାସିକ ଘଟଣାକୁ ସ୍ମରଣୀୟ କରିବା ପାଇଁ ସଂଘର ଏହି ପ୍ଲାଟିନମ୍‌ଜୁବିଲୀ ଓ ଶତବାର୍ଷିକୀ ଉତ୍ସବ ପାଳନ ଆମେ ଏକ ସୁଚିନ୍ତିତ କାର୍ଯ୍ୟକ୍ରମ ସହ ଉପଯୁକ୍ତ ଭାବରେ ପାଳନ କରିବା ନିମିତ୍ତ ଏବେଠାରୁ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ ଲକ୍ଷ୍ୟ ରଖିବା ଏବଂ ପ୍ରସ୍ତୁତ ହେବା । ସଂଘର ଏହି ଦୁଇଟି ଐତିହାସିକ ଉତ୍ସବରେ ଅଂଶ ଗ୍ରହଣ ଆମ ସମସ୍ତଙ୍କ ପାଇଁ ମହାସୌଭାଗ୍ୟର କଥା ହେବ ।

ଆମେ ଶ୍ରୀଶ୍ରୀଠାକୁରଙ୍କ ପ୍ରତିଷ୍ଠିତ ଏହି ମହାନ୍ ଆଧ୍ୟାତ୍ମିକ ଅନୁଷ୍ଠାନ 'ନୀଳାଚଳ ସାରସ୍ୱତ ସଂଘ'ର ପରିଚୟ ପତ୍ରଧାରୀ ସଭ୍ୟସଭ୍ୟା ହେବାର ସୌଭାଗ୍ୟ ଲାଭ କରି ନିଜକୁ ଧନ୍ୟ ଓ ଗୌରବାନ୍ୱିତ ମନେ କରୁଛୁ । ଆମେ ଆମର ଅକୁଣ୍ଠିତ ସେବା, ସହାୟତା, ସଂଘପ୍ରୀତି ଓ ସଂଘପତି ଆନୁଗତ୍ୟ ବଳରେ ଆମର ପ୍ରିୟ ଅନୁଷ୍ଠାନ ଏହି 'ନୀଳାଚଳ ସାରସ୍ୱତ ସଂଘ' ର ଶ୍ରୀବୃଦ୍ଧି ଘଟାଇ ଏହାକୁ ଅଗ୍ରଗତି ପଥରେ ନେଇପାରିବା ଏବଂ ଓଡିଶା ତଥା ଭାରତର ଏହା ଏକ ଉଚ୍ଚଭାବମୂର୍ତ୍ତି ସଂପନ୍ନ ଅଗ୍ରଗାମୀ ଆଧ୍ୟାତ୍ମିକ ପ୍ରତିଷ୍ଠାନରେ ପରିଣତ କରିବାରେ ଆମେ ସମସ୍ତେ ମିଳିତ ଭାବରେ ସହାୟକ ହେଲେ ଶ୍ରୀଶ୍ରୀଠାକୁରଙ୍କର ଏହି ସଂଘପ୍ରତିଷ୍ଠାର ଉଦ୍ଦେଶ୍ୟ ପୂରଣ ହେବ । ଆମ ସମସ୍ତଙ୍କର ମିଳିତ ଉଦ୍ୟମରେ ନୀଳାଚଳ ସାରସ୍ୱତ ସଂଘର ଶ୍ରୀବୃଦ୍ଧି ଓ ଜୟଯାତ୍ରା ଅବ୍ୟାହତ ରହୁ, ଶ୍ରୀଶ୍ରୀଠାକୁରଙ୍କ ନିକଟରେ 'ଆମେରିକା ସାରସ୍ୱତ ପାଠଚକ୍ର'ର ସଭ୍ୟସଭ୍ୟାମାନଙ୍କର ବିନୀତ ପ୍ରାର୍ଥନା । ଜୟଗୁରୁ ।

ଶ୍ରୀ ବିଶ୍ୱଜିତ୍ ସୁନ୍ଦର ରାୟ

ଆଦର୍ଶ ଗୃହସ୍ଥ ଭାବରେ ନିଜକୁ ଗଠନ କରିବାକୁ ପଡିବ । ପୁତ୍ର କନ୍ୟାମାନେ ପ୍ରଥମରୁ ପିତାମାତାଙ୍କ ନିକଟରୁ ଆଦର୍ଶ ଶିକ୍ଷା କରନ୍ତି । ପରିବାର ମଧ୍ୟରେ ପୁତ୍ରକନ୍ୟାମାନଙ୍କୁ ଚରିତ୍ରଗଠନ, ସତ୍‌ଶିକ୍ଷା, ନିୟମାନୁବର୍ତ୍ତିତା ଇତ୍ୟାଦି ଶିକ୍ଷାଦେବାକୁ ହେବ । ପୁତ୍ରକନ୍ୟାମାନେ ସତ୍ ହେଲେ ସେମାନଙ୍କ ଦ୍ୱାରା ସଂସାରରେ ମନୋକଷ୍ଟର କାରଣ ରହିବ ନାହିଁ । ବିଦ୍ୟାଲାଭ ସମସ୍ତଙ୍କ ଭାଗ୍ୟରେ ଘଟେ ନାହିଁ, କିନ୍ତୁ ସମସ୍ତେ ଅନାୟସରେ ଚରିତ୍ର ଗଠନ କରିପାରିବେ । ସଂସାରରେ ଅଧିକାଂଶ ସ୍ଥଳରେ ପିତାମାତା ଅସତ୍ ଚରିତ୍ର ସନ୍ତାନଙ୍କ ନିମିତ୍ତ ଅଧିକ ଦୁଃଖକଷ୍ଟ ଭୋଗ କରନ୍ତି । ସୁଖୀ ହେବା ନିମିତ୍ତ ଧନର ପ୍ରୟୋଜନ ହୁଏ ନାହିଁ । ଦରିଦ୍ର ମଧ୍ୟ ସତ୍‌ଚରିତ୍ର ହେଲେ ସୁଖୀ ହୋଇଥାଏ । ଧନୀ ଯଦି ଚରିତ୍ରବାନ ହୋଇ ନ ଥିବ, ତେବେ ସେଥି ନିମିତ୍ତ ତାଙ୍କୁ ଅଶେଷ ଦୁଃଖ ଭୋଗ କରିବାକୁ ପଡିବ । ଦୁଃଖ ଓ ଅଶାନ୍ତି ଆମରି ସୃଷ୍ଟି ।

-- ଶ୍ରୀଶ୍ରୀଠାକୁର

# ଆମେରିକା ସାରସ୍ୱତ ପାଠଚକ୍ରର ଇତିବୃତ୍ତି

ଯୁକ୍ତରାଷ୍ଟ୍ର ଆମେରିକା ବିଶ୍ୱର ସବୁଠାରୁ ସମୃଦ୍ଧିଶାଳୀ ଦେଶ । ପାର୍ଥୀବ ଉନ୍ନତି ସହିତ ଆଧ୍ୟମ୍ରିକ ଉନ୍ନତି ତାଳଦେଇ ଯାଇପାରି ନ ଥିଲେ ମଧ୍ୟ ସଂପୁର୍ଣ୍ଣ ଭାବେ ପଛରେ ପଡିଯାଇନାହିଁ । ଅଧିକାଂଶ ଜନସମାଜ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ହେଲେ ମଧ୍ୟ ଏ ଦେଶରେ ବିଶ୍ୱର ପ୍ରାୟ ପ୍ରତ୍ୟେକ ଧର୍ମର ବିକାଶ ଘଟିଛି । ହିନ୍ଦୁଧର୍ମର ପ୍ରତିନିଧି ଭାବେ ସ୍ୱାମୀ ବିବେକାନନ୍ଦଙ୍କର ଐତିହାସିକ ଭାଷଣ ପରେ ସ୍ୱାମୀ ରାମତୀର୍ଥ, ସ୍ୱାମୀ ଯୋଗାନନ୍ଦ, ପ୍ରଭୁପାଦ ପ୍ରଭୃତି ମହାତ୍ମାମାନେ ଏ ଦେଶରେ ହିନ୍ଦୁଧର୍ମର ପ୍ରଚାର କରିଛନ୍ତି । ବର୍ତ୍ତମାନ ପ୍ରାୟ ବଡ ସହରରେ ବିଭିନ୍ନ ଦେବଦେବୀଙ୍କର ମନ୍ଦିର ଦେଖିବାକୁ ମିଳେ । ହିନ୍ଦୁଧର୍ମୋଚିତ ଯୋଗଶାସ୍ତ୍ର ଆମେରିକା ବସବାସୀମାନଙ୍କ ମଧ୍ୟରେ ସମାଦୃତ ହୋଇପାରିଛି । ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରୀତ ଶିଷ୍ୟଭକ୍ତମାନେ ଏଠାରେ ବହୁଦିନଧରି ବସବାସ କରୁଥିଲେ ମଧ୍ୟ ଗତ ବର୍ଷ ଅଗଷ୍ଟମାସ ଠାରୁ ସଂଘବଦ୍ଧ ଭାବରେ ତାଙ୍କର ସେବାପୂଜା ଓ ଶାସ୍ତ୍ରପାଠ କରିଆସୁଛନ୍ତି । ତାଙ୍କରି କୃପାରୁ ଆମେରିକାରେ ଏ ପାଠଚକ୍ରର ଅୟମାରମ୍ଭର ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

୧୯୯୮ ବର୍ଷ ମାର୍ଚ୍ଚ କି ଏପ୍ରିଲ୍ ମାସ ହେବ । ଆମେ ନୂଆ କରି ସାଭେଜ୍‌ସ୍ଥିତ ବାସଭବନରେ ରହିବା ଆରମ୍ଭ କରିଥାଉ । ଦିନେ ସକାଳ ବେଳା ଗୋଟିଏ ଫୋନ୍ ଆସିଲା । ଫୋନ୍‌ର ଆର ପାର୍ଶ୍ୱରେ ଥିଲେ ଭୁବନେଶ୍ୱରର କାଞ୍ଚନ ମା' । ସେ ତାଙ୍କର ଝିଅ ପାଖରେ କିଛି ଦିନ ରହିବାପାଇଁ ଆସିଥାନ୍ତି । କେନ୍ଦ୍ରରୁ ଆମର ଫୋନ୍ ଓ ଠିକଣା ଆଣି ଯୋଗାଯୋଗ କରିବାପାଇଁ ଚେଷ୍ଟା କରୁଥିଲେ । ସେ ଆମେରିକା ଆସିବାବେଳେ ଅନାଥ ଭାଇ କହିଥିଲେ, 'ଆମେରିକା ଯାଉଛ, ଠାକୁରଙ୍କ କିଛି କାମ କରିବ' । ମା'ଙ୍କ ପାଖରେ ଥାଏ କେତେ ଜଣ ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରୀତ ଭାଇ ଓ ମା'ମାନଙ୍କ ଆମେରିକାରେ ରହୁଥିବା ପିଲାମାନଙ୍କ ଠିକଣା । ତାଙ୍କର ଉଦ୍ଦେଶ୍ୟ, ଶ୍ରୀଶ୍ରୀଠାକୁରଙ୍କ ଆମେରିକାରେ ପୂଜା ଅର୍ଚ୍ଚନା କରିବା । ଆମେରିକାରେ ଶ୍ରୀଶ୍ରୀଠାକୁରଙ୍କ ଶିଷ୍ୟ ଭକ୍ତମାନେ ସମ୍ମିଳିତ ହେବେ ଓ ତାଙ୍କ ବିଷୟରେ ଆଲୋଚନା କରିବେ । ମୁଁ ଦୁଇ ତିନିଜଣଙ୍କୁ ଜାଣିଥାଏ । ସେମାନେ ବିଭିନ୍ନ ଦୂର ଦୂର ସହରମାନଙ୍କରେ ରହୁଥାନ୍ତି । ଆହୁରି ବି କେତେ ଭକ୍ତ ଥିବେ । ଏ ଧାରଣା ଆମର ନଥିଲା । ତାଙ୍କର ଶିଷ୍ୟ ଭକ୍ତମାନେ ଆମେରିକାରେ ସଂଘବଦ୍ଧ ହୋଇ ସେବା ପୂଜା ଓ ଶାସ୍ତ୍ରପାଠ କରିବେ, ତାହା ଆମର କଳ୍ପନାର ବାହାରେ ଥିଲା । ଯାହାହେଉ, କାଞ୍ଚନ ମା'ଙ୍କ ମାଧ୍ୟମରେ ଶ୍ରୀଶ୍ରୀ ଠାକୁର ଆମ ମନରେ ଏକ ଭାବନା ଜାଗ୍ରତ କରିଦେଲେ । ମା'ଙ୍କର ଚେଷ୍ଟା ସତ୍ତ୍ୱେ ଶ୍ରୀଶ୍ରୀଠାକୁରଙ୍କ ପୂଜା ସେ ବର୍ଷ ସମ୍ଭବ ହେଲା ନାହିଁ । ଜଣେ ଦୁଇ ଜଣଙ୍କ ଛଡା କାହାର ଆଗ୍ରହ ନ ଥିଲା । ଶ୍ରୀଶ୍ରୀ ଠାକୁରଙ୍କ ଶିଷ୍ୟ ଭକ୍ତମାନଙ୍କ ସଙ୍ଗସୁଖ ଲାଭର ସୌଭାଗ୍ୟ ତ ଆମର କେବେ ହୁଏ ନାହିଁ । ତେଣୁ କାଞ୍ଚନ ମା'ଙ୍କୁ ଆମେ ଘରକୁ ଆସିବା ପାଇଁ ନିମନ୍ତ୍ରଣ କରିଥିଲୁ । କାନସସ୍‌ରୁ ଆମ ଘର ପ୍ରାୟ ସାତ ଘଣ୍ଟାର ରାସ୍ତା । ଝିଅ ଓ ଜ୍ୱାଇଁଙ୍କ ସହ ମା' ଏପ୍ରିଲ୍ ମାସର ଗୋଟିଏ ଶନିବାର ଦିନ ଆମ ଘରେ ପହଞ୍ଚିଲେ । ତା ପରଦିନ ରାମ ନବମୀ ଥିଲା । ଆମେ ସକାଳୁ ଶ୍ରୀଶ୍ରୀ ଠାକୁରଙ୍କ ପୂଜା ଅର୍ଚ୍ଚନା, ସ୍ତୋତ୍ରବନ୍ଦନା ଓ ଶାସ୍ତ୍ରପାଠ କରିଥିଲୁ । କାଞ୍ଚନ ମା' ଏ ବିଷୟରେ ୧୯୯୯ ମସିହା ସ୍ୱାଗତିକାରେ ଲେଖିଥିଲେ । ଯେହେତୁ ଆମେ ତିନିଜଣ ପରିଚୟ ପତ୍ର ଧାରି ସଂଘସେବୀ ଏକତ୍ରିତ ହୋଇ ଶ୍ରୀଶ୍ରୀ ଠାକୁରଙ୍କ ସେବା ପୂଜାଦି କରିଥିଲୁ, ତାଙ୍କ ମତରେ ଏହା ଆମେରିକାରେ ଶ୍ରୀଶ୍ରୀ ଠାକୁରଙ୍କର ପ୍ରଥମ ସଂଘପୂଜା ।

ସେହି ବର୍ଷ ଡିସେମ୍ବର ମାସରେ ଆମେ ଭାରତ ଯାଇଥାଉ । ପୂର୍ବରୁ plan ଅନୁସାରେ ଆମର ପୁରୀରେ ଜାନୁୟାରି ୨ ତାରିଖ ଦିନ ରାତିରେ ପହଞ୍ଚିବାର ଥିଲା । ତା ପରଦିନ ସକାଳୁ ସ୍ମୃତିମନ୍ଦିର ଓ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କୁ ପ୍ରଣାମ କରି, ଶ୍ରୀମନ୍ଦିରରେ ଜଗନ୍ନାଥଙ୍କୁ ଦର୍ଶନ କରି ଭୁବନେଶ୍ୱର ଫେରି ଆସିଥାନ୍ତୁ । ପୁରୀ ଯିବା ପୂର୍ବରୁ ଭୁବନେଶ୍ୱରରେ ପହଞ୍ଚି ଜାଣିବାକୁ ପାଇଲୁ ଯେ, ଜାନୁୟାରୀ ୩ ତାରିଖ ଦିନ ଶ୍ରୀଶ୍ରୀଠାକୁର ପୁରୀରୁ ସେ ବର୍ଷ ବ୍ରହ୍ମପୁରରେ ହେଉଥିବା ସମ୍ମିଳନୀ କ୍ଷେତ୍ରକୁ ଯିବାପାଇଁ ବାହାରିବେ । ଆମର କି ସୌଭାଗ୍ୟ । ଭକ୍ତମାନଙ୍କ ମେଳରେ ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ ହେବ । ଶ୍ରୀଶ୍ରୀଠାକୁର ସ୍ମୃତିମନ୍ଦିରରୁ ବାହାରିବା ପୂର୍ବରୁ ପ୍ରସାଦ ସେବନ ପରେ ଅନାଥ ଭାଇଙ୍କ ସାଙ୍ଗରେ ଦେଖାହେଲା । ଜୟଗୁରୁ ସମ୍ଭାଷଣ ପରେ ପରିଚୟ ଦେଇ ଆମେରିକାରେ ଶ୍ରୀଶ୍ରୀ ଠାକୁରଙ୍କ ସଂଘ କିପରି ଗଢାଯିବ ସେ ବିଷୟରେ ପଚାରିଲି । ସେ କହିଲେ, ପାଖ ଆଖରେ ତିନିଜଣ ଭକ୍ତ ହେଲେ ପାଠଚକ୍ର ଆରମ୍ଭ କର । ପାଞ୍ଚଜଣ ହେଲେ ସଂଘ ପାଇଁ ଅନୁମତି ମାଗିବ । ପାଞ୍ଚଜଣ ହେଲେ, ଯଦି ଜଣେ ଦୁଇ ଜଣ ସେଠୁ ଚାଲିଯାନ୍ତି, ତେବେ ବି ସଂଘ ଚାଲିପାରିବ । ଭାବିଲି ଦୁଇ ତିନିଜଣଙ୍କୁ ତ ଜାଣିଛି, ସେମାନେ ବି ସମସ୍ତେ ପାଖରେ ନାହାଁନ୍ତି, ଠାକୁରଙ୍କ ଯାହା ଇଚ୍ଛା ।

ତାପର ବର୍ଷ, ୨୦୦୦ ମସିହା ମାର୍ଚ୍ଚ ମାସରେ ନନା ଓ ବୋଉ (ରାଉରକେଲା ସଂଘର ଦୋଳ ଭାଇ ଓ ମାଳତୀ ମା') ଆମେରିକା ଆସିଥିଲେ । ସେ ବର୍ଷ ଦୋଳ ପୂର୍ଣ୍ଣିମା ଦିନ, କେନ୍ଦ୍ରରୁ ଅନୁମତି ଆଣି, ଆମେ ଗୃହାସନ ପ୍ରତିଷ୍ଠା କଲୁ । ଆମେରିକାରେ ସଂଘ

କଥା ପଡିଲେ ନନା କହୁଥିଲେ, ତୁମେ ଖାଲି ଠାକୁରଙ୍କୁ ଜଣାଅ । ତାଙ୍କର ଲୋକ ଅଛନ୍ତି, ଆସିବେ । ତୁମେ ତାଙ୍କ ପାଇଁ କ୍ଷେତ୍ର ପ୍ରସ୍ତୁତ କର । ଗୃହାସନ ପ୍ରତିଷ୍ଠା ପୂର୍ବରୁ ଆମେ ଶ୍ରୀଶ୍ରୀ ଠାକୁରଙ୍କ ଆସନ ରଖି ସକାଳ ସନ୍ଧ୍ୟାରେ ଖାଲି ସ୍ତୋତ୍ରବନ୍ଦନା କରୁଥିଲୁ । ତାହା ବି ନିୟମିତ ଭାବରେ ହୋଇପାରୁ ନଥିଲା । ଠାକୁରଙ୍କୁ ଜଣାଇଲେ କଣ ହେବ ? କ୍ଷେତ୍ର ତ ପ୍ରସ୍ତୁତ ହୋଇନାହିଁ । ଗୃହାସନ ପ୍ରତିଷ୍ଠା ପରେ ଆମେ ନିୟମିତ ପୂଜା ଅର୍ଚ୍ଚନାଦି ଆରମ୍ଭ କଲୁ ।

୨୦୦୧ ମସିହା ଜୁଲାଇ ମାସରେ ନନା ଓ ବୋଉ ପୁଣି ଥରେ ଆମେରିକା ଆସିଲେ । ଜୁଲାଇ ମାସରେ ସିକାଗୋରେ ଆମେରିକାରେ ରହୁଥିବା ଓଡିଆମାନଙ୍କର ସମ୍ମିଳନୀ (OSA)କୁ ଆମେ ସବୁ ଯାଇଥିଲୁ । ସମ୍ମିଳନୀର ପ୍ରଥମ ଦିବସରେ ISKCON ତରଫରୁ ରଥଯାତ୍ରା ହେଉଥିଲା । ସେଠି ପୃଥ୍ୱୀରାଜ ସାହୁ ଭାଇ ଓ ତାଙ୍କ ଭଉଣୀ ପଦ୍ମଗନ୍ଧା ସାହୁ ମା'ଙ୍କ ସାଙ୍ଗରେ ଦେଖା ହେଲା । ମୁଁ ତାଙ୍କୁ ଜାଣି ନଥିଲି । ସେ ରାଉରକେଲାରେ ପଢିବା ବେଳେ ରାଉରକେଲା ସଂଘର ସେବକ ସଂଘରେ ଯୋଗଦାନ କରୁଥିଲେ । ନନା ସେବକ ସଂଘ ପରିଚାଳନା କରନ୍ତି । ସେଠୁ ତାଙ୍କର ପରିଚୟ ହୋଇଥିଲା । ଆମେରିକାରେ କିପରି ଶ୍ରୀଶ୍ରୀ ଠାକୁରଙ୍କର ସଂଘ ପୂଜା କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ଆମର ସମସ୍ୟା ହେଲା ଯେ ଆମେ କେହି ଗୋଟିଏ ସହରରେ ରହୁନାହୁଁ । ବର୍ଷକୁ ଥରେ ମାତ୍ର ଏକଯୁଟ ହୋଇ ପାରିବୁ । ସବୁ ସପ୍ତାହରେ ସଂଘ ପୂଜା କେମିତି ହେବ ? OSAର ତିନିଦିନ ଧରି ହେଉଥିବା ସମ୍ମିଳନୀକୁ ଦେଖି ନନା କହିଲେ, ତୁମେମାନେ ମଧ୍ୟ ଏହିପରି ବାର୍ଷିକ ସମ୍ମିଳନୀ କରିପାରିବ । ଶ୍ରୀଶ୍ରୀ ଠାକୁରଙ୍କୁ ଆକୁଳତାର ସହିତ ପ୍ରାର୍ଥନା କର । ତାଙ୍କ ଉପରେ ନିର୍ଭର କର । ସେ ନିଶ୍ଚୟ ଏସବୁ ସମ୍ଭବ କରିଦେବେ ।

ଆମେ ସିକାଗୋରୁ ଘରକୁ ଫେରିବାର ଗୋଟିଏ ସପ୍ତାହ ପରେ, ବ୍ରଜେନ୍ଦ୍ର ପଣ୍ଡା ଭାଇଙ୍କ ସାଙ୍ଗରେ ଦେଖାହେଲା । ମୁଁ ବ୍ରଜଭାଇଙ୍କୁ ୧୯୯୧ ମସିହାରୁ ଜାଣିଥାଏ । ସେ ଯେ ଶ୍ରୀଶ୍ରୀଠାକୁରଙ୍କ ଆଶ୍ରିତ, ଏହା ଜାଣିବାକୁ ପାଇଲି ବାରିପଦା ସମ୍ମିଳନୀର ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ପରେ । ସେ ଓ ତାଙ୍କର ଆଉ କେତେଜଣ ସାଙ୍ଗ ମିଶି relief ପାଇଁ କିଛି ଟଙ୍କା ଆଦାୟ କରି ସତ୍‌ଶିକ୍ଷା କେନ୍ଦ୍ରକୁ ପଠାଇଥିଲେ । ଶ୍ରୀଶ୍ରୀଠାକୁରଙ୍କ କଥା ପଡିବାରୁ ସେ କହିଲେ, ଶ୍ରୀଶ୍ରୀ ଠାକୁରଙ୍କର ଗୋଟିଏ web site ନିର୍ମାଣ କରାଯାଇଛି । ତାଙ୍କ ଠାରୁ web site address ଆଣି ସେଠୁ ଅମରେଶ ତ୍ରିପାଠୀ ଭାଇଙ୍କ email address ପାଇଲି । ତାଙ୍କ ସାଙ୍ଗରେ ଯୋଗାଯୋଗ ହେଲା ପରେ ଜାଣିବାକୁ ପାଇଲି ଯେ, ସେମାନେ କେତେଜଣ email ଜରିଆରେ web site ବିଷୟ ନେଇ ଆଲୋଚନା କରୁଛନ୍ତି । ମୁଁ ମଧ୍ୟ ସେମାନଙ୍କର ଆଲୋଚନାରେ ଯୋଗଦେଲି । ଏହି ଆଲୋଚନା ମାଧ୍ୟମରେ ମୋର ରବି ନାରାୟଣ ତ୍ରିପାଠୀ ଭାଇ ଓ ବିଶ୍ୱଜିତ୍ ସୁନ୍ଦର ରାୟ ଭାଇଙ୍କ ସହିତ ପରିଚୟ ହେଲା । ସେମାନେ ସେହି ୧୯୯୮ ମସିହା ଠାରୁ phone ରେ ଶ୍ରୀଶ୍ରୀ ଠାକୁରଙ୍କ ବିଷୟରେ ଆଲୋଚନା କରୁଥିଲେ । ୧୯୯୯ ମସିହାରେ ରବି ଭାଇ ଶ୍ରୀଶ୍ରୀ ଠାକୁରଙ୍କ ଉଦ୍ଦେଶ୍ୟରେ web site www.nigamananda.org ରେଜିଷ୍ଟ୍ରେସନ୍ କରିଥିଲେ । ଅମରେଶ ଭାଇଙ୍କ ଠାରୁ www.jayaguru.org ବିଷୟରେ ଜାଣିବା ପରେ ସେ ଦୁଇ web site କୁ link କରିଦେଇଥିଲେ । ୨୦୦୧ ମସିହା ଜୁଲାଇ ୩୧ ମଂଗଳବାର ଦିନ ରାତିରେ phone ରେ ରବି ଭାଇ ଓ ବିଶ୍ୱଜିତ୍ ଭାଇ ଶ୍ରୀଶ୍ରୀ ଠାକୁରଙ୍କ ବିଷୟରେ କଥା ହେଉଥିଲେ । ସେମାନେ ବିଚାର କଲେ, ଭୌଗଳିକ ଦୂରତା ଦୃଷ୍ଟିରୁ ଏକାଠି ସଂଘପୂଜା ସିନା ସମ୍ଭବ ହେଉନି, କିନ୍ତୁ phone ମାଧ୍ୟମରେ conference call କଲେ ସବୁ ଗୁରୁଭାଇ ମିଶି ଶ୍ରୀଶ୍ରୀ ଠାକୁରଙ୍କ ବିଷୟରେ ଆଲୋଚନା କରିପାରିବେ । ଏହାକୁ ଭବିଷ୍ୟତରେ ପାଠଚକ୍ର କହିହେବ । ଶ୍ରୀଶ୍ରୀ ଠାକୁରଙ୍କର ଶୁଭ ଜନ୍ମୋତ୍ସବ ଆଉ ୩ ଦିନ ପରେ ଅର୍ଥାତ୍ ଅଗଷ୍ଟ ମାସ ୪ ତାରିଖ ଶନିବାର ଦିନ ପଡୁଥିଲା । ରବି ଭାଇ ଓ ବିଶ୍ୱଜିତ୍ ଭାଇ ସେଦିନ ଶ୍ରୀଶ୍ରୀ ଠାକୁରଙ୍କର ଆମେରିକାରେ ଆଲୋଚନା ଚକ୍ର ଅନୁଷ୍ଠାନ କରିବା ପାଇଁ ସ୍ଥିର କଲେ । ରବି ଭାଇ ଏହି conference call ପାଇଁ ସବୁ ବନ୍ଦୋବସ୍ତ କରି ଅଗଷ୍ଟ ୨ ତାରିଖ ଦିନ ସମସ୍ତଙ୍କୁ email ମାଧ୍ୟମରେ ଜଣାଇଥିଲେ । ମୁଁ ବ୍ରଜ ଭାଇ, ପୃଥ୍ୱୀରାଜ ଭାଇ ଓ ଶିବାନୀ ମା'ଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲି । ଶିବାନୀ ମା' ଅଞ୍ଜନା ମା' ଙ୍କୁ ଜଣାଇଲେ । ବିଶ୍ୱଜିତ୍ ଭାଇ 'ବନ୍ଦଇ ଗୁରୁଚରଣ' ପ୍ରାର୍ଥନା ଲେଖି email କରିଥିଲେ । ପୃଥ୍ୱୀରାଜ ଭାଇ ମୋର ଫୋନ message ଠିକ୍ ସମୟରେ ପାଇ ନ ପାରିବାରୁ ଯୋଗ ଦେଇପାରି ନ ଥିଲେ । ଶ୍ରୀଶ୍ରୀ ଠାକୁରଙ୍କ କୃପାରୁ ତାଙ୍କର ପବିତ୍ର ଜନ୍ମୋତ୍ସବରେ ଅମେରିକାରେ ତାଙ୍କର ପ୍ରଥମ ପାଠଚକ୍ର ଅନୁଷ୍ଠିତ ହେଲା । ରବି ଭାଇଙ୍କର ସେହିଦିନ ପ୍ରଥମ ପାଳି ଥିଲା । ଆମେ ସାତଟି ପରିବାର ଅମରେଶ ତ୍ରିପାଠୀ ଭାଇ (Chicago), ବିଶ୍ୱଜିତ୍ ସୁନ୍ଦର ରାୟ ଭାଇ ଓ ସ୍ମିତା ମା' (Connecticut), ବ୍ରଜେନ୍ଦ୍ର ପଣ୍ଡା ଭାଇ ଓ ରଶ୍ମିରେଖା ମା' (Arkansas), ଜ୍ଞାନ ଦ୍ୱିବେଦୀ ଭାଇ, ଶିବାନୀ ମା', ଦୋଳଗୋବିନ୍ଦ ଦ୍ୱିବେଦୀ ଭାଇ ଓ ମାଳତୀ ମା' (Minnesota), ରବି ନାରାୟଣ ତ୍ରିପାଠୀ ଭାଇ ଓ ଗୀତା ମା' (Boston), ଶିବାନୀ ମହାନ୍ତି ମା' (Texas), ଅଞ୍ଜନା ଅରୁଜ ମା' (Texas) ଯୋଗଦାନ କରିଥିଲୁ । 'ଜୟଗୁରୁ' ପ୍ରେମ ସମ୍ଭାଷଣ ପରେ ସମସ୍ତେ 'ବନ୍ଦଇ ଗୁରୁଚରଣ' ଗାନ କରିଥିଲେ । ସବୁ ଭାଇ ଓ ମା' ମାନେ ଭାବବିନିମୟ ଜରିଆରେ ନିଜର ପରିଚୟ ପ୍ରଦାନ କରିଥିଲେ ଓ ଶ୍ରୀଶ୍ରୀଠାକୁରଙ୍କୁ ନେଇ କିପରି ଚଳୁଛନ୍ତି ତାହା କହିଥିଲେ । ପ୍ରାୟ ୩୦ ମିନିଟ୍‌ର ଏହି ପାଠଚକ୍ର ଆମେରିକାରେ ଶ୍ରୀଶ୍ରୀ ଠାକୁରଙ୍କର ଶିଷ୍ୟଭକ୍ତମାନଙ୍କୁ ସଂଘବଦ୍ଧ କରିଥିଲା । ପାଠଚକ୍ର ସରିବାପରେ ଆମେମାନେ କିପରି ନିୟମିତ ଭାବରେ ଏକତ୍ରିତ ହୋଇ କିପରି

ଶ୍ରୀଶ୍ରୀ ଠାକୁରଙ୍କ ପୂଜା ଆରାଧନା ଓ ଶାସ୍ତ୍ରପାଠ କରିପାରିବୁ ସେ ବିଷୟରେ ଆଲୋଚନା କରିଥିଲୁ । ତିନି ସପ୍ତାହ ପରେ ସ୍ଥିର ହେଲା ଯେ, ଆମେମାନେ ମାସକୁ ଥରେ ପ୍ରଥମ ରବିବାର ଦିନ ଏକ ଘଣ୍ଟାପାଇଁ ଫୋନ୍ ମାଧ୍ୟମରେ ଏକତ୍ରିତ ହେବୁ । ସେହି ସେପ୍ଟେମ୍ବର୍ ମାସରୁ ଆମର ନିୟମିତ ମାସିକିଆ ପାଠଚକ୍ର ଆରମ୍ଭ ହୋଇଛି । ୨୦୦୧ ମସିହା ଡିସେମ୍ବର ମାସ ୧୫ ତାରିଖ ଦିନ ବିଧିବଦ୍ଧ ଭାବରେ ନୀଳାଚଳ ସାରସ୍ୱତ ସଂଘରୁ ଅନୁମତି ଆଣିଲୁ । ନୀଳାଚଳ ସାରସ୍ୱତ ସଂଘର ସଭାପତି ଓ ପରିଚାଳକ ଶ୍ୟାମ ଭାଇ ଅନୁମତି ପ୍ରଦାନ କରି ଏହି ପାଠଚକ୍ରର ନାମ 'ଆମେରିକା ସାରସ୍ୱତ ପାଠଚକ୍ର' ରଖିଛନ୍ତି । ଶ୍ରୀଶ୍ରୀ ଠାକୁରଙ୍କ ପବିତ୍ର ଜନ୍ମୋତ୍ସବ ଦିନ ଆରମ୍ଭ ହୋଇଥିବା ଏହି ପାଠଚକ୍ର ସାତଟି ପରିବାରରୁ ଆରମ୍ଭ ହୋଇ ବର୍ତ୍ତମାନ ଉଣେଇଶରେ ପରିଣତ ହେବା ତାଙ୍କର ଆମ ପ୍ରତି ଅପାର କରୁଣାର ନିଦର୍ଶନ ।

ଏକ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ପାଠଚକ୍ରରେ ପ୍ରାୟ ପ୍ରତ୍ୟେକ ମାସରେ କେହି ନା କେହି ଭକ୍ତ ନୂଆ କରି ଯୋଗ ଦେଉଛନ୍ତି । ସେପ୍ଟେମ୍ବର୍‌ରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟସୂଚୀରେ ମଧ୍ୟ ଅନେକ ପରିବର୍ତ୍ତନ କରାଯାଇଛି । ପ୍ରତ୍ୟେକ ପାଠଚକ୍ର ସମାପ୍ତି ପରେ ଆସନ୍ତା ପାଠଚକ୍ରର ଆୟୋଜନ ଆରମ୍ଭ ହୁଏ । ସବୁ ଭାଇ ଓ ମା'ମାନଙ୍କ ଉପସ୍ଥିତିରେ ଆସନ୍ତା ପାଠଚକ୍ରର କାର୍ଯ୍ୟସୂଚୀ ପ୍ରସ୍ତୁତି କରାଯାଏ । ଏହି ପାଠଚକ୍ର **telephone** ମାଧ୍ୟମରେ ହେଉଥିବାରୁ ଶାସ୍ତ୍ରପାଠ ଓ ସଙ୍ଗୀତ ସେବା କୌଣସି ଜଣେ ଦୁଇଜଣ ଭାଇ ଓ ମା'ମାନଙ୍କ ମଧ୍ୟରେ ସୀମିତ ନ ରଖି ସବୁ ଭାଇ ଓ ମା'ମାନଙ୍କୁ ଯଥାସାଧ୍ୟ ସୁଯୋଗ ଦିଆଯିବା ପାଇଁ ଚେଷ୍ଟା କରା ଯାଇଥାଏ । ଆସନ୍ତା ପାଠଚକ୍ରର ପ୍ରାୟ ଏକ ସପ୍ତାହ ପୂର୍ବରୁ ପାଳିଆ ଭାଇ କିମ୍ବା ମା' କାର୍ଯ୍ୟସୂଚୀକୁ **email** ମାଧ୍ୟମରେ ସମସ୍ତ ଭକ୍ତମାନଙ୍କ ପାଖକୁ ପଠାଇ ଦିଅନ୍ତି । ପାଠଚକ୍ର ପୂର୍ବଦିନ ସନ୍ଧ୍ୟାପୂଜା ପରେ ସବୁ ଭାଇ ଓ ମା'ମାନେ ଶ୍ରୀଶ୍ରୀ ଠାକୁରଙ୍କୁ କାର୍ଯ୍ୟସୂଚୀ ପ୍ରଦାନ କରିଥାନ୍ତି । ପାଠଚକ୍ରଦିନ ନିର୍ଦ୍ଦିଷ୍ଟ ସମୟରେ ସବୁ ଭାଇ ଓ ମା'ମାନେ **telephone** ମାଧ୍ୟମରେ ଯୋଗାଯୋଗ ସ୍ଥାପନ କରି ଜୟଗୁରୁ ପ୍ରେମ ସମ୍ଭାଷଣ କରିଥାନ୍ତି । ଗୃହାସନ ପରଦା ଉନ୍ମୋଚନ ପରେ ଗୁରୁ ବନ୍ଦନା ଗାନ କରାଯାଏ । ତାପରେ ପରିଚୟ ପାଠ କରାଯାଇ ଗୁରୁଗୀତାରୁ ଗୋଟିଏ ଶ୍ଳୋକ ପାଠ କରାଯାଏ । ଗୁରୁଗୀତା ପାଠ ପରେ ଶ୍ରୀଶ୍ରୀ ଠାକୁରଙ୍କର ଇଂରାଜୀ ଜୀବନୀ ପାଠ କରାଯାଏ । ଏହାପରେ ପ୍ରାର୍ଥନା ସଙ୍ଗୀତ ଗାନ କରାଯାଇ ନିଗମ ଉପଦେଶ ପାଠ କରାଯାଏ । ଉପଦେଶ ପାଠପରେ ଦ୍ୱିତୀୟ ପ୍ରାର୍ଥନା ସଙ୍ଗୀତ ଗାନ କରାଯାଇ ନୀଳାଚଳ ବାଣୀ ପାଠ କରାଯାଏ । ନୀଳାଚଳ ବାଣୀ ପାଠର ସମାପ୍ତି ପରେ ପୂର୍ବ ନିର୍ଦ୍ଧାରିତ କେହିଜଣେ ଭକ୍ତ ଅଭିମତ ଓ ଅନୁଭୂତି ପ୍ରଦାନ କରିଥାନ୍ତି । ଆସନ୍ତା ପୂଜାପାଇଁ ନିମନ୍ତ୍ରଣ ପରେ ପାଳିଆ ଭାଇ କିମ୍ବା ମା' ତ୍ରୁଟିବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା କରିଥାନ୍ତି । ଏହାପରେ ଗୁର୍ବଷ୍ଟକଂରୁ ନରରୂପ ଧରଂ ଗାନ କରି ପରଦା ପତନ କରାଯାଏ । ପାଳିଆ ଭାଇ କିମ୍ବା ମା' ଏହି ପୂଜାର ଦୁଇ ସପ୍ତାହ ମଧ୍ୟରେ ପୂଜାର ବିବରଣୀ ପ୍ରଦାନ କରିଥାନ୍ତି।

ଶ୍ରୀଶ୍ରୀ ଠାକୁରଙ୍କର ଅପାର କରୁଣାରୁ ଏ ପାଠଚକ୍ର ସମ୍ଭବ ହୋଇପାରିଛି । ହଜାର ହଜାର ମାଇଲ୍ ଦୂରତ୍ୱରେ ଥାଇ ଭାଇ ଓ ମା'ମାନେ ମାସକୁ ଥରେ **telephone** ମାଧ୍ୟମରେ ଏକତ୍ରିତ ହୋଇ ଶ୍ରୀଶ୍ରୀ ଠାକୁରଙ୍କର ପୂଜା ଓ ଶାସ୍ତ୍ରପାଠ କରିପାରୁଛନ୍ତି । ବର୍ଷକୁ ଥରେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ଦୁଇ ଦିନ ଧରି ଶ୍ରୀଶ୍ରୀ ଠାକୁରଙ୍କ ପୂଜା ଆରାଧନା ଓ ଶାସ୍ତ୍ରପାଠ କରିବା ପାଇଁ ଆୟୋଜନ ଚାଲିଛି । ଏହି ବାର୍ଷିକ ଅଧିବେଶନ ଉପଲକ୍ଷେ 'ସାରସ୍ୱତ ମାଧୁରୀ'ର ପ୍ରକାଶନ ସମ୍ଭବ ହୋଇଛି । ଏହି ବର୍ଷ 'ଆମେରିକା ସାରସ୍ୱତ ପାଠଚକ୍ର' ମାଧ୍ୟମରେ କେତେଜଣ ଭାଇ ଓ ମା'ମାନେ ନୀଳାଚଳ ସାରସ୍ୱତ ସଂଘରୁ ପରିଚୟ ପତ୍ର ଗ୍ରହଣ କରିଛନ୍ତି । ଶ୍ରୀଶ୍ରୀ ଠାକୁରଙ୍କ ଇଚ୍ଛା ଥିଲେ ଏହି ପାଠଚକ୍ର କ୍ରମେ ବୃଦ୍ଧି ପ୍ରାପ୍ତ ହୋଇ ଏକ ସଂଘରେ ପରିଣତ ହେବ । ତାଙ୍କରି କୃପାରୁ ନୀଳାଚଳ ସାରସ୍ୱତ ସଂଘର ଏହି କ୍ଷୁଦ୍ର ଅଂଶ ପାଶ୍ଚାତ୍ୟ ଜଗତରେ ତାଙ୍କରି ଭାବଧାରାର ପ୍ରସାରରେ ସାହାଯ୍ୟ କରିପାରିବ ।

ନୀଳାଚଳ ସାରସ୍ୱତ ସଂଘର ପ୍ରତିଷ୍ଠା କରି ଶ୍ରୀଶ୍ରୀ ଠାକୁର ତିନୋଟି ଆଦେଶ ଦେଇଥିଲେ । ସେଗୁଡିକ ହେଲା ସଂଘବଦ୍ଧ ହୁଅ, ଆଦର୍ଶ ଗୃହସ୍ଥ ଜୀବନଯାପନ କର ଓ ପରସ୍ପର ଭାବର ଆଦାନ ପ୍ରଦାନ କର । ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ଏତିକି ପ୍ରାର୍ଥନା, ଆମମାନଙ୍କ ପ୍ରାଣରେ ପ୍ରେରଣା ଦିଅନ୍ତୁ, ଯେପରି ଆମେମାନେ ତାଙ୍କର ଏହି ତିନୋଟି ଆଦେଶ ଯଥାଯଥଭାବେ ପ୍ରତିପାଳନ କରିପାରିବୁ । ତାଙ୍କର କୃପା ବିନା ଏ ପାଠଚକ୍ର ସମ୍ଭବ ହୋଇ ନଥାନ୍ତା । ତାଙ୍କର ପ୍ରେରଣା ବିନା ଏହି ଉଣେଇଶଟି ପରିବାର ପାଠଚକ୍ରରେ ଯୋଗ ଦେଇପାରନ୍ତେ ନାହିଁ । ତାଙ୍କରି କୃପାହିଁ ଆମର ଏକମାତ୍ର ସମ୍ବଳ । ତାଙ୍କରି କୃପାରେ ତାଙ୍କରି କର୍ମ କରିଯିବା ପାଇଁ ଆମମାନଙ୍କ ଦେହରେ ଶକ୍ତି ଓ ମନରେ ଭକ୍ତି ପ୍ରଦାନ କରନ୍ତୁ ।

ଗୁରୁରାଦିରନାଦିଶ୍ଚ ଗୁରୁଃ ପରମଦୈବତମ୍
ଗୁରୋଃ ପରତରଂ ନାସ୍ତି ତସ୍ମୈ ଶ୍ରୀଗୁରବେ ନମଃ ।

ଶ୍ରୀ ଜ୍ଞାନ ରଞ୍ଜନ ଦ୍ୱିବେଦୀ

# ଶ୍ରୀଶ୍ରୀଠାକୁରଙ୍କ ନୀତିନିୟମ ଓ ଭାବଧାରା

ପରମାରାଧ୍ୟ ଶ୍ରୀଶ୍ରୀଠାକୁର ମହାରାଜ ତାଙ୍କର ଶିଷ୍ୟ ଓ ସଂଘସେବୀ ଭକ୍ତଙ୍କ ପ୍ରତି ବିଭିନ୍ନ ସମୟରେ ବହୁତ ଉପଦେଶ ପ୍ରଦାନ କରି ଅଛନ୍ତି । ନିଗମ ଉପଦେଶ ଓ ସଂଘସେବକ(ପ୍ରଥମ ଭାଗ)ରେ ଲିପିବଦ୍ଧ କେତେକ ଉପଦେଶବାଣୀ ଏଠାରେ ଆଲୋଚନା କରାଗଲା । ଜୀବନରେ ଶ୍ରୀଶ୍ରୀଠାକୁରଙ୍କ ଉପଦେଶ ବାଣୀର ସାର୍ଥକ ପ୍ରତିପାଳନ ହିଁ ତାଙ୍କ ପ୍ରତି ଆମର ଅନୁରାଗର ଉପଯୁକ୍ତ ପରିଚୟ ।

ଶ୍ରୀଶ୍ରୀଠାକୁର ଆମମାନଙ୍କୁ ଆଦର୍ଶ ମନୁଷ୍ୟ ଭାବେ ଦେଖିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଏହି ଆଦର୍ଶ ଶଙ୍କରଙ୍କ ମତ ଓ ଗୌରାଙ୍ଗଙ୍କ ପଥରେ ପ୍ରତିଷ୍ଠିତ । ଶଙ୍କର ଓ ଗୌରାଙ୍ଗ ଦେବଙ୍କ ସମ୍ମିଳିତ ଆଦର୍ଶ ହିଁ ଆମ ଜୀବନର ଆଦର୍ଶ । ଶ୍ରୀଶ୍ରୀଠାକୁର ଏହି ଭାବର ସାମଞ୍ଜସ୍ୟ କରି ସାରସ୍ୱତ ମଠ ପ୍ରତିଷ୍ଠା କରିଥିଲେ ଓ ଆମମାନଙ୍କୁ ମଧ୍ୟ ଏହି ଭାବରେ ପରିଚାଳିତ ହେବା ପାଇଁ ଚାହାନ୍ତି । ଆମେମାନେ ପ୍ରକୃତ ମନୁଷ୍ୟ ହେଉ, ଏହା ତାଙ୍କର ଇଚ୍ଛା । ସେ ମଠ କି ଆଶ୍ରମ ଚାହିଁ ନାହାଁନ୍ତି, ଚାହିଁଛନ୍ତି କେବଳ ଆମମାନଙ୍କୁ ।

ଏ ଯୁଗରେ କୌଣସି କାର୍ଯ୍ୟରେ କୃତକାର୍ଯ୍ୟ ଲାଭର ଏକମାତ୍ର ଉପାୟ ସଂଘଶକ୍ତି । ଶ୍ରୀଶ୍ରୀଠାକୁରଙ୍କ ଆଦେଶ ଯେ ଆମେମାନେ ମିଳିତ ହୋଇ, ବ୍ୟକ୍ତିଗତ ସ୍ୱାର୍ଥ ଓ ମାନଅଭିମାନ ପରିହାର କରି ଜାତୀୟ ଜୀବନର ଶକ୍ତି ସଞ୍ଚାର କରୁ । ତାଙ୍କର ବ୍ୟାପକ ଇଚ୍ଛାକୁ କାର୍ଯ୍ୟରେ ପରିଣତ କରିବାକୁ ହେଲେ ଆମମାନଙ୍କୁ ସଂଘବଦ୍ଧ ହେବାକୁ ପଡିବ । ଯେଉଁଠାରେ ଅନ୍ତତଃ ତିନିଜଣ ଭକ୍ତ ଥିବେ, ସେଠାରେ ଗୋଟିଏ ସଂଘ ପ୍ରତିଷ୍ଠା କରିହେବ । ଏହି ସଂଘରେ କେବଳ ଧର୍ମାଲୋଚନା ହିଁ ହେବ । ପ୍ରତ୍ୟେକ ଅଧିବେଶନରେ ଶ୍ରୀଶ୍ରୀଠାକୁରଙ୍କୁ ଆବାହନ କରି ତାଙ୍କୁ ଗୁରୁଜ୍ଞାନରେ ପ୍ରଣାମ କରି ଆରତି, ସ୍ତୋତ୍ରବନ୍ଦନା ଓ ଧର୍ମଗ୍ରନ୍ଥାଦି ପାଠ କରିବା ସଙ୍ଗେ ସଙ୍ଗେ ମଠ ଓ ଆଶ୍ରମାଦିର ରକ୍ଷଣାବେକ୍ଷଣ ସଂପର୍କରେ ଆଲୋଚନା କରିବା ଅବଶ୍ୟ କର୍ତ୍ତବ୍ୟ ।

ସଂଘରେ ବ୍ୟକ୍ତିଗତ ସାଧନାର ସ୍ଥାନ ନାହିଁ । ସଂଘସେବୀ ହେବାକୁ ହେଲେ ବ୍ୟକ୍ତିତ୍ୱକୁ ବିସର୍ଜନ କରିବାକୁ ହେବ । ମନେରଖିବାକୁ ହେବ ଯେ ଆମମାନଙ୍କର ଜୀବନ ବ୍ୟକ୍ତିଗତ ମୁକ୍ତି କିମ୍ବା ମୋକ୍ଷ ନିମିତ୍ତ ଉଦ୍ଦିଷ୍ଟ ନୁହେଁ, ଆମେମାନେ ଶ୍ରୀଗୁରୁଦେବଙ୍କର କର୍ମସାଧନ ନିମିତ୍ତ ସାଧକ-ଜୀବନ ଗ୍ରହଣ କରିଛୁ । ଗୁରୁସେବା ଦ୍ୱାରା ସର୍ବାର୍ଥ ସିଦ୍ଧ ହୁଏ । ପଶୁବୃତ୍ତିକୁ ଆୟତାଧୀନ କରି ମନୁଷ୍ୟତ୍ୱ ଲାଭ ବା ଧର୍ମଜ୍ଞାନ ଅର୍ଜନ କରିବା ସେବକଙ୍କର କର୍ତ୍ତବ୍ୟ । ଗୁରୁଙ୍କ ଆଦେଶରେ ଯେଉଁ କାର୍ଯ୍ୟ କରାଯାଏ, ସେଥିରେ ନିଷ୍ଠା ଉତ୍ପନ୍ନ ହେଲେ ଗୁରୁସେବାର ଫଳ ମିଳେ । ଅଭିମାନ ଶୂନ୍ୟ ହୃଦୟରେ ଭକ୍ତି ଦେଖାଦିଏ । ଗୁରୁଙ୍କ ଆଦେଶକୁ ବିନା ବିଚାରରେ ପ୍ରତିପାଳନ କରିବା ସେବକଙ୍କର କର୍ତ୍ତବ୍ୟ । ଗୁରୁଭାଇମାନଙ୍କ ସେବାରେ ମଧ୍ୟ ଗୁରୁସେବାର ଫଳ ମିଳେ ।

ସଂଘରେ ଯୋଗଦେଉଥିବା ଶିଷ୍ୟ ଓ ଭକ୍ତମାନଙ୍କୁ ସେ ସମ୍ମିଳନୀରେ ଯୋଗ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମ୍ମିଳନୀ ତିନୋଟି ଉଦ୍ଦେଶ୍ୟ ନେଇ ଅନୁଷ୍ଠିତ ହୁଏ । ପ୍ରଥମ ଉଦ୍ଦେଶ୍ୟଟି ହେଲା ଆଦର୍ଶ ଗୃହସ୍ଥ ଜୀବନ ଗଠନ, ଦ୍ୱିତୀୟଟି ସଂଘଶକ୍ତିର ପ୍ରତିଷ୍ଠା ଓ ତୃତୀୟଟି ହେଲା ଭାବବିନିମୟ । ସଂଘସେବୀମାନେ ସମ୍ମିଳନୀରେ ଯୋଗଦାନ କରି ଏହି ତିନୋଟି ବିଷୟରେ ଆଲୋଚନା କରି ଉତ୍ତରୋତ୍ତର ଉନ୍ନତିପଥରେ ଗତି କରିପାରିବେ । ଶ୍ରୀଶ୍ରୀଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ମଠ, ଆଶ୍ରମ ଓ ସଂଘମାନଙ୍କର ନିୟମାବଳୀ ତାଙ୍କର ଭାବଧାରାରେ ଅନୁପ୍ରାଣିତ । ସଂଘସେବୀମାନେ ତାଙ୍କର ପ୍ରବର୍ତ୍ତିତ ନିୟମ ପଞ୍ଚକ ଓ ଦଶବିଧ ନିୟମ ପାଳନ କରିବା ଅବଶ୍ୟ କର୍ତ୍ତବ୍ୟ । ନିୟମ ପଞ୍ଚକ ଗୁଡିକ ହେଲା ସଂଘସେବୀମାନଙ୍କର ଆର୍ଯ୍ୟଦର୍ପଣ ଗ୍ରହଣ, ବିଭାଗୀୟ ଆଶ୍ରମକୁ ସାହାଯ୍ୟ, ମୁଷ୍ଟିଭିକ୍ଷା ସଂରକ୍ଷଣ, ଅକ୍ଷୟ ତୃତୀୟାରେ ସାରସ୍ୱତ ମଠକୁ ଓ ଜନ୍ମୋତ୍ସବରେ ଗୁରୁଧାମକୁ ସାହାଯ୍ୟ ପ୍ରଦାନ । ଦଶବିଧ ନିୟମ ହେଲା ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟାତ୍ୟାଗ, ସଦାଚାର ପାଳନ, ନିତ୍ୟ କ୍ରିୟାନୁଷ୍ଠାନ, ସଦ୍‌ଗ୍ରନ୍ଥାଦି ପାଠ, ବ୍ରହ୍ମଚର୍ଯ୍ୟ ପାଳନ ଓ ଆଦର୍ଶ ଜୀବନ ଗଠନ, ସାତ୍ତ୍ୱିକ ଆହାର, ପରନିନ୍ଦା ଓ ପରଚର୍ଚ୍ଚା ତ୍ୟାଗ, ସେବାଭାବ ପୋଷଣ, ଆସନ ଅଭ୍ୟାସ ଓ ବୃଥାଚିନ୍ତା ବର୍ଜନ ।

ଶ୍ରୀଶ୍ରୀଠାକୁରଙ୍କୁ ଅନ୍ତରରେ ପ୍ରାପ୍ତ କରିବାପାଇଁ ଚିତ୍ତଶୁଦ୍ଧିର ଏକାନ୍ତ ଆବଶ୍ୟକ । ଗୁରୁ ଧ୍ୟାନ ଓ ସେବା ଦ୍ୱାରା ଚିତ୍ତ ଶୁଦ୍ଧ ହୁଏ । ଆମମାନଙ୍କ ଜୀବନ ଭଗବତ୍ ପ୍ରେରଣା ଦ୍ୱାରା ଅନୁପ୍ରାଣିତ । ଯେଉଁମାନେ ତାମସିକ ଭାବାପନ୍ନ, ସେହିମାନେ ଜଡପରି ବସି ରହିଥାନ୍ତି; କିନ୍ତୁ ସମର୍ପିତ ଜୀବନରେ ତାମସିକ ଭାବ ଆଦୌ ଆସିପାରେ ନାହିଁ । ଆମମାନଙ୍କର ମନୁଷ୍ୟତ୍ୱ, ଦେବତ୍ୱ, ଈଶ୍ୱରତ୍ୱ ଓ ବ୍ରହ୍ମତ୍ୱ ପ୍ରାପ୍ତି ହେଉ, ଏହା ହିଁ ଶ୍ରୀଶ୍ରୀଠାକୁରଙ୍କର ଆଶୀର୍ବାଦ ।

ଆତ୍ମସମର୍ପଣର ମୂଳମନ୍ତ୍ର ହେଉଛି ଭଗବତ୍ ବିଶ୍ୱାସ । ଦୃଢ଼ ବିଶ୍ୱାସ ହିଁ ଭକ୍ତିର ଆଧାର । ଶ୍ରୀଶ୍ରୀଠାକୁର ଯେ ସଦ୍‌ଗୁରୁ ଏବଂ ତାଙ୍କ ଭିତରେ ଜଗଦ୍‌ଗୁରୁଙ୍କ ଇଚ୍ଛା ହିଁ ଫୁଟି ଉଠିଛି; ଏହି ବିଶ୍ୱାସ ଆମର ଦରକାର । ବିଶ୍ୱାସ ନ ଥିଲେ କୌଣସି ସୁଫଳ ମିଳେ ନାହିଁ । ଆମମାନଙ୍କର ଏହି ବିଶ୍ୱାସ ପାଇଁ ଶ୍ରୀଶ୍ରୀଠାକୁରଙ୍କର ନିକଟରେ ପ୍ରାର୍ଥନା କରିବା ଆବଶ୍ୟକ । ଯେ ଆଉ କିଛି କରିବାକୁ ଅକ୍ଷମ, ତାଙ୍କର ପ୍ରାର୍ଥନା ହିଁ ଏକମାତ୍ର ସମ୍ବଳ । ଦେହ, ମନ, ପ୍ରାଣ ଏକମୁଖୀ କରି ଶ୍ରୀଶ୍ରୀଠାକୁରଙ୍କ ନିକଟରେ ପ୍ରାର୍ଥନା କଲେ, ବ୍ରହ୍ମ, ଆତ୍ମା ଓ ଭଗବାନ ସବୁ ମିଳିପାରନ୍ତି । ମହାଶକ୍ତିଧର 'ଜୟଗୁରୁ' ମହାମନ୍ତ୍ର ଗ୍ରହଣ କରି ଶ୍ରୀଶ୍ରୀଠାକୁରଙ୍କ ଉପରେ ନିର୍ଭର କରି କର୍ତ୍ତବ୍ୟ କରିଗଲେ ସର୍ବାର୍ଥ ସିଦ୍ଧି ହେବ ।

ଶ୍ରୀଶ୍ରୀଠାକୁର ବିଦେହୀ ହେବା ପୂର୍ବରୁ ତାଙ୍କର ଅନ୍ତିମ ଉପଦେଶରେ କହିଛନ୍ତି 'ମୋତେ ଅବଲମ୍ବନ କରି ସଂଘ ଓ ଆଶ୍ରମ ପ୍ରତି ତୁମମାନଙ୍କର ଶ୍ରଦ୍ଧା ରହିଅଛି । ତୁମେମାନେ ଯେଉଁଦିନ ମୋ ଅସ୍ତିତ୍ୱରେ ଅବିଶ୍ୱାସୀ ହୋଇପଡିବ, ତୁମମାନଙ୍କର ଆଶ୍ରମ ଓ ସଂଘପ୍ରୀତି ସେହିଦିନଠାରୁ ତିରୋହିତ ହୋଇଯିବ । xxxx ମୁଁ ସ୍ଥୂଳଦେହରେ ଥିବାବେଳେ ତୁମମାନଙ୍କୁ ଯେଉଁ ଭାବରେ ପରିଚାଳନା କରୁଥିଲି ବିଦେହୀ ହେଲେ ମଧ୍ୟ ଠିକ୍ ସେହିପରି ଭାବରେ ପରିଚାଳନା କରିବି । ମୋର ସ୍ଥୂଳଦେହଟା ତୁମମାନଙ୍କର ଠାକୁର ନୁହଁନ୍ତି, ଏହାରି ଭିତରେ ଯେ ଅଛନ୍ତି, ସେ ତୁମମାନଙ୍କର ଠାକୁର । ମୁଁ ଚିରକାଳ ଅଛି ଓ ରହିବି । ମୋର ବ୍ୟାପକ ଇଚ୍ଛାକୁ କାର୍ଯ୍ୟରେ ପରିଣତ କରିବାକୁ ହେଲେ ସମସ୍ତଙ୍କୁ ସଂଘବଦ୍ଧ ହେବାକୁ ପଡିବ । ତୁମେମାନେ ଆତ୍ମସ୍ଥ ହୁଅ, ସମାହିତ ହୁଅ; ତେବେ ଯାଇ ମୋର ବ୍ୟକ୍ତ ଓ ଅବ୍ୟକ୍ତ ସମସ୍ତ ଇଚ୍ଛାକୁ ଉପଲବ୍‌ଧି କରିପାରିବ । ତୁମେମାନେ ମୋ ବିରାଟ ଇଚ୍ଛାର ଗୋଟିଏ ଗୋଟିଏ ମୂର୍ତ୍ତ ପ୍ରତୀକ ହୁଅ – ଏହାହିଁ ମୋର ଶେଷ ଆଶୀର୍ବାଦ ।'

ଶ୍ରୀଶ୍ରୀଠାକୁରଙ୍କ ନିକଟରେ ପ୍ରାର୍ଥନା– ତାଙ୍କର ଏହି ଶେଷ ଆଶୀର୍ବାଦ ଯେପରି ଆମମାନଙ୍କର ହୃଦୟରେ ପ୍ରତିଫଳିତ ହେଉ । ତାଙ୍କର ଅସ୍ତିତ୍ୱ ଉପରେ ଆମର ବିଶ୍ୱାସ ଦୃଢ଼ିଭୂତ ହେଉ । ତାଙ୍କର ବ୍ୟାପକ ଇଚ୍ଛାକୁ କାର୍ଯ୍ୟରେ ପରିଣତ କରିବାରେ ଆମେ ସାହାଯ୍ୟ କରିପାରୁ । ହେ ଠାକୁର ! ତୁମେ ଆମର ଏହି ଦେହରୂପକ ଯନ୍ତ୍ରରେ ଯନ୍ତ୍ରୀ ହୋଇ, ଆମକୁ ସତ୍ ପଥରେ ପରିଚାଳିତ କର ।

ତ୍ୱମେବ ମାତା ଚ ପିତା ତ୍ୱମେବ,
ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ,
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ,
ତ୍ୱମେବ ସର୍ବଂ ମମ ଦେବ ଦେବ ।

ଶ୍ରୀ ବାଣୀପ୍ରସନ୍ନ ମହାନ୍ତି

ମା' ମୋର ! ଯେଉଁଟା ଚାହଁ, ହୃଦୟରେ ଏକମାତ୍ର ତାହା ହିଁ ପ୍ରତିଷ୍ଠା କରି, ତାଙ୍କର ନାମ ନେଇ ବସି ରହ । ଚାହିଁବାକୁ ହେବ ନାହିଁ, ଆପଣାଛାଏଁ ତାହା ପ୍ରାଣରେ ଫୁଟି ଉଠିବ । ମୁହଁରେ କ୍ୟାରେ 'ଦିଅ' 'ଦିଅ' ବୋଲି ତାଙ୍କୁ ବିରକ୍ତ କର ନାହିଁ; ସେ ତ ଦେବେ ବୋଲି ଅନାଇ ବସିଛନ୍ତି, ଜୀବ ଯେ ନେଉ ନାହିଁ । ତେଣୁ କହୁଛି, ଚାହିଁବାକୁ ହେବ ନାହିଁ; କେବଳ ଭଗବାନଙ୍କୁ ବୁଝିବାକୁ ଦିଅ – "ମୁଁ ଏହି ଦ୍ରବ୍ୟ ବ୍ୟତୀତ ତୁମ ଅନନ୍ତ ବ୍ରହ୍ମାଣ୍ଡରୁ କିଛି ଚାହେଁ ନାହିଁ " । ସୁତରାଂ ତୁମମାନଙ୍କର ଚିନ୍ତା କ'ଣ ? ମୋ ନିକଟରୁ ସତ୍ୟ ସମ୍ବାଦ ଶୁଣିଛ, ସତ୍ୟକୁ ଆଶ୍ରୟ କର ସତ୍ୟରେ ନିର୍ଭର କର, ସତ୍ୟ ଲାଭକରି କୃତାର୍ଥ ହେବ ।

– ଶ୍ରୀଶ୍ରୀଠାକୁର

# ଆମର ଆଦର୍ଶ ଗୃହସ୍ଥ ସାଧନାର କେତୋଟି ଦିଗ

ଆଦର୍ଶ ଜୀବନ ଗଠନ କରିବାକୁ ହେଲେ କିପରି କର୍ତ୍ତବ୍ୟନିଷ୍ଠା, ସୁଖ, ଦୁଃଖରେ ସମଜ୍ଞାନ ଓ ନିର୍ଭରତା ପ୍ରଭୃତି ଦୈବୀ ଗୁଣର ପ୍ରୟୋଜନ ତାହା ଶ୍ରୀଶ୍ରୀଠାକୁରଙ୍କର ଉପଦେଶ ବାଣୀଗୁଡିକ ପାଠକଲେ ହୃଦୟଙ୍ଗମ କରିହେବ । ଆଦର୍ଶ ଗୃହସ୍ଥ ଜୀବନ ଗଠନ ପରିପେକ୍ଷୀରେ ଶ୍ରୀଶ୍ରୀଠାକୁର କହିଛନ୍ତି – 'ଜୀବନଟାକୁ ଆନନ୍ଦମୟ କରି ଗଠନ କରିବାକୁ ହେବ, ଦୁଃଖ-କଷ୍ଟରେ, ରୋଗରେ-ଶୋକରେ ଏବଂ ଜନ୍ମ-ମୃତ୍ୟୁରେ ସର୍ବାବସ୍ଥାରେ ନିଜର ଆନନ୍ଦ ସ୍ୱରୂପତ୍ୱ ଅକ୍ଷୁର୍ଣ୍ଣ ରଖିବାକୁ ପଡିବ । ଯେଉଁମାନେ ଏ ଜୀବନର ସଂସ୍ପର୍ଶରେ ଆସିବେ, ସେମାନଙ୍କୁ ମଧ୍ୟ ଆନନ୍ଦରେ ବୁଡାଇ ରଖିବାକୁ ହେବ । ଏହା ହିଁ ହେବ ଆଦର୍ଶ ଜୀବନ ।'

ଶ୍ରୀଶ୍ରୀଠାକୁର ପୁଣି କହିଛନ୍ତି- 'ସଂସାରରେ ସ୍ତ୍ରୀ, ପୁତ୍ର, କନ୍ୟା, ନାମ, ଯଶ, ଖ୍ୟାତି, ପ୍ରତିପତ୍ତି ସବୁ ରହିଥିବ, କିନ୍ତୁ ତୁମେମାନେ ନିଜକୁ ନିର୍ଲିପ୍ତ ରଖି ବାହାରେ ସବୁ 'ମୋର', 'ମୋର' ବୋଲି କହିବ; ଅନ୍ତରରେ ଜାଣିବ, ଏମାନେ ତୁମର କେହି ନୁହନ୍ତି, ସବୁ ଭଗବାନଙ୍କର । ଏହି ଭାବ ହିଁ ତୁମମାନଙ୍କୁ କର୍ମ ବନ୍ଧନରୁ ମୁକ୍ତ କରିବ ।

ତୁମେମାନେ ଏପରି ମଧୁର ବ୍ୟବହାର ଏବଂ ଅମାୟିକ ଆଚରଣ ଦେଖାଇବ ଓ ପ୍ରତ୍ୟେକ ନିଜକୁ ଏପରି ଭାବରେ ଗଠନ କରିବ ଯେ, ସହଧର୍ମିଣୀ ମନେ କରିବେ, ମୋ ସ୍ୱାମୀଙ୍କ ପରି ଦେବତୁଲ୍ୟ ସ୍ୱାମୀ ଆଉ କାହାରି ଭାଗ୍ୟରେ ମିଳିବେ ନାହିଁ, ପିଲାମାନେ ମନେ କରିବେ ଯେ ଆମ ପିତାଙ୍କ ପରି ସ୍ନେହ ପରାୟଣ ପିତା ଆଉ କାହାରି ନାହାନ୍ତି, ଭାଇ ମନେ କରିବେ ମୋ ଭାଇ ପରି ଭାତୃବତ୍ସଳ ଭାଇ କାହାକୁ ମିଳିବେ ନାହିଁ, ପ୍ରତିବେଶୀ ମନେ କରିବେ ଏଭଳି ପ୍ରତିବେଶୀ କାହା ଭାଗ୍ୟରେ ନାହିଁ । ସମସ୍ତଙ୍କୁ ଭଲପାଇ ସେମାନଙ୍କ ଜୀବନଟିକୁ ମଧୁମୟ କରି ପକାଇବାକୁ ହେବ, ଅଥଚ ନିଜ ଲକ୍ଷ୍ୟରେ ଅଟଳ ରହିବ । ଏହା ହିଁ ହେଲା ଆଦର୍ଶ ଗୃହସ୍ଥର କର୍ତ୍ତବ୍ୟ । ଏଣେ କିନ୍ତୁ ମନେ ମନେ ଭାବୁଥିବ, ତୁମେ କାହାରି ନୁହଁ କି ତୁମର କେହି ନୁହଁନ୍ତି । କାହା ପାଖରେ ଯେପରି ବନ୍ଧା ନ ପଡ ।'

ଶ୍ରୀଶ୍ରୀଠାକୁର କହିଛନ୍ତି 'ତୁମେମାନେ ଆଦର୍ଶ ଗୃହସ୍ଥ ହୁଅ, ଏହା ହିଁ ମୋର ଆନ୍ତରିକ କାମନା । ଗୃହସ୍ଥକୁ ନେଇ ସମାଜ ଗଠିତ । ସମାଜକୁ ଜାଗ୍ରତ କରାଇବାକୁ ହେଲେ ଆଦର୍ଶ ଗୃହୀର ବିଶେଷ ପ୍ରୟୋଜନ । ଭଗବାନ ବା ଗୁରୁକୃପାର ଅର୍ଥ ଏହା ନୁହେଁ ଯେ ସଂସାରରେ ସ୍ତ୍ରୀ, ପୁତ୍ର ନେଇ ବେଶ ଆନନ୍ଦରେ ଦିନ କଟାଇଦେବା । ପରନ୍ତୁ ବିଧିନିର୍ଦ୍ଧାରିତ ପ୍ରାରବ୍ଧ ଭୋଗ କରି ହସ ହସ ବଦନରେ ଲକ୍ଷ୍ୟପଥରେ ଯଥାର୍ଥ ଭାବରେ ଅଗ୍ରସର ହେବା ହିଁ ସଦ୍‌ଗୁରୁ ବା ଭଗବାନଙ୍କ କୃପା । ତୁମେମାନେ ଆଦର୍ଶ ସ୍ୱାମୀ ଓ ଆଦର୍ଶ ପିତାର କର୍ତ୍ତବ୍ୟ ପ୍ରତିପାଳନ କରି ଆଦର୍ଶ ଗୃହୀ ରୂପେ ସଂସାରରେ ପ୍ରତିଷ୍ଠିତ ହୁଅ । ତୁମମାନଙ୍କ ବାହୁରେ ଶକ୍ତି ଓ ହୃଦୟରେ ଭକ୍ତିର ବିକାଶ ହେଉ, ତୁମ ଘରେ ପୁନରାୟ ଶଙ୍କର-ଗୌରାଙ୍ଗଙ୍କର ଆବିର୍ଭାବ ହେଉ । ତୁମେମାନେ ଆଦର୍ଶ ହେଲେ ତୁମର ସନ୍ତାନମାନେ ଆଦର୍ଶ ହୋଇ ଉଠିବେ ।'

ଶ୍ରୀଶ୍ରୀଠାକୁର ବୁଝାଇ କହିଛନ୍ତି 'ତୁମେମାନେ ଆଦର୍ଶ ସଂସାର ସ୍ଥାପନ କରି, ମୋତେ ମୂଳରେ ପ୍ରତିଷ୍ଠାକରି ମୋ ସଂସାରରେ କାର୍ଯ୍ୟ କରିଯାଅ, ଯେପରି ମନେଥାଏ ଘର-ଦ୍ୱାର, ବିଷୟ-ସଂପଦ ସବୁ ଠାକୁରଙ୍କର, ତୁମେମାନେ ସେବକ ମାତ୍ର, ତୁମମାନଙ୍କର ପ୍ରତ୍ୟେକ ନିଃଶ୍ୱାସ ଯେପରି ଶ୍ରୀଶ୍ରୀଠାକୁରଙ୍କ ଉଦ୍ଦେଶ୍ୟରେ ବହିର୍ଗତ ହୁଏ ।' ଯେଉଁ ସଂସାରରେ ମୂଳକର୍ତ୍ତା ଠାକୁର ଓ ସେବକ ଅହଂ ଅଭିମାନ ଶୂନ୍ୟ, ସେହି ସଂସାରରେ ଗୃହୀ ଆନନ୍ଦର ଆତିଶଯ୍ୟରେ କର୍ତ୍ତବ୍ୟଭ୍ରଷ୍ଟ କିମ୍ବା ପ୍ରତିକୂଳ ଚାପରେ ମୁହ୍ୟମାନ ହୋଇ ପଡିନାହାନ୍ତି । ଏହିଭଳି ସଂସାର ହିଁ ଆଦର୍ଶ ସଂସାର ।

ସଂସାରୀ ଗୃହୀମାନଙ୍କ ପ୍ରତି ଉପଦେଶ ଛଳରେ ପୁଣି କହିଛନ୍ତି – 'ସାବଧାନ ହୋଇ ସଂସାରରେ ଚଳ, ସାଧାରଣଙ୍କ ସହିତ ମିଶିଯାଅ ନାହିଁ । ଆହୁରି ମଧ୍ୟ ଯେ ତୁମକୁ ଯେତେ ଭିନ୍ନ ମନେକଲେ ବି ତୁମେ କାହାରିକୁ ପର ବୋଲି ଭାବ ନାହିଁ । ମନେ ମନେ ଭାବିବ କି ପାପୀ, କି ପୁଣ୍ୟାତ୍ମା ସବୁ ଜୀବ ଭଗବାନଙ୍କର, ସୁତରାଂ ସମସ୍ତେ ତୁମ ନିଜର । ତେଣୁ ମଙ୍ଗଳ ଭିନ୍ନ କାହାରି ହେଲେ ଅନିଷ୍ଟ ଚିନ୍ତା କର ନାହିଁ, ସମସ୍ତଙ୍କୁ ଭଲ ପାଅ । ପ୍ରତ୍ୟେକଙ୍କୁ ଦେଖି ଆନନ୍ଦିତ ହୁଅ । ସାଧ୍ୟ ଓ ସୁବିଧା ଅନୁସାରେ ସମସ୍ତଙ୍କର ଉପକାର କର । ଅପକାରୀକୁ ଉପକାର ଦ୍ୱାରା ଜୟ କର; ଦୁର୍ଜନକୁ କ୍ଷମା ଦ୍ୱାରା ପରାସ୍ତ କର । ଆମୋଦଛଳରେ ସୁଦ୍ଧା କାମ, କ୍ରୋଧ ବା ମିଥ୍ୟାର ଆଶ୍ରୟ ନିଅ ନାହିଁ ।'

ଆଦର୍ଶ ଗୃହସ୍ଥ ଜୀବନ ଯାପନ କରିବାକୁ ହେଲେ ଗୃହସ୍ଥଙ୍କର ଆଦର୍ଶ ଗୃହିଣୀର ସାହାଯ୍ୟ ଗ୍ରହଣ କରିବାକୁ ପଡିବ । ଉପଯୁକ୍ତ ଶିକ୍ଷା ପାଇ ନ ଥିବା ଗୃହିଣୀମାନଙ୍କ ବ୍ୟବହାର ଦୋଷରୁ ଗୃହସ୍ଥ ଜୀବନ ଅଶାନ୍ତିର ନିଳୟ ହୋଇଯାଏ । ତେଣୁ ଆଦର୍ଶ ଗୃହିଣୀଙ୍କର

କର୍ତ୍ତବ୍ୟ ବିଷୟରେ ଶ୍ରୀଶ୍ରୀଠାକୁର କହିଛନ୍ତି, 'ରୋଗ-ଶୋକ, ଦୁଃଖ-କଷ୍ଟ ଗୃହସ୍ଥର ନିତ୍ୟଘଟଣା ସେଥିରେ ବିଚଳିତ ହେଲେ ଚଳିବ ନାହିଁ । ସୁଖ-ସ୍ୱରୂପ ଭଗବାନଙ୍କ ବ୍ୟତିତ ଅନ୍ୟ କେଉଁଠାରେ ସୁଖ ନାହିଁ, ତେଣୁ ଭଗବାନ ଯାହାକୁ ଯେଉଁ ଅବସ୍ଥାରେ ରଖିବେ, ତାହା ହିଁ ମଙ୍ଗଳର ନିଦାନ ବୋଲି ଭାବି ତାଙ୍କର ଜୟଗାନ କରିବା ବିଧେୟ । ପୁତ୍ର-କନ୍ୟା, ନାତି-ନାତୁଣୀ ପ୍ରଭୃତିଙ୍କୁ ନେଇ ସଂସାର କରିବାକୁ ଗଲେ ବିପଦ-ଆପଦ ଅବଶ୍ୟମ୍ଭାବୀ । ପୁରାଣ ଯୁଗରୁ ଆରମ୍ଭ କରି ବର୍ତ୍ତମାନ ସମୟ ଏପରି କି ପୁଣ୍ୟଶ୍ଳୋକ ବ୍ୟକ୍ତିଗଣ କେହି ହେଲେ ଚିରସୁଖରେ ବା ଆରାମରେ ସଂସାର କରି ପାରିନାହାନ୍ତି । ମର ଜଗତରେ ତାହା ସମ୍ଭବ ନୁହେଁ । ସୀତା, ଶୈବ୍ୟାଙ୍କ କଥା ଚିନ୍ତା କଲେ ସୁଖକଥା ମୁଖରେ ଧରିବାକୁ ଲଜ୍ଜାବୋଧ ହେବ । ସୁତରାଂ ଜ୍ଞାନଚକ୍ଷୁ ଲାଭ କରି କିପରି ସଂସାରଲୀଳା ବୁଝିପାରିବ ସେଥିନିମିତ୍ତ ପ୍ରାର୍ଥନା ନିରତ ହୁଅ ।'

ଶ୍ରୀଶ୍ରୀଠାକୁରଙ୍କର ଉପରୋକ୍ତ ଅମୃତମୟ ଉପଦେଶଗୁଡିକ ଆମ ସମସ୍ତଙ୍କ ଜୀବନର ପାଥେୟ ଓ ଦିଗ୍‌ଦର୍ଶକ । ବର୍ତ୍ତମାନର ସମାଜରେ ସଂସାର କଲାବେଳେ ଆମେ କେତେଦୂର ଏହିସବୁ ଉପଦେଶ ପାଳନ କରିପାରୁଛୁ ଓ ସେଥିରେ କଣ ସବୁ ଅନ୍ତରାୟ ସୃଷ୍ଟି ହେଉଛି ଓ ତାର ପ୍ରତିକାର କଣ କରାଯାଇପାରିବ ସେ ବିଷୟରେ କିଛି ଆଲୋଚନା ନିମ୍ନରେ ପ୍ରଦତ୍ତ ହେଲା ।

ବାସ୍ତବ ଜୀବନରେ ଦେଖାଯାଏ ଆମେ ଜନ୍ମମୃତ୍ୟୁ ରୂପକ ଚିରନ୍ତନ ସତ୍ୟ ଓ ଅନିବାର୍ଯ୍ୟ ଘଟଣାରେ ସୁଖି ବା ଦୁଃଖୀ ହେଉ । ଆମର ନିଜ ସଂସାର ମଧ୍ୟରେ ସ୍ୱାମୀ, ସ୍ତ୍ରୀ, ପୁତ୍ର, କନ୍ୟାଙ୍କର ଭଲଗୁଣ ଥାଇ ମଧ୍ୟ ଆମେ ଅଧିକ ଆଶା କରୁ । ଅନ୍ୟର ଯାହା କିଛି ଭଲ ଲାଗେ ତାହା ଆମେ ନିଜ ପରିବାର ମଧ୍ୟରେ ଆଶା କରୁ । ସମସ୍ତେ ସବୁ ପାଇବେନି, ତେଣୁ ଅଯଥା ଅଶାନ୍ତି ସୃଷ୍ଟି ହୁଏ ।

ବର୍ତ୍ତମାନ ଯୁଗ ହେଉଛି ବିରୋଧର ଯୁଗ । ରାଷ୍ଟ୍ରରେ, ସମାଜରେ, ପରିବାରରେ, ଧର୍ମକ୍ଷେତ୍ରରେ ସବୁଆଡେ ବିରୋଧ ଲାଗି ରହିଛି । ସ୍ତ୍ରୀ, ସ୍ୱାମୀଙ୍କ ମତ ଅନୁସାରେ ଚଳୁନାହିଁ । ପୁତ୍ର ପିତାଙ୍କର କଥା ଶୁଣୁନାହିଁ । ପିଲାମାନେ ବଡ ହେଲେ ଆଉ ପିତାମାତାଙ୍କର ଶାସନ ମାନି ଚଳୁନାହାନ୍ତି । ଆଜିକାଲି ସାଧାରଣ ଭାବେ ପରିବାରଟିଏ କହିଲେ ସ୍ୱାମୀ, ସ୍ତ୍ରୀ, ସେମାନଙ୍କର ସନ୍ତାନ ଓ ବୃଦ୍ଧ ପିତାମାତାଙ୍କୁ ବୁଝାଏ । ଏପରି କ୍ଷେତ୍ରରେ ପିଲାମାନେ ବିଶେଷତଃ ପିତାମାତାଙ୍କ ଆଚରଣ ଦ୍ୱାରା ପ୍ରଭାବିତ ହୋଇଥାଆନ୍ତି । ଆଦର୍ଶ ଗୃହସ୍ଥ ହେଲେ ପ୍ରଥମେ ନିଜ ସଂସ୍କାର ପ୍ରତି ଦୃଷ୍ଟି ଦେବାକୁ ହେବ । ପରିବାରର ଯେ କର୍ତ୍ତା ତାଙ୍କୁ ପ୍ରଥମେ ଆଦର୍ଶ ହେବାକୁ ପଡିବ । ସନ୍ତାନମାନଙ୍କୁ ଆଦର୍ଶ ଚରିତ୍ରବାନ କରିବାପାଇଁ ପିତାମାତା ଦୃଢହେବା ଦରକାର । ସନ୍ତାନ ସ୍ନେହରେ ଅନ୍ଧହୋଇ ସେମାନଙ୍କର ଅନ୍ୟାୟ ଦାବୀକୁ ପ୍ରଶୟ ଦେବା ଉଚିତ୍ ନୁହେଁ । ଏଥିରେ ସଫଳ ନ ହେଲେ ପିଲାମାନଙ୍କର ମଙ୍ଗଳ ନିମନ୍ତେ ଭଗବାନଙ୍କ ଠାରେ ପ୍ରାର୍ଥନା ନିରତ ହେବା ଉଚିତ୍ । ପିଲାମାନେ ପିତାମାତାଙ୍କ ଶାସନକୁ ମାନି ନ ପାରନ୍ତି, କିନ୍ତୁ ଭଗବାନଙ୍କ ଶାସନକୁ ଅବମାନନା କରିବାର ଶକ୍ତି ସେମାନଙ୍କର ନାହିଁ, ତେଣୁ ପ୍ରାର୍ଥନା ହିଁ ସବୁଠାରୁ ବଡ ଅସ୍ତ୍ର ।

ଏ ଜଗତରେ ପୁରୁଷ ପରମଶିବ ଗୁରୁଙ୍କ ଅଂଶରେ ଓ ନାରୀ ପ୍ରେମମୟୀ ମା'ଙ୍କ ଅଂଶରେ ଜନ୍ମଲାଭ କରିଛି । ତେଣୁ ଏଠାରେ ଥିବା ମନୁଷ୍ୟ ପରିବାରରେ ପୁରୁଷର ସବୁ ବିଷୟରେ ଜ୍ଞାନ ଥାଏ ଓ କର୍ତ୍ତାର ଅଭିମାନ ମଧ୍ୟ ଥାଏ । କିନ୍ତୁ ଅନ୍ୟର ମନ ବୁଝି ବା ଭାବ ବୁଝି ମମତାଯୁକ୍ତ ଭାବରେ କୌଣସି କର୍ମ କରିବାର ଶକ୍ତି ତା ମଧ୍ୟରେ କମ୍ ଥାଏ । ଅନ୍ୟ ପକ୍ଷରେ ନାରୀ ମଧ୍ୟରେ ସ୍ନେହ, ପ୍ରେମ, ମମତ୍ୱବୋଧ, ସେବା ପ୍ରଭୃତି କୋମଳ ଗୁଣ ଗୁଡିକର ଆଧିକ୍ୟ ଥାଏ । ତେଣୁ ଶ୍ରୀଶ୍ରୀଠାକୁର କହିଛନ୍ତି 'ନାରୀମାନେ ମା' ଓ ସେବିକା ଭାବରେ ପୂଜନୀୟା ଓ ବନ୍ଦନୀୟା ।' ସେ ତାର ଏହି ସେବା ଓ ପ୍ରେମଭାବ ମୂଳ ମାତୃସତ୍ତାରୁ ଅଧିକାରିଣୀ ସୂତ୍ରରେ ପାଇଅଛି । ନାରୀର ସଂସାରରେ ମୂଳ ହେଉଛନ୍ତି ତାର ସ୍ୱାମୀ, ସ୍ୱାମୀଙ୍କୁ ଯଦି ସେ ଏଜଗତରେ ଗୋଟିଏ ମଣିଷ ଭାବରେ ବିଚାରକରେ ତେବେ ସାଧାରଣ ମଣିଷ ମଧ୍ୟରେ ଥିବା ଭଲ ମନ୍ଦଗୁଣ ଓ କର୍ମ ସବୁ ତା ଦୃଷ୍ଟିକୁ ଆକର୍ଷଣ କରି ତା ମଧ୍ୟରେ ଆଲୋଡନ ସୃଷ୍ଟି କରିବ । ତା ଫଳରେ ସ୍ୱାମୀଙ୍କ ସହିତ ମନ ମିଳାଇ ସେ ଚଳିପାରିବ ନାହିଁ । ଆସ୍ତେ ଆସ୍ତେ ପାରିବାରିକ ଜୀବନ ଦୁର୍ବିସହ ହୋଇ ପଡିବ । ତେଣୁ ଶ୍ରୀଶ୍ରୀଠାକୁରଙ୍କର ଉପଦେଶ ଅନୁଯାୟୀ ନାରୀ ସ୍ୱାମୀଙ୍କୁ ସାଧାରଣ ମଣିଷଟିଏ ବୋଲି ଗ୍ରହଣ ନ କରି ସ୍ୱୟଂ ବ୍ରହ୍ମଗୁରୁ ଭାବରେ ତାର ସ୍ୱାମୀ ହୋଇଛନ୍ତି ବୋଲି ଭାବିବ । ବର୍ତ୍ତମାନ ସମାଜରେ ସ୍ୱାମୀ ଯଦି ସ୍ତ୍ରୀ ପ୍ରତି ଅନ୍ୟାୟ ଆଚରଣ କରି ଉତ୍ପୀଡିତ କରନ୍ତି ଓ ଅସଦ୍‌ମାର୍ଗଗାମୀ ହୁଅନ୍ତି, ତେବେ ସ୍ତ୍ରୀ ଏହି କଷ୍ଟକୁ ପୂର୍ବଜନ୍ମର କର୍ମଫଳ ଭାବି ସହ୍ୟ କରିବା ଉଚିତ୍ ଓ ନିଜର ସ୍ୱଧର୍ମ ରକ୍ଷା କରି ସ୍ୱାମୀଙ୍କୁ ସତ୍‌ମାର୍ଗରେ ଆଣିବା ପାଇଁ ଭଗବତ୍ ପ୍ରାର୍ଥନା ନିରତ ହେବା ବିଧେୟ । ପ୍ରାର୍ଥନାର ଶକ୍ତି ଅମୋଘ । ପାଶ୍ଚାତ୍ୟ ଦେଶରେ ମଧ୍ୟ ଲୋକେ ପ୍ରାର୍ଥନାର ଫଳ ବା Effectiveness of Prayers କୁ ବିଶ୍ୱାସ କରନ୍ତି । ଯୁଗ ପରିବର୍ତ୍ତନ ଅନୁଯାୟୀ ଏବେ ନାରୀ କେବଳ ଗୃହ ମଧ୍ୟରେ ସୀମାବଦ୍ଧ ନୁହେଁ । ବର୍ତ୍ତମାନର ଶିକ୍ଷିତ ନାରୀ ଉପାର୍ଜନକ୍ଷମ ହୋଇ ସମସ୍ତ ପ୍ରକାର ଘର ବାହାର କାର୍ଯ୍ୟ କରିବାକୁ ସକ୍ଷମ । ଏହାଦ୍ୱାରା ନିଜ ପରିବାର ତଥା ଦେଶ ସମାଜ ମଧ୍ୟ ଆଗେଇ ଚାଲିଛି । ବର୍ତ୍ତମାନର ନାରୀ ସମସ୍ତ ସ୍ୱାଧିନତା ଓ ପୁରୁଷ ସମକକ୍ଷତା ମଧ୍ୟରେ ବି ଯଦି ସତର୍କତାର ସହ ନିଜର ସ୍ୱଧର୍ମ ପାଳନ କରେ ତେବେ ସେ ଅନ୍ୟମାନଙ୍କର ଆଦର୍ଶ ହୋଇପାରିବ ।

ଶ୍ରୀଶ୍ରୀଠାକୁରଙ୍କ ଉପଦେଶ ଅନୁଯାୟୀ ସ୍ୱାମୀ, ସ୍ତ୍ରୀଙ୍କୁ ଜଗତ୍ ଜନନୀ ମହାଶକ୍ତିଙ୍କ ଅଂଶ ସମ୍ଭୂତା ଭାବରେ ଜ୍ଞାନ କରି ଉପଯୁକ୍ତ ସମ୍ମାନ ଦେଇ ସଂସାର ଧର୍ମ ପାଳନ କରିବା ଉଚିତ୍ । ଯେଉଁ ପରିବାରରେ ନାରୀ ମାନଙ୍କୁ ଆଦର କରାଯାଏ, ସେ ଗୃହ ପ୍ରତି ଦେବତାମାନେ ପ୍ରସନ୍ନ ହୁଅନ୍ତି । ସ୍ତ୍ରୀଙ୍କୁ ମଧ୍ୟ ଉପଯୁକ୍ତ ଶିକ୍ଷା ଦେଇ ସତ୍ମାର୍ଗରେ ପରିଚାଳିତ କରିବା ସ୍ୱାମୀଙ୍କର କର୍ତ୍ତବ୍ୟ । ବିବାହ କରି ଏକନିଷ୍ଠ ଭାବରେ ପରସ୍ପର ପ୍ରେମପ୍ରୀତିରେ ରହି ସଂସାରର କର୍ତ୍ତବ୍ୟ ସଂପାଦନ କରିବା ନିମିତ୍ତ ନିୟମ ସଂଯମର ଆବଶ୍ୟକ । ପାଶ୍ଚାତ୍ୟ ଦେଶରେ ଏହି ଏକନିଷ୍ଠ ଭାବର ଅଭାବରୁ ପ୍ରତ୍ୟହ ବିବାହ-ବିଚ୍ଛେଦ ଘଟୁଅଛି ଏବଂ ତା ଫଳରେ ନାନାବିଧ ଅଶାନ୍ତି ଘଟି ଗୃହନାଶ, ମନସ୍ତାପ ହେଉଛି । ପତିଙ୍କଠାରେ ଆତ୍ମ ସମର୍ପଣ ଓ ସନ୍ତାନମାନଙ୍କ ନିମିତ୍ତ ଆତ୍ମଦାନ ହିଁ ନାରୀମାନଙ୍କର ପରମ ପବିତ୍ର ବ୍ରତ ମଧ୍ୟରେ ଗଣ୍ୟ ।

ସ୍ୱାମୀଙ୍କ ପ୍ରତି ସ୍ତ୍ରୀର କର୍ତ୍ତବ୍ୟ ଏବଂ ସ୍ତ୍ରୀ ପ୍ରତି ସ୍ୱାମୀଙ୍କ କର୍ତ୍ତବ୍ୟ ଯଥାଯଥ ଭାବରେ ପ୍ରତିପାଳିତ ହେଲେ ଗୃହ ସ୍ୱର୍ଗ ବା ଆଦର୍ଶ ସଂସାରରେ ପରିଣତ ହୋଇ ସୁଖମୟ ହୋଇଥାଏ । ସଂସାର ମଧ୍ୟରେ ରହି ନିୟମ ଶୃଙ୍ଖଳାଧୀନରେ ପରିଚାଳିତ ହେଲେ ସେହି ଗୃହକୁ 'ଗୃହସ୍ଥାଶ୍ରମ' କୁହାଯାଏ ।

ଦୈନନ୍ଦିନ ଜୀବନରେ ବ୍ୟକ୍ତିଗତ ଆଶା, ଆକାଂକ୍ଷା ଅନୁଯାୟୀ ଯଦି ସ୍ତ୍ରୀ, ପୁତ୍ର, ବିଷୟ, ବିଭବ ସବୁ ମିଳିଯାଏ ତେବେ ଲୋକେ ଠାକୁରଙ୍କ କୃପା କୀର୍ତ୍ତନ କରନ୍ତି । ଅନ୍ୟଥା ବିମର୍ଷ ହୁଅନ୍ତି । ଯଦି ଅନୁକୂଳ ବା ପ୍ରତିକୂଳ ଉଭୟ ଅବସ୍ଥାରେ ଭାବ ଠିକ୍ ରହେ, ତେବେ ବୁଝିବାକୁ ହେବ ଆମେ ପ୍ରକୃତ ଭାବରେ ଠାକୁରଙ୍କ କୃପା ପାଇଅଛୁ । ନିର୍ଭରତା ଓ ସମର୍ପଣ ଭାବକୁ ସମସ୍ତେ ହୃଦୟଙ୍ଗମ କରିବାକୁ ହେବ । ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଆମର ପୂର୍ଣ୍ଣ ସମର୍ପଣ ଭାବ ଅଛି । ଆମେ ତାଙ୍କୁ ଭଲ ପାଉ, ସେ ଆମକୁ ବହୁତ ଭଲ ପାଆନ୍ତି । ଆମ ପାଇଁ ଯାହା ମଙ୍ଗଳକର ସେ ତାହା ହିଁ କରିବେ । ଆମର ଯାହା ଭଲ ହେଉଛି ତାଙ୍କ କୃପାରୁ ହେଉଛି । ଆମେ ଯାହା କଷ୍ଟ ଭୋଗୁଛୁ, ତାହା ଆମର ପ୍ରାରବ୍ଧ କିମ୍ବା କ୍ରିୟମାଣ କର୍ମର ଫଳ ଭୋଗୁଛୁ । ସଂସାରରେ ଆମେ ଦେଖୁ ପାପ ନ କରି ମଧ୍ୟ ଲୋକେ କଷ୍ଟ ପାଉଛନ୍ତି, ପୁଣି କେତେ ପାପୀ ସୁଖରେ, ସମ୍ମାନରେ ଜୀବନ କଟାଉଛନ୍ତି । ଏହାହିଁ ଜନ୍ମାନ୍ତରୀଣ କର୍ମର ଫଳ । ପରିଶ୍ରମ କରି ମଧ୍ୟ କେତେ ଲୋକ ଖାଇବାକୁ ପାଉନାହାନ୍ତି, ଆଉ କାମ ନ କରି ମଧ୍ୟ କେତେ ଲୋକ ଖୁବ ସୁଖରେ ଚଳୁଛନ୍ତି । ପୂର୍ବଜନ୍ମର କର୍ମଫଳ ହେତୁ ଏପରି ଘଟୁଛି । ସମସ୍ତ ଘଟଣା ଭଗବାନଙ୍କ ମଙ୍ଗଳମୟ ଇଚ୍ଛାରେ ଘଟୁଅଛି । ତେଣୁ ତାଙ୍କ ନାମ ନେଇ ତାଙ୍କ ଉପରେ ନିର୍ଭର କରି ପଡି ରହିଥିଲେ ସେ ଇହକାଳ ଓ ପରକାଳରେ ମଙ୍ଗଳ କରିବେ । ଅଭିମାନ, ଅଜ୍ଞାନ ହିଁ ଆମର ଅଶାନ୍ତି, ଉଦ୍‌ବେଗର କାରଣ । ଆଦର୍ଶ ସଂସାରରେ ଶ୍ରୀଶ୍ରୀଠାକୁର ହିଁ କର୍ତ୍ତା ବା ମୁରବୀ । ତେଣୁ ପ୍ରତି କର୍ମରେ ତାଙ୍କୁ ଜଣାଇବାକୁ ହେବ । ପରିବାରର ଭରଣପୋଷଣ ନିମନ୍ତେ ଗୃହସ୍ଥ କେବେ ଅନ୍ୟାୟ କି ଅସଦ୍ ଉପାୟ ଗ୍ରହଣ କରିବା ଉଚିତ୍ ନୁହେଁ । କାରଣ ସେ ପାପରେ କେହି ଭାଗୀ ହେବେନି । ଆହାର, ବିଚାରରେ ଶୁଦ୍ଧତା ପ୍ରତି ଦୃଷ୍ଟି ଦେବାକୁ ପଡିବ ।

ସୁଖ ଦୁଃଖର ଆବର୍ତ୍ତରେ ସଦା ଅବସ୍ଥିତ ଯେଉଁ ସଂସାର, ତାହାରି ସଂସାରୀମାନେ ଦୈନନ୍ଦିନ ସାଧନା ମଧ୍ୟରେ କିପରି ଭଗବତ୍‌ମୁଖୀ ହେବେ ଏବଂ ନିତ୍ୟ ଆନନ୍ଦ ଓ ଶାନ୍ତିରେ ଜୀବନ କଟାଇବେ, ତାହାରି ଅମୃତ ପ୍ରଲୋପ ଦେଇଛନ୍ତି ଶ୍ରୀଶ୍ରୀଠାକୁର । ତାଙ୍କର ସହଜବୋଧ୍ୟ ବାଣୀ ଗୁଡିକ କର୍ମକ୍ଷେତ୍ରରେ, ଆଚରଣରେ ବାସ୍ତବ କରିବା ହିଁ ଆମର ଗୁରୁଭକ୍ତିର ପରାକାଷ୍ଠା । ତାଙ୍କର ସମସ୍ତ ଉପଦେଶରେ ଯଦିଓ ବେଦ, ଉପନିଷଦ, ଭାଗବତ, ଗୀତା, ପୁରାଣମାନଙ୍କର ନିର୍ଯ୍ୟାସ ରହିଛି, ତଥାପି ସେସବୁର ପରିବେଷଣରେ ଏତେ ମାର୍ମିକ ସହଜବୋଧତା ରହିଛି ଯେ, କୌଣସି ଶ୍ରାନ୍ତ, କ୍ଲାନ୍ତ, ଜୀବନ ଜଞ୍ଜାଳରେ ପୀଡିତ, ବ୍ୟସ୍ତ ବ୍ୟକ୍ତି ସେଥିରୁ ଅମୃତ ଉପଲବ୍‌ଧି ପାଇପାରିବ । ସବୁ ଆମ ଅଭ୍ୟନ୍ତରରେ ନିହିତ ଅଛି । ଆମକୁ ଆଚରଣ ସିଦ୍ଧ ହେବାକୁ ହେବ । କଥା ଓ କାର୍ଯ୍ୟରେ ସାମଞ୍ଜସ୍ୟ ସ୍ଥାପନ କରିବାକୁ ପଡିବ । ପ୍ରକୃତ ନିଗମ ଚେତନାରେ ଚେତନଯୁକ୍ତ ଭକ୍ତ ଭାବରେ ସଂସାର ଯାତ୍ରା ନିର୍ବାହ କରିବାକୁ ହେବ । ତାଙ୍କର ଆଦେଶ ଓ ଉପଦେଶ ପାଳନ କରିବା ହିଁ ଆମର ସାଧନା । ତାଙ୍କର ବିନା ଇଚ୍ଛାରେ ଗଛରେ ପତ୍ର ହଲେ ନାହିଁ । 'ସିଦ୍ଧିଲାଭ ଗୁରୁକୃପା ସାପେକ୍ଷ, ସାଧନ ଭଜନ ଉପଲକ୍ଷ୍ୟ ମାତ୍ର' । ତେଣୁ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଅନ୍ତରର ନିବେଦନ ଓ ପ୍ରାର୍ଥନା, ନିବୃତ୍ତି ପଥରେ ଥାଇ ତାଙ୍କୁ ସୁଖ ପାଇ ତାଙ୍କ ନିର୍ଦ୍ଦେଶିତ ପନ୍ଥାରେ ଚଳି ଆଦର୍ଶ ଗୃହସ୍ଥ ଜୀବନ ଗଠନ ସାଧନାରେ ସଫଳ ହେବା ପାଇଁ ଆମକୁ ସେ ଶକ୍ତି ଦିଅନ୍ତୁ, ଆର୍ଶୀବାଦ କରନ୍ତୁ । 'ଜୟଗୁରୁ'

ଶ୍ରୀମତୀ ସ୍ମିତାରାଣୀ ସୁନ୍ଦର ରାୟ

# ସଂଘ ଶକ୍ତିର ଆବଶ୍ୟକତା

ମୁଁ ସଂଘ କହୁଛି । ମୁଁ ହେଉଛି ସଂଘ । ମୁଁ ହେଉଛି ବର୍ତ୍ତମାନ, ଭବିଷ୍ୟତ ଓ ଅତୀତ । ତୁମେ ସବୁ ନିମିତ୍ତ ମାତ୍ର । ଆରେ କଳି ଯୁଗର କ୍ଷଣ ଆୟୁଷ ଗଣ, କୁଆଡେ ଚାଲିଛ ? ଆସ ସମସ୍ତେ ମିଶି ମୋର ପ୍ରାଣ ପ୍ରତିଷ୍ଠା କର । ମୁଁ ସମସ୍ତଙ୍କୁ କୋଳ କରି ନେଇଯିବି ତୁମର ସେହି ପ୍ରାଣପିୟ ଠାକୁରଙ୍କ ପାଖକୁ । ଆରେ ଆଳସ୍ୟ ପରାୟଣ, ଶକ୍ତିହୀନ, କ୍ଷୀଣ ବୀର୍ଯ୍ୟଶାଳୀ ଗୃହୀଗଣ, କୁଆଡେ ଚାଲିଛ; ଏକାନ୍ତ ପ୍ରଚେଷ୍ଟାରୁ ନିବୃତ ରୁହ । ଆରେ ତୁମର ବଳ କାଳ କେତେଦିନ । କେତେ କେତେ ମହାରଥୀ ଆସି ଫେରି ଯାଇଛନ୍ତି । ଭୁଲିଗଲ ରତ୍ନାକରକୁ, 'ରାମ' 'ରାମ' କହି କହି ଉଇହୁଙ୍କା ପାଲଟି ଗଲା ।

ତେଣୁ କହୁଛି, ଆସ ଦୁଇ ଚାରି ଜଣ ମିଶି କର ମୋର ପ୍ରାଣ ପ୍ରତିଷ୍ଠା । ଜଣେ ଅନ୍ୟ ଜଣଙ୍କ ହାତ ଧରି ଧର୍ମ ପଥରେ ଅଗସର ହୁଅ । ଯୁଗେ ଯୁଗେ ମୋର ପ୍ରତିଷ୍ଠା । ମୋର ଶକ୍ତି ଓ ମହିମା ପୁରାଣ, ଉପନିଷଦରେ ମଧ୍ୟ ବର୍ଣ୍ଣିତ ହୋଇଛି । ଉପନିଷଦ ବର୍ଣ୍ଣିତ ଋଷିସଙ୍ଘ ହିଁ ବ୍ରହ୍ମବିଦ୍ୟାର ଧାରକ, ପାଳକ ଓ ରକ୍ଷକ ଥିଲା । ବୌଦ୍ଧମାନେ ମଧ୍ୟ ସଂଘର ଅସ୍ତିତ୍ୱ ସ୍ୱୀକାର କରିଛନ୍ତି । ବୌଦ୍ଧ ଭିକ୍ଷୁଗଣ 'ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘଂ ଶରଣଂ ଗଚ୍ଛାମି' ଏହି ତ୍ରିରତ୍ନର ଆଶ୍ରୟ ଗ୍ରହଣ କରୁଥିଲେ ।

ଭଗବାନ ବ୍ୟାସଦେବ କହିଛନ୍ତି :

'ତ୍ରେତୟାଂ ମନ୍ତ୍ରଶକ୍ତିଶ୍ଚ ଜ୍ଞାନଶକ୍ତିଃ କୃତେ ଯୁଗେ
ଦ୍ୱାପର ଯୁଦ୍ଧଶକ୍ତିଶ୍ଚ ସଂଘଶକ୍ତି କଲୌ ଯୁଗେ ॥ '

-----ଇତିଃ ବ୍ୟାସଃ

ବିଭିନ୍ନ ଯୁଗରେ ବିଭିନ୍ନ ଶକ୍ତି କାର୍ଯ୍ୟକାରୀ ହେଉଥିଲେ ମଧ୍ୟ କଳିଯୁଗରେ କେବଳ ସଂଘ ଶକ୍ତି ହିଁ ବିଶେଷ କାର୍ଯ୍ୟକାରୀ । ଭଗବାନ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ କିଛି ନା କିଛି ବିଶେଷତ୍ୱ ରଖି ସୃଷ୍ଟି କରିଛନ୍ତି । ତୁମେମାନେ ଯଦି କୌଣସି ବିଶିଷ୍ଟ ଗୁଣର ଅଧିକାରୀ ହୋଇଥାଅ, ତେବେ ଏଥିରୁ ବୁଝିବାକୁ ହେବ ନିଶ୍ଚୟ ତୁମର ସେହି ବିଶିଷ୍ଟ ଗୁଣ ଭଗବାନଙ୍କର କୌଣସି ବିଶେଷ ଉଦ୍ଦେଶ୍ୟ ସିଦ୍ଧି ନିମିତ୍ତ ପ୍ରଦତ୍ତ ହୋଇଛି । ସୁତରାଂ ବର୍ତ୍ତମାନ ତୁମେମାନେ ସମସ୍ତେ ସମ୍ମିଳିତ ହୋଇ ନିଜ ନିଜର ବିଶିଷ୍ଟ ଗୁଣଦ୍ୱାରା ପରସ୍ପର ସେବା କରି ଲକ୍ଷ୍ୟପଥରେ ଅଗ୍ରସର ହେବା ବିଧେୟ ।

ସଂଘବଦ୍ଧ ହୋଇ ପ୍ରାର୍ଥନା କରିବାକୁ ସ୍ୱୟଂ ଭଗବାନ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତଙ୍କର ସମ୍ମିଳିତ ପ୍ରାର୍ଥନାରେ ଯେଉଁ ଅସାଧାରଣ ଶକ୍ତିର ବିକାଶ ହୁଏ, ସେଥିରେ ସମସ୍ତଙ୍କର ସର୍ବାଭୀଷ୍ଟ ସିଦ୍ଧି ହୋଇଥାଏ । ଯେଉଁଠାରେ ସଂଘ ନାହିଁ, ସେଠାରେ ଦେବତାଙ୍କ ଆବିର୍ଭାବ ସମ୍ଭବ ହୁଏ ନାହିଁ । ଆତ୍ମ ପ୍ରାଧାନ୍ୟ ପ୍ରତିଷ୍ଠାରେ ଯେଉଁମାନେ ଅନ୍ଧ, ସେମାନେ ଦେବତାଙ୍କ ଆଶୀର୍ବାଦରୁ ବଞ୍ଚିତ ହୁଅନ୍ତି । ଯେଉଁମାନେ ସଂଘବଦ୍ଧ ହୋଇ ଦେବତାଙ୍କ ଚରଣ ତଳେ ନିଜକୁ ବିସର୍ଜନ ଦେଇପାରନ୍ତି, ସେହିମାନଙ୍କ ଉପରେ ତାଙ୍କର ଆଶୀର୍ବାଦ ବର୍ଷିତ ହୋଇଥାଏ ।

ବର୍ତ୍ତମାନର କଳିଯୁଗରେ ଏକାକୀ ସମାଜ ଭିତରେ ସାମଞ୍ଜସ୍ୟ ରକ୍ଷାକରି ଚଳିବା କୌଣସି ସାଧକଙ୍କ ପକ୍ଷରେ ସମ୍ଭବ ନୁହେଁ । ଏପରି ଦିନ ମଧ୍ୟ ଉପସ୍ଥିତ ହୁଏ ଯେ, ସମଭାବପନ୍ନ ସାଧକଙ୍କ ସଙ୍ଗ ଅଭାବରୁ, ଅସାଧୁମାନଙ୍କ ସଙ୍ଗଦ୍ୱାରା ଆକୃଷ୍ଟ ହୋଇ, ସାଧକ ଲକ୍ଷ୍ୟଚ୍ୟୁତ ହୋଇପଡୁଛନ୍ତି । ଦୁର୍ବଳର ଶକ୍ତି ନଗଣ୍ୟ ହେଲେ ମଧ୍ୟ, ଦଶଜଣ ମିଳିତ ହେଲେ ମହାଶକ୍ତିର ଉଦ୍‌ଭବ ହୋଇଥାଏ । ତୁମେ ସବୁ ଦୁର୍ବଳ, ସୁତରାଂ ତୁମ୍ଭମାନଙ୍କୁ ସଂକୀର୍ଣ୍ଣ ସ୍ୱାର୍ଥପର ବ୍ୟକ୍ତିଗତ ସାଧନାର ପ୍ରଲୋଭନ ତ୍ୟାଗ କରିବାକୁ ହେବ । ସଂଘ ନିର୍ଦ୍ଦିଷ୍ଟ ସାଧନା ଓ ସଂଘ ବିଧି ନିୟମଦ୍ୱାରା ବ୍ୟକ୍ତିଗତ ଜୀବନକୁ ପରିଚାଳିତ କରିବାକୁ ପଡିବ ।

ହେ ସଦ୍‌ଗୁରୁଙ୍କ ସନ୍ତାନ ଗଣ, ଶୁଣ ତୁମର ସେହି ପ୍ରାଣପ୍ରିୟ ଶ୍ରୀଶ୍ରୀଠାକୁରଙ୍କ ମୁଖ ନିଃସୃତ ବାଣୀ !!!!

'ମୁଁ ଚିରକାଳ ଅଛି ଓ ରହିବି । ମୋର ବ୍ୟାପକ ଇଚ୍ଛାକୁ କାର୍ଯ୍ୟରେ ପରିଣତ କରିବାକୁ ହେଲେ ସମସ୍ତଙ୍କୁ ସଂଘବଦ୍ଧ ହେବାକୁ ପଡିବ । ତୁମେମାନେ ସବୁ ଆତ୍ମସ୍ଥ ହୁଅ, ସମାହିତ ହୁଅ; ତେବେ ଯାଇ ମୋର ବ୍ୟକ୍ତ ଓ ଅବ୍ୟକ୍ତ ସମସ୍ତ ଇଚ୍ଛାକୁ ଉପଲବ୍‌ଧି କରିପାରିବ । ତୁମେମାନେ ମୋ ବିରାଟ ଇଚ୍ଛାର ଗୋଟିଏ ଗୋଟିଏ ମୂର୍ତ୍ତ ପ୍ରତୀକ ହୁଅ । ଏହାହିଁ ମୋର ଶେଷ ଆଶୀର୍ବାଦ । - ଶ୍ରୀଶ୍ରୀଠାକୁର

ସଂଘର ଉଦ୍ଦେଶ୍ୟ ବୁଝାଇବାକୁ ଯାଇ ଶ୍ରୀଶ୍ରୀଠାକୁର କହିଛନ୍ତି !!!

'ମୁଁ ତୁମ ସମସ୍ତଙ୍କୁ ସଂଘବଦ୍ଧ ହେବାକୁ ନିର୍ଦ୍ଦେଶ ଦେଇଛି । ତୁମମାନଙ୍କ ମଧ୍ୟରୁ ଜଣକର ଆତ୍ମୋନ୍ନତି ଦେଖିଲେ ମୋର ଆନନ୍ଦ ହେବ ନାହିଁ । ତୁମମାନଙ୍କ ମଧ୍ୟରୁ ଜଣେ ଦୁଇଜଣ ଯଦି ମୋ ଆଦର୍ଶରେ ଗଠିତ ହୋଇ ଉଠ, ତା ହେଲେ ମଧ୍ୟ ସଂଘର ଉଦ୍ଦେଶ୍ୟ ସିଦ୍ଧି ହେଲା ନାହିଁ । ଦଶଜଣ ଯାକ ଏକ ଭାବରେ ପରସ୍ପର ପରସ୍ପରକୁ ସାହାଯ୍ୟ କରି ଗଠିତ ହେବା ହିଁ ମୋର ଉଦ୍ଦେଶ୍ୟ । ଯେଉଁଦିନ ତୁମେ ସମସ୍ତେ ଏକ ଭାବରେ ଅନୁପ୍ରାଣିତ ହୋଇ ଗଠିତ ହୋଇ ପାରିବ, ସେହି ଦିନ ହିଁ ମୋର ସମ୍ୟକ୍ ଆନନ୍ଦ । ଆତ୍ମୋନ୍ନତି ଆତକୁ ପ୍ରତ୍ୟେକଙ୍କର ଲକ୍ଷ୍ୟ ତ ନିଶ୍ଚୟ ରହିବ, ପରନ୍ତୁ ପରସ୍ପର ପ୍ରତି ସହାନୁଭୁତି ଥିବା ଏକାନ୍ତ ଆବଶ୍ୟକ ।'

ତେଣୁ ହେ ସଦ୍‌ଗୁରୁଙ୍କ ସନ୍ତାନଗଣ ଯାଅ, ସଂଘର ପ୍ରତିଷ୍ଠା କରି ଅମୃତର ଆସ୍ୱାଦନ କର । ସଂଘର ଉନ୍ନତି ତୁମମାନଙ୍କର ଜୀବନର ଲକ୍ଷ୍ୟ ହେଉ । ଶ୍ରୀଶ୍ରୀଠାକୁର ସଂଘରେ ଉପସ୍ଥିତ ରହି ତୁମମାନଙ୍କର ମନର ବାସନା ପୂର୍ଣ୍ଣ କରନ୍ତୁ । ଜୟଗୁରୁ । ଜୟଗୁରୁ ।

ଶ୍ରୀ ରବି ନାରାୟଣ ତ୍ରିପାଠୀ

# ଆଜି ଏ ଶୁଭ ଲଗନେ

ରାମନବମୀରେ ଜ୍ଞାନଭାଇ ଘରେ ପିନ୍ଧାଇ ନବ ବସନ
ମିଳିତ ଭାବରେ ଠାକୁରଙ୍କ ପୂଜା କରିଥିଲୁ ତିନିଜଣ ।୧।

ଆଉ ପାଞ୍ଚଜଣ ଦର୍ଶକ ଭାବରେ ଉପସ୍ଥିତ ରହିଥିଲେ
ଆକୁଳ ହୃଦୟେ ଜଣାଇଲି ମୁହିଁ ପଡିଶ୍ରୀଚରଣ ତଳେ ।୨।

ହୋଇଗଲା ଆଜି ଏହି ଦେଶେ ତୁମ ସଂଘପୂଜା ଅନୁକୂଳ
ଇଚ୍ଛାମୟ ତୁମେ ଇଚ୍ଛାକଲେ ତିଷ୍ଠି ରହିବ ଏ ଚିରକାଳ ।୩।

ବିଧିବଦ୍ଧ ଭାବେ ହୋଇନାହିଁ ହେଲେ ତୁମେ ତ ବିଧିର ବିଧି
ତୁମରି ଇଚ୍ଛାରେ ମୁହୂର୍ତ୍ତକ ମଧ୍ୟେ ସବୁକାର୍ଯ୍ୟ ହୁଏ ସିଦ୍ଧି ।୪।

ଏ ଲେଖା ୪ ବର୍ଷ ତଳେ, ୧୯୯୮ ମାର୍ଚ୍ଚ ମାସରେ ମୁଁ ଆମେରିକାରେ ଥିବା ସମୟରେ ଲେଖା ହୋଇଥିଲା । ଆଜି ମୁଁ ବହୁତ ଖୁସି ଯେ ଶ୍ରୀଶ୍ରୀଠାକୁର ମହାରାଜଙ୍କର ଆମେରିକାରେ ଥିବା ଭକ୍ତମାନେ ଏକତ୍ରିତ ହୋଇ ତାଙ୍କର ସଙ୍ଘ ପୂଜା କରିବା ପାଇଁ ତାଙ୍କରି କରୁଣା ଲାଭ କରି ପାରିଛନ୍ତି । ଜ୍ଞାନ ଭାଇଙ୍କ ଘରେ ଯେଉଁ ପୂଜାର ଭିତ୍ତି ପ୍ରସ୍ତର ସ୍ଥାପନା ହୋଇଥିଲା, ଆଜି ସେହି ଜ୍ଞାନ ଭାଇଙ୍କ ଘରେ ତାର ପୁର୍ଣ୍ଣାଙ୍ଗ ରୂପ ମୁଁ ଅନୁଭବ କରି ସେଇ କରୁଣାମୟଙ୍କ ଶ୍ରୀଚରଣ ତଳେ କୋଟିକୋଟି ପ୍ରଣତୀ ଜ୍ଞାପନ କରୁଛି ।

ଶ୍ରୀମତୀ କାଞ୍ଚନବାଳା ଦାସ

# *Bhava Binimay*: My Perspective

Our dearest Sri Sri Thakur Maharaj had emphasized on *bhava binimay* (exchange of spiritual feelings) rather seriously. Obviously, *bhava binimay* has become a traditional occurrence during our *sangha pooja.* I have spent some time in trying to understand this remarkable instruction of our Guru and will describe my feelings – the way I have realized the message - in this short article. Hopefully, it will be clear as one reads this viewpoint that my effort here is also to perform *bhava binimay*, that is, communicating my feelings (indeed, about *bhava binimay*).

Clearly, the first question that comes to mind while discussing this subject is why exchange *bhava.* Our revered Sri Sri Thakur Maharaj is *tantra siddha*, *yoga siddha*, *gyana siddha*, and also *prema siddha*. *Bhava*, evidently, belongs to his last forte. Then why didn't he ask us to exchange our knowledge of *tantra*, or *yoga*, or *gyana*? Well, indisputably, the first two requires practice. Discussion does not help much. One has to follow the doctrines and perform *sadhana* in order to get any result. In other words, just by listening the sermon of a *tantrik* or of a *yogi* one would not make spiritual progress. Hence discussion of *tantrik* or *yogic* feats during *sangha pooja* is unwarranted. The next one is *gyana*. Why not *gyana binimay*? Well, in my opinion, that would be an oxymoron. There can be no exchange of *gyana*. *Gyana*, like the property of water to flow from a higher ground to a lower ground, can only gush from a *gyani* to a lesser *gyani* or to an *agyani* as the case might be. On the other hand, a less knowledgeable person cannot educate a more knowledgeable one. There can only be a unidirectional flow. Therefore, *gyana binimay* would be an impractical view.

However, *bhava*, unlike the other three, can be exchanged. The reason being that there is no measurement of *bhava*; hence, one cannot say that his/her *bhava* is better than the other. A good analogy here would be the example of two complex numbers. Unlike real numbers they are not one-dimensional. So, it is unrealistic to compare them in order to determine which one is more than the other. This rejects the theory of unidirectional flow and favors the exchange. Besides, in case of complex numbers there are only two dimensions. But, in *bhava* there can be numerous dimensions. Each of these dimensions adds complexity to the comparison. Consequently, there is no higher *bhava* or no lower *bhava.* Hence, two people with different *bhavas* can exchange their views and as a result each one learns from the other. Thus, *bhava binimay* has appropriately become a significant part of our spiritual activities.

Analyzing the state of *bhava* is an intricate matter. To make the case, let us consider only one dimension, *gopi bhava*, for example, and consider that there can only be only 10 different possible levels (although the number is very unrealistically low) including a level of zero, which represents no *gopi bhava* at all. So, a person can only be in one of the 10 stages and we can compare the levels of two people only when their *gopi bhava* aspect is considered. Now adding another dimension, say *dasya bhava*, and assuming that there can be 15 levels of this, there would be a total of 150 possible stages. For example, a person may have level 7 *gopi bhava* and level 0 *dasya bhava.* For each additional dimension the number of possibilities grows multifold. Moreover, knowing that there can be countless levels in each dimension and that number of dimensions is numerous (for instance, adding to the equation various paths of *yoga maarg* as other dimensions and paths of *tantra maarg* as yet other dimensions and so on), there are infinite possible stages. Each human being on earth can be in a different position that is incomparable to another.

It is important to note that our positions are dynamic. That is, the values change as we move along any direction. The objective is to attain the peak in any one dimension. We can pick any one

aspect of Sri Sri Thakur Maharaj and move along. That may look different from what another *bhai*/*maa* has chosen. Our choice is based on our *bhava* and the aspect of Sri Sri Thakur Maharaj we have settled on. All of us know the story of an elephant and a group of blind people who wanted to learn about the elephant. While one thought the elephant is like a rope, the other perceived it like a wall, and yet another believed it as a column. Each one is right for the part of the elephant he/she touched. Then again, the elephant's body is limited. There can be only a limited number of descriptions. Our Thakur Maharaj is infinite. So, it is apparent that we may never experience his complete identity. Depending on our experience of him our *bhava* is fostered. Unless all the blind people who surveyed the elephant share their knowledge they can never realize what an elephant truly is. This is one of the key reasons for *bhava binimay*: to realize the immeasurable, our beloved Thakur Maharaj.

Sri Sri Thakur Maharaj is at the center and we all are attempting to reach him. We are approaching him from various directions and each of us is at a different position. Occasionally we move along a straight line without any disruption; while at other times we move in a zigzag way. We all may not be at equidistance from him. Yet our locations do not allow us to compare each other's position with respect to the center. Only Sri Sri Thakur Maharaj can judge our place and extend his hand to pull us toward him when we are at a reachable distance from him.

Reiterating the outlook stated before, it is naive to compare *bhavas* of two *bhais/maas*. Each would be right in his/her own way as far as his/her relationship or standing with Sri Sri Thakur Maharaj is concerned. Consequently, we would admire one's way of worshiping, way of serving, way of talking to, and way of relating with Sri Sri Thakur Maharaj. It is undoubtedly crucial to listen to and understand others views and experiences so that we make progress in our spiritual life.

Sri Brajendra Panda
Fayetteville, Arkansas

# In my Heart

Thakur, You are in every soul and You know it all
You bless everyone, whether big or small

You are in my heart and You are every where
I know for sure You would answer my Prayer

What would I ask! As you are in my heart
Any worldly thing can only take you apart

My only payer is that in everything I do
You stay in my heart and I do it for you.

**Gyan Ranjan Dwibedy**

# ସନାତନ ଧର୍ମ

ସ୍ୱାମୀ ନିଗମାନନ୍ଦଙ୍କ ମତରେ ସନାତନ ଧର୍ମ ପୃଥିବୀର ସର୍ବପ୍ରାଚୀନ ଧର୍ମ, ସାର୍ବଭୌମିକ ଧର୍ମ ଓ ଚିରନ୍ତନ ବା ଶାଶ୍ୱତ ଧର୍ମ । ଏହା କୌଣସି ଉତ୍ପନ୍ନ ଧର୍ମ ନୁହେଁ । ମାନବ ଜାତିର ଏହା ମୂଳଧର୍ମ । ଏହାର ଆଦି ନାହିଁ କି ଅନ୍ତ ନାହିଁ । ଏହା ଅତୀତରେ ଥିବା ଧର୍ମ ମାତ୍ର ବର୍ତ୍ତମାନ ନଥିବା ଧର୍ମ ନୁହେଁ କିମ୍ବା ବର୍ତ୍ତମାନ ଥିବା ଧର୍ମ ମାତ୍ର ଅତୀତରେ ନଥିବା ଧର୍ମ ନୁହେଁ । ଏହା ନିତ୍ୟ, ସତ୍ୟ ଓ ସନାତନ । ଏହା ସଂପୂର୍ଣ୍ଣ ଧର୍ମ, ଏକଦେଶଦର୍ଶୀ ଧର୍ମ ନୁହେଁ । ଏହା ପୂର୍ଣ୍ଣାବୟବ ଧର୍ମ । ସନାତନ ଧର୍ମ ଉଦାର, ପ୍ରଶସ୍ତ, ସୁଗଭୀର ଓ ସୁଦୀର୍ଘ । ଏହା ଏକ ବିଶ୍ୱବ୍ୟାପୀ ଧର୍ମପ୍ରଣାଳୀ, ସର୍ବଲୋକୋପଯୋଗୀ । ଏହା ଗଭୀର ସୂକ୍ଷ୍ମ ଆଧ୍ୟାତ୍ମିକ ବିଜ୍ଞାନରେ ପରିପୂର୍ଣ୍ଣ ।

ବର୍ତ୍ତମାନ ମର୍ତ୍ତ୍ୟଧାମରେ ଯେତେ ପ୍ରକାରର ପ୍ରସିଦ୍ଧ ଧର୍ମ ପ୍ରଚଳିତ ଅଛି, ତନ୍ମଧ୍ୟରେ ହିନ୍ଦୁ ଧର୍ମ ପରି ପ୍ରାଚୀନ ଧର୍ମପ୍ରଣାଳୀ ଅନ୍ୟ କୁତ୍ରାପି ନାହିଁ । କେବଳ ପ୍ରାଚୀନ ନୁହେଁ, ଏହି ଧର୍ମର ଆଦି କେଉଁଠି ତାହା ନିର୍ଣ୍ଣୟ କରିବା ଦୁଃସାଧ୍ୟ । ହିନ୍ଦୁଧର୍ମ ଯେଉଁ ବେଦମୂଳକ, ସେହି ବେଦର ଆଦି ଯେ କେଉଁଠି ତାହା ଏପର୍ଯ୍ୟନ୍ତ ନିର୍ଣ୍ଣିତ ହୋଇନାହିଁ । ତାହା ଶ୍ରୁତିପରଂପରା କ୍ରମେ ଅତି ପ୍ରାଚୀନ କାଳରୁ ଚଳିଆସୁଛି । ଏହି କାରଣରୁ ବେଦର ଅନ୍ୟ ନାମ ଶ୍ରୁତି । ହିନ୍ଦୁଶାସ୍ତ୍ର ଜଗତରେ ଏହି ଶ୍ରୁତି ପରଂପରାଗତ ବେଦ ପ୍ରତ୍ୟେକ ସୃଷ୍ଟି ପ୍ରାରମ୍ଭରେ ଆବିର୍ଭୂତ ହୁଏ ଏବଂ ପୁଣି ପ୍ରଳୟକାଳରେ ବିଲୀନ ହୋଇଯାଏ । ସୁତରାଂ ପ୍ରତି କଳ୍ପ ଶେଷରେ ଯେତେବେଳେ ବେଦର ପୁନରାବିର୍ଭାବ ଘଟେ, ସେତେବେଳେ ଏହି ବିଶ୍ୱ ସଂସାର ଯେପରି ଅନାଦି ରୂପରେ ଚିରକାଳ ସୃଷ୍ଟି ହେଉଅଛି, ବେଦ ମଧ୍ୟ ସେହିପରି ନିତ୍ୟ । ବେଦ ଯଦି ସନାତନ ଓ ନିତ୍ୟ ହୁଏ, ସେହି ବେଦମୂଳକ ଧର୍ମ ମଧ୍ୟ ତଦ୍ରୁପ ନିତ୍ୟ, ସତ୍ୟ ଓ ସନାତନ । ସେଥିପାଇଁ ହିନ୍ଦୁଧର୍ମର ଅନ୍ୟନାମ ସନାତନ ଧର୍ମ । ଏହି ସନାତନ ଧର୍ମର ପ୍ରାଚୀନତ୍ୱ ବିବେଚନା କଲେ, ବୌଦ୍ଧ, ଜୈନ, ଖ୍ରୀଷ୍ଟିଆନ୍, ଶିଖ୍, ପାର୍ସି, ମହମ୍ମଦୀୟ ପ୍ରଭୃତି ଧର୍ମପ୍ରଣାଳୀକୁ ଆଧୁନିକ ବୋଲି ଅଭିହିତ କରିବାକୁ ପଡେ । ଯାହା ଆଧୁନିକ ତାହା ଉତ୍ପନ୍ନ ଧର୍ମ । ଏହି ସମସ୍ତ ଉତ୍ପନ୍ନ ଓ ଆଧୁନିକ ଧର୍ମପ୍ରଣାଳୀ ସହିତ ହିନ୍ଦୁଧର୍ମ ଏହି ଭାବରେ ବିଭିନ୍ନ ହୋଇଅଛି ।

କେବଳ ପ୍ରାଚୀନ ବୋଲି ହିନ୍ଦୁଧର୍ମ ପ୍ରଭିନ୍ନ ନୁହେ । ସେହି ସବୁ ଉତ୍ପନ୍ନ ଧର୍ମ ସହିତ ହିନ୍ଦୁଧର୍ମର ପ୍ରକୃତିଗତ ବିଭିନ୍ନତା ଅଛି । ଗଙ୍ଗା ଯେପରି ସ୍ୱର୍ଗରୁ ଅବତରଣ କରି ଶତମୁଖ ହୋଇ ପାତାଳରେ ପ୍ରବେଶ କରିଛନ୍ତି, ସେହିପରି ହିନ୍ଦୁଧର୍ମ ନିବୃତ୍ତି-ପ୍ରମୁଖ ସ୍ୱର୍ଗରୁ ଅବତରଣ କରି ପ୍ରବୃତ୍ତି-ପ୍ରମୁଖ ଶତ ସଂପ୍ରଦାୟରେ ବିଭକ୍ତ ହୋଇ ଜନସମାଜରେ ପ୍ରବେଶ କରିଅଛି । କିନ୍ତୁ ସେହି ସବୁ ସାଂପ୍ରଦାୟିକ ସାଧନାପଥର ଗତି ଏକମୁଖୀ । ଏହି ଗତିପଥର ଗୋଟିଏ ସ୍ତରରେ ହେଉ ଅଥବା ଅନ୍ୟ ସ୍ତରରେ ହେଉ ସର୍ବସାଂପ୍ରଦାୟିକ ଧର୍ମପ୍ରଣାଳୀ ନିହିତ ଅଛି । ହିନ୍ଦୁର କାମ୍ୟ ଓ ନିଷ୍କାମ ପନ୍ଥ ଅଛି; ଦେବଦେବୀଙ୍କ ସ୍ଥୂଳ ସାକାର ଉପାସନା ଏବଂ ସୂକ୍ଷ୍ମ ସାକାର ଉପାସନା ମଧ୍ୟ ଅଛି; ଶାକ୍ତ ଅଛନ୍ତି, ବୈଷ୍ଣବ ଅଛନ୍ତି; ଖ୍ରୀଷ୍ଟିଆନ୍, ମୁସଲମାନ ଅଛନ୍ତି, ଜୈନ ଅଛନ୍ତି, ଶିଖ୍ ଅଛନ୍ତି, ବୌଦ୍ଧ ଅଛନ୍ତି, ବ୍ରାହ୍ମ ଅଛନ୍ତି – ମୋଟ ଉପରେ ସଂପ୍ରଦାୟ ଭେଦରେ ସମସ୍ତେ ଅଛନ୍ତି । ଏଭଳି ସାର୍ବଭୌମିକ ଧର୍ମ ଅନ୍ୟ କେଉଁଠାରେ ନାହିଁ । ଏହି ଧର୍ମ ସବୁ ପ୍ରକାର ଅଧିକାରୀଙ୍କ ନିମିତ୍ତ ପ୍ରଚାରିତ ହୋଇଅଛି । ତେଣୁ ସର୍ବବିଧ ଅଧିକାରୀ ଓ ସଂପ୍ରଦାୟଭୁକ୍ତ ଜନଗଣ ଏହି ଧର୍ମ ମଧ୍ୟରେ ପରିଦୃଷ୍ଟ ହୁଅନ୍ତି । ଘୋର ବିଷୟୀଙ୍କ ଠାରୁ ଆରମ୍ଭ କରି ବ୍ରହ୍ମବିଦ୍ ତତ୍ତ୍ୱଜ୍ଞାନୀ ପର୍ଯ୍ୟନ୍ତ ଏହି ଧର୍ମର ଆଶ୍ରିତ । ହିନ୍ଦୁଧର୍ମର ସାଧନପ୍ରଣାଳୀ ଏଇଥିପାଇଁ ସଂପୂର୍ଣ୍ଣାବୟବୀ । ହିନ୍ଦୁଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଯେ ଯେଭଳି ପୂଜାପଦ୍ଧତି ଅବଲମ୍ବନ କରନ୍ତୁ ନା କାହିଁକି, ସେହି ସବୁ ପୂଜା ଏକ ଅଦ୍ୱୟ ବ୍ରହ୍ମଙ୍କର ଉପାସନା । ସ୍ଥୂଳ ସାକାରଠାରୁ ସୂକ୍ଷ୍ମ ସାକାର ଏବଂ ନିସ୍ତ୍ରୈଗୁଣ୍ୟ ସାଧକଙ୍କର ନିରାକାର ବ୍ରହ୍ମର ଉପାସନା ହିଁ ଏକମୁଖୀ ହୋଇ ରହିଅଛି । ଭଗବାନ କହିଛନ୍ତି – ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହଂ । (ଶ୍ରୀମଦ୍ ଭଗବତ ଗୀତା ୪/୧୧)

କୌଣସି ଆଧୁନିକ ଉତ୍ପନ୍ନ ଧର୍ମରେ ଅଧିକାର ଭେଦ ସ୍ୱୀକୃତ ହୋଇନାହିଁ । କାରଣ ସେ ସମସ୍ତ ଧର୍ମ ମାନବାତ୍ମା ନିମିତ୍ତ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଆଦର୍ଶ ଓ ଲକ୍ଷ୍ୟ ଉପସ୍ଥାପିତ କରି ସେହି ଲକ୍ଷ୍ୟ ପ୍ରତି ସମଗ୍ର ମନୁଷ୍ୟ ସମାଜକୁ ନିୟୋଜିତ କରିବାକୁ ଇଚ୍ଛା କରିଛନ୍ତି । କିନ୍ତୁ ହିନ୍ଦୁଧର୍ମ ଯେତେବେଳେ ମାନବାତ୍ମାକୁ ତାହାର ଅନନ୍ତ ସ୍ୱରୂପରେ ପହଞ୍ଚାଇବାକୁ ଇଚ୍ଛା କରୁଛି ସେତେବେଳେ ନିଶ୍ଚୟ ସ୍ୱୀକାର କରିବାକୁ ହେବ ଯେ ତାହାର ଗତି ଅନନ୍ତ ଦିଗକୁ । ଏହି ଅନନ୍ତ ଗତିପଥରେ ଲୋକସମାଜର ସମସ୍ତେ ଅଛନ୍ତି ସତ୍ୟ, ମାତ୍ର ସମସ୍ତେ ତ ସମାନ ଅଧିକାରୀ ନୁହଁନ୍ତି । ପୂର୍ଣ୍ଣ ଯୁବକ ଯେଉଁ ଉପାୟରେ ଆହାର୍ଯ୍ୟ ଗ୍ରହଣ କରିପାରେ, ଶିଶୁ ତାହା କରିପାରେ ନାହିଁ । ଯୁବକ କଠିନତର ପଦାର୍ଥ ଚର୍ବଣ କରି ଭକ୍ଷଣ କରିପାରେ, କିନ୍ତୁ ଶିଶୁକୁ ତରଳ ଦୁଗ୍ଧ ତୁଳା ଦ୍ୱାରା ଧୀରେ ଧୀରେ ପାନ କରାଇବାକୁ ପଡେ । ଯେପରି ଜଣେ ଜ୍ଞାନୀ ସହିତ ଅଜ୍ଞାନୀର ଆକାଶପାତାଳ ପ୍ରଭେଦ, ସେହିପରି ଜଣେ ବୁଦ୍ଧିମାନ ସହିତ ଜଣେ ନିର୍ବୋଧର ବହୁ ପ୍ରଭେଦ ବିଦ୍ୟମାନ....। ଧର୍ମ ସମସ୍ତଙ୍କୁ ଉନ୍ନତି ପଥରେ ନେଇ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଉପନୀତ କରାଇବାକୁ ଇଚ୍ଛା କରିଥାଏ । ହିନ୍ଦୁଧର୍ମ ଏହି ବିଭିନ୍ନ ଅଧିକାରୀ ବ୍ୟକ୍ତିମାନଙ୍କ ନିମିତ୍ତ ଧର୍ମସାଧନାର ପ୍ରକରଣ ଭିନ୍ନ ଭିନ୍ନ କରିଦେଇ ନିଜକୁ ସର୍ବଲୋକୋପଯୋଗୀ କରିଦେଇଛି । ଏହି ଅଧିକାର ଅନୁସାରେ

ହିନ୍ଦୁଧର୍ମରେ ଶାକ୍ତ, ଶୈବ, ବୈଷ୍ଣବ, ଗାଣପତ୍ୟ, ସୌର ପ୍ରଭୃତି ନାନା ସାଂପ୍ରଦାୟିକ ପ୍ରଣାଳୀ ପ୍ରତିଷ୍ଠିତ ହୋଇଅଛି । ଏହିସବୁ ସାଧନପ୍ରଣାଳୀର ଧର୍ମାଚାର ଓ ପ୍ରକରଣ ବିଭିନ୍ନ ହେଲେ ମଧ୍ୟ ସମସ୍ତ ଧର୍ମପ୍ରଣାଳୀ ହିନ୍ଦୁଧର୍ମାନୁମୋଦିତ ମୁକ୍ତିପଥର ଗୋଟିଏ ଗୋଟିଏ ସ୍ତରରେ ଉପନୀତ କରାଇବାକୁ ଇଚ୍ଛା କରନ୍ତି । କିନ୍ତୁ ଏହା ମଧ୍ୟ ଚରମ ଗତିପଥ ନୁହେଁ । ମାନବ ସମାଜରେ ନାନା ପ୍ରକୃତିର ମାନବ ପରିଦୃଷ୍ଟ ହୁଅନ୍ତି । ସମସ୍ତଙ୍କର ବିଦ୍ୟାବୁଦ୍ଧି ପ୍ରତିଭା ସମାନ ନୁହେଁ । ସମସ୍ତଙ୍କ ମାନସିକ ଉନ୍ନତିର ଇଚ୍ଛା, ସୁଖ, ଦୁଃଖ, ପ୍ରବୃତ୍ତି, ନିବୃତ୍ତି ସମାନ ନୁହେଁ । ସେହିସବୁ ବିବେଚନା କରି ସନାତନ ହିନ୍ଦୁଶାସ୍ତ୍ର ଏହି ସଂସାରରେ ସକାମ ଓ ନିଷ୍କାମ ଭେଦରେ ମାନବର ଶ୍ରେଣୀବିଭାଗ କରି ନିଷ୍କାମ ବ୍ୟକ୍ତିମାନେ ଯେ ମୋକ୍ଷପଦର ଅଧିକାରୀ ଏବଂ ଯେଉଁମାନେ ସକାମ ସେମାନେ କର୍ମାନୁଯାୟୀ ସ୍ୱର୍ଗଲୋକାଦି ଗମନ ପୂର୍ବକ ନାନା ପ୍ରକାର ଭୋଗ୍ୟବସ୍ତୁ ଭୋଗ କରି କୃତକର୍ମ କ୍ଷୟରେ ପୁନରାୟ ଭୂଲୋକରେ ଜନ୍ମଗ୍ରହଣ କରିଥାନ୍ତି ।

କର୍ମଫଳ ଭୋଗ ଓ ଜନ୍ମାନ୍ତରବାଦ ସନାତନ ହିନ୍ଦୁଧର୍ମର ଅନ୍ୟ ଏକ ବିଶିଷ୍ଟ ଦିଗ । ଅନନ୍ତ କରୁଣାନିଧାନ ନ୍ୟାୟବାନ ଭଗବାନ ପକ୍ଷପାତ ପରିଶୂନ୍ୟ । ତାଙ୍କ ନିକଟରେ ଆତ୍ମପର ଭେଦଭାବ ନାହିଁ । ତାଙ୍କ ସୃଷ୍ଟିରେ ବୈଷମ୍ୟ ନାହିଁ, ପକ୍ଷପାତ ନାହିଁ, ଅଦୃଷ୍ଟ ହିଁ ସୃଷ୍ଟି ରାଜ୍ୟରେ ବୈଷମ୍ୟର କାରଣ । ଅଦୃଷ୍ଟ ଆଉ କିଛି ନୁହେଁ, ନିଜ ନିଜର ପୂର୍ବ ଜନ୍ମାର୍ଜିତ କର୍ମଫଳ ମାତ୍ର । ଏହି କର୍ମକ୍ଷେତ୍ରରେ ମାନବ ସଂପୂର୍ଣ୍ଣ ରୂପରେ କର୍ମର ଅଧୀନ । ବିଗତ ଜନ୍ମରେ ମନୁଷ୍ୟ ଯେପରି କର୍ମ କରିଛି ବର୍ତ୍ତମାନ ଜନ୍ମରେ ସେହି କର୍ମ ହିଁ ଅଦୃଷ୍ଟ ରୂପରେ ପ୍ରତିଭାତ ହୋଇ ଫଳ ପ୍ରଦାନ କରୁଅଛି । ମନୁଷ୍ୟମାନେ କର୍ମଦ୍ୱାରା ସୁଖଭୋଗ କରନ୍ତି, କର୍ମଦ୍ୱାରା ହିଁ ଦୁଃଖଭୋଗ କରନ୍ତି । କର୍ମବଶରେ ସେମାନେ ଜନ୍ମଗ୍ରହଣ କରନ୍ତି, କର୍ମଦ୍ୱାରା ଶରୀର ଧାରଣ କରନ୍ତି ଏବଂ କର୍ମବଶରେ ମୃତ୍ୟୁମୁଖରେ ପତିତ ହୁଅନ୍ତି । ହିନ୍ଦୁଧର୍ମର ମତାନୁସାରେ ଜୀବାତ୍ମା ମୃତ୍ୟୁ ପରେ ବିଦ୍ୟମାନ ରହି ନୂତନ ଶରୀର ଧାରଣ କରେ । ଜୀବର ଉତ୍ପତ୍ତି, ଲୟ, ଦେହାନ୍ତର ପ୍ରାପ୍ତି ଜନ୍ମ ଜନ୍ମାନ୍ତର ଅନାଦିକାଳ ଧରି ଚାଲି ଆସୁଅଛି । ଜୀବାତ୍ମାର ମୁକ୍ତି ନହେବା ପର୍ଯ୍ୟନ୍ତ ପୃଥିବୀକୁ ଯିବା ଆସିବା ଶେଷ ହୁଏନାହିଁ । ଯେ ପର୍ଯ୍ୟନ୍ତ ଶୁଭ ବା ଅଶୁଭ କର୍ମ କ୍ଷୟ ନ ହୋଇଛି ସେ ପର୍ଯ୍ୟନ୍ତ ଶତକଳ୍ପରେ ମଧ୍ୟ ମାନବ ମୁକ୍ତିଲାଭ କରିପାରେ ନାହିଁ । ପାପ ଓ ପୁଣ୍ୟ ଉଭୟ ଭୋଗ ନହେଲେ କର୍ମଫଳ ବିନାଶ ହୁଏନାହିଁ । ଏହାହିଁ ହିନ୍ଦୁଧର୍ମର କର୍ମଫଳବାଦ । ଏହି କର୍ମଫଳବାଦରେ ହିଁ ହିନ୍ଦୁଧର୍ମରେ ପାପର ଶାସନ ଓ ପୁଣ୍ୟର ଉଦ୍‌ବୋଧନ ।

ସନାତନ ହିନ୍ଦୁଧର୍ମ ଗୁରୁବାଦ ବା ଗୁରୁତତ୍ତ୍ୱର ସୁଦୃଢ ଭିତ୍ତି ଉପରେ ପ୍ରତିଷ୍ଠା ଲାଭ କରିଛି । ଉପଯୁକ୍ତ ଗୁରୁବରଣ କରି ଧର୍ମଶିକ୍ଷା ପୂର୍ବକ ସାଧନା ଦ୍ୱାରା ଆତ୍ମଜ୍ଞାନ ଲାଭ ହେଲେ ମୁକ୍ତିଲାଭ ହେବ । ମୁକ୍ତିଲାଭ କରିବାକୁ ହେଲେ ଜଣେ ମୁକ୍ତ ବ୍ୟକ୍ତିଙ୍କର ସାହାଯ୍ୟ ବିଶେଷ ଆବଶ୍ୟକ । ହିନ୍ଦୁଶାସ୍ତ୍ରରେ ତାଙ୍କୁ ହିଁ ଗୁରୁ କୁହାଯାଏ । ଶ୍ରୀ ଗୁରୁଦେବଙ୍କର କୃପା ନହେଲେ ମୁକ୍ତିପଥରେ ଅଗ୍ରସର ହେବାର ଅନ୍ୟ ଉପାୟ ନାହିଁ । ଶ୍ରୀ ଗୁରୁଦେବ ଶିଷ୍ୟଭକ୍ତଙ୍କଠାରେ ଆଧ୍ୟାତ୍ମିକ ଶକ୍ତି ସଂଚାର କରି ନଦେଲେ ଅଧ୍ୟାତ୍ମଜ୍ଞାନ ଲାଭରେ କୃତାର୍ଥ ହେବା ସମ୍ଭବପର ନୁହେଁ (ପ୍ରେମିକ ଗୁରୁ) । ଜୀବନରେ ସଦ୍‌ଗୁରୁ ଲାଭ ହେଲେ ସର୍ବସ୍ୱ ତାଙ୍କ ଶ୍ରୀଚରଣରେ ଅର୍ପଣ କରି ତାଙ୍କ ଆଦେଶ ପାଳନ କରିଗଲେ ସର୍ବାର୍ଥସିଦ୍ଧ ହେବ । ହିନ୍ଦୁଶାସ୍ତ୍ର ମତରେ ଆତ୍ମତତ୍ତ୍ୱଜ୍ଞାନ ହେଉଛି ମୁଖ୍ୟ, ଅନ୍ୟ ସମସ୍ତ ଗୌଣ । ଏହି ଆତ୍ମତତ୍ତ୍ୱଜ୍ଞାନ କେବଳ ସଦ୍‌ଗୁରୁ ହିଁ ପ୍ରଦାନ କରିବେ । ବର୍ତ୍ତମାନ ଯୁଗରେ ପ୍ରକୃତ ଶାସ୍ତ୍ରବେତ୍ତା ଓ ଧର୍ମଉପଦେଷ୍ଟା, ଧର୍ମପ୍ରବକ୍ତାମାନଙ୍କର ଅଭାବ । ସନାତନ ଧର୍ମର ତତ୍ତ୍ୱ ଓ ମର୍ମାର୍ଥ ଅନଭିଜ୍ଞ ଧର୍ମପ୍ରଚାରକମାନଙ୍କ ଦ୍ୱାରା ହିନ୍ଦୁଜାତି ଆଜି ବିପଥଗାମୀ, ସନାତନ ଧର୍ମ ଆଜି ବିକୃତ ।

ସ୍ୱାମୀ ନିଗମାନନ୍ଦ ଉଦାତ୍ତ କଣ୍ଠରେ କହିଛନ୍ତି – 'ଭାରତର ସୁବର୍ଣ୍ଣ ଯୁଗରେ ଦେବକଳ୍ପ ଋଷିମାନେ ସାଧନା ପର୍ବତର ସମାଧି ରୂପ ଉନ୍ନତ ଶୃଙ୍ଗରେ ଉପବେଶନ କରି ଜ୍ଞାନର ଦୀପ୍ତବହ୍ନି ପ୍ରଜ୍ୱଳିତ କରି ଯେଉଁ ସବୁ ନିତ୍ୟ ସତ୍ୟ ଆଧ୍ୟାତ୍ମିକ ତଥ୍ୟାବଳୀ ଆବିଷ୍କାର କରିଥିଲେ ତାହାର ସୁଧାମୟ ଫଳ ଏହି ହିନ୍ଦୁଶାସ୍ତ୍ର । ସେହି ଆର୍ଯ୍ୟ ଋଷିମାନଙ୍କ ତପଃ ପ୍ରଭାବରେ ଜ୍ଞାତ ଓ ଲୋକହିତ ନିମିତ୍ତ ପ୍ରଚାରିତ ଅମୂଲ୍ୟ ଶାସ୍ତ୍ରକୁ ଅଗ୍ରାହ୍ୟ କରି ସ୍ୱକପୋଳକଳ୍ପିତ ଧର୍ମମତର ଅସାର ଭିତ୍ତି ଅବଲମ୍ବନ ପୂର୍ବକ ସ୍ୱଦେଶର, ସ୍ୱଜାତିର ଓ ସ୍ୱଧର୍ମର କଳଙ୍କ ରଟନା କରନାହିଁ । ଆତ୍ମସାଧନ ଓ ଯୁକ୍ତି ବିଚାରରେ ଜଳାଞ୍ଜଳି ଦେଇ ପରାନୁକରଣରେ ପ୍ରତାରିତ ହୁଅନାହିଁ । ପରକଥାରେ କରସ୍ଥିତ ପରମାନ୍ନ ପରିତ୍ୟାଗ କରି ମୁଷ୍ଟିଭିକ୍ଷା ନିମିତ୍ତ ଅପରର ଦ୍ୱାରସ୍ଥ ହୁଅନାହିଁ । ଅପର କଥାରେ ପ୍ରବୁଦ୍ଧ ହୋଇ ଜଡତ୍ୱ ହେତୁ ଜଡ, ପୌତ୍ତଳିକ ଓ କୁସଂସ୍କାରର ଧ୍ୱନି ଉଠାଇ ତୁମ ପୂର୍ବ ପୁରୁଷ ଋଷିମାନଙ୍କର ଏବଂ ସ୍ୱଦେଶ, ସ୍ୱଜାତି ଓ ସ୍ୱଧର୍ମର ନିନ୍ଦା ପ୍ରଚାର କରନାହିଁ । ଜାତୀୟ ଧର୍ମ ଓ ଜାତୀୟ ଆଚାର ବ୍ୟବହାରରେ ଅବିଶ୍ୱାସୀ ହୋଇ ଜଗତର ଅଜ୍ଞାନ ତିମିରାଚ୍ଛନ୍ନ ପ୍ରଦେଶରେ ଲୁକ୍‌କାୟିତ ହୋଇ ରହିବା ଉଚିତ ନୁହେଁ । ହିନ୍ଦୁଶାସ୍ତ୍ରର ମହତ୍ତ୍ୱ ବୁଝିବାକୁ ଚେଷ୍ଟା କର – ଦେଖିବ ହିନ୍ଦୁଧର୍ମ ଗଭୀର ସୂକ୍ଷ୍ମ ଆଧ୍ୟାତ୍ମିକ ବିଜ୍ଞାନରେ ପରିପୂର୍ଣ୍ଣ । ଆର୍ଯ୍ୟ ଋଷିମାନଙ୍କର ଯୁଗଯୁଗାନ୍ତରର ଆବିଷ୍କୃତ ଶାସ୍ତ୍ରରେ କି ଅମୂଲ୍ୟ ରତ୍ନ ସଜ୍ଜିତ ରହିଅଛି । ହିନ୍ଦୁଧର୍ମ ଅଲଂଘ୍ୟ ପ୍ରମାଣର ସୁଦୃଢ ଭିତ୍ତିରେ ବଦ୍ଧମୂଳ ହୋଇ ସ୍ୱୟଂସିଦ୍ଧ ବ୍ରହ୍ମବିଦ୍ୟା ରୂପେ ଚିରଦିନ ବର୍ତ୍ତମାନ ରହିଅଛି । ଅନୁସନ୍ଧାନ କରି, ସାଧନା କରି ସନାତନ ହିନ୍ଦୁଧର୍ମର ପୂର୍ବ ଗୌରବ ଜାଗ୍ରତ ଓ ପୂର୍ବ ପୁରୁଷମାନଙ୍କର ମହିମା ଅକ୍ଷୁର୍ଣ୍ଣ ରଖିବାକୁ ଚେଷ୍ଟା କର ଏବଂ ନିଜେ ମଧ୍ୟ ମାନବ ଜୀବନର ସଦ୍‌ବ୍ୟବହାର କରି କୃତକୃତାର୍ଥ ହୁଅ ।'

ଶ୍ରୀ ପୃଥ୍ୱୀରାଜ ସାହୁ

# ଶିବଜ୍ଞାନରେ ଜୀବସେବା

ଭାରତବର୍ଷରେ ପ୍ରତିଷ୍ଠିତ ପ୍ରତ୍ୟେକ ଧର୍ମରେ ଜୀବସେବାକୁ ଧାର୍ମିକ ଅନୁଶାସନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗ୍ରହଣ କରାଯାଇଅଛି । ପରମାରାଧ୍ୟ ଶ୍ରୀଶ୍ରୀଠାକୁର ସାଧକମାନଙ୍କ ଉପଲବ୍ଧି ନିମନ୍ତେ ଜୀବସେବାର ଉପାଖ୍ୟାନ କରିବାକୁ ଯାଇ କହିଛନ୍ତି 'ଜୀବର ସେବା କରିବାକୁ ହେବ ସତ; କିନ୍ତୁ ମୁଁ ଜୀବର ଉପକାର କରୁଛି, ଏ ଭାବ ରଖିଲେ ସବୁ ନଷ୍ଟ ହୋଇଯିବ । ଜୀବସେବା କରୁଛ ତୁମର ଚିତ୍ତଶୁଦ୍ଧି ନିମିତ୍ତ; ସେଥିରେ ତୁମର ଉପକାର ହେଉଛି । ଅନ୍ୟର ଉପକାର ପାଇଁ ତୁମେ ସେବା କରୁନାହଁ – ଏହି ଭାବରେ ଜୀବସେବା କର' (ସଂସାର ପଥେ) ।

ଜୀବକୁ ଭଗବାନଙ୍କ ଠାରୁ ଅଭିନ୍ନ ଜ୍ଞାନ କରି ସେମାନଙ୍କର ଉପକାର ପାଇଁ ଯେଉଁ କାର୍ଯ୍ୟ କରାଯାଏ ତାହା ଶ୍ରୀଶ୍ରୀଠାକୁରଙ୍କ ପ୍ରଣୀତ ଶିବଜ୍ଞାନରେ ଜୀବସେବା । ଏଠାରେ 'ଶିବଜ୍ଞାନ'ର ଭାବ ଶ୍ରୀଶ୍ରୀଠାକୁରଙ୍କର ପ୍ରଣୀତ ଜୀବସେବାର ପ୍ରକୃତ ତାତ୍ପର୍ଯ୍ୟ । ଏହି ଜଗତରେ ମନୁଷ୍ୟଠାରୁ ଆରମ୍ଭକରି ଇତର କୀଟପତଙ୍ଗ ପର୍ଯ୍ୟନ୍ତ ସମସ୍ତେ ପରମାତ୍ମାଙ୍କର ବିକାଶ ମାତ୍ର । ଶ୍ରୀମଦ୍ ଭଗବତ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ସମସ୍ତଙ୍କର ଅନ୍ତରରେ ଯେଉଁ ଆତ୍ମା ବିଦ୍ୟମାନ ତାହା ପରମାତ୍ମାଙ୍କର ଅଂଶ ମାତ୍ର । ଯେପରି ଏକ ଜାତୀୟ ପଦାର୍ଥରୁ ଭିନ୍ନ ଜାତୀୟ ପଦାର୍ଥ ସୃଷ୍ଟିର କଳ୍ପନା ଅସମ୍ଭବ ସେପରି ପରମ ବ୍ରହ୍ମଙ୍କଠାରୁ ସୃଷ୍ଟ ଏହି ଜଗତ ଓ ଜଗତବାସୀ ମଧ୍ୟ ବ୍ରହ୍ମମୟ । ଆମେ ଓ ସମସ୍ତ ଜୀବ ସମୂହ ସ୍ୱରୂପତଃ ଏକ, ତ୍ରିଗୁଣ ଓ ପଞ୍ଚଉପାଦାନ ଭେଦରେ ଭିନ୍ନ ଭିନ୍ନ ରୂପରେ ପ୍ରକଟିତ ହୋଇଅଛୁ । ଅର୍ଥାତ ଆମ ସହିତ ଏହି ଜୀବଜଗତର ଆତ୍ମିକ ସମ୍ବନ୍ଧ ବିଦ୍ୟମାନ ଓ ଭଗବାନଙ୍କ ସୃଷ୍ଟିରେ ଜୀବଜଗତ ପରସ୍ପରର ଆତ୍ମୀୟ । ଉପରୋକ୍ତ ଜ୍ଞାନରେ ପ୍ରତିଷ୍ଠିତ ହୋଇ ପାରିଲେ ତତ୍ତ୍ୱଜ୍ଞାନୀ ଜୀବ ସମସ୍ତ ଜୀବସମୂହକୁ ଭଲ ନପାଇ ରହିପାରିବ ନାହିଁ । ଆମେ ଯାହାକୁ ଭଲ ପାଇବା ତାହାର ଆନନ୍ଦ ନିମନ୍ତେ କାର୍ଯ୍ୟ କରିବା ସ୍ୱାଭାବିକ । ଏପରି ଭାବରେ ଜଗତ ଓ ଜୀବର ହିତ ସାଧନର ଅନ୍ୟ ନାମ ସେବା ।

ଶ୍ରୀଶ୍ରୀଠାକୁର କହିଛନ୍ତି 'ଅଜ୍ଞାନୀମାନଙ୍କ ଦ୍ୱାରା ସେବା ହୁଏ ନାହିଁ । ଫଳରେ ସେବକମାନେ ଜ୍ଞାନୀ ନହେଲେ ତାଙ୍କ ଦ୍ୱାରା ପ୍ରକୃତ ସେବାକାର୍ଯ୍ୟ ହୋଇ ପାରିବ ନାହିଁ' (ଉପଦେଶ) । ତେବେ ସେହି ଜ୍ଞାନର ପ୍ରତିଷ୍ଠା ସାଧନ ଉପରେ ନିର୍ଭରଶୀଳ । କିନ୍ତୁ ସାଧକ ଶ୍ରୀଶ୍ରୀଠାକୁରଙ୍କର ଉପଦେଶର ଉଦ୍ଦେଶ୍ୟ ଅନ୍ତରରେ ରଖି ସାଧ୍ୟ ମତେ ପରର ହିତ ସାଧନରେ ପ୍ରବୃତ୍ତ ହେଲେ ସାଧକର ଅହଂକାର ଖଣ୍ଡନ ହୋଇ ଆଧ୍ୟାତ୍ମିକ ଉନ୍ନତି ହୋଇଥାଏ । ସେହି ବିଷୟରେ ଶ୍ରୀଶ୍ରୀଠାକୁର କୁହନ୍ତି 'ଯେ ତୁମକୁ ଯେତେ ପର ବୋଲି ମନେ କରୁ ପଛକେ, ତୁମେ କାହାକୁ ପର ବୋଲି ମନେ କର ନାହିଁ । ମନେ ମନେ ଜାଣିରଖ, ପ୍ରତ୍ୟେକ ଜୀବ ଭଗବାନଙ୍କର ସନ୍ତାନ । ସୁତରାଂ ପାପୀ, ପୁଣ୍ୟବାନ, ଧନୀ, ଦରିଦ୍ର ସମସ୍ତେ ତୁମର ଆପଣାର । ତେଣୁ ସମସ୍ତଙ୍କର ମଙ୍ଗଳ ହେଉ, ଏହା ଭିନ୍ନ କାହାର ଅନିଷ୍ଟ ଚିନ୍ତା କର ନାହିଁ । ସମସ୍ତଙ୍କୁ ସୁଖ ପାଅ । ପ୍ରତ୍ୟେକଙ୍କୁ ଦେଖି ଆନନ୍ଦିତ ହୁଅ । ସାଧ୍ୟ ଓ ସୁବିଧା ଅନୁସାରେ ପ୍ରତ୍ୟେକଙ୍କର ଉପକାର କର । ପୀଡିତମାନଙ୍କର ଅଶ୍ରୁ ପୋଛିଦିଅ । ଅପକାରିକୁ ଉପକାର ଦ୍ୱାରା ଜୟ କର' (ଉପଦେଶ) ।

ଶ୍ରୀଶ୍ରୀଠାକୁର ସଧକମାନଙ୍କର ଆଧ୍ୟାତ୍ମିକ ଉନ୍ନତି ପାଇଁ ଓ ସର୍ବୋପରି ଉତ୍ତମ ମନୁଷ୍ୟ ହେବା ପାଇଁ ହିନ୍ଦୁଧର୍ମ ପ୍ରମାଣିତ ପଥ ପ୍ରଦର୍ଶନ କରିଅଛନ୍ତି । ଜୀବସେବା ବିଷୟରେ ଶ୍ରୀଶ୍ରୀଠାକୁରଙ୍କର ଜ୍ଞାନ ଦର୍ଶନ ଓ ଉପଦେଶ ସେହି ଉପଲକ୍ଷେ ଅଗ୍ରସର ହେବା ପାଇଁ ପଥ ପ୍ରଦର୍ଶନ କରେ ।

ଶ୍ରୀ ଜାମିନିକାନ୍ତ ସାମନ୍ତରାୟ

# ଜୟଗୁରୁ ନାମର ମହିମା

ଶ୍ରୀଭଗବାନଙ୍କ ଅନନ୍ତ ନାମ ମଧ୍ୟରୁ ଗୁରୁ ନାମ ଅନ୍ୟତମ । ଗୁରୁ ନାମର ଉଚ୍ଚାରଣ ହିଁ ମନରେ ଅପାର ଶକ୍ତି ଜାଗ୍ରତ କରାଇଥାଏ । ଗୁରୁ ଶବ୍ଦଟି ଦୁଇଟି ଅକ୍ଷର 'ଗୁ' ଏବଂ 'ରୁ'ର ମିଶ୍ରଣ । 'ଗୁ' ଅକ୍ଷରର ଅର୍ଥ ଅନ୍ଧକାର ଏବଂ 'ରୁ' ଅକ୍ଷରର ଅର୍ଥ ଆଲୋକ । ଗୁରୁ ଏପରି ଏକ ଶକ୍ତି ଯେ କି ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରୀଭୂତ କରିବାରେ ସହାୟ ହୋଇଥାନ୍ତି । ଅତଏବ ରଜଃ ତମ ଗୁଣ ରୂପ ଅନ୍ଧକାରକୁ ଯେ ସତ୍ତ୍ୱଗୁଣ ରୂପ ଆଲୋକ ଦ୍ୱାରା ନିରୋଧ କରନ୍ତି, ତାଙ୍କୁ 'ଗୁରୁ' ନାମରେ ଅଭିହିତ କରାଯାଏ । ଗୁରୁ ହିଁ ସଗୁଣ ବ୍ରହ୍ମ ରୂପରେ ଲୀଳା କରୁଛନ୍ତି । ଏକମାତ୍ର ଗୁରୁ ହିଁ ସଗୁଣ ନିର୍ଗୁଣ ବ୍ରହ୍ମ , ଆତ୍ମା ଓ ଭଗବାନ ସମସ୍ତ । ତାଙ୍କ ଭିନ୍ନ ଦ୍ୱିତୀୟ କେହି ନାହାଁନ୍ତି । ଗୁରୁଦେବ ହିଁ ସଚ୍ଚିଦାନନ୍ଦ ଘନ ପରମାତ୍ମା ବା ଓଁକାର ସ୍ୱରୂପ । ଗୁରୁ ହିଁ ଜୀବନ ଓ ଆଲୋକର ଉତ୍ସ । ଯେପରିକି ସୂର୍ଯ୍ୟ ଉଦୟ ହୋଇ ସାରା ଜଗତର ତିମିର ଅନ୍ଧକାର ଦୂର କରିଥାନ୍ତି ଏବଂ ସୁଦୂରରେ ଅବସ୍ଥାନ କରୁଥାନ୍ତି, ସେହିପରି ଗୁରୁ ତାଙ୍କର ଶିଷ୍ୟମାନଙ୍କୁ ଦିବ୍ୟ ପ୍ରେମର ଅନୁଭୂତି ଦେଇ ସଂସାରର ମାୟାରୁ ଊର୍ଦ୍ଧ୍ୱରେ ଥାଆନ୍ତି । ଗୁରୁ ଏକ ନୌକା ସଦୃଶ । ସେ ତାଙ୍କର ଶିଷ୍ୟମାନଙ୍କୁ ଅଜ୍ଞାନ ରୂପକ ନଦୀରୁ ପାର କରିଥାଆନ୍ତି ।

'ଜୟଗୁରୁ' ନାମର ମହିମା ସାଧାରଣ ମଣିଷ ପକ୍ଷରେ ବର୍ଣ୍ଣନା କରିବା ଅସମ୍ଭବ । 'ଜୟଗୁରୁ'ର ମୁଖ୍ୟ ଅର୍ଥ ହେଉଛି ଆମର ସ୍ୱାର୍ଥପର ଇଚ୍ଛା ଚୂର୍ଣ୍ଣ ହେଉ, ଶ୍ରୀଗୁରୁଙ୍କର ମହତୀ ଇଚ୍ଛା ଆମ ଭିତରେ ଫୁଟି ଉଠି ଜୟଯୁକ୍ତ ହେଉ । ଶ୍ରୀଗୁରୁଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିବା ପାଇଁ ନାମ ନେବା ହେଉଛି ଗୋଟିଏ ମାଧ୍ୟମ । ନାମ ଧରି ଥିଲେ ସବୁ ବିପଦରୁ ରକ୍ଷା ହୋଇ ପାରିବ । ଗୁରୁଙ୍କ ନାମ ଅନାଦି । ଗୁରୁ ନାମରେ ମହା ଉଦ୍ଧାରଣ ଶକ୍ତି ନିହିତ । ନାମ ସହିତ ନାମୀ ଅଭେଦ । ତେଣୁ ଗୁରୁ ଓ ଗୁରୁନାମ ଅଭିନ୍ନ । ଜୟଗୁରୁ ନାମ ନେବାକ୍ଷଣି ଗୁରୁଶକ୍ତି ଭକ୍ତ ମଧ୍ୟରେ ପ୍ରବେଶ କରେ । ଯେ ଏହି ନାମ ଗ୍ରହଣ କରନ୍ତି, ସେ ଗୁରୁଶକ୍ତିଙ୍କ କୃପା ଲାଭ କରିଥାନ୍ତି । ଅନ୍ତର ମଧ୍ୟରେ ଏହି ନାମ ଜାଗରଣ ହେଲେ ନାମୀଙ୍କର ଦର୍ଶନ ମିଳେ । ମନରେ ଗୁରୁ ନାମ ଉଚ୍ଚାରଣ କରି ତାଙ୍କୁ ଧ୍ୟାନ କଲେ ସେଥିରେ ସମସ୍ତ ପ୍ରକାର ଅନିଷ୍ଟ ନଷ୍ଟ ହୋଇ ଇଷ୍ଟ ଲାଭ ହୋଇଥାଏ । ଜୟଗୁରୁ ନାମ ଜପ କଲେ, ସେହି ନାମ ବଳରେ ସମସ୍ତ ଅନିଷ୍ଟ ଦୂର ହୁଏ ଓ ମନରେ ସାହାସ, ଶକ୍ତି ସଞ୍ଚାରିତ ହୋଇଥାଏ । ଗୁରୁନାମ ଜପରେ କିପରି ଅପାର ଶକ୍ତିଥାଏ ତାହା ନିମ୍ନରେ ପ୍ରଦତ୍ତ ଗୋଟିଏ ଉଦାହରଣରୁ ସ୍ପଷ୍ଟ ହେବ ।

ଗୋଟିଏ ଜଙ୍ଗଲ ଭିତର ଦେଇ ପାଞ୍ଚ ଛଅ ଜଣ ଲୋକ ଗ୍ରାମକୁ ଯାଉଥିଲେ । ହଠାତ୍ ସେମାନଙ୍କ ସମ୍ମୁଖରେ ଗୋଟିଏ ବ୍ୟାଘ୍ର ଉପସ୍ଥିତ ହେଲା । ଲୋକମାନଙ୍କ ମଧ୍ୟରୁ ଜଣେ ଶ୍ରୀଶ୍ରୀଠାକୁରଙ୍କର ଶିଷ୍ୟ ଥିଲେ । ସେ 'ଜୟଗୁରୁ' 'ଜୟଗୁରୁ' ବୋଲି ଚିତ୍କାର କରିବାକୁ ଲାଗିଲେ । ଏହା ଶୁଣି ଅନ୍ୟ ଲୋକମାନେ ମଧ୍ୟ ଅନିଚ୍ଛା ସତ୍ତ୍ୱେ ବାଧ୍ୟ ହୋଇ ତାଙ୍କ ସହ 'ଜୟଗୁରୁ' ନାମରେ ଯୋଗଦେଇ ଅନ୍ତିମ ସମୟର ଅପେକ୍ଷାରେ ରହିଲେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ, ବ୍ୟାଘ୍ରଟି କ୍ରମେ କ୍ରମେ ସେମାନଙ୍କ ସମ୍ମୁଖରୁ ହଟିପଳାଇଗଲା । ('ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ' ପୁସ୍ତକରୁ ଉଦ୍ଧୃତ )

ଏହି 'ଗୁରୁ' ନାମର ମହିମା ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଜୀବନରେ ଅଳ୍ପ ବହୁତ କରି ଅନୁଭବ କରୁଛନ୍ତି । ଏହି ନାମର ଶକ୍ତି, ଏହି ନାମର ଆକର୍ଷଣ ଅତୁଳନୀୟ । ଆମେ ସବୁବେଳେ ଯଦି 'ଜୟଗୁରୁ' ନାମ ଜପ କରୁଥିବା ତାହାହେଲେ ଆମେ ସବୁ ବିପଦରୁ ଉଦ୍ଧାର ହୋଇପାରିବା । ତତ୍ ସଙ୍ଗେ ସଙ୍ଗେ ନିଜ ମନକୁ ସ୍ଥିର ରଖି ନିଜ କର୍ତ୍ତବ୍ୟ ପଥରେ ଏବଂ ସତ୍ ପଥରେ ଆଗେଇ ପାରିବା । ଗୁରୁ ନାମ ଯଦି ଆମେ ମନ ଦେଇ ଜପ କରିବା, ତାହାହେଲେ ଆମେ ଜନ୍ମଜନ୍ମାନ୍ତର କର୍ମଫଳ ଭୋଗ ସାହସର ସହିତ ଅତିକ୍ରମ କରିପାରିବା । ଜୟଗୁରୁ ନାମ ଜପରେ ଅଭ୍ୟସ୍ତ ହୋଇଗଲେ ଅନୁଭୂତ ହେବ ଯେ ନାମର ଶକ୍ତି ବଳରେ ଯେପରି ଦିବାନିଶି ଅନ୍ତରରେ ନାମଜପ ଚାଲିଛି । 'ଜୟଗୁରୁ ନାମ-ମହାତ୍ମ୍ୟ' ରେ ବର୍ଣ୍ଣନା କରାଯାଇଛି –

ମହାମନ୍ତ୍ର ସିଦ୍ଧ ନାମ 'ଜୟଗୁରୁ' ଜୟ,
ଅନାଦିର ଆଦି ନାମ 'ଜୟଗୁରୁ' ଜୟ,
ଅସାଂପ୍ରଦାୟିକ ନାମ 'ଜୟଗୁରୁ' ଜୟ,
ସର୍ବସଂପ୍ରଦାୟ ନାମ 'ଜୟଗୁରୁ' ଜୟ ॥

ଶ୍ରୀମତୀ ଅଞ୍ଜନା ଅରୁକ୍

# ଆଦର୍ଶ ଗୃହସ୍ଥ ଜୀବନ ଗଠନ-ମୋର କିଛି ଅନୁଚିନ୍ତା

ଭାରତରେ ଗୃହସ୍ଥାଶ୍ରମକୁ ସମଗ୍ର ସମାଜର ମୂଳ ବୋଲି ଧରାଯାଏ । ମାନବ ଜୀବନରେ ପ୍ରଧାନ ତିନୋଟି ଘଟଣା ମଧ୍ୟରୁ ବିବାହ ଅନ୍ୟତମ । ବିବାହଠାରୁ ଗୃହସ୍ଥର ଗୃହସ୍ଥାଶ୍ରମ ଆରମ୍ଭ ହୁଏ । ଗୃହସ୍ଥାଶ୍ରମକୁ ଆଦର୍ଶ ଭାବରେ ପରିଚାଳିତ କରିବାକୁ ହେଲେ, ପରିବାରର ସ୍ୱାସ୍ଥ୍ୟ, ଧର୍ମ, ଚରିତ୍ର, ସଞ୍ଚୟ, ପୁତ୍ରକନ୍ୟାଙ୍କ ଶିକ୍ଷାଦୀକ୍ଷା, ପ୍ରତିବେଶୀ, ପରିଜନ ଓ ଦାସଦାସୀ ପ୍ରତି ବ୍ୟବହାର ବିଷୟରେ ସମ୍ୟକ୍‌ଶିକ୍ଷା ଲାଭ କରିବା ଏକାନ୍ତ ଆବଶ୍ୟକ । ବିବାହପରେ ଗୃହସ୍ଥ ନିଜର ବଂଶରକ୍ଷା ଓ ଧର୍ମରକ୍ଷା କରି ଏକ ଶୃଙ୍ଖଳିତ ଜୀବନଯାପନ କରିଥାଏ ।

ଶ୍ରୀଶ୍ରୀ ଠାକୁରଙ୍କ ଆମମାନଙ୍କ ପ୍ରତି ପ୍ରଧାନ ଉପଦେଶ ହେଲା -'ଆଦର୍ଶ ଗୃହସ୍ଥ ଜୀବନ ଗଠନ' । ଏ ସଂପର୍କରେ ତାଙ୍କର ଅମୃତମୟ ବାଣୀ ହେଲା - "ମୁଁ ଚାହେଁ ତୁମେମାନେ ଆଦର୍ଶ ଗୃହସ୍ଥ ହୁଅ; ତୁମେମାନେ ସଂଘବଦ୍ଧ ହୁଅ; ତୁମମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ହେଉ । ଆଦର୍ଶ ଗୃହସ୍ଥ ଜୀବନ ବିଷୟରେ ଗୋଟିଏ କଥା କହୁଛି ଶୁଣ । ଜୀବନକୁ ଆନନ୍ଦମୟ କରିବାକୁ ହେବ । ଦୁଃଖ କଷ୍ଟରେ, ରୋଗ ଶୋକରେ ଏବଂ ଜନ୍ମ ମୃତ୍ୟୁରେ ସର୍ବାବସ୍ଥାରେ ନିଜର ଆନନ୍ଦସ୍ୱରୂପତ୍ୱ ଅକ୍ଷୁର୍ଣ୍ଣ ରଖିବାକୁ ହେବ । ଯେଉଁମାନେ ଏ ଜୀବନର ସଂସ୍ପର୍ଶରେ ଆସିବେ, ସେମାନଙ୍କୁ ମଧ୍ୟ ଆନନ୍ଦରେ ବୁଡାଇ ରଖିବାକୁ ହେବ । ଏହାହିଁ ହେବ ଆଦର୍ଶ ଜୀବନ । ତୁମେମାନେ ନିଜକୁ ଏପରି ଗଠନ କର ଯେ, ସହଧର୍ମିଣୀ ମନେ କରିବେ ଯେ ମୋର ସ୍ୱାମୀଙ୍କ ସଦୃଶ ଦେବତୁଲ୍ୟ ସ୍ୱାମୀ ଅନ୍ୟ କାହାରି ନାହାନ୍ତି । ପୁତ୍ରକନ୍ୟାମାନେ ମନେ କରିବେ ଯେ ଆମ ପିତାଙ୍କ ପରି ସ୍ନେହ ପରାୟଣ ପିତା ଅନ୍ୟ କାହାରି ନ ଥିବେ । ଭାଇ ମନେ କରିବେ ଯେ, ମୋ ଭାଇ ପରି ଭ୍ରାତୃବତ୍ସଳ ଭାଇ ଅନ୍ୟ କାହା ଭାଗ୍ୟରେ ମିଳିବେ ନାହିଁ । ପ୍ରତିବେଶୀ ମନେ କରିବେ ଯେ, ଏପରି ସୁନ୍ଦର ପ୍ରତିବେଶୀ ନିତାନ୍ତ ଦୁର୍ଲଭ । ସମସ୍ତଙ୍କୁ ସୁଖ ପାଇ ଆନନ୍ଦ ଦେଇ ସମସ୍ତଙ୍କ ଜୀବନକୁ ଆନନ୍ଦମୟ କରିବାକୁ ହେବ । ଏହାହିଁ ହେଲା ଆଦର୍ଶ ଗୃହସ୍ଥର କର୍ତ୍ତବ୍ୟ । କିନ୍ତୁ ଏଣେ ଚିନ୍ତା କରୁଥିବ ଯେ, ତୁମେ କାହାରି ନୁହଁ କିମ୍ବା କେହି ତୁମର ନୁହଁନ୍ତି । କାହାରି ନିକଟରେ ତୁମେ ଯେପରି ଆବଦ୍ଧ ହୋଇ ନ ପଡ ।"

ଆଦର୍ଶ ଗୃହସ୍ଥ ଜୀବନ ଯାପନ କରିବାକୁ ହେଲେ, ଗୃହସ୍ଥଙ୍କୁ ଆଦର୍ଶ ଗୃହିଣୀର ସାହାଯ୍ୟ ଗ୍ରହଣ କରିବାକୁ ହେବ । ଉପଯୁକ୍ତ ଶିକ୍ଷା ପାଇ ନ ଥିବା ଗୃହିଣୀମାନଙ୍କ ବ୍ୟବହାର ଦୋଷରୁ ଗୃହସ୍ଥର ଜୀବନ ଅଶାନ୍ତିର ନିଳୟ ହୋଇଥାଏ । ଭଗବାନ ସୁଖ ସ୍ୱରୂପ ଓ ଶାନ୍ତିମୟ । ଧର୍ମରକ୍ଷା କରି, ତାଙ୍କ ନାମ ନେଇ ଚଳିଲେ, ନିଶ୍ଚୟ ଶାନ୍ତି ଓ ଆନନ୍ଦ ଲାଭ ହେବ ।

ପତି ପତ୍ନୀ ଆନନ୍ଦସ୍ୱରୂପତ୍ୱ ରକ୍ଷା କରି ଚଳିବେ । ଆନନ୍ଦସ୍ୱରୂପତ୍ୱ ରକ୍ଷା କରି ଚଳିବାକୁ ହେଲେ, ସାଂସାରିକ ସମସ୍ତ ଆସକ୍ତି ତ୍ୟାଗ କରି ଏକ ସ୍ଥିର ସମାହିତ ଚିତ୍ତରେ ନିଜକୁ ଚଳାଇବାକୁ ହେବ । ସେହି ଶାନ୍ତ ସମାହିତ ଚିତ୍ତର ସମସ୍ତ ଶକ୍ତି ଗୋଟିଏ କେନ୍ଦ୍ରରେ ସମ୍ମିଳିତ ହୋଇପାରେ । ହିନ୍ଦୁ ଦର୍ଶନ ଏହି ତ୍ୟାଗକୁ ଜ୍ଞାନରେ ପ୍ରତିଷ୍ଠିତ କରାଇଅଛି, ଏବଂ ଏହି ଜ୍ଞାନ ହେଉଛି ଆତ୍ମଜ୍ଞାନ । ଏହି ଜ୍ଞାନ ଦ୍ୱାରା ନିଜର ହୃଦୟ ମଧ୍ୟରେ ନିଜେ ତୁମେ ନିର୍ଗୁଣ ପରମସତ୍ତା ଏହି ତତ୍ତ୍ୱ ଅନୁଭବ କରିବାକୁ ହେବ ଏବଂ କର୍ମରେ ଫୁଟେଇବାକୁ ହେବ । ଏହିପରି ଚିନ୍ତା ଉଭୟ ପତିପତ୍ନୀ ଧାରଣ କରିପାରିଲେ ତୁମର ସମସ୍ତ ଦୁଃଖ ଦୂର ହେବ, ତୁମର ଶକ୍ତି ବଢିବ । ଅଭୟ ପ୍ରତିଷ୍ଠା ହେବ । ବ୍ରହ୍ମଚର୍ଯ୍ୟ ପାଳନ ବିଷୟରେ ସମ୍ୟକ ଜ୍ଞାନ ଓ ଅଭ୍ୟାସ ଆସକ୍ତି ଶୂନ୍ୟ ଜୀବନ କଟାଇବାରେ ସାହାଯ୍ୟ କରିଥାଏ ।

ବିବାହିତ ପତି ପତ୍ନୀ ଏହି ତ୍ୟାଗ ଧର୍ମ କିପରି ଅଭ୍ୟାସ କରିବେ ତାହା ଜାଣିବା କଥା । ସ୍ୱାମୀ ଏବଂ ସ୍ତ୍ରୀ ଯଦି ପରସ୍ପରର ଆନନ୍ଦ ବିଧାନ ଦିଗରେ ଲକ୍ଷ୍ୟ ନ ରଖନ୍ତି ବା ପରସ୍ପରର ମୁକ୍ତିଦାତା ନ ହୁଅନ୍ତି ହଜାର ଧର୍ମଶାସ୍ତ୍ରପାଠ କାହାର କିଛି କରି ପାରିବ ନାହିଁ । ପ୍ରତ୍ୟେକ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କର ଏବଂ ସ୍ତ୍ରୀ ସ୍ୱାମୀଙ୍କର ଭଗବାନ ହେବାକୁ ପଡିବ । ପରସ୍ପର ପରସ୍ପରର ପ୍ରକୃତ କଲ୍ୟାଣ ସାଧନ କରିବାକୁ ହେବ । ପରସ୍ପରର ଭଲପାଇବା ଏହି ଅର୍ନ୍ତନିହିତ ଭଗବାନଙ୍କ ପାଇଁ ହେଉ । ବାହାରର ପୋଷାକ ବା ଆବରଣରେ ଏହି ଭଲପାଇବା ଯେପରି ସୀମାବଦ୍ଧ ହୋଇ ନ ଯାଏ ସେଥିପ୍ରତି ଧ୍ୟାନ ଦେବାକୁ ପଡିବ ।

ଏହି ପରିପେକ୍ଷୀରେ ସ୍ତ୍ରୀଙ୍କର ପ୍ରଧାନ କର୍ତ୍ତବ୍ୟ ହେଲା ସ୍ୱାମୀଙ୍କୁ ଦୋଷ ଦୁର୍ବଳତାର ସଂସ୍ପର୍ଶରୁ ରକ୍ଷା କରିବା ଏବଂ ଉଭୟ ଧର୍ମ ଅନୁମୋଦିତ ପଥରେ ଚଳିବା । ଅନ୍ୟ ପକ୍ଷରେ ନିଜ ସ୍ତ୍ରୀ ସ୍ୱାମୀଙ୍କର ସଂଯତ, ଶୃଙ୍ଖଳିତ, ଆଦର୍ଶଗୃହସ୍ଥ ଜୀବନ ଯାପନରେ ବାଧା ସୃଷ୍ଟି ନ କରିବା । ଉଭୟ ପରସ୍ପରର ଅର୍ନ୍ତନିହିତ ଭଗବାନଙ୍କ ପ୍ରତି ଶ୍ରଦ୍ଧା ଭାବ ରକ୍ଷା କରି ଭଗବାନଙ୍କ ଉପରେ ନିର୍ଭର କରି ଚଳିବା ।

ପକ୍ଷୀଟିଏ ଗଛର ସରୁ ଡାଳରେ ବସିଲା । ଡାଳଟି ତଳୁ ଉପର ଉପରୁ ତଳ ହୋଇ ହଲିଗଲା, ହେଲେ ପକ୍ଷୀଟି ଡରୁନାହିଁ । ତାର ଭରସା ଡାଳ ଉପରେ ନୁହେଁ, ତାର ଭରସା ତାର ଦୁଇଟି ପକ୍ଷ ଉପରେ । ସବୁ ସମୟରେ ଆମେ ଆମର ଅନ୍ତରସ୍ଥିତ ଭଗବାନଙ୍କ ସହ ଯୁକ୍ତ ହୋଇ ରହିଲେ ପକ୍ଷୀଟି ପରି ନିର୍ଭୟ ହୋଇ ସଂସାର କରିପାରିବା । ଲୋକେ କହନ୍ତି - ସଂସାର ସହିତ ଜଡିତ ନ ହେଲେ ସଂସାରର ଉନ୍ନତି ହେବ କିପରି ? ସୂର୍ଯ୍ୟ ନିର୍ଲିପ୍ତ ହୋଇ ସମସ୍ତଙ୍କୁ ଆଲୋକ ପ୍ରଦାନ କରୁଛନ୍ତି । ଆମର କର୍ମ ସେହିପରି ନିର୍ଲିପ୍ତ ହେଉ । ଏହିପରି କର୍ମ ବା ସେବା ମାଧ୍ୟମରେ ମନୁଷ୍ୟ ଜ୍ଞାନ, ପ୍ରେମ ଲାଭକରି ଉନ୍ନତ ହୋଇପାରିବ । ସ୍ତ୍ରୀ ଓ ପିଲାମାନଙ୍କୁ ଏହି ପ୍ରେମ ଦେଇ ପ୍ରେମର ସଂସାରରେ ଆନନ୍ଦରେ ନିଜର କର୍ତ୍ତବ୍ୟ କରିଯିବାକୁ ହେବ ।

ମାନବ ଜୀବନ ନୀତିହୀନ ହେଲେ ମନୁଷ୍ୟ ପଶୁ ସଦୃଶ ହୋଇଯାଏ, ଏବଂ ସେହିଭଳି ଜୀବନରେ ବିଚାରଶକ୍ତି ଲୋପପାଏ ଏବଂ ଧର୍ମ ଅଧର୍ମ ବର୍ଜିତ ଆସୁରିକ ଶକ୍ତି ବୃଦ୍ଧିପାଏ । ସଦ୍‌ବୃତ୍ତିର ଅନୁଶୀଳନ ଫଳରେ ବିବେକ, ବୈରାଗ୍ୟ, ନିଷ୍ଠା ପ୍ରଭୃତି ଦୈବୀ ବୃତ୍ତି ଗୁଡିକର ବିକାଶ ସାଧିତ ହୋଇଥାଏ । ତେଣୁ ଆଦର୍ଶ ଗୃହସ୍ଥ ନୀତିହୀନ ନ ହୋଇ ନୀତିପାଳନ କରି ନିଜର ନୈତିକ ଚରିତ୍ରକୁ ସର୍ବଦା ଉଜ୍ଜ୍ୱଳ ରଖିବାକୁ ହେବ ।

ଶ୍ରୀଶ୍ରୀଠାକୁରଙ୍କର ଗୃହସ୍ଥ ମାନଙ୍କ ପ୍ରତି ଉପଦେଶ ହେଲା - ''ତୁମେମାନେ ଗୃହସ୍ଥାଶ୍ରମରେ ରହି ପବିତ୍ର ଭାବରେ ଜୀବନଯାପନ କଲେ, ତୁମର ସନ୍ତାନ ସନ୍ତତି ଉନ୍ନତ ଚରିତ୍ରର ହେବେ । ପୁଣି ତୁମରି ଘରେ ବ୍ୟାସ, ବଶିଷ୍ଠ, ଜୈମିନୀ, ପାତଞ୍ଜଳୀ ଜନ୍ମଗ୍ରହଣ କରିବେ । ଋଷିମାନେ ତ ଗୃହସ୍ଥର ସନ୍ତାନ । ଅତଏବ ତୁମେମାନେ ଆଦର୍ଶ ଜୀବନଯାପନ କର । ସେଥିପାଇଁ ସଂଘବଦ୍ଧ ହୁଅ । ସଂଘର ପ୍ରଭାବ ଅଶେଷ । ସେଠାରେ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କର । ଜଣକର ଉତ୍ତମ ଜୀବନର ପ୍ରଭାବରେ ଅନ୍ୟମାନଙ୍କର ଜୀବନ ପ୍ରେମମୟ ହୋଇଉଠେ ।''

ସଂକ୍ଷେପରେ କହିଲେ - ଆଦର୍ଶ ଗୃହସ୍ଥ ଜୀବନରେ ଶ୍ରୀ ଶ୍ରୀ ଠାକୁର ହେଲେ ଗୃହର କର୍ତ୍ତା । ଗୃହସ୍ଥ ଏବଂ ଗୃହିଣୀ ତାଙ୍କ ସଂସାରର ସେବକ ଏବଂ ସେବିକା । ସେମାନେ ଶ୍ରୀଶ୍ରୀ ଠାକୁରଙ୍କ ଆଦେଶ ଓ ଉପଦେଶକୁ ସମ୍ବଳ କରି, ତାଙ୍କ ଉପରେ ସଂପୂର୍ଣ୍ଣ ନିର୍ଭର କରି ଜୀବନ ଅତିବାହିତ କରିବେ । ସୁଖ ଦୁଃଖ, ଦୋଷ ତ୍ରୁଟି ତାଙ୍କ ଆସନ ପାଖରେ ଜଣାଇ ନିଜକୁ ସଂଶୋଧନ କରିବେ । ପିତାମାତାଙ୍କ ଶୁଦ୍ଧାଚରଣ ଦ୍ୱାରା ସନ୍ତାନ ସନ୍ତତି ଯେପରି ପ୍ରଭାବିତ ହେବେ ସେଥିପ୍ରତି ସେମାନେ ଦୃଷ୍ଟିଦେବେ ।

ଶ୍ରୀଶ୍ରୀଠାକୁରଙ୍କ ଭାବଧାରାରେ ଆଦର୍ଶ ଗୃହସ୍ଥ ଜୀବନ ହେଲା ଲକ୍ଷ୍ୟ, ସଂଘଶକ୍ତି ସେହି ଭାବଧାରାର ପଥ, ଏବଂ ଭାବ ବିନିମୟ ସେହି ପଥର ପାଥେୟ । ଗୃହସ୍ଥର ଶୃଙ୍ଖଳିତ ଆଦର୍ଶ ଜୀବନଯାପନ ପ୍ରଣାଳୀ ଭାରତର ଦୃଢ଼ ସାମାଜିକ ପରଂପରା ରକ୍ଷା କରିଆସିଛି । ଆର୍ଦଶ ଗୃହସ୍ଥ ବା ଉତ୍ତମ ଚରିତ୍ରବାନ ମନୁଷ୍ୟ ପରିବାର, ସମାଜ, ଦେଶ ଓ ଜାତିର ନିର୍ମାତା ଏବଂ ରକ୍ଷା କର୍ତ୍ତା । ଆମମାନଙ୍କ ପ୍ରତି ଶ୍ରୀଶ୍ରୀଠାକୁରଙ୍କର ପ୍ରଥମ ଓ ପ୍ରଧାନ ଆଦେଶ, ଆଦର୍ଶ ଗୃହସ୍ଥ ଜୀବନ ଗଠନର ଲକ୍ଷ୍ୟ, ଉପାୟ ଏବଂ ଉପାଦେୟତା କ୍ଷୁଦ୍ର ପ୍ରବନ୍ଧରେ ପ୍ରକାଶ କରିବା ଅସମ୍ଭବ । ଆଦର୍ଶ ଗୃହସ୍ଥ ଜୀବନ ଗଠନ ସମଗ୍ର ଜୀବନର ସାଧନା । ଆମର ଅଜ୍ଞାନତା ଦୂର କରି ଆମର ପ୍ରାଣପ୍ରିୟ ଠାକୁର ଆମକୁ ପ୍ରତିନିୟତ ତାଙ୍କ ନିର୍ଦ୍ଦେଶିତ ପଥରେ ପରିଚାଳିତ କରି ଆମକୁ ଆଦର୍ଶ ଗୃହସ୍ଥ ଜୀବନ ଯାପନରେ ସହାୟକ ହୁଅନ୍ତୁ, ଏହାହିଁ ଆମର ତାଙ୍କ ଶ୍ରୀପଦରେ ବିନୀତ ପ୍ରାର୍ଥନା ।

'ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ,
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ।।'

ଶ୍ରୀମତୀ ପଲ୍ଲବିତା ପଟ୍ଟନାୟକ

# ସମ୍ମିଳନୀର ଉଦ୍ଦେଶ୍ୟ

ଶ୍ରୀଶ୍ରୀଠାକୁର ତାଙ୍କ ଶିଷ୍ୟ ଭକ୍ତ ମାନଙ୍କ ମଧ୍ୟରେ 'ଆଦର୍ଶ ଗୃହସ୍ଥ ଜୀବନ ଗଠନ', 'ସଂଘଶକ୍ତିର ପ୍ରତିଷ୍ଠା' ଓ 'ଭାବ ବିନିମୟ' ନିମିତ୍ତ 'ଭକ୍ତ ସମ୍ମିଳନୀ' ନାମରେ ଗୋଟିଏ ବାର୍ଷିକ ଅଧିବେଶନ ପ୍ରବର୍ତ୍ତନ କରିଛନ୍ତି । ଏହି 'ଭକ୍ତ ସମ୍ମିଳନୀ' ଶ୍ରୀଶ୍ରୀଠାକୁରଙ୍କର ପ୍ରାଣର ଅନୁଷ୍ଠାନ । ଶ୍ରୀଶ୍ରୀଠାକୁର କହିଛନ୍ତି ଏହି ସମ୍ମିଳନୀ ଦ୍ୱାରା ଭକ୍ତମାନଙ୍କ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଓ ଜଗତର ମଙ୍ଗଳ ହେବ ।

ଶ୍ରୀଶ୍ରୀଠାକୁରଙ୍କ ଜୀବନ ସର୍ବଦା ଆନନ୍ଦରେ ପୂର୍ଣ୍ଣ ଥିଲା । ସେ ସବୁବେଳେ ଆନନ୍ଦରେ ବିଭୋର ହୋଇ ରହୁଥିଲେ । ଏହି ଆନନ୍ଦର ଆବେଗରେ ଶ୍ରୀଶ୍ରୀଠାକୁର ଭକ୍ତ ସମ୍ମିଳନୀକୁ ସମସ୍ତଙ୍କୁ ଆହ୍ୱାନ କରୁଥିଲେ । 'ଭକ୍ତ ସମ୍ମିଳନୀ' ରେ ଆପଣାର ଲୋକଙ୍କ ସଂଘଲାଭ କରି ପରସ୍ପର ସୁଖ, ଦୁଃଖ ଓ ବ୍ୟଥା ବେଦନାର ଆଲୋଚନା ଦ୍ୱାରା ଯେଉଁ ଆନନ୍ଦର ବିକାଶ ହୁଏ, ତାହାରି ଆକର୍ଷଣ ଭକ୍ତମାନଙ୍କୁ ସମ୍ମିଳନୀକୁ ଟାଣିଆଣେ । ଶ୍ରୀଶ୍ରୀଠାକୁରଙ୍କର ମୂଳ ଲକ୍ଷ୍ୟ ଥିଲା 'ଆନନ୍ଦ' । ଏହି 'ଆନନ୍ଦ'କୁ ଲକ୍ଷ୍ୟ କରି ସମ୍ମିଳନୀର ପ୍ରତିଷ୍ଠା ହୋଇଛି ।

ଶ୍ରୀଶ୍ରୀଠାକୁରଙ୍କର 'ଭକ୍ତ ସମ୍ମିଳନୀ' ଗଠନ ପଛରେ ତିନି ଗୋଟି ମୂଳ ଉଦ୍ଦେଶ୍ୟ :

(୧) ଆଦର୍ଶ ଗୃହସ୍ଥ ଜୀବନ ଗଠନ
(୨) ସଂଘ ଶକ୍ତିର ପ୍ରତିଷ୍ଠା
(୩) ପରସ୍ପର ମଧ୍ୟରେ ଭାବବିନିମୟ

## (୧) ଆଦର୍ଶ ଗୃହସ୍ଥ ଜୀବନ ଗଠନ :

'ତୁମେମାନେ ଆଦର୍ଶ ଗୃହସ୍ଥ ହୁଅ' ଏହା ହିଁ ଶ୍ରୀଶ୍ରୀଠାକୁରଙ୍କ ଆନ୍ତରିକ କାମନା । ଗୃହସ୍ଥକୁ ନେଇ ସମାଜ ଗଠିତ । ସମାଜକୁ ଜାଗ୍ରତ କରିବାକୁ ହେଲେ ଆଦର୍ଶ ଗୃହୀର ବିଶେଷ ପ୍ରୟୋଜନ । ନିଜେ ମନୁଷ୍ୟ ହେଲେ ପରିବାର, ସମାଜ, ଦେଶ ସମସ୍ତଙ୍କର ଉପକାର କରି ପାରିବ । ପ୍ରଥମେ ନିଜେ ମନୁଷ୍ୟ ହୁଅ । ସମସ୍ତେ ମିଶି କେବଳ ହୋ ହୋ ପାଟିତୁଣ୍ଡ ବା ସଭା ସମିତିରେ ବକ୍ତୃତା ଦେବା ମାତ୍ରେ ଆତ୍ମଗଠନ ହୋଇ ଯିବ ନାହିଁ । ଆତ୍ମଗଠନ କାର୍ଯ୍ୟରେ ସଂଯମ ଆବଶ୍ୟକ, ନିଷ୍ଠା ଆବଶ୍ୟକ, ଅନାଡମ୍ବର ଭାବ ରହିବା ଆବଶ୍ୟକ ।

ଶ୍ରୀଶ୍ରୀଠାକୁର କହିଛନ୍ତି ତୁମମାନଙ୍କୁ ଆଦର୍ଶର ପ୍ରଦୀପ ଜାଳି ରଖିବାକୁ ହେବ । ବର୍ତ୍ତମାନ ସମାଜରେ ନିଜର ଆଦର୍ଶ ରକ୍ଷା କରି ଅଚଳ ଅଟଳ ଭାବରେ ରହିବା ପାଇଁ ସାଧନ ଶକ୍ତିର ପ୍ରୟୋଜନ । ଶ୍ରୀଶ୍ରୀଠାକୁର ଗୃହସ୍ଥ ଭକ୍ତ ମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି, "ସମାଜ ଭିତରେ ତୁମେ ମାନେ ଆଶ୍ରମ କରିରହିଛ । ହୁଏତ ଅନେକ ଭାବରେ କେତେ ସମାଲୋଚନା ହେବ । ନୀରବରେ, ଧୀରସ୍ଥିର ଭାବରେ ସବୁ ସହ୍ୟ କରିଯାଅ । ଦିନେ ସମସ୍ତେ ତୁମମାନଙ୍କର ଆଦର୍ଶର ଉପକାରିତା ହୃଦୟଙ୍ଗମ କରିପାରିବେ । କାରଣ ଉତ୍ତେଜନା ମୁହୂର୍ତ୍ତଟି ଚିରକାଳ ଅସ୍ଥାୟୀ ।"

ଶ୍ରୀଶ୍ରୀଠାକୁର ଗୃହୀମାନଙ୍କୁ କହିଛନ୍ତି, ତୁମେମାନେ ସମାଜରେ ଅଛ, ତୁମମାନଙ୍କ ଦାୟିତ୍ୱ ଆହୁରି ଅଧିକ । ସଦ୍‌ଗୁରୁଙ୍କ ସନ୍ତାନ ବୋଲି ନିଜକୁ ପରିଚୟ ଦେବାକୁ ଚେଷ୍ଟା କରିବା ହିଁ ତୁମମାନଙ୍କ ଜୀବନର ସାଧନା । ପ୍ରତ୍ୟେକଭାଇ ଆଦର୍ଶ ଗୃହସ୍ଥ ଜୀବନ ଯାପନ କର । ଶ୍ରୀଶ୍ରୀଠାକୁର କହିଛନ୍ତି, "ଗୃହସ୍ଥ ଭକ୍ତମାନେ ସମସ୍ତଙ୍କ ଠାରୁ ଅଧିକ ଉନ୍ନତ । ସେମାନଙ୍କର ଗୃହତ୍ୟାଗୀମାନଙ୍କ ଅପେକ୍ଷା ଧର୍ମ ପ୍ରତି ଅଧିକ ଭୟ ଥାଏ । ତେଣୁ, ତୁମେମାନେ ଗୃହସ୍ଥାଶ୍ରମରେ ରହି ପବିତ୍ର ଭାବରେ ଜୀବନ ଯାପନ କଲେ ତୁମ ସନ୍ତାନସନ୍ତତିମାନେ ଉନ୍ନତ ଚରିତ୍ର ହେବେ । ଋଷିମାନେ ତ ଗୃହସ୍ଥଙ୍କର ସନ୍ତାନ । ଅତଏବ ତୁମେମାନେ ଆଦର୍ଶ ଗୃହସ୍ଥ ଜୀବନ ଯାପନ କର ।"

ଆଦର୍ଶ ଗୃହସ୍ଥ ହେଲେ ପ୍ରଥମେ ନିଜ ସଂସାର ପ୍ରତି ଦୃଷ୍ଟି ଦେବାକୁ ହେବ । ପରିବାରର ଯେ କର୍ତ୍ତା ପ୍ରଥମେ ତାକୁ ଆଦର୍ଶ ହେବାକୁ ପଡିବ । ସ୍ତ୍ରୀ, ପୁତ୍ର, ପରିବାର ସମ୍ବନ୍ଧରେ ପ୍ରତ୍ୟେକ ଦୃଢ ହେବା ଦରକାର । ଗୃହସ୍ଥ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଶ୍ରୀଶ୍ରୀଠାକୁର କହିଛନ୍ତି "ଆଦର୍ଶ ସଂସାର ସ୍ଥାପନ କର । ମୋତେ ମୂଳରେ ପ୍ରତିଷ୍ଠା କରି ମୋ ସଂସାରରେ କାର୍ଯ୍ୟ କରିଯାଅ । ଯେପରି ମନେଥାଏ, ଘରଦ୍ୱାର, ବିଷୟ ସଂପଦ ସବୁ ଠାକୁରଙ୍କର, ତୁମେମାନେ ସେବକ ମାତ୍ର । ତୁମମାନଙ୍କର ପ୍ରତ୍ୟେକ ନିଃଶ୍ୱାସ ଯେପରି ଶ୍ରୀଶ୍ରୀଠାକୁରଙ୍କ ଉଦ୍ଦେଶ୍ୟରେ ବହିର୍ଗତ ହୁଏ ।"

ଆଦର୍ଶ ଜୀବନ ଗଠନ କରିବାକୁ ହେଲେ କିପରି କର୍ତ୍ତବ୍ୟନିଷ୍ଠା, ସୁଖ, ଦୁଃଖରେ ସମଜ୍ଞାନ ଓ ନିର୍ଭରତା ପ୍ରଭୃତି ଦୈବୀଗୁଣର ପ୍ରୟୋଜନ ତାହା ଶ୍ରୀଶ୍ରୀଠାକୁର ତାଙ୍କର ଉପଦେଶ ମାଧ୍ୟମରେ ଜଣାଇଛନ୍ତି । ଯଦି ଅନୁକୂଳ ବା ପ୍ରତିକୂଳ ଉଭୟ ଅବସ୍ଥାରେ ଭାବ ଠିକ୍ ରହେ, ତେବେ ବୁଝିବାକୁ ହେବ, ଆମେ ପ୍ରକୃତ ଭାବରେ ଠାକୁରଙ୍କ କୃପା ପାଇଅଛୁ । ଗୃହୀମାନଙ୍କ ପ୍ରତି ଉପଦେଶ ମାଧ୍ୟମରେ ଶ୍ରୀଶ୍ରୀଠାକୁର କହିଛନ୍ତି, "କି ପାପୀ, କି ପୁଣ୍ୟାତ୍ମା ସବୁ ଜୀବ ଭଗବାନଙ୍କର; ସୁତରାଂ ସମସ୍ତେ ତୁମ ନିଜର । ତେଣୁ ମଙ୍ଗଳ ଭିନ୍ନ କାହାରି ହେଲେ ଅନିଷ୍ଟ ଚିନ୍ତା କରନାହିଁ । ସମସ୍ତଙ୍କୁ ଭଲ ପାଅ । ପ୍ରତେକ୍ୟଙ୍କୁ ଦେଖି ଆନନ୍ଦିତ ହୁଅ । ସାଧ୍ୟ ଓ ସୁବିଧା ଅନୁସାରେ ସମସ୍ତଙ୍କର ଉପକାର କର । ଅପକାରୀକୁ ଉପକାର ଦ୍ୱାରା ଜୟ କର; ଦୁର୍ଜନକୁ କ୍ଷମା ଦ୍ୱାରା ପରାସ୍ତ କର, ତେବେ ଯାଇ ଆତ୍ମରକ୍ଷା କରିବାକୁ ବିହିତ ଉପାୟ ଅବଲମ୍ବନ କରିପାରିବ । ଆମୋଦ ଛଳରେ ସୁଦ୍ଧା କାମ, କ୍ରୋଧ ବା ମିଥ୍ୟାର ଆଶ୍ରୟ ନିଅ ନାହିଁ ।"

ସଂସାରରେ ସ୍ତ୍ରୀ, ପୁତ୍ର, କନ୍ୟା, ନାମ, ଯଶ, ଖ୍ୟାତି, ପ୍ରତିପତ୍ତି ସବୁ ରହିଥିବ; କିନ୍ତୁ ତୁମେମାନେ ନିଜକୁ ନିର୍ଲିପ୍ତ ରଖି ବାହାରେ ସବୁ 'ମୋର' 'ମୋର' କହିବ; ଅନ୍ତରରେ ଜାଣିବ, ଏମାନେ ତୁମର କେହି ନୁହନ୍ତି । ସବୁ ଭଗବାନଙ୍କର । ଏହି ଭାବହିଁ ତୁମମାନଙ୍କୁ କର୍ମବନ୍ଧନରୁ ମୁକ୍ତ କରିବ । ତୁମେମାନେ ଏପରି ମଧୁର ବ୍ୟବହାର ଏବଂ ଅମାୟିକ ଆଚରଣ ଦେଖାଇବ ଓ ପ୍ରତ୍ୟେକେ ନିଜକୁ ଏପରି ଭାବରେ ଗଠନ କରିବ ଯେ, ସହଧର୍ମିଣୀ ମନେ କରିବେ, ମୋ ସ୍ୱାମୀଙ୍କ ପରି ଦେବତୁଲ୍ୟ ସ୍ୱାମୀ ଆଉ କାହାରି ଭାଗ୍ୟରେ ମିଳିବେ ନାହିଁ । ପିଲାମାନେ ମନେକରିବେ ଯେ, ଆମ ପିତାଙ୍କ ପରି ସ୍ନେହପରାୟଣ ପିତା ଆଉ କାହାରି ନାହାନ୍ତି । ଭାଇ ମନେକରିବେ ମୋ ଭାଇପରି ଭାତୃବତ୍ସଳ ଭାଇ କାହାକୁ ମିଳିବେ ନାହିଁ । ସମସ୍ତଙ୍କୁ ଭଲପାଇ ସେମାନଙ୍କ ଜୀବନଟିକୁ ମଧୁମୟ କରିପକାଇବାକୁ ହେବ । ସଂସାରରେ ଯାହାରି ଯେତେକ ପାଉଣା, ତାକୁ ସେତେକ ବୁଝାଇଦେବାକୁ ହେବ, ଅଥଚ ନିଜ ଲକ୍ଷ୍ୟରେ ଅଟଳ ରହିବ । ଏହାହିଁ ଆଦର୍ଶ ଗୃହସ୍ଥର କର୍ତ୍ତବ୍ୟ ।

**(୨) ସଂଘ ଶକ୍ତିର ପ୍ରତିଷ୍ଠା:**

ଶ୍ରୀଶ୍ରୀଠାକୁର କହିଛନ୍ତି, "ମୋ ଇଚ୍ଛାକୁ ରୂପ ଦେବାକୁ ହେଲେ ଗୃହୀ, ସନ୍ୟାସୀ ସମସ୍ତଙ୍କୁ ସଂଘବଦ୍ଧ ହେବାକୁ ପଡିବ । ସବୁ କ୍ଷେତ୍ରରେ ସଂଘବଦ୍ଧ ହୋଇ କାର୍ଯ୍ୟ କଲେ, କାର୍ଯ୍ୟ ଯେତେ ସହଜରେ ସୁସିଦ୍ଧ ହୁଏ, ଏକା କଲେ ତାହା ହେବା ସମ୍ଭବ ହୁଏ ନାହିଁ । କଳି ଯୁଗରେ ସଂଘଶକ୍ତି ହିଁ ପବଳ । ଗୋଟିଏ ଲକ୍ଷ୍ୟ ବା ଇଷ୍ଟ ସିଦ୍ଧି ନିମିତ୍ତ ସମସ୍ତଙ୍କ ପ୍ରାଣରେ ସମଭାବରେ ଆକୁଳତା ଜାଗିଲେ, ସଂଘର ସୃଷ୍ଟି ହୁଏ ଏବଂ ତାହାର ଶକ୍ତି ଅମୋଘ । ଏ ଯୁଗରେ କୌଣସି ବିଷୟରେ କୃତକାର୍ଯ୍ୟତା ଲାଭର ଏକମାତ୍ର ଉପାୟ 'ସଂଘଶକ୍ତି' ।" ସଂଘ ଗଠନ ମୂଳରେ ଶ୍ରୀଶ୍ରୀଠାକୁରଙ୍କର ଦେଶାତ୍ମବୋଧ ଓ ପ୍ରଗାଢ ସ୍ୱଦେଶୀପ୍ରୀତି ମଧ୍ୟ ନିହିତ ।

ଶ୍ରୀଶ୍ରୀଠାକୁର ସଂଘଶକ୍ତି ପ୍ରତିଷ୍ଠା ସଂପର୍କରେ କହିଛନ୍ତି "ତୁମେମାନେ ସଂଘବଦ୍ଧ ହୁଅ । ବେଶୀ ନୁହେଁ, ପାଞ୍ଚଜଣ ଯଦି ଏକମନ, ଏକପ୍ରାଣ ହୋଇପାର, ତାହାହେଲେ ତୁମେମାନେ ଜଗତ ଜୟ କରି ପାରିବ । ମୋର ତିନି ଜଣ ଭକ୍ତ ଏକତ୍ର ହେଲାକ୍ଷଣି ଗୋଟିଏ ଭାବର ବିକାଶ ହେବ ଏବଂ ଗୁରୁଶକ୍ତିର କ୍ରିୟା ଉପଲବ୍ଧି କରିପାରିବ । ମନେରଖ, ତୁମମାନଙ୍କ ଜୀବନର ଲକ୍ଷ୍ୟ ଏକ ଏବଂ ତୁମେମାନେ ଏକ ଗୁରୁଙ୍କ ଶିଷ୍ୟଭକ୍ତ । ତୁମମାନଙ୍କର ସାଧନା ଏକ । ତୁମେମାନେ ମନେକରିବ, ସମସ୍ତେ ଏକା ପରିବାରର ଭାଇଭଉଣୀ, ସମସ୍ତେ ଏକ ପିତାଙ୍କର ସନ୍ତାନ । ଏଥିରେ ତୁମର ଅନୈକ୍ୟ, ମତଦ୍ୱୈଧ, କ୍ଷୁଦ୍ର ଅଶାନ୍ତି ସବୁ ଦୂର ହୋଇଯିବ । ପ୍ରାଣର ନିବିଡ ଆକର୍ଷଣରେ ଏକତ୍ର ହୋଇ ପାରିଲେ ଅସାଧ୍ୟ ସାଧନ କରିପାରିବ । ତୁମେମାନେ ପ୍ରତ୍ୟେକ ସପ୍ତାହ କିମ୍ବା ପ୍ରତ୍ୟେକ ମାସର କୌଣସି ଗୋଟିଏ ଦିନ ଏକତ୍ରିତ ହେବ । ପ୍ରତ୍ୟେକ ଅଧିବେଶନରେ ଠାକୁରଙ୍କ ଆସନ ସ୍ଥାପନ କରି ତାଙ୍କୁ ଗୁରୁ ଜ୍ଞାନରେ ପ୍ରଣାମ, ଆରତି ଓ ପୂଜାର୍ଚ୍ଚନା କରି ସ୍ତୋତ୍ରପାଠ, କୀର୍ତ୍ତନ, ବନ୍ଦନା ଏବଂ ଧର୍ମଗ୍ରନ୍ଥାଦି ପାଠ କରିବ । ଭଗବତ ବିଷୟରେ ଆଲୋଚନା, ମଠ ଓ ଆଶ୍ରମ ସ୍ଥାପନର ଉଦ୍ଦେଶ୍ୟ ଓ ସେସବୁର ରକ୍ଷଣାବେକ୍ଷଣର ଉପାୟ ଚିନ୍ତନ, ଭାବବିନିମୟ ଏବଂ ଆଦର୍ଶ ଗୃହସ୍ଥ ଜୀବନ ସଂପର୍କରେ ଆଲୋଚନା, ଚର୍ଚ୍ଚା ସଂଘରେ ଅବଶ୍ୟ କର୍ତ୍ତବ୍ୟ । ଠାକୁର ସ୍ୱୟଂ ଉପସ୍ଥିତ ଥିଲେ ସଂଯମ, ଶ୍ରଦ୍ଧା ଓ ଭକ୍ତି ସହିତ ସମସ୍ତେ ଯେପରି ଉପବେଶନ, କଥୋପକଥନ ଓ ବ୍ୟବହାର କର, ସଂଘରେ ସେହିପରି କରିବ । ମନେକରିବ, ଠାକୁର ସେଠାରେ ପ୍ରତ୍ୟକ୍ଷ ବିଦ୍ୟମାନ ରହିଛନ୍ତି ଏବଂ ତୁମମାନଙ୍କ କାର୍ଯ୍ୟକଳାପ ପ୍ରତ୍ୟକ୍ଷ କରୁଛନ୍ତି ।

ତୁମେମାନେ ଯଦି ଠିକ୍ ଭାବରେ ସଂଘର ଅଧିବେଶନ କରିପାର, ତାହାହେଲେ ଅଚିରେ ତାହାର ଫଳ ଲାଭ କରିପାରିବ । ଠିକ୍ ଠିକ୍ ଭାବରେ ସଂଘାଧିବେଶନ କଲେ, ଗୁରୁ କୃପାର ପ୍ଲାବନ ନ ଆସି ରହି ପାରିବ ନାହିଁ । ଶ୍ରୀଶ୍ରୀଠାକୁର ସଂଘସେବୀ ମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି, "ସଂଘ-ସେବକ ମାନଙ୍କୁ କଠୋର ନିୟମ ଶୃଙ୍ଖଳା ଭିତରେ ଆତ୍ମଗଠନ କରିବାକୁ ହେବ । ଶୃଙ୍ଖଳା ରକ୍ଷାକରିବା ପାଇଁ ଶିଖ୍ ଗୁରୁ ଗୋବିନ୍ଦ ସିଂହଙ୍କ ଆଦର୍ଶ ଉଦାହରଣ ରୂପରେ ବର୍ଣ୍ଣନା କରିଛନ୍ତି । ଗୋଟିଏ ଦିଗରେ ନିଷ୍କାମ କର୍ମଶିକ୍ଷା ଓ ଅନ୍ୟଦିଗରେ ବଜ୍ରଦୃଢ ସଂକଳ୍ପ ପ୍ରତିଷ୍ଠା କର୍ମୀମାନଙ୍କର ସାଧନାର ବିଷୟ । ଏଥିପାଇଁ ଆଳସ୍ୟ, ଜଡତା ପରିହାର କରିବାର ସାଧନା, ସମସ୍ତଙ୍କର ଶିକ୍ଷଣୀୟ ।

ପ୍ରତ୍ୟେକ କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ସଂଘ ଅଛି । କାହାର ଉଦ୍ଦେଶ୍ୟ ରାଜନୀତି, କାହାର ଉଦ୍ଦେଶ୍ୟ ସମାଜ ସଂସ୍କାର, କିନ୍ତୁ ଏହି ସଂଘର ଉଦ୍ଦେଶ୍ୟ ହେବ କେବଳ ଧର୍ମନୀତି । ତେଣୁ ଶ୍ରୀଶ୍ରୀ ଠାକୁର କହିଛନ୍ତି ତୁମେମାନେ ଏହିପରି ସଂଘଶକ୍ତିର ପ୍ରତିଷ୍ଠା କରି ସଂଘବଦ୍ଧ ହୁଅ ।

ଶ୍ରୀଶ୍ରୀଠାକୁର ସଂଘଶକ୍ତିର ପ୍ରତିଷ୍ଠା ପାଇଁ ଉପଦେଶ ଦେଇ କହିଛନ୍ତି, "ଯେଉଁଠାରେ ତିନି ଜଣ ଗୁରୁଭାଇ ଅଛ, ସେଠାରେ ସଂଘ ପ୍ରତିଷ୍ଠା କରିବ । ସେଠାରେ ସପ୍ତାହକରେ ଅନ୍ତତଃ ଥରେ ହେଲେ ମିଳିତ ହେବ । ଆଧ୍ୟାତ୍ମିକ ବିଷୟରେ ଆଲୋଚନା କରିବ, ସ୍ତବ ସ୍ତୋତ୍ରପାଠ କରିବ । ଭାବବିନିମୟ ସହାୟତାରେ ଆଦର୍ଶ ଜୀବନ ଗଠନ କରି ସଂଘଶକ୍ତି ର ପ୍ରତିଷ୍ଠା କରିବ । ଏହିପରି ସାପ୍ତାହିକ, ମାସିକ ସଂଘାଧିବେଶନରେ ତଥା ଜିଲ୍ଲା ବିଭାଗୀୟ ଓ ପ୍ରାଦେଶିକ ସମ୍ମିଳନୀରେ ସମ୍ମିଳିତ ହୋଇ ତୁମେମାନେ ଜଗତରେ ଗୋଟିଏ ଅତି ଉଜ୍ଜ୍ୱଳ ଆଦର୍ଶ ସ୍ଥାପନ କରିବ ।" ସର୍ବଧର୍ମ ସମନ୍ୱୟ, ଅସାଂପ୍ରଦାୟିକ ଭାବରେ ଧର୍ମର ବିସ୍ତାର, ଓ ସମଗ୍ର ଜଗତରେ ଭ୍ରାତୃ ଭାବର ପ୍ରତିଷ୍ଠା ଶ୍ରୀଶ୍ରୀଠାକୁରଙ୍କର ଲକ୍ଷ୍ୟ । ଶ୍ରୀଶ୍ରୀଠାକୁର କହିଛନ୍ତି, "ସଂଘ ଓ ମୋ ଭିତରେ କୌଣସି ପ୍ରଭେଦ ନାହିଁ । ତୁମେମାନେ ତିନିଜଣ ଏକତ୍ର ହେଲାକ୍ଷଣି ମୁଁ ସେଠାରେ ପ୍ରତ୍ୟକ୍ଷ ଭାବରେ ବିରାଜିତ ହେବି । ଦେଖ, ତୁମମାନଙ୍କ ମଧ୍ୟରୁ ଜଣଙ୍କର ଆତ୍ମୋନ୍ନତି ଦେଖିଲେ, ମୋର ସେତେ ଆନନ୍ଦ ହେବ ନାହିଁ । ତୁମ ସମସ୍ତଙ୍କ ଉନ୍ନତିରେ ହିଁ ମୋର ଯଥାର୍ଥ ଆନନ୍ଦ ହେବ । ମୁଁ ତୁମମାନଙ୍କୁ ସଂଘବଦ୍ଧ ହେବାକୁ କହୁଛି । ଜଣେ ଦୁଇଜଣ ହୁଏତ ମୋର ମନୋମତ ହୋଇ ଚଳୁଛ । ସଂଘ ଭିତରେ ମୋର ଆଉ ପାଞ୍ଚଟି ସନ୍ତାନ ଯଦି ଲକ୍ଷ୍ୟ ଭ୍ରଷ୍ଟ ହୋଇ ପଡନ୍ତି, ତାହାହେଲେ କ'ଣ ମୁଁ ତୁମ ଜଣେ ଦୁଇ ଜଣଙ୍କର ଆତ୍ମୋନ୍ନତି ଦେଖି ସନ୍ତୁଷ୍ଟ ହୋଇ ପାରିବି ? ତୁମମାନଙ୍କ ମଧ୍ୟରୁ ଜଣେ ମୋ ଆଦର୍ଶରେ ଗଠିତ ହେଲେ ତ ମୋ ଉଦ୍ଦେଶ୍ୟ ସିଦ୍ଧ ହେଲା ନାହିଁ । ଦଶ ଜଣ ଠିକ୍ ଠିକ୍ ଭାବରେ ପରସ୍ପର ପରସ୍ପରକୁ ସାହାଯ୍ୟ କରି ଗଠିତ କରିବା ମୋର ଉଦ୍ଦେଶ୍ୟ । ଯେଉଁ ଦିନ ତୁମେମାନେ ସମସ୍ତେ ଏକଭାବରେ ଅନୁପ୍ରାଣିତ ହୋଇ ଗଠିତ ହେବ, ସେହିଦିନ ମୋର ସମ୍ୟକ ଆନନ୍ଦ; ତା ନହେଲେ ଜଣକ ନିମିତ୍ତ ମଧ୍ୟ ତୁମେମାନେ ମୋତେ ବିଷର୍ଣ୍ଣ ଦେଖିବ । ତୁମେମାନେ ସଂଘବଦ୍ଧ ହେଇଛ, ସୁତରାଂ ତୁମମାନଙ୍କୁ ସମସ୍ତଙ୍କ ପ୍ରତି ଦୃଷ୍ଟି ଦେବାକୁ ହେବ । ଆତ୍ମୋନ୍ନତି ଆଡକୁ ପ୍ରତ୍ୟେକଙ୍କର ଲକ୍ଷ୍ୟ ତ ନିଶ୍ଚୟ ରହିବ; କିନ୍ତୁ ପରସ୍ପର ପ୍ରତି ସହାନୁଭୂତି ରହିବା ଆବଶ୍ୟକ । ତୁମମାନଙ୍କ ମଧ୍ୟରୁ ଦୁଇ ଚାରିଜଣ ଭଲ ହେଲେ ମୋର ଅଶାନ୍ତି ଦୂର ହେବ ନାହିଁ । ତୁମେମାନେ ସମସ୍ତେ ଯେଉଁଦିନ ମନୁଷ୍ୟ ହେବ, ସେହିଦିନ ମୋର ଆନନ୍ଦ; ସେହିଦିନ ମୋର ଶାନ୍ତି ।"

ତେଣୁ ଶ୍ରୀଶ୍ରୀଠାକୁର କହିଛନ୍ତି, "ଯାଅ, ତୁମେମାନେ ସଂଘ ଗଠନ କର, ତେବେ ଯାଇ ମୋତେ ପାଇବ । ମୁଁ ଅଯାଚିତ ଭାବରେ ତୁମମାନଙ୍କର ମଧ୍ୟରେ ଉପସ୍ଥିତ ହୋଇ ତୁମ ସମସ୍ତଙ୍କ ମନୋବାଞ୍ଛା ପୂର୍ଣ୍ଣ କରିବି । ସଂଘ ସୁସଙ୍ଗଠିତ ଓ ସୁଦୃଢ ହେଲେ ଯେ କୌଣସି ଭଲ କାର୍ଯ୍ୟ କରାଯାଇ ପାରେ । ତୁମେମାନେ ମିଳିତ ହୋଇ ଜାତୀୟ ଜୀବନରେ ଶକ୍ତି ସଞ୍ଚାର କର । ବ୍ୟକ୍ତିଗତ ସ୍ୱାର୍ଥ ଓ ମାନଅଭିମାନ ପରିହାର କରି ଦେଶମାତୃକାର ପବିତ୍ର ମନ୍ଦିରରେ ଆତ୍ମୋତ୍ସର୍ଗ କର ।

### (୩) ପରସ୍ପର ମଧ୍ୟରେ ଭାବବିନିମୟ:

ସମ୍ମିଳନୀର ଅନ୍ୟତମ ଉଦ୍ଦେଶ୍ୟ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ । ଭାବବିନିମୟ ସହାୟତାରେ ଆଦର୍ଶ ଜୀବନ ଗଠନ କରି ସଂଘଶକ୍ତି ର ପ୍ରତିଷ୍ଠା କରିବା ସମ୍ମିଳନୀର ଅନ୍ୟତମ ଲକ୍ଷ୍ୟ । ଯେତେବେଳେ ଗୁରୁଭାଇ ମା' ଏକତ୍ର ହେବେ, ପରସ୍ପର ମଧ୍ୟରେ ଭାବବିନିମୟ କରିବ । ସାଧନ ପଥରେ କିଏ କେତେ ଦୂର ଅଗ୍ରସର ହେଉଛି, କିଏ କି ବାଧା, କି ଅନୁଭୂତି, କି ଆନନ୍ଦ ପାଉଛି, କି ପରିବର୍ତ୍ତନ ଲକ୍ଷ୍ୟ କରୁଛି, ଏସବୁ ବିଷୟରେ ଆଳାପ, ଆଲୋଚନା କରିବ । ଏଥିରେ ଜଣେ ଅଲକ୍ଷିତ ଭାବରେ ଅନ୍ୟର ସାଧନ ପଥରେ ସହାୟକ ହେବ । ନିଜର ଭୁଲ ଆଡକୁ ଦୃଷ୍ଟି ପଡିବ । ପରସ୍ପରର ସହାୟତାରେ ଆଧ୍ୟାତ୍ମ୍ୟ ରାଜ୍ୟର ବନ୍ଧୁର ସୋପାନଗୁଡିକ ପାର ହୋଇଯିବ ।

ଶ୍ରୀଶ୍ରୀଠାକୁର ଭାବବିନିମୟ ସଂପର୍କରେ କହିଛନ୍ତି, "ତୁମେମାନେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କର । ପ୍ରତ୍ୟେକ ଭାଇ ଅନ୍ୟ ସତୀର୍ଥ ଭାଇଙ୍କ ନିକଟରେ କିଛି ଗୋପନ ରଖିବେ ନାହିଁ ଭାବ ଗୋପନ ରଖିବା ଉଚିତ ନୁହେଁ ତୁମମାନଙ୍କର ସମସ୍ତ କଥା ମୋ ପାଖରେ ଅକପଟ ଭାବରେ ଖୋଲି କହିବା ଦରକାର । ସରଳତା ଓ ସତ୍ୟ ସର୍ବଦା ପାଳନ କରିବା ଉଚିତ । ସତ୍ୟ କହିଯାଅ, ସତ୍ କାର୍ଯ୍ୟ କରିଯାଅ । ଫଳ ଯାହା ହେବାର ହୋଇଯାଉ, ସେଥିପ୍ରତି ଭ୍ରୁକ୍ଷେପ କରନାହିଁ । ଆପାତତଃ କେଉଁଠି କ୍ଷତି ହେଲେ ମଧ୍ୟ ଦୃଢତାର ସହିତ ସତ୍ୟର ସମ୍ମାନ ରକ୍ଷା କରିବାକୁ ବରାବର ଅଭ୍ୟାସ କର । ଦେଖିବ ହୃଦୟରେ ଅଫୁରନ୍ତ ଆନନ୍ଦ, ମନରେ ଅମିତ ବଳ ଲାଭ କରିବ । ଏହି ସ୍ୱାର୍ଥପର ଜଗତରେ ମଧ୍ୟ ଦେଖିବ ସତ୍ୟପାଇଁ ତୁମର କେତେ ଆଦର, କେତେ ସମ୍ମାନ ହେବ । ସତ୍ୟ ହିଁ ତୁମମାନଙ୍କୁ

ବିଜୟୀ କରିବ ।" ଶ୍ରୀଶ୍ରୀ ଠାକୁର କହିଛନ୍ତି, "ଆଦର୍ଶ ଗୃହସ୍ଥ ହୋଇ, ସଂଘବଦ୍ଧ ହୋଇ ଓ ପରସ୍ପର ମଧ୍ୟରେ ଭାବ ଆଦାନପ୍ରଦାନ କରି ମର୍ତ୍ତ୍ୟରେ ତୁମେମାନେ ଅମୃତର ଆସ୍ୱାଦନ ଲାଭ କର ।"

ସଂସାର ତାପରେ ବିଦଗ୍ଧ, ଦୁଃଖ କଷ୍ଟରେ ନିର୍ଯ୍ୟାତିତ ଶ୍ରୀଶ୍ରୀଠାକୁରଙ୍କର ଗୃହସ୍ଥ ସନ୍ତାନ ମାନେ ଯେପରି ଅମୃତର ଆସ୍ୱାଦନ ଲାଭ କରିପାରିବେ, ସେଥିପାଇଁ ଶ୍ରୀଶ୍ରୀଠାକୁର ତାଙ୍କ ଗୃହୀ ଶିଷ୍ୟଭକ୍ତ ମାନଙ୍କ ଉଦ୍ଦେଶ୍ୟରେ ଭକ୍ତ ସମ୍ମିଳନୀର ପ୍ରତିଷ୍ଠା କରିଯାଇଛନ୍ତି । ଏହି ସମ୍ମିଳନୀରେ ପ୍ରକାଶ୍ୟ ଭାବରେ ଆନନ୍ଦର ସ୍ରୋତ ପ୍ରବାହିତ ହୁଏ । ଶ୍ରୀଶ୍ରୀଠାକୁର କହିଛନ୍ତି ତୁମମାନଙ୍କର ସର୍ବବିଧ ଶକ୍ତିଦେଇ ଏହାକୁ ଉଜ୍ଜୀବିତ ରଖ । ଏହା ଦ୍ୱାରା ଜଗତର ମଙ୍ଗଳ ହେବ ।

୧୯୩୪ ମସିହା ଅଗଷ୍ଟ ମାସ ୨୪ ତାରିଖ ଦିନ ଶ୍ରୀଶ୍ରୀଠାକୁର ତାଙ୍କର ଶୁଭ ଜନ୍ମତିଥୀରେ ତତ୍‌କାଳୀନ ସେହି ମୁଷ୍ଟିମେୟ ଭକ୍ତଙ୍କୁ ସଂଘବଦ୍ଧ କରିବା ପାଇଁ 'ନୀଳାଚଳ ସାରସ୍ୱତ ସଂଘ' ସ୍ଥାପନ କରି ସେମାନଙ୍କୁ ଆଦର୍ଶ ଗୃହସ୍ଥ ଜୀବନ ଗଠନ, ଗୃହରେ ତାଙ୍କର ଭାବମୂର୍ତ୍ତି ରଖି ଉତ୍କଳୀୟ ରୀତିରେ ପୂଜା ଆରଧନା, ସାପ୍ତାହିକ ସଂଘାଧିବେଶନ ପୂର୍ବକ ପରସ୍ପର ଭିତରେ ଭାବବିନିମୟ କରିବାକୁ ଆଦେଶ ପ୍ରଦାନ କରିଥିଲେ ।

ଏହି 'ନୀଳାଚଳ ସାରସ୍ୱତ ସଂଘ' ପକ୍ଷରୁ ଶ୍ରୀଶ୍ରୀଠାକୁରଙ୍କୁ ନିମନ୍ତ୍ରଣ କରିନେଇ ସଂଘବଦ୍ଧ ଭକ୍ତମାନଙ୍କର ସମ୍ମିଳିତ ପୂଜା ଦ୍ୱାରା ଆନନ୍ଦ ଲାଭ କରିବା ପାଇଁ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ଶୁଭାରମ୍ଭ ୧୯୪୭ ମସିହାରେ ହୋଇଥିଲା । 'ନୀଳାଚଳ ସାରସ୍ୱତ ସଂଘ'ର ଏହି ବାର୍ଷିକ ଅଧିବେଶନ ସେହି ବର୍ଷଠାରୁ ଅଦ୍ୟାବଧି ନିରବିଚ୍ଛିନ ଭାବରେ ଅନୁଷ୍ଠିତ ହୋଇ ଆସୁଅଛି । ନୀଳାଚଳ ସାରସ୍ୱତ ସଂଘ କ୍ରମବିକାଶ ପଥରେ ଗତିକରି ଆଜି ଓଡିଶାର ଏକ ସୁପରିଚିତ ବୃହତ୍ ଧର୍ମାନୁଷ୍ଠାନ ଭାବରେ ପରିଗଣିତ ହୋଇ ପାରିଛି । ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀରେ ଯୋଗ ଦେଉଥିବା ଭକ୍ତମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧିପ୍ରାପ୍ତ ହୋଇ ବର୍ତ୍ତମାନ ଏହା ଏକ ବିରାଟ ଭକ୍ତ ସମାବେଶର ଅନୁଷ୍ଠାନ ରୂପେ ପରିଗ୍ରହ ଲାଭକରିଛି । ଓଡିଶାର ଜନସାଧାରଣଙ୍କ ଭିତରେ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ଓ ଶ୍ରୀଶ୍ରୀଠାକୁରଙ୍କର ଭାବଧାରାକୁ ପ୍ରସାର କରାଇବାରେ ପ୍ରାଦେଶିକ ଭକ୍ତ ସମ୍ମିଳନୀ ବିଶେଷ ଭାବରେ ସହାୟକ ହୋଇଛି । ଶ୍ରୀଶ୍ରୀଠାକୁରଙ୍କର ଭାବଧାରା ପ୍ରସାରରେ ଏହି ଅନୁଷ୍ଠାନ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

ଶ୍ରୀଶ୍ରୀଠାକୁରଙ୍କୁ ନେଇ ସମ୍ମିଳିତ ଭାବରେ ଭକ୍ତମାନଙ୍କର ଆନନ୍ଦ ଲାଭ, ଏବଂ ଓଡିଶାର ବିଭିନ୍ନପ୍ରାନ୍ତରୁ ଓ ବାହାରୁ ଆସୁଥିବା ଭକ୍ତମାନଙ୍କ ସହ ସାକ୍ଷାତ, ମିଳନ ଓ ଭାବବିନିମୟର ସୁଯୋଗ ପ୍ରଦାନ କରିବା ଦିଗରେ ଏହି ସମ୍ମିଳନୀ ଏକ ଉଲ୍ଲେଖଯୋଗ୍ୟ ମାଧ୍ୟମ ହୋଇପାରିଛି । ସମ୍ମିଳନୀରେ ହେଉଥିବା ଆଲୋଚନା ଯଥା ଶ୍ରୀଶ୍ରୀଠାକୁରଙ୍କର ଭାବଧାରା, ଗୁରୁତତ୍ତ୍ୱ ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ ବିଷୟ ଭକ୍ତମାନଙ୍କୁ ଉଦ୍‌ବୁଦ୍ଧ ଏବଂ ପଥ ପ୍ରଦର୍ଶନ କରାଇବାରେ ସହାୟକ ହୋଇଛି । ଏହା ଉତ୍କଳୀୟ ଭକ୍ତମାନଙ୍କର ପ୍ରାଣର ଅନୁଷ୍ଠାନ ହୋଇ 'ନୀଳାଚଳ ସାରସ୍ୱତ ସଂଘ'ର ଇତିହାସରେ ଗୌରବାମୟ ସ୍ଥାନ ଅଧିକାର କରିଛି ।

ଏହି ସମ୍ମିଳନୀର ସଫଳ ଅନୁଷ୍ଠାନର ପୃଷ୍ଠଭୂମିରେ ରହିଛି ଶ୍ରୀଶ୍ରୀଠାକୁରଙ୍କର ଅମୋଘ ଆଶୀର୍ବାଦ ଓ କୃପାଦୃଷ୍ଟି, ଏହାର ଉତ୍ପତ୍ତି ଓ କ୍ରମବିକାଶ ପଥରେ ରହିଛି ତାଙ୍କର କରୁଣା । ଏହି ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଭକ୍ତମାନଙ୍କର ଶିକ୍ଷା, ଭାବ ବିନିମୟ ଓ ଆନନ୍ଦ ଲାଭର ଏକ ପୃଷ୍ଠଭୂମିଭାବେ ତଥା ଶ୍ରୀଶ୍ରୀଠାକୁରଙ୍କର ଲୀଳାକ୍ଷେତ୍ର ରୂପେ କାର୍ଯ୍ୟକରି ଭକ୍ତମାନଙ୍କ ହୃଦୟରେ ଆନନ୍ଦର ଧାରା ପ୍ରବାହିତ କରି ଏବଂ ତାଙ୍କର ଭାବଧାରାର ପ୍ରସାର କରିବା ସହିତ ଆମମାନଙ୍କୁ ସେହି ଆଦର୍ଶରେ ପରିଚାଳିତ କରିବାରେ ଅଶେଷ ସହାୟକ ହୋଇଛି । ଦିନକୁ ଦିନ ସମ୍ମିଳନୀ ପୂର୍ଣ୍ଣରୁ ପୂର୍ଣ୍ଣତର ହୋଇ ଚାଲି ଆସୁଛି । ହେ ଠାକୁର, ହେ ହୃଦୟ ଦେବତା ତୁମ ପ୍ରଦର୍ଶିତ ପନ୍ଥାରେ ଅଗ୍ରସର ହେବାକୁ ଆମକୁ ଆଶୀର୍ବାଦ କର ।

ଶ୍ରୀ ବିନୟ କୁମାର ସାହୁ

# Sri Sri Thakur in my life

I had volunteered to introduce Shri Thakura Nigamanada Paramahansadev (most of us affectionately call him our Thakura) to a general audience. In many ways my task was to capture the milestones of Thakura's life and teachings. In essence I was to weave a story linking the chronology of events that surrounds his earthly life, narrate when and where he was born, the circumstances that influenced his decision to seek divine knowledge, how he became a parmahansadeva, and his subsequent effort to reach out to his disciples. I feel I am woefully inadequate for the task. I have not read much. I am limited in my intellect. Yet, I do not feel powerless. I have a unique opportunity to reflect upon my life as influenced by Thakura Nigamanada. I have been in the United States since August of 1983. I have roughly spent half of my life (what I can remember, say since age six) in Cuttack, Orissa and the other half in the Carolinas, in the United States. So what would have been a sketch of the life of a Mahamanaba (supreme-being) is now reduced to the ramblings of a single bhakta (believer). My son once asked me why I say "jaiguru" often? I kept searching for words. It made me think. Is it as simple as a part of my upbringing, a holdover of my days in Orissa, India? Is it just a habit? Is that why I could not give a very convincing and rational explanation? May be this short note will in some clumsy way answer his question. Just a personal note of an immigrant father to a son who in his life will reconcile the ways of the west with the essence of the value system of the east. At the end he has to ponder over the power of intellect and weigh it against the supremacy of faith. Or, orchestrate both as the dance of life, complementing forces, or a way to separate religion from spiritualism. And then he can be at home in a temple or ashram singing Hindu devotionals or gleefully join the soulful rendition of a gospel choir. In trying to understand, you gain wisdom when you soon know that understanding by itself is futile. Knowledge misled leads to deceit, misplaced causes much harm. East or West? Whether the prevalent philosophies compete or complement is true wisdom.

In Hinduism the recitation of "Om" provides spiritual sustenance. Those of us who believe in Thakura Nigamanada and embrace his teachings, "Jaiguru" has become our Mahamantra. My recitation of "jaiguru" is as much a conscious effort as it is a part of my sub-conscious. It feels me with strength. When I feel sad, the recitation of "jaiguru", gives me solace. When, I am distraught it reminds me of my purpose, it navigates me to my moral center. At night, when I say "Jaiguru" before going to bed, it is a way to bring closure to the day and a way to remind me that I am still connected. One day ends but is also the prelude for another beginning. Hope.

How do you reconcile the West with the East? Should it just be rhetoric like the sun rises in the east and sets in the west? Through textbooks and through numerous intellectual discourses I have come to understand that an "invisible hand" guides human behavior in the marketplace. The acceptance of the workings of this "invisible hand" is central to the growth and the economic prosperity of the western civilization. This market mechanism entirely rests on the premise that each individual will maximize his or her perceived benefit from each and every action. It ungrudgingly champions individualism. In Contrast, while growing up in India, the preaching of my parents and the collective wisdom of society, led me to believe that the need of family and others come ahead of my own. While I should strive to succeed, happiness will come through sacrifice. That there is more joy in giving than in taking. In the West I choose to volunteer during my free time. The Indian way, as I know, does not accommodate such expression of free will. The chief minister of a state does not think he has any choice, when as part of his repentance, he washes the feet of the

visitors to the Gurudwara (the abode of Guru), collects, and polishes their shoes. The same also explains how a professor of mine (Dr. Dinabandhu Mishra) once explained why he returned to India from the United States – so he can have the privilege to serve his parents. He returned to his birthplace not because he was duty bound. He saw the opportunity to serve his parents as privilege!

Western spiritual philosophy presupposes that salvation can only be attained through renewing your faith in Jesus Christ (by being "Born Again"). The day-to-day activities of each person are recorded in a page on the Book of Life. On Judgment Day (Day of Deliverance), each soul will arise, and ascend to heaven or cast to hell, based on a verdict that will attempt to reconcile the moral lapses with the good deeds in a person's life. There is room for forgiveness. Redemption is assured if one consciously professes belief in Jesus Christ. He died for his disciples. I say all this because it is a prelude to my understanding of Thakura Nigamananda's teachings and my acceptance of him as my guru, my Ishta.

Hinduism also requires each person to take responsibility of his or her own actions. What happens in this life is a reflection of what each of us inherited from a previous life. Yet, what we choose to do influences and shapes our next life. Life on earth has an order and each living being has a place in this ladder like configuration. Humans at the top and dogs, jackals, and hyenas placed in the bottom rungs. Each subsequent birth allows you to progress into a higher order of life, or regress, based on deeds (Karma) in this life. Thus each birth can be ideally seen as an onward progression, with ultimate salvation achieved through merging with Shakti. Salvation is akin to escaping, breaking out of, the cycle of birth and death. What is most reassuring is that as Thakura Nigmananda's disciple I am assured salvation in maximum three births. If my faith is unwavering my salvation is assured in this birth (anukula krupa). Even if I veer and go astray, or renounce, I will still attain salvation in three births (partikula krupa). This is what my Guru negotiated with Adishakti (fount of all energy).

Does this give us license to indulge? Lie? To engage in unworthy acts? Not really. It gives each of us the chance to live life with joyous fervor. It takes away the fear of failure or the uncertainty of success so each of us can freely, joyfully, gravitate towards our moral center. This assurance is inspiration that given all the trial and tribulations, our salvation is assured. Salvation is not a result of our intellect. Not just a reward of our deeds. It is a gift that comes with our birth and our association. It strengthens my affection for Thakura and feeds my faith. Yet this affection has no strings attached. Even it is not anchored on my salvation. At the end, the most important knowledge I will gain I know is that no amount of knowledge will replace faith. No accumulation of intellect will substitute for love and simple affection. Intellect strengthens, I do not doubt that. Yet, the simple, unthinking-uncalculated, events and acts of life (like saying "Jaiguru") is the foundation of my salvation, what matters most in this life.

Sri Bijoy Kumar Sahoo

ତୁମର ବସି ରହିବାର ଉପାୟ ନାହିଁ । ତୁମର ସଂସ୍କାର ତୁମକୁ କାର୍ଯ୍ୟ ସାଧନାରେ ନିଶ୍ଚୟ ପ୍ରବୃତ୍ତ କରାଇବ । ତୁମର କ୍ଷମତା କେତେ ? ତୁମକୁ କରିବାକୁ ହିଁ ହେବ । ଯଦି ତୁମେ କିଛି ନ କର, ସଦ୍‌ଗୁରୁ ବଳ ପ୍ରୟୋଗ କରି ତୁମକୁ ବାଧ୍ୟ କରି କରାଇନେବେ । ଯାହା ଇଚ୍ଛା ତାହା ସେ କରାଇ ପାରନ୍ତି । ତୁମେ ମୋ ନିକଟକୁ ଆସିଥିଲ କାହିଁକି ? ମୋ ଆକର୍ଷଣୀ ଶକ୍ତିରେ ଆକୃଷ୍ଟ ହୋଇ ତୁମେ ଆସିଥିଲ ତ ! ଏହି ଶକ୍ତି ତୁମ ଭିତରେ କାର୍ଯ୍ୟ କରିବ । ଆଉ ଧର, ଯଦି କେହି କିଛି ନ କରେ, ତେବେ ୨ ଜନ୍ମରେ ଅନ୍ତତଃ ତାର ଗୋଟିଏ ଭଲ ସଂସ୍କାର ହୋଇ ରହିବ ତ !

-- ଶ୍ରୀଶ୍ରୀଠାକୁର

# ହୋଇଛି ଆଶା ପୂରଣ

ଶୁଣିବାକୁ ସେଇ ଶୁଭ ସମାଚାର
ପତାଇ ବସିଛି କାନ
କେତେକାଳ ଆଉ ପ୍ରତୀକ୍ଷାରେ ଥିବି
କେତେଦୂରେ ସେଇଦିନ ।୧।

ଆଶାତରୁଟିଏ ରୋପିଛି ଅନ୍ତରେ
ସାନ୍ତ୍ୱନାର ଜଳ ଦେଇ
ନିରାଶାର ଖରା ବାଜି ଝାଉଁଳିବ
ଅବା ସେ ରହିବ ଜିଇଁ? ।୨।

ସଉଭାଗ୍ୟ ବଳେ ପାଗ ଯୋଗ ଯେବେ
ହୋଇଯିବ ଅନୁକୂଳ
ନ'ମରି ବଞ୍ଚିବ ସରସା ମାଟିରେ
ଲାଗିଗଲେ ଥରେ ଚେର ।୩।

ନବ ଉଦ୍ଦୀପନା ଶାଖାରେ ଶାଖାରେ
କଅଁଳ ପତର ମେଲି
ଶୋଭା ବିକଶିବ ଧୀର ସମୀରଣ
ଖେଳାଇବ ତାରେ ଦୋଳି ।୪।

ବଇରୀ ନଜରୁ ଉହାଡ କରିବି
ବିଶ୍ୱାସର ବାଡ ଦେଇ
ଅନାବନା ଗଛ ନରଖିବି ମୂଳେ
ନାମ ସାର ଦେବି ନେଇ ।୫।

ଆଶାତରୁ ଯେବେ କୁସୁମିତ ହେବ
ତୁମରି କରୁଣା ବଳେ
ଅଞ୍ଜଳିରେ ଭରି ଭେଟି ଦେବି ନେଇ
ତୁମ ଶ୍ରୀଚରଣ ତଳେ ।୬।

ସୁବାସିତ ସେଇ ସଜ ସୁମନରେ
ଯତନେ ଗୁନ୍ଥି ମୁଁ ମାଳା
ଅତିଯତନରେ ପରାଣ ବନ୍ଧୁ ହେ
ମଣ୍ଡି ଦେବି ତୁମ ଗଳା ।୭।

ଅରୂପ ହେ ତୁମେ ସ୍ୱରୂପେ ଆସିବ
ଅପରୂପ ରୂପ ଧରି
ପଲକ ଅପଲକା ଆଖିରେ ତୁମକୁ
ନିରେଖିବି ପ୍ରାଣଭରି ।୮।

ସଙ୍ଗତରେ ଥିବେ ପ୍ରିୟ ପରିଜନ
ଦେଉଥିବେ ଜୟଧ୍ୱନି
ଆକାଶ ବତାସ ପ୍ରକଂପିତ ହେବ
ଜୟଗୁରୁନାଦ ଶୁଣି ।୯।

ତୁମ ଜଗତର ହିତ ମନାସିଣ
ଯନ୍ତ୍ର ଗୋଟିଏ କରି
ପଠାଇଛ ଯେବେ ଦୂର ପରବାସେ
ତୁମ ଆଜ୍ଞା ଶିରେ ଧରି ।୧୦।

ଆସିଅଛି ସିନା ଆନବାଞ୍ଛା କିଛି
ନଥିଲା ତ ମୋର ମନେ
ଯନ୍ତ୍ରୀ ହେ ତୁମ ଶକତି ବିସ୍ତାର
ହେବ ଆଉ କେତେଦିନେ? ।୧୧।

ଅପାରଗ ଯେବେ ତୁମରି ହାତର
ଯନ୍ତ୍ର ମୁଁ ହେବାପାଇଁ
କି ଲାଭ ପାଇଲ ସେଠା ପରିବେଶୁ
ଦୂରେ ମୋତେ ଠେଲିଦେଇ ।୧୨।

ଅସରା ଆଶାର ପସରା ଗୋଟିଏ
ମଥାରେ ମୋ ଲଦିଦେଇ
ପଠାଇ ଦେଇଛ ଦୁରୁଗମ ପଥେ
ବସିଛି ମୁଁ ବାଟ ଚାହିଁ ।୧୩।

ଆଖି ଫେରାଇ ମୁଁ ଯେଉଁ ଦିଗେ ଚାହେଁ
ଭରା ଖାଲି ମରୁବାଲି
ଜଣେ କେହି ନାହିଁ ତୃଷିତ କଣ୍ଠେ ମୋ
ଜଳମୁନ୍ଦେ ଦେବ ଢାଳି ।୧୪।

ତଥାପି ଭରସା ଅତୁଟ ରହିଛି
ଧଇର୍ଯ୍ୟ ମୋ ଟଳିନାହିଁ
ଶତ ଝଡ ଝଞ୍ଜା ସାମନା କରିବି
ତୁମ ନାମ ତୁଣ୍ଡେ ଗାଇ ।୧୫।

ମୋ କାତର ଡାକେ ଟଳିଯିବ ତୁମ
ସ୍ୱର୍ଣ୍ଣମୟ ସିଂହାସନ
ନିତ୍ୟଲୋକ ତେଜି ଏହି ସ୍ଥାନେ ପ୍ରଭୁ
ହୋଇବ ବିରାଜମାନ ।୧୬।

ତୁମରି ନାମର ମହିମା ବିସ୍ତାର
ହୋଇବ ଜଗତସାରା
ଭକତର ବାଞ୍ଛା କଳ୍ପତରୁ ସାଜି
ଧନ୍ୟ କରିବ ଧରା ।୧୭।

କରୁଣାମୟ ହେ ଶ୍ରୀଚରଣ ତଳେ
କରୁଛି ଏତିକି ଅଳି
ତୁମ ଆଗମନ ଚାହିଁ ବସିଛି ମୁଁ
ବିଶ୍ୱାସର ଦୀପ ଜାଳି ।୧୮।

ଝଡ ବତାସ ରେ ଲଭିବନି କେବେ
ଅଲିଭା ସେ ଦୀପଶିଖା
ପରୀକ୍ଷା ତୁମର ଶେଷ ହେବ ଯେବେ
ନିଶ୍ଚେ ଆସି ଦେବ ଦେଖା ।୧୯।

ଦିନ ପରେ ଦିନ ମାସ ପରେ ମାସ
ବରଷ ପରେ ବରଷ
ଯାଉ ପଛେ ବିତି ବିରହ ରଜନୀ
ଦିନେ ତ ହୋଇବ ଶେଷ ।୨୦।

ସେହି ଦିନକୁ ମୁଁ ଚକାଇ ବସିଛି
ଜଗତର ହିତ ପାଇଁ
ତୁମ ନାମ ଗୋଟି ତୁଣ୍ଡେ ଗାଉଅଛି
ହୃଦେ ତୁମ ରୂପ ଧ୍ୟାୟୀ ।୨୧।

କାଳର ପ୍ରଭାବେ ସ୍ଥୂଳ ଦେହ ମୋର
ରହିବନି ସିନା ଚିର
ତୁମ କାମ ଅଧା ରହିବନି କେବେ
ଏ ବିଶ୍ୱାସ ଅଛି ମୋର ।୨୨।

ପରାଣ ବନ୍ଧୁ ହେ ନିତ୍ୟ ଲୋକର
ନିତ୍ୟ ପୁରୁଷ ତୁମେ
ତୁମର ନିତ୍ୟ ସେବକ ସଙ୍ଗୀ
ଭରିଛନ୍ତି ଧରାଧାମେ ।୨୩।

ସବୁରି କାନରେ ଶୁଣାଇବା ପାଇଁ
ତୁମରି ମହିମା ଗାନ
ଯାଗି ଉଠିଲେଣି ଚଉଦିଗେ ତୁମ
ନିତ୍ୟ ପାର୍ଶ୍ୱଦ ଗଣ ।୨୪।

ଅନୁକୂଳ ବାଆ ବହିଲାଣି ସିଏ
କହିଲାଣି କାନେକାନେ
ଭୋଗ ବିଳାସକୁ ପାଦେ ଠେଲିଦେଇ
ଜାଗରେ ବିଶ୍ୱ କଲ୍ୟାଣେ ।୨୫।

ଯୁଗ ଗୁରୁଙ୍କର ଆବାହନ ପାଇଁ
ହେବା ଏକ ମନ ପ୍ରାଣ
ଭ୍ରାତୃତ୍ୱ ବନ୍ଧନେ ବାନ୍ଧି ହେବାଲାଗି
ଆସିଛି ଶୁଭ ଲଗନ ।୨୬।

ଛୋଟ ଅବା ବଡ ବିଚାରକୁ ମନେ
ସ୍ଥାନ ଦେବାନାହିଁ ତିଳେ
ଅସାଧ୍ୟ ସାଧନ କରିଯିବା ଆମେ
ଦିନେ ଏକତାର ବଳେ ।୨୭।

ଶ୍ରୀମତୀ କାଞ୍ଚନବାଳା ଦାସ
ଏକାମ୍ର ସାରସ୍ୱତ ମହିଳା ସଂଘ

ଭଗବାନ ପ୍ରାପ୍ତିର ଏକମାତ୍ର ଉପାୟ ବ୍ୟାକୁଳତା । ସେ ବ୍ୟାକୁଳତା କେମିତି ହୁଏ, ସାଧକ ତାହା ଜାଣିପାରେ ନାହିଁ । ଅନ୍ୟମାନେ ତାହା ଉପଲବ୍ଧି କରି ଆଶ୍ଚର୍ଯ୍ୟ ହୁଅନ୍ତି । ନିଜେ ବୁଝି ପାରିବା ମଧ୍ୟ ଭଗବାନଙ୍କ କୃପା, ତା' ନ ହେଲେ ଅହଂ ଆସି ଉଚ୍ଚ ଉଚ୍ଚତର ଉନ୍ନତିର ପଥ ବନ୍ଦ ହୋଇଯାଆନ୍ତା । ଆଉ ଯେଉଁ ସମସ୍ତ ବାଧା-ବିଘ୍ନ ଅଛି ବା ହେବ, ସରଳଭାବରେ ତାଙ୍କ ନିକଟରେ ପ୍ରାର୍ଥନା କଲେହିଁ, ସେ ସମସ୍ତ ବାଧା-ବିଘ୍ନ ଅପସାରିତ କରିନେବେ । ନିଜେ ଇଚ୍ଛା କରି ବନ୍ଧନ ମୁକ୍ତ କରିବାର ପ୍ରୟୋଜନ ନାହିଁ, ସମୟ ହେଲେ ସେ ହିଁ ମୁକ୍ତ କରିଦେବେ ।

-- ଶ୍ରୀଶ୍ରୀଠାକୁର

# ଆମେରିକା ସାରସ୍ୱତ ପାଠଚକ୍ର ପାଇଁ ପ୍ରାର୍ଥନା ଓ ଶୁଭକାମନା

ଆମ ନୀଳାଚଳ ସାରସ୍ୱତ ସଂଘର ପରିଚୟ ପତ୍ର ପ୍ରାପ୍ତ ସଂଘଭୁକ୍ତ ଭକ୍ତ ଭାଇ ଓ ମା'ମାନଙ୍କ ସଂଖ୍ୟା ବର୍ତ୍ତମାନ ପ୍ରାୟ ୫୦୦୦ ରୁ ଉର୍ଦ୍ଧ୍ୱ ହେବ । ସେମାନଙ୍କ ମଧ୍ୟରୁ ଅନେକେ ମୁଖ୍ୟତଃ ଜୀବିକାର୍ଜନ ପାଇଁ ଓ କେତେକ ଅନିବାର୍ଯ୍ୟ କାରଣରୁ ଯେଉଁ ସ୍ଥାନର ଶାଖାସଂଘରୁ ପରିଚୟ ପତ୍ର କରିଥାନ୍ତି, ସେହି ସ୍ଥାନରେ ନ ରହୁଥିବାରୁ ସେହି ସଂଘରେ ନିୟମିତ ଭାବରେ ଯୋଗଦାନ କରିପାରନ୍ତି ନାହିଁ । କିନ୍ତୁ ସେମାନେ ଅନ୍ୟତ୍ର ଅବସ୍ଥାନ କଲେ ମଧ୍ୟ ସେହି ଶାଖା ସଂଘ ସହିତ ସେମାନଙ୍କର ସଂପର୍କ ବିବିଧ ଭାବରେ ରହିଥାଏ । ନିୟମିତ ଭାବରେ ଶାଖା ସଂଘ ମାଧ୍ୟମରେ ପ୍ରତିବର୍ଷ ପରିଚୟ ପତ୍ର କରିବା, ଶାଖା ସଂଘକୁ ପ୍ରଣାମୀ ପ୍ରେରଣ ଓ ଶାଖାସଂଘ ମାଧ୍ୟମରେ କେନ୍ଦ୍ରକୁ ପ୍ରଣାମୀ ପ୍ରଦାନ ଆଦିରେ ତାଙ୍କର ହେଳା ନ ଥାଏ । କର୍ମକ୍ଷେତ୍ରରୁ ଛୁଟିରେ ଆସିଲେ କିମ୍ବା ଶାଖା ସଂଘର ବାର୍ଷିକୋତ୍ସବ ଓ ଅନ୍ୟ କେତେକ ଉତ୍ସବରେ ଯୋଗଦାନ କରିବା ପାଇଁ ସମ୍ଭବ ହେଲେ, ସେମାନେ ସେହି ସଂଘର ଏହି ଅଧିବେଶନରେ ଯୋଗ ଦେଇଥାନ୍ତି । ଏହି ଶ୍ରେଣୀର ଭକ୍ତମାନଙ୍କୁ Absentee devotees କୁହାଯାଇପାରେ । କିନ୍ତୁ ସେମାନଙ୍କର ଉକ୍ତ ସଂଘ ସହିତ ସଂପର୍କ ଅତୁଟ ଥାଏ । ସଂପୃକ୍ତ ଶାଖାସଂଘ ପକ୍ଷରୁ ସେମାନଙ୍କ ସହିତ ନିୟମିତ ଭାବରେ ଚିଠିପତ୍ର କିମ୍ବା ଟେଲିଫୋନ ମାଧ୍ୟମରେ ଯୋଗାଯୋଗ ରଖାଯାଇ ପାରୁନଥିଲେ ମଧ୍ୟ ସଂଘର ବାର୍ଷିକୋତ୍ସବରେ ଯୋଗଦାନ, ପରିଚୟ ପତ୍ର ଗ୍ରହଣ, 'ସଂଘସେବକ'ର ଗ୍ରାହକ ହେବା, ଶାଖାସଂଘରେ ମୁଷ୍ଟିଭିକ୍ଷା ଓ ଗୃହାସନ ପ୍ରଣାମୀ ପ୍ରଦାନ ତଥା ସଂଘରେ ସେହି ଭକ୍ତଙ୍କ ପାଳି ଥିଲେ କିମ୍ବା ଭକ୍ତ ସମ୍ମିଳନୀ ନିମିତ୍ତ କୌଣସି ପ୍ରଣାମୀ ବା ଦେୟ ଦେବାକୁ ଥିଲେ ସେମାନଙ୍କୁ ଅବଗତ କରାଯାଇଥାଏ । ସେମାନେ ମଧ୍ୟ ସଂଘ ସଂପର୍କରେ ସଂଘର କର୍ମକର୍ତ୍ତା ବା ପରିଚିତ ଭକ୍ତମାନଙ୍କଠାରୁ ଖବର ସଂଗ୍ରହ କରିଥାନ୍ତି । ସେମାନେ ସଂଘଠାରୁ ଦୂରରେ ଥିଲେ ମଧ୍ୟ କର୍ମସ୍ଥଳରେ ସେମାନଙ୍କ ଗୃହାସନ ରଖି ଶ୍ରୀ ଶ୍ରୀ ଠାକୁରଙ୍କ ସେବାପୂଜା, ସ୍ତୋତ୍ରବନ୍ଦନା ଓ ସ୍ୱାଧ୍ୟାୟ ଆଦି ନିୟମିତ ଭାବରେ କରିଥାନ୍ତି । ଭକ୍ତମାନଙ୍କ ନିମିତ୍ତ ଉଦ୍ଦିଷ୍ଟ କେନ୍ଦ୍ରର ନିର୍ଦ୍ଦେଶାବଳୀ ସେମାନେ ଶାଖା ସଂଘରୁ ପାଇପାରୁନଥିଲେ ମଧ୍ୟ 'ସଂଘସେବକ' ର ସମାଚାର ଅଂଶରୁ ଏହି ସଂପର୍କରେ କିଛି ପ୍ରକାଶିତ ହୋଇଥିଲେ କିମ୍ବା ପରିଚିତ ସତୀର୍ଥମାନଙ୍କଠାରୁ ସେମାନେ ତାହା ଜାଣିବାକୁ ପାଇଥାନ୍ତି ଓ କେନ୍ଦ୍ରର ନିର୍ଦ୍ଦେଶାବଳୀ ପାଳନରେ ଅବହେଳା ପ୍ରଦର୍ଶନ କରନ୍ତି ନାହିଁ ।

ଏହି ଶ୍ରେଣୀର କେତେକ ଭକ୍ତ ଭାଇ ଓ ମା' ବର୍ତ୍ତମାନ ସେମାନଙ୍କ ଶାଖାସଂଘ ଥିବା ସ୍ଥାନରୁ ଦୂରରେ ରହୁଛନ୍ତି । ଓଡିଶା ଭିତରେ, ଓଡିଶା ବାହାରେ ଆମ ଦେଶ ଭିତରେ ଓ ବିଦେଶରେ ସେହିଭଳି ସଂଘଭୁକ୍ତ କେତେଜଣ ଭାଇ ଓ ମା' ବର୍ତ୍ତମାନ ସୁଦୂର ବିଦେଶରେ ପୃଥିବୀର ବିଭିନ୍ନ ଦେଶରେ ରହୁଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଆମେରିକାରେ ବସବାସ କରୁଛନ୍ତି । ଗତ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ସୁବର୍ଣ୍ଣ ଜୟନ୍ତୀ ଅଧିବେଶନ ସମୟରେ ଏହି ଭକ୍ତମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ତରଫରୁ ଉଦ୍ୟମ ଆରମ୍ଭ ହୋଇଥିଲା ଏବଂ ବିଦେଶରେ ରହୁଥିବା ଅନେକ ଭକ୍ତମାନଙ୍କର ଠିକଣା ସଂଗ୍ରହ କରାଯାଇଥିଲା । ସେହି ତାଲିକାରୁ ଆମେରିକାରେ ଭକ୍ତ ଓ ଭକ୍ତ ପରିବାରର ସନ୍ତାନ ସନ୍ତତିମାନେ ବେଶି ଭାଗରେ ରହୁଥିବାର ଜଣାପଡିଥିଲା । ବିଦେଶରେ ରହୁଥିବା ସେହି ଭକ୍ତମାନଙ୍କର ଆତ୍ମଗଠନ, ଆତ୍ମୋନ୍ନତି, ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘ ନିର୍ଦ୍ଦେଶିତ ପଥରେ ତଥା ଶ୍ରୀଶ୍ରୀ ଠାକୁରଙ୍କ ଭାବଧାରା ଅନୁଯାୟୀ ଶ୍ରୀଶ୍ରୀ ଠାକୁରଙ୍କୁ ମୂଳ କରି ଉପଯୁକ୍ତ ଦିନଚର୍ଯ୍ୟା ସହ ଚଳିବାରେ କେନ୍ଦ୍ରର ଓ ସଂପୃକ୍ତ ଶାଖା ସଂଘର କି କର୍ତ୍ତବ୍ୟ ଓ କିଭଳି ଭୂମିକା ରହିବ, ସେତେବେଳେ ଏ ବିଷୟରେ କିଛି ଚିନ୍ତା କରାଯାଇଥିଲା । ଏହାଛଡ଼ା ଗୋଟିଏ ଦେଶରେ ଗୋଟିଏ ସ୍ଥାନରେ ରହୁଥିବା ଭକ୍ତମାନଙ୍କର ସେହି ଦେଶରେ ଅନ୍ୟତ୍ର ରହୁଥିବା ଭକ୍ତମାନେ ପରସ୍ପର ସହିତ ଯୋଗାଯୋଗ ଓ ସଂପର୍କ ରକ୍ଷା ପୂର୍ବକ କିପରି ଶ୍ରୀଶ୍ରୀଠାକୁରଙ୍କର ପ୍ରସଙ୍ଗ ଆଲୋଚନା ଓ ଭାବବିନିମୟ ଦ୍ୱାରା ଶିକ୍ଷା ଓ ଆନନ୍ଦ ପାଇବେ ସେଥିପାଇଁ ମଧ୍ୟ ଚିନ୍ତା କରାଯାଇଥିଲା ।

ଇତିମଧ୍ୟରେ ଆମେରିକାର ବିଭିନ୍ନ ଅଞ୍ଚଳରେ ରହୁଥିବା ଭକ୍ତମାନେ ପରସ୍ପର ସହିତ ଯୋଗାଯୋଗ ସ୍ଥାପନ ଓ ମିଳିତ ଭାବରେ ଏ ଦିଗରେ କିଛି କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଥିବାର ଶୁଭଖବର ପାଇ ଏଠାରେ ଆମେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲୁ । ଆମେରିକାର ନାଗରିକତ୍ୱ ନେଇ ସେଠାରେ ସ୍ଥାୟୀ ଭାବରେ ବାସ କରୁଥିବା ଜଣେ ଭକ୍ତଙ୍କ ଗୃହରେ ଗୃହାସନ ପ୍ରତିଷ୍ଠା ଖବର ମଧ୍ୟ 'ସଂଘସେବକ'ରୁ ଜାଣିବାର ସୁଯୋଗ ପାଇଥିଲୁ । ଆମେରିକାରେ ରହୁଥିବା ଜଣେ ଭକ୍ତଙ୍କର ପ୍ରଣାମୀରେ ଶ୍ରୀଶ୍ରୀଠାକୁରଙ୍କ ଇଂରାଜୀ ଜୀବନୀ Sadguru Swami Nigamananda ସଂଘ ତରଫରୁ ପ୍ରକାଶିତ ହୋଇଛି । ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଉପଲକ୍ଷେ ସେମାନଙ୍କ ମଧ୍ୟରୁ ଅନେକ ପ୍ରଣାମୀ ପ୍ରେରଣ କରି ଏହି ଅଧିବେଶନର ସଫଳତାରେ ସହାୟକ ହୋଇଥିଲେ । ପରବର୍ତ୍ତୀ ସମୟରେ ଏହି ଭକ୍ତମାନେ ମିଳିତ ହୋଇ ଟେଲିଫୋନ୍ ମାଧ୍ୟମରେ ଅତ୍ୟନ୍ତ ସଫଳତାର ସହିତ କେତୋଟି ଅଧିବେଶନ କରି ଉପକୃତ ହୋଇଥିବାର ସମ୍ବାଦ ଆମମାନଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ଓ ଉତ୍ସାହଜନକ ଥିଲା । ସେମାନଙ୍କ ଏହି ପ୍ରଚେଷ୍ଟା ଏବେ 'ଆମେରିକା ସାରସ୍ୱତ ପାଠଚକ୍ର'ର ରୂପ ନେଇଛି ଏବଂ କେନ୍ଦ୍ରରୁ ଏହାର ସଭ୍ୟସଭ୍ୟାମାନଙ୍କୁ ପରିଚୟ ପତ୍ର ଚଳିତ ବର୍ଷ ପ୍ରଦାନ

କରାଯାଇଛି । ଆମେରିକାରେ 'ନୀଳାଚଳ ସାରସ୍ୱତ ସଂଘ'ର ଏକ ପାଠଚକ୍ର ରହିବା ସଂଘଭୁକ୍ତ ଆମ ସମସ୍ତଙ୍କ ପକ୍ଷରେ ଅତ୍ୟନ୍ତ ଖୁସି ଓ ଗୌରବର କଥା । 'ନୀଳାଚଳ ସାରସ୍ୱତ ସଂଘ' ମାଧ୍ୟମରେ ଶ୍ରୀଶ୍ରୀ ଠାକୁରଙ୍କର ଏହି ସୂକ୍ଷ୍ମଲୀଳା ଏହିପରି ଭାବରେ ଅବ୍ୟାହତ ରହିଛି । ସମଗ୍ର ପୃଥିବୀରେ ସାର୍ବଭୌମ ସଦ୍‌ଗୁରୁ ଶ୍ରୀଶ୍ରୀ ଠାକୁରଙ୍କ ମହାନ୍ ଭାବଧାରା ଓ ବାଣୀ ପରିବ୍ୟାପ୍ତ ହେବାର ଏହା ଆଦ୍ୟ ସୂଚନା ଭଳି ମନେହୁଏ । 'ଅୟମାରମ୍ଭ ଶୁଭାୟ ଭବତୁ'- ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ଆମର ଅନ୍ତରର ନିବେଦନ ଓ ପ୍ରାର୍ଥନା । ଆଧ୍ୟାତ୍ମିକ ଜଗତର ସମ୍ରାଟ ଶ୍ରୀଶ୍ରୀ ଠାକୁରଙ୍କର ଆମେରିକା ବିଜୟର ଏହି ଆଦ୍ୟପର୍ବରେ ଆମେରିକା ସାରସ୍ୱତ ପାଠଚକ୍ର ସାମିଲ ହୋଇ ଧନ୍ୟ ଓ ଗୌରବାନ୍ୱିତ ହେଉ । ଶ୍ରୀଶ୍ରୀଠାକୁରଙ୍କ କରୁଣା ଓ ଆଶୀର୍ବାଦ ଲାଭ କରି ପ୍ରାଣର ଐକାନ୍ତିକ ମିଳନ ଓ ବିରୋଧର ଏକାନ୍ତ ପରିହାର ପୂର୍ବକ ଏହା ଉତ୍ତରୋତ୍ତର ଅଗ୍ରଗତି ଲାଭ କରୁ । ଏହାର ଯାତ୍ରା ପଥରେ କୁସୁମ ବରଷୁ । ଆମ ସମସ୍ତଙ୍କର ଏଠାରୁ ଶୁଭକାମନା ।

ଆମେରିକାରେ ଥିବା ଆମର ଭକ୍ତମାନେ ସେଠାରେ 'ନୀଳାଚଳ ସାରସ୍ୱତ ସଂଘ'ର ପ୍ରତିନିଧି ସ୍ୱରୂପ । ସେଠାରେ ସଦ୍‌ଗୁରୁ ଶ୍ରୀଶ୍ରୀ ଠାକୁରଙ୍କ ଭାବଧାରା ପ୍ରସାରରେ ତଥା 'ନୀଳାଚଳ ସାରସ୍ୱତ ସଂଘ'କୁ ପରିଚିତ କରାଇବାରେ ସେମାନଙ୍କର କିଛି ଭୂମିକା ଏବଂ କର୍ତ୍ତବ୍ୟ ରହିଛି । ଏହି ପାଠଚକ୍ର ମାଧ୍ୟମରେ ବର୍ତ୍ତମାନ ସେମାନେ ତାହା ନିର୍ବାହ କରିପାରିବେ ବୋଲି ଆଶା । ପ୍ରାଥମିକ ପଦକ୍ଷେପ ସ୍ୱରୂପ ସେମାନେ ଶ୍ରୀଶ୍ରୀ ଠାକୁରଙ୍କ ଇଂରାଜୀ ଜୀବନୀର ଏକ କପି ଆମେରିକାନ୍ କଂଗ୍ରେସ ଲାଇବେରୀରେ ଗଚ୍ଛିତ ରଖିବା ପାଇଁ ବ୍ୟବସ୍ଥା କରିପାରିବେ । ବଭିନ୍ନ ଲାଇବେରୀରେ ଇଂରାଜୀ ଜୀବନୀର କପି ରଖିବାପାଇଁ ଚେଷ୍ଟା କରିପାରିବେ । ଏହାଛଡା ସଂଘ ତରଫରୁ ପ୍ରସ୍ତୁତ ହୋଇଥିବା websiteରେ ଏକ ମାର୍ଜିତ ଓ ପରିବର୍ଦ୍ଧିତ ସଂସ୍କରଣ ପ୍ରଦାନ କରିବାରେ ଆମେରିକାବାସୀ ଭକ୍ତମାନେ କେନ୍ଦ୍ର ସହିତ ଯୋଗାଯୋଗ କରି ବିଶେଷ ଭାବରେ ସହାୟକ ହୋଇପାରିବେ । ସଂଘର websiteରୁ ଶ୍ରୀଶ୍ରୀଠାକୁର ଓ 'ନୀଳାଚଳ ସାରସ୍ୱତ ସଂଘ' କଥା ପାଠକରି କେହି ଅଧିକା ଜାଣିବା ପାଇଁ ଆଗ୍ରହ ପ୍ରକାଶ କଲେ ସେମାନେ ତାଙ୍କୁ କେନ୍ଦ୍ର ସହିତ ଯୋଗାଯୋଗ କରାଇ ଦେଇପାରିବେ ଏବଂ ଶ୍ରୀଶ୍ରୀ ଠାକୁର ଓ 'ନୀଳାଚଳ ସାରସ୍ୱତ ସଂଘ' ବିଷୟରେ କିଛି ସୂଚନା ଦେବା ପାଇଁ ସମର୍ଥ ଓ ପ୍ରସ୍ତୁତ ଥିବେ । ଏଥିପାଇଁ ଆମେରିକା ସାରସ୍ୱତ ପାଠଚକ୍ରର ଜଣେକ ସଭ୍ୟ coordinator ରହିଲେ ଭଲ ହେବ ଏବଂ ତାଙ୍କର ପୁରା ଠିକଣା, e-mail address, ଟେଲିଫୋନ୍ ନମ୍ବର ଆଦି websiteରେ ପ୍ରଦାନ କରାଯିବା ଉଚିତ ହେବ । ସେଠାର ଅନ୍ୟ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଶ୍ରୀଶ୍ରୀ ଠାକୁରଙ୍କର ଅସାଂପ୍ରଦାୟିକ ଭାବଧାରା ମଧ୍ୟ ପ୍ରଚାର କରାଯାଇପାରିବ । ଶ୍ରୀଶ୍ରୀ ଠାକୁରଙ୍କ ବାଣୀ - "ପାଠକ ! ହିନ୍ଦୁଧର୍ମ ଅନୁଶୀଳନ କରି ମୁଁ ଯେଉଁ ଅପାର୍ଥିବ ପରମାନନ୍ଦ ଲାଭ କରିଛି, ଆପଣମାନଙ୍କୁ ତାର ଅଂଶଭାଗୀ କରିବା ହିଁ ମୋର ପ୍ରଧାନ ଉଦ୍ଦେଶ୍ୟ । ସଚ୍ଚିଦାନନ୍ଦ ବିଗ୍ରହ ସ୍ୱରୂପ ସଦ୍‌ଗୁରୁ ମୋତେ ସମନ୍ୱୟ ଓ ସାମଞ୍ଜସ୍ୟ ବିଧାନ କରି ସମସ୍ତ ଶାସ୍ତ୍ରାର୍ଥ ପ୍ରକାଶ ଓ ସାଧନ ପନ୍ଥା ପ୍ରକଟିତ କରି ଗ୍ରନ୍ଥପ୍ରଚାର କରିବାକୁ ଆଦେଶ ଦେଇଛନ୍ତି । XXX । ଖ୍ରୀଷ୍ଟିୟାନ, ମୁସଲମାନ, ଶାକ୍ତ, ବୈଷ୍ଣବ, ବୌଦ୍ଧ, ବ୍ରାହ୍ମ ସମସ୍ତେ ଆପଣା ଆପଣା ସାଂପ୍ରଦାୟିକ ଭାବ ଅକ୍ଷୁର୍ଣ୍ଣ ରଖି ପୁସ୍ତକୋକ୍ତ ସାଧନାରେ ସିଦ୍ଧିଲାଭ କରି ମାନବ ଜୀବନର ପୂର୍ଣ୍ଣତ୍ୱ ସାଧନ ଓ ମରଜଗତରେ ଅମରତ୍ୱ ଲାଭ କରି ପାରିବେ ।" (ନିଗମ ଉପଦେଶ)

ବିଦେଶରେ 'ନୀଳାଚଳ ସାରସ୍ୱତ ସଂଘ'ର ଏହା ଏକ ମହାନ୍ ସେବାକାର୍ଯ୍ୟ ଓ କେନ୍ଦ୍ର ସହିତ ଯୋଗାଯୋଗ ରକ୍ଷାକରି, କେନ୍ଦ୍ରର ଅନୁମୋଦନ, ପରାମର୍ଶ, ଦିଗ୍‌ଦର୍ଶନ ଓ ପରିଚାଳନାରେ ଏହି ସେବା କାର୍ଯ୍ୟ ସଂପନ୍ନ ହୋଇପାରିଲେ ଏହି ପାଠଚକ୍ର ଶ୍ରୀଶ୍ରୀଠାକୁରଙ୍କର ଜଗତ୍ ହିତକର କାର୍ଯ୍ୟରେ ସହାୟତା କରିବା ସଙ୍ଗେ ସଙ୍ଗେ ଏହାର ଭକ୍ତମାନେ ଶ୍ରୀଶ୍ରୀଠାକୁରଙ୍କର ଆଶୀର୍ବାଦ ଭାଜନ ହେବେ । ଆମେରିକା ସାରସ୍ୱତ ପାଠଚକ୍ର ପାଇଁ ଉପରେ ଯେଉଁ କେତେକ ସେବାର ସୂଚନା ଦିଆଗଲା ତାହା କେବଳ ସୂଚନା ଓ କେତୋଟି ଉଦାହରଣ ମାତ୍ର, ଏକ ପୂର୍ଣ୍ଣାଙ୍ଗ ତାଲିକା ନୁହେଁ । ଏତଦ୍ ସଂପର୍କୀୟ ଅନ୍ୟାନ୍ୟ ସେବା ପାଇଁ ପାଠଚକ୍ରର ଭାଇ ଓ ମା'ମାନେ ଧ୍ୟାନ ଦେଇ କେନ୍ଦ୍ର ଅନୁମୋଦନ କ୍ରମେ ତାହା କାର୍ଯ୍ୟକାରୀ କରିପାରିଲେ ସଂଘ ପ୍ରଭୂତ ଭାବେ ଉପକୃତ ହେବ ।

ଶ୍ରୀଶ୍ରୀଠାକୁର ଓ ତାଙ୍କର ଭାବଧାରା, ଗୁରୁତତ୍ତ୍ୱ, ନୀଳାଚଳ ସାରସ୍ୱତ ସଂଘ ସଂପର୍କରେ କୌଣସି ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ଠାରୁ ପ୍ରଚାରିତ ପୁସ୍ତକ ପାଠକରି କିମ୍ବା website ଦେଖି କୌଣସି ପ୍ରଶ୍ନ ଆସିଲେ ପାଠଚକ୍ର ସଭାପତି, ସଂପାଦକ ଓ websiteର coordinatorଙ୍କର ସେହି ପ୍ରଶ୍ନର ଉତ୍ତର ଦେବାପାଇଁ ମୋଟାମୋଟି ଭଲ ଧାରଣା ରହିଥିବା ଆବଶ୍ୟକ । ଶ୍ରୀଶ୍ରୀ ଠାକୁରଙ୍କ ଜୀବନୀ, ଭାବଧାରା, ଶଙ୍କରଙ୍କ ମତ, ଗୌରାଙ୍ଗଙ୍କ ପଥ, ଗୁରୁତତ୍ତ୍ୱ, ସନାତନ ଧର୍ମ, ସତ୍‌ଶିକ୍ଷା, ଶିବଜ୍ଞାନରେ ଜୀବସେବା, ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘଶକ୍ତିର ପ୍ରତିଷ୍ଠା, ନୀଳାଚଳ ସାରସ୍ୱତ ସଂଘର ଉତ୍ପତ୍ତି ଓ କ୍ରମବିକାଶ ତଥା ବର୍ତ୍ତମାନ ଅବସ୍ଥା, ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ବୈଶିଷ୍ଟ୍ୟ ସଂପର୍କରେ ସେମାନେ ନିଜର ସ୍ୱାଧ୍ୟାୟ ଦ୍ୱାରା ତଥ୍ୟ ସଂଗ୍ରହ ପୂର୍ବକ ଅବହିତ ଥିବା ଆବଶ୍ୟକ । ସେଥିପାଇଁ ସଂଘ ପ୍ରକାଶିତ ବିବିଧ ପୁସ୍ତକାବଳୀ, 'ସଂଘସେବକ ପତ୍ରିକା' ଓ ସମ୍ମିଳନୀ ଉପଲକ୍ଷେ ପ୍ରକାଶିତ ହେଉଥିବା 'ସ୍ୱାଗତିକା' ଗୁଡିକୁ ସେମାନଙ୍କୁ ପାଠ କରିବାକୁ ହେବ । ଏଥିପାଇଁ ସେମାନଙ୍କୁ ସେମାନଙ୍କର ବ୍ୟସ୍ତ କର୍ମଜୀବନ ଭିତରୁ ଆବଶ୍ୟକ ସମୟ ଉପଯୁକ୍ତ time management ଦ୍ୱାରା ବାହାର କରି

ନିୟମିତ ସ୍ୱାଧ୍ୟାୟ କରିବାକୁ ହେବ ଓ ପରସ୍ପର ଭିତରେ ଭାବ ବିନିମୟ ଓ ଆଲୋଚନା ଅବ୍ୟାହତ ରଖିବାକୁ ହେବ । କୌଣସି ବିଷୟରେ ଅଧିକ ଜାଣିବାକୁ ଥିଲେ ବା ସଂଶୟ ଉପୁଜିଲେ 'ନୀଳାଚଳ ସାରସ୍ୱତ ସଂଘ'ର ସଭାପତି ଓ ପରିଚାଳକଙ୍କ ସହିତ ଯୋଗାଯୋଗ କରିବାକୁ ହେବ ।

ସେମାନେ ସର୍ବଦା ମନେ ରଖିବେ ଯେ ଶ୍ରୀଶ୍ରୀଠାକୁର ତନ୍ତ୍ର, ଜ୍ଞାନ, ଯୋଗ ଓ ପ୍ରେମ – ଏହି ଚତୁର୍ବିଧ ସାଧନ ସିଦ୍ଧ ସାର୍ବଭୌମ ସଦ୍‌ଗୁରୁ । ସଦ୍‌ଗୁରୁ ହିସାବରେ ସେ ସର୍ବଦେବୋମୟ, ସମଗ୍ର ବିଶ୍ୱ ତାଙ୍କର ଲୀଳା ଭୂମି ଏବଂ ସେ ସମଗ୍ର ବିଶ୍ୱର ଲୋକଶିକ୍ଷକ । ଆମେରିକା ମାଟିରେ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ଲୀଳା ଅବ୍ୟାହତ ରହିଛି ଏବଂ ସେଠାରେ ତାଙ୍କର ଭକ୍ତମାନେ ମଧ୍ୟ ରହିଛନ୍ତି । ସମୟ କ୍ରମେ ସେମାନେ ତାଙ୍କ ପାଖକୁ ଆସିବେ । ଏ ଦିଗରେ ଆମେରିକା ସାରସ୍ୱତ ପାଠଚକ୍ର ବର୍ତ୍ତମାନ ପାଇଁ ଏକ ଉପଯୁକ୍ତ ମାଧ୍ୟମ ହେଉ । ଏହା ସବୁ ସଭ୍ୟ ସଭ୍ୟାମାନଙ୍କର ସମ୍ମିଳିତ ସେବା ଓ ଅକୁଣ୍ଠିତ ସହଯୋଗରେ ସୁସଂଗଠିତ ହୋଇ କ୍ରମବିକାଶ ପଥରେ ଗତି କରି ପ୍ରତିଷ୍ଠିତ ଅବସ୍ଥା ପ୍ରାପ୍ତ ହେଲେ ଏହା ଶ୍ରୀଶ୍ରୀଠାକୁରଙ୍କ ବିଶ୍ୱଲୀଳାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ, ଏହା ନିଃସନ୍ଦେହ । ଏହି ପାଠଚକ୍ରର ଶ୍ରୀବୃଦ୍ଧି ନିମିତ୍ତ ଏହାର ସମସ୍ତ ସଭ୍ୟସଭ୍ୟା ଶ୍ରୀଶ୍ରୀଠାକୁରଙ୍କ ନିକଟରେ ପ୍ରାର୍ଥନା ନିରତ ରହି ନିଜ ନିଜର ବ୍ୟଷ୍ଟିସାଧନା ବା ଗୃହାସନ ସାଧନା ଅବ୍ୟାହତ ରଖିବେ । ଆମେରିକାରେ ରହୁଥିବା ଭକ୍ତମାନଙ୍କର ଗୃହାସନ ସାଧନାରେ କୌଣସି ପ୍ରକାର ପ୍ରତିବନ୍ଧକ ନାହିଁ ବୋଲି ଶୁଣିଛି । ସେମାନେ ତାଙ୍କର ଗୃହାସନରେ ଭାବପୂର୍ଣ୍ଣ ଭକ୍ତି ଓ ଶ୍ରଦ୍ଧାର ସହିତ ଶ୍ରୀଶ୍ରୀଠାକୁରଙ୍କର ନିୟମିତ ସେବାପୂଜା, ସ୍ୱାଧ୍ୟାୟ, ସ୍ତୋତ୍ର ବନ୍ଦନା ଆଦି କରି ସାଧନା ନିରତ ରହିପାରିବେ । ଆମେରିକାରେ ପୂଜାର ଉପକରଣ ଓ ନୈବେଦ୍ୟ ସଂଗ୍ରହ ପାଇଁ ଅସୁବିଧା ନାହିଁ । କର୍ମଜୀବୀ ମା'ମାନଙ୍କ ସମେତ ପାଠଚକ୍ରର ଅନ୍ୟ ମା'ମାନେ ମଧ୍ୟ ଆଦର୍ଶ ଗୃହିଣୀ ଭାବରେ ଗୃହାସନରେ ଶ୍ରୀଶ୍ରୀଠାକୁରଙ୍କ ସେବାପୂଜାରେ ସହାୟତା କରିପାରିବେ । ଚଳିତ ବର୍ଷରେ କେନ୍ଦ୍ରରୁ ସବୁ ଭକ୍ତମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଯଥା ବ୍ରାହ୍ମମୁହୂର୍ତ୍ତରୁ ଶଯ୍ୟାତ୍ୟାଗ, ମଞ୍ଜୁରୀପ୍ରାପ୍ତ ଗୃହାସନରେ ନିୟମିତ ଦୁଇ ଓଳି ସେବାପୂଜା, ଦିନଲିପି ପୂରଣ ଓ ସଂଘ ପ୍ରକାଶିତ ପୁସ୍ତକାଦି ଓ ପତ୍ରିକାର ସ୍ୱାଧ୍ୟାୟ କଡାକଡି ଭାବରେ ପାଳନ କରି ଆମେରିକା ସାରସ୍ୱତ ପାଠଚକ୍ରର ସଭ୍ୟ ସଭ୍ୟାମାନେ ଆତ୍ମଗଠନ ସାଧନାରେ ନିୟୋଜିତ ରହିବେ । ସେମାନେ ତାଙ୍କର ସନ୍ତାନସନ୍ତତିମାନଙ୍କୁ ମଧ୍ୟ ଭଗବତ୍ ଅଭିମୁଖୀ ଅର୍ଥାତ୍ ଶ୍ରୀଶ୍ରୀଠାକୁରଙ୍କ ଅଭିମୁଖୀ କରାଇବାରେ ହେଳା କରିବେ ନାହିଁ । ମୋଟ କଥା, ସେମାନେ ଶ୍ରୀଶ୍ରୀଠାକୁରଙ୍କୁ ଭଲପାଇ ଶ୍ରୀଶ୍ରୀଠାକୁରଙ୍କୁ ମୂଳ କରି ତାଙ୍କର ନିତ୍ୟବିଦ୍ୟମାନତା ଉପରେ ସଂଶୟହୀନ ପୂର୍ଣ୍ଣ ବିଶ୍ୱାସ ରଖି ଆଦର୍ଶ ଗୃହସ୍ଥ ଜୀବନ ଗଠନ ସାଧନାରେ ପ୍ରୟାସୀ ହେଲେ, ଶ୍ରୀଶ୍ରୀଠାକୁର ଖୁସି ହେବେ ଓ ସେମାନଙ୍କ ଜୀବନ ଧନ୍ୟ ହୋଇଯିବ ।

ବର୍ତ୍ତମାନ ପୃଥିବୀରେ ଯୁକ୍ତରାଷ୍ଟ୍ର ଆମେରିକା ସବୁଠାରୁ ଶକ୍ତିଶାଳୀ ଧନୀ ଓ ଐଶ୍ୱର୍ଯ୍ୟପୂର୍ଣ୍ଣ ଦେଶ । ଶ୍ରୀ J.K.Galbraith ଙ୍କ ଲିଖିତ''The Affluent Society' ପୁସ୍ତକରେ ଏହି ଦେଶର ଐଶ୍ୱର୍ଯ୍ୟର ଚିତ୍ର ରହିଛି । ଏହାର ବିଳାସପୂର୍ଣ୍ଣ ପ୍ରାଚୁର୍ଯ୍ୟର ପରିବେଶ ଆଧ୍ୟାତ୍ମିକ ଜୀବନ ଯାପନରେ କି କି ପ୍ରତିବନ୍ଧକ ସୃଷ୍ଟି କରିପାରେ ସେ ବିଷୟରେ ଆମେରିକାରେ ଥିବା ଭକ୍ତମାନେ ଭଲ ଭାବରେ ଅବଗତ । ତେଣୁ ସେହି ପ୍ରତିବନ୍ଧକ ଓ ଅନ୍ତରାୟ ଗୁଡିକ ପ୍ରତି ସତତ ସତର୍କ ରହି ସଂଘର ମୌଳିକ ଆଦର୍ଶରୁ କେବେ ବି ବିଚ୍ୟୁତ ନ ହୋଇ ଶ୍ରୀଶ୍ରୀଠାକୁରଙ୍କ ନିର୍ଦ୍ଦେଶିତ ପ୍ରାଚୀନପନ୍ଥୀ ଭାବରେ ଚଳିବା ପାଇଁ ଚେଷ୍ଟାକଲେ, ଆମେ ଆମର ଅନ୍ତର୍ଜୀବନରେ ଶୁଦ୍ଧ ଓ ପବିତ୍ର ରହିପାରିବା ଏବଂ ଇହସର୍ବସ୍ୱବାଦୀ ତଥା ବସ୍ତୁବାଦୀ ସଭ୍ୟତା ଓ ସଂସ୍କୃତିର ବିବିଧ ପ୍ରଲୋଭନ ଓ ପ୍ରଭାବରୁ ପଦ୍ମପତ୍ରରେ ଜଳ ନ ଲାଗିବା ସଦୃଶ ନିଜକୁ ମୁକ୍ତ ରଖିପାରି ଚଳିବାପାଇଁ ଆମର ସାଧନା ଓ ପ୍ରୟାସ ଅବ୍ୟାହତ ରଖିପାରିବା । ସେ ଦେଶର ଜୀବନ ଧାରାର ଅନ୍ଧାର ଦିଗଗୁଡିକ ଆମକୁ ମାୟାମୁଗ୍‌ଧ ଓ ବଶୀଭୂତ ନ କରୁ; ତାହାର ଉଜ୍ଜ୍ୱଳ ଦିଗଗୁଡିକ ଆମ ଜୀବନକୁ ପ୍ରେରଣା ଯୋଗାଇ ଶିକ୍ଷାର ଉତ୍ସ ହୋଇ ରହି ଆମର ଆତ୍ମଗଠନ ଓ ଚିତ୍ତଶୁଦ୍ଧି ସାଧନାରେ ସହାୟକ ହେଉ । ଏ ସଂପର୍କରେ ଶ୍ରୀଶ୍ରୀଠାକୁରଙ୍କ ବାଣୀ – ''ପାଶ୍ଚାତ୍ୟ ଦେଶରେ ମଧ୍ୟ ସାଧୁ ସରଳ ଲୋକ ଅଛନ୍ତି । ସେମାନଙ୍କଠାରୁ ମଧ୍ୟ ଶିକ୍ଷା ମିଳିପାରେ, ସେମାନଙ୍କର ଭାଷା ଶିକ୍ଷା କରି ଯେ ଆମମାନଙ୍କର ଅପକାର ହୋଇଛି ତାହା ନୁହେଁ, ସେମାନଙ୍କର ମନ୍ଦ ରୀତିଗୁଡିକୁ ଅନୁକରଣ କରିବାକୁ ଯାଇ ଆମର ଯାହା କିଛି ଅପକାର ହୋଇଛି ।'' (ନୀଳାଚଳ ବାଣୀ, ତା୨୪-୮-୧୯୩୪ର ଉପଦେଶ ବାଣୀ) । କୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ 'ଜୟଗୁରୁ' ମହାମନ୍ତ୍ରର ସ୍ମରଣ ମନନ ଓ ଜପ ଆମର ରକ୍ଷା କବଚ ହେବ ଓ ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ସେଥିରୁ ନିସ୍ତାର ଲାଭ ପାଇଁ ଆମର ଅନ୍ତରର ଅକପଟ ପ୍ରାର୍ଥନା ନିଶ୍ଚୟ ଫଳପ୍ରସୂ ହେବ । ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଯେ କୌଣସି ଅନୁପଯୁକ୍ତ ପରିବେଶ ଓ ପ୍ରତିକୂଳ ପରିସ୍ଥିତିରେ ଆତ୍ମୋନ୍ନତି ନିମିତ୍ତ ଆମର ପ୍ରାର୍ଥନା ହେଉ – 'ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ' । ଆମେରିକା ସାରସ୍ୱତ ପାଠଚକ୍ରର ଉତ୍ତରୋତ୍ତର ଅଗ୍ରଗତି ଓ ଶ୍ରୀବୃଦ୍ଧି ସାଧନ ନିମିତ୍ତ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣ ସରୋଜରେ ମୋର ପ୍ରାର୍ଥନା ଓ ଅନ୍ତରର ନିବେଦନ । ଜୟଗୁରୁ ।

ଶ୍ରୀ ଦେବେନ୍ଦ୍ରନାଥ ମହାପାତ୍ର
ଏକାମ୍ର ସାରସ୍ୱତ ସଂଘ, ଭୁବନେଶ୍ୱର

# ଅଭିମତ ଓ ଅନୁଭୂତି

## ଅନୁଭୂତି (୧) – ଆମେରିକାରେ ମୋର ବାରିପଦା ସମ୍ମିଳନୀ ଅଗ୍ନୀକାଣ୍ଡର ଅନୁଭୂତି

୧୯୯୭ ମସିହା February ମାସ ର ଘଟଣା । ଆମେ ସେତେବେଳେ Huntsville, Alabama ରେ ରହୁଥାଉ । ସମୟ ଠିକ୍ ମନେ ନାହିଁ; ଓପରଓଳି ହେବ । ମୁଁ ଘରେ ଥିଲି । ହୁଏତ ଛୁଟି ଦିନ, ନଚେତ ମୁଁ officeରୁ ଫେରି ଆସିଥିଲି । ଟିଭି ଚାଲି ଥିଲା – CNN କିମ୍ବା Headline News channel ଲାଗିଥାଏ । ମୁଁ କୌଣସି କାରଣରୁ ଅନ୍ୟମନସ୍କ ଥିଲି, ଟିଭି ଉପରେ ନଜର ନଥିଲା । ହଠାତ୍ କାନରେ ବାଜିଲା 'India', 'fire', ଏବଂ ଆଉକିଛି ସେହିଭଳି ଦୃଷ୍ଟି ଆକର୍ଷଣକାରୀ ଶବ୍ଦ । ଟିଭିକୁ ଚାହିଁ ଦେଖେତ ଶ୍ରୀଶ୍ରୀଠାକୁର ମହାରାଜଙ୍କ ପ୍ରତିଛବି – ଟାହିଆ, ଫୁଲସଜା ଇତ୍ୟାଦି – ଯେପରି ସମ୍ମିଳନୀରେ ଫଟୋ ଉଠାହୋଇଛି । ବିସ୍ମୟ ଓ ଆନନ୍ଦରେ ମନ ଭରି ଉଠିଲା । ଦୟାମୟ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ଯେ ଆମେରିକାରେ ଟିଭିରେ ଦେଖିବି ଏ ଧାରଣା ସ୍ୱପ୍ନରେ ମଧ୍ୟ ନଥିଲା । ନିଜକୁ ପ୍ରକୃସ୍ଥିତ କରି ଟିଭି ଉପରେ ଧ୍ୟାନ ଦେଲାବେଳକୁ ଅନ୍ୟ news ଆସି ଗଲାଣି । ଘଟଣା କଣ କିଛି ଜାଣି ପାରିଲି ନାହିଁ । 'Fire' ଶବ୍ଦଟା ଠିକ୍ ଭାବରେ ଶୁଣିଛି ବୋଲି ମନରେ ଭାବୁଥାଏ । ସେଥିପାଇଁ ବିଭିନ୍ନ ଦୁଶ୍ଚିନ୍ତା ଆରମ୍ଭ ହୋଇଗଲା । ସେଥିମଧ୍ୟରୁ କେଉଁ ଗୁଡିକ ସମ୍ଭବ ଏବଂ କେଉଁ ଗୁଡିକ ଅସମ୍ଭବ ସେହି ଚିନ୍ତାରେ ବୁଡିରହିଲି । ଶୀତଦିନ ହେତୁ ଓ ଶ୍ରୀଶ୍ରୀଠାକୁର ମହାରାଜଙ୍କ ସମ୍ମିଳନୀର ପ୍ରତିଛବି ଦେଖିଥିବା ଯୋଗୁଁ ପ୍ରାଦେଶିକ ସମ୍ମିଳନୀ ଚିନ୍ତା ମଧ୍ୟ ମନରେ ସ୍ଥାନ ପାଇଥିଲା । ଭାବିଲି ତା ପରଦିନ office ଯାଇ CNNର website ଦେଖିଲେ ଜଣାପଡିବ ।

ପରଦିନ office ଯାଇ CNNର websiteରେ ବାରିପଦା ପ୍ରାଦେଶିକ ସମ୍ମିଳନୀ ଅଗ୍ନୀକାଣ୍ଡର ଖବର ପଢିଲି । ମନ ବହୁତ ଖରାପ ହେଲା । ଅବଶ୍ୟ ନିରପେକ୍ଷ ସମ୍ବାଦ ମିଳିବାର ପ୍ରଶ୍ନ ନଥିଲା । ତୃତୀୟ ବିଶ୍ୱର ଘଟଣା, ତାହା ପୁଣି ଧର୍ମ ଏବଂ ଆଧ୍ୟାତ୍ମିକତା ଉପରେ ପର୍ଯ୍ୟବେଶିତ । ସେଦିନ ରାତିରେ ଘରକୁ (ଓଡିଶା) phone କରିବା ପରେ କିଛିଟା ସ୍ପଷ୍ଟିକରଣ ମିଳିଲା । ଦାରୁଣ ବିଷାଦରେ ମନଟା ଭରିଗଲା । ଶ୍ରୀଶ୍ରୀଠାକୁର ମହାରାଜଙ୍କ ବାଣୀ ମନରେ ଆସିଲା – 'ଯେଉଁଠାରେ ମୋର ପାଞ୍ଚଜଣ ଭକ୍ତ ଉପସ୍ଥିତ ହୋଇ ମୋ ବିଷୟରେ ଆଲୋଚନା କରିବେ ମୁଁ ସେଠାରେ ସ୍ୱୟଂ ବିରାଜମାନ ହେବି' । ତେଣୁ ସମ୍ମିଳନୀରେ ତ ଆମର ଭକ୍ତବତ୍ସଳ ପ୍ରେମମୟ ଠାକୁର ଉପସ୍ଥିତ । ତାଙ୍କ ଉପସ୍ଥିତିରେ ଏପରି ଅଘଟଣ ଘଟିଲା କିପରି ? ଏତେ ଭକ୍ତଭାଇ ଓ ମା'ମାନେ ଏକ ସମୟରେ ସ୍ଥୂଳଶରୀର ତ୍ୟାଗ କରିବା କିଛିଟା ଅସ୍ୱାଭାବିକ ମନେ ହେଲା । ପୁଣି ମନେପଡିଲା ଜଣେ ଭକ୍ତଭାଇଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀଶ୍ରୀଠାକୁର ମହାରାଜ କହିଛନ୍ତି – 'ଏକକାଳୀନ ଅନେକ ଲୋକଙ୍କର ପରମାୟୁ ଶେଷ ହୋଇ ପାରେ' । ଏହି ପ୍ରସଙ୍ଗରେ ସେ Titanic ship ଦୁର୍ଘଟଣାର ଉଦାହରଣ ଦେଇଛନ୍ତି । ଏହିପରି ବିଭିନ୍ନ ଚିନ୍ତାରେ ମନ ଆନ୍ଦୋଳିତ ହେବାକୁ ଲାଗିଲା ।

ସମୟକ୍ରମେ ବିଭିନ୍ନ gatheringsରେ ତଥା ORNET ଏବଂ ଅନ୍ୟାନ୍ୟ ମାଧ୍ୟମରେ ଏହି ଦୁର୍ଘଟଣା ଏକ ମୁଖ୍ୟ ଆଲୋଚ୍ୟ ବିଷୟ ହେବାକୁ ଲାଗିଲା । କିଛିଲୋକ ସଂଘ ଏପରିକି ଶ୍ରୀଶ୍ରୀଠାକୁର ମହାରାଜଙ୍କ ବିରୁଦ୍ଧରେ ଆଲୋଚନା କରିବାକୁ ଲାଗିଲେ । ଏସବୁ ଶୁଣି ବିଷାଦରେ ମନ ଭାଙ୍ଗି ପଡିଲା । କଦାଚିତ୍ ମନରେ କିଛି ଅସାଧାରଣ ଦ୍ୱନ୍ଦ ଉପସ୍ଥିତ ହେଲେ ଶ୍ରୀଶ୍ରୀଠାକୁରଙ୍କ ପୂଜା ସମୟରେ ମୁଁ ତାଙ୍କ ସମ୍ମୁଖରେ ମୋର ପ୍ରଶ୍ନ ଉପସ୍ଥାପିତ କରି ଥାଏ । ପ୍ରଶ୍ନର ଠିକ୍ ପରେ ପରେ ମନରେ ଆପଣା ଛାଏଁ ଯେଉଁ ଧାରଣା ଉପସ୍ଥିତ ହୁଏ ତାହାକୁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଉତ୍ତର ବୋଲି ଧରିନିଏ । ଉପରୋକ୍ତ ଘଟଣା ଗୁଡିକପରେ ଦିନେ ପୂଜା ସମୟରେ ଭାବାବେଶରେ ଭାବଗାହୀ ଲୀଳାମୟଙ୍କୁ ମନର କଷ୍ଟ ଜଣାଇଲି । ଅଭିମାନ ଏବଂ କୋହଭରା ହୃଦୟରେ ଦୁଃସାହସିକତାର ଅଭିନୟ କରି ପଚାରିଲି – 'ହେ ପ୍ରଭୁ! ଏସବୁ ଶୁଣିବାକୁ କଣ ଭଲ ଲାଗୁଛି ? କାହିଁକି ଏପରି କଲ ?' ଉପଯୁକ୍ତ ଜବାବ ମିଳିଲା –'ମୋତେ ପ୍ରଶ୍ନ କରିବାକୁ ତୁ କିଏ ? ତୋର ସେ ଅଧିକାର ନାହିଁ ' । ଭାବିଲି 'ସତକଥା । ଏଭଳି ପଚାରିବା ଅର୍ଥ ତାଙ୍କ ମଙ୍ଗଳମୟ ସତ୍ତାରେ ଆମର ଅବିଶ୍ୱାସର ପ୍ରମାଣ କରିବା' । କଳା ଚଷମା ପରିଧାନ କରି ଅନ୍ୟାନ୍ୟ ଦୃଶ୍ୟମାନ ପଦାର୍ଥକୁ ସ୍ୱଚ୍ଛ ଭାବରେ ଦେଖିବାର ପ୍ରୟାସ କରିବା ଯେପରି ବୃଥା, ଚିତ୍ତଶୁଦ୍ଧି ବିନା ନିତ୍ୟଶୁଦ୍ଧ, ନିରାକାର, ନିରାଭାସ, ପରମବ୍ରହ୍ମ ସ୍ୱରୂପ ଶ୍ରୀଶ୍ରୀଗୁରୁ ମହାରାଜଙ୍କୁ ବୁଝିବା ସେହିପରି ଅସମ୍ଭବ । ଚିତ୍ତଶୁଦ୍ଧି ନହେବା ପର୍ଯ୍ୟନ୍ତ ଯଥାଯଥ ବିଚାରର କ୍ଷମତା ନଥାଏ । ସୁତରାଂ ସେପର୍ଯ୍ୟନ୍ତ 'ଅବିଚାରେ କରି ଆଦେଶ ପାଳନ' ହିଁ ଆମ୍ଭମାନଙ୍କର ମୁଖ୍ୟପନ୍ଥା ହେଉ । ଭୁକ୍ତିମୁକ୍ତିଦାତା, ପତିତପାବନ ଶ୍ରୀଶ୍ରୀଠାକୁର ମହାରାଜଙ୍କ ପାଖରେ ଏତିକି ମାଗୁଣି । ଜୟଗୁରୁ ।

ଶ୍ରୀ ବ୍ରଜେନ୍ଦ୍ର ପଣ୍ଡା

# ଅନୁଭୂତି (୨)

ମୋର ବୋଉ ଗେହ୍ଲା ମା' କଟକ ସଂଘର ସଭ୍ୟା । ମୁଁ ପିଲାଟି ବେଳୁ ବୋଉ ସାଙ୍ଗରେ କଟକ ଆଶ୍ରମ ଯାଉଥିଲି । ବୋଉ ଘରେ ଦୁଇବେଳା ଠାକୁରଙ୍କ ସେବା ପୂଜା କରେ । ବୋଉଠୁ ଦେଖି ଆମ ପରିବାରର ସମସ୍ତେ ଠାକୁରଙ୍କ ପୂଜା କରିଛୁ । 'ମୁଁ ଠାକୁରଙ୍କ ପିଲା' – ମନରେ ମୋର ଏଥିପାଇଁ ଗର୍ବ । ନିଜକୁ ଠାକୁରଙ୍କ ଭାବଧାରାରେ ପରିଚାଳିତ କରିବାପାଇଁ ଯେଉଁସବୁ ଘଟଣାବଳୀ ମୋତେ ବିଶେଷ ଅନୁପ୍ରାଣିତ କରିଛି, ସେ ସମନ୍ଧରେ ଲେଖୁଛି ।

ମୁଁ ଛୋଟବେଳେ ଯେବେ ଆଶ୍ରମ ଯାଉଥିଲି, ଠାକୁରଙ୍କ ଭାବଧାରା ବିଷୟରେ ଏତେ ଜ୍ଞାନ ନଥିଲା । ବୋଉ ସାଙ୍ଗେ ପ୍ରତି ମାସ ମହିଳାସଂଘ ପୂଜାରେ ଯାଇ ବସେ ଓ ପ୍ରସାଦ ପାଇ ଆସେ । ଅନ୍ୟମାନେ ଶିବ, ଗଣେଶ, ଦୁର୍ଗାଙ୍କୁ ପୂଜା କରନ୍ତି, କିନ୍ତୁ ଆମେ ଠାକୁରଙ୍କୁ ପୂଜା କରୁ – ସେତିକି ମାତ୍ର ପାର୍ଥକ୍ୟ ଜଣାଥିଲା । ବୋଉ ଶିଖେଇଥିଲା ଯେ ଯେତେବେଳେ ତୁମକୁ ଡର ଲାଗିବ, 'ଜୟଗୁରୁ' ନାମ ନେବ । ଠାକୁର ତୁମକୁ ରକ୍ଷା କରିବେ । 'ଜୟଗୁରୁ' ନାମରୁ ପିଲାବେଳର ଗୋଟିଏ ଘଟଣା ମୋର ମନେ ପଡୁଛି । ମୁଁ ସେତେବେଳେ ତୃତୀୟ ଶ୍ରେଣୀରେ ପଢୁଥିଲି ଓ ମୋ ସାନ ଭଉଣୀ ସେତେବେଳେ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲା । ଦିନେ ସେ ସ୍କୁଲରୁ ଘରକୁ ଆସିବାକୁ ଡେରି କଲା । ଘରେ ସମସ୍ତେ ବହୁତ ବ୍ୟସ୍ତ ହୋଇଯାଇଥିଲେ । ବାପା ତାକୁ ଖୋଜିବାକୁ ବାହାରିଲେ । ଠିକ୍ ସେହି ସମୟରେ ସେ ଘରେ ଆସି ପହଞ୍ଚିଲା । ସେ ତା ସାଙ୍ଗ ସାଙ୍ଗରେ ବୁଲି ଯାଇଥିଲା । ତା ସାଙ୍ଗ ତାକୁ ଅଧା ରାସ୍ତାରେ ଛାଡି ଚାଲିଯାଇଥିଲା । ତାକୁ ବାଟ ନ ମିଳିବାରୁ ସେ ରାସ୍ତାରେ ଠିଆ ହୋଇ 'ଜୟଗୁରୁ' ନାମ ନେଲା ଓ କାନ୍ଦିଲା । ଅଳ୍ପ ସମୟପରେ ଜଣେ ଭଦ୍ରବ୍ୟକ୍ତି ତାକୁ କାନ୍ଦୁଥିବାର ଦେଖି, ତା ଠାରୁ ସବୁ କଥା ବୁଝି, ତାକୁ ଆଣି ଆମ ଘର ପାଖରେ ଛାଡି ଦେଇଗଲେ । ସେହି ଦିନଠାରୁ ମୋର 'ଜୟଗୁରୁ' ନାମରେ ଶ୍ରଦ୍ଧା ଓ ବିଶ୍ୱାସ ବଢିଗଲା ।

ବାପା ଓ ବୋଉ ପିଲାଟି ବେଳୁ ଆମକୁ ସର୍ବଦା ବୁଝାନ୍ତି ଯେ, ଆମେ ହେଲୁ ଠାକୁରଙ୍କ ଘରର ପିଲା । ଆମର ଆଦର୍ଶ ହେଲେ ଠାକୁର । ସାଧାରଣ ବ୍ୟକ୍ତି ଓ ଆମମାନଙ୍କ ମଧ୍ୟରେ ତଫାତ୍ ଅଛି । ସ୍କୁଲରେ ସାଙ୍ଗସାଥିଙ୍କ ମେଳରେ ଆମେ ଯେବେ ଉଚ୍ଛୃଙ୍ଖଳ ହୋଇଛୁ, ବାପା ବୋଉ ଆମକୁ ଠାକୁରଙ୍କ ବିଭିନ୍ନ ଉପଦେଶ ଶୁଣାଇ ସତ୍‌ପଥରେ ଚାଳିତ କରିଛନ୍ତି ଓ ଛାତ୍ର ଜୀବନରେ ଆଦର୍ଶ ଚରିତ୍ର ଗଠନ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ଜୀବନରେ ଯେବେ ହତାଶ, ବ୍ୟସ୍ତ, ବିବ୍ରତ ହୋଇ ପଡୁଛୁ, ସେତେବେଳେ ଠାକୁରଙ୍କ ଉପରେ ନିର୍ଭର କରିବାକୁ କହିଛନ୍ତି ।

ମୁଁ ନବମ ଶ୍ରେଣୀରେ ପଢୁଥିବା ବେଳେ ମୋ ବୋଉ ମୋତେ ସମ୍ବଲପୁର ସମ୍ମିଳନୀକୁ ନେଇ ଯାଇଥିଲା । ଯଦିଓ ତାହା ପୂର୍ବରୁ ସମ୍ମିଳନୀ ଅନେକ ଥର ଯାଇଥିଲି, କିନ୍ତୁ ସମ୍ମିଳନୀ କ୍ଷେତ୍ରରେ ରହିବାର ସୌଭାଗ୍ୟ କେବେ ହୋଇନଥିଲା । ବୋଉ ପ୍ରତିବର୍ଷ ସମ୍ମିଳନୀ ଯାଏ । ଆମେ ପିଲାମାନେ ବାପାଙ୍କ ସହିତ ଘରେ ରହୁ । ସମ୍ମିଳନୀ ଶେଷଦିନ ଯାଇ ଠାକୁରଙ୍କ ଦର୍ଶନ କରୁ ଓ ବୋଉକୁ ନେଇ ଘରକୁ ଆସୁ । ସେ ବର୍ଷ ବାପା ଘରେ ନଥିଲେ । କଲିକତା ଯାଇଥିଲେ । ତେଣୁ ବୋଉ ପ୍ରଥମ ଥର ପାଇଁ ପିଲାମାନଙ୍କୁ ସାଙ୍ଗରେ ନେଇଥିଲା । ସେଥର ପ୍ରାୟ ପାଞ୍ଚଦିନ ସମ୍ମିଳନୀ ସ୍ଥଳରେ ରହିଥିଲୁ । ଜୀବନରେ ପ୍ରଥମ ଥର ପାଇଁ campରେ ରହିବାର ଆନନ୍ଦ ଅନୁଭବ କରିଥିଲି । ସମ୍ମିଳନୀ ମଣ୍ଡପ ସଜ୍ଜା, ଷୋଡଶ ଉପଚାର ପୂଜା, ଆଳତି, ପ୍ରାର୍ଥନା ଇତ୍ୟାଦି ସବୁ ଦେଖି ଏତେ ଖୁସି ଲାଗିଲା ଯେ ତାହା ଭାଷାରେ ପ୍ରକାଶ କରିହେବ ନାହିଁ । ମୋର ଇଚ୍ଛା ହେଲା ଯେ ଜୀବନରେ ସବୁ ଦିନ ଏମିତି ସମ୍ମିଳନୀ ହେଉଥାନ୍ତା । ଆମେ ସବୁଦିନ ଠାକୁରଙ୍କୁ ଏକତ୍ର ପୂଜା କରି ଆନନ୍ଦ ସାଗରରେ ବୁଡି ରହିଥାନ୍ତୁ । ସମ୍ମିଳନୀ ଦିନଗୁଡିକ ଏପରି ଆନନ୍ଦରେ କଟିଯାଏ ଯେ, ସଂସାରର କୌଣସି ପ୍ରକାର ଚିନ୍ତା ମନରେ ରହେ ନାହିଁ । ଠାକୁରଙ୍କ ପ୍ରତି ବିଶ୍ୱାସ ଓ ଭକ୍ତି ଦୃଢ ହୁଏ । ଠାକୁରଙ୍କ ଇଚ୍ଛାକୁ ନିଜ ଜୀବନରେ ରୂପାୟିତ କରିବାପାଇଁ ପ୍ରାଣରେ ଚେତନା ଜାଗେ । ସେଥିପାଇଁ ବୋଧେ ଠାକୁର କହିଛନ୍ତି ଯେ – 'ଜଗତରେ ଯଦି ମୁଁ ଆଉକିଛି କରିଯାଇ ନଥାନ୍ତି, ତେବେ କେବଳ ଏହି ସମ୍ମିଳନୀ ମୋର ସ୍ମୃତି ରଖି ଯାଇଥାନ୍ତା ।'

ମୋର ପ୍ରାୟ ଦଶମ ଶ୍ରେଣୀରେ ଆମ ଘରେ ଠାକୁରଙ୍କ ଗୃହାସନ ପ୍ରତିଷ୍ଠା ହେଲା । ଘରେ ସକାଳ ଓ ସନ୍ଧ୍ୟାରେ ଠାକୁରଙ୍କ ସ୍ଥୂଳପୂଜା କରାଗଲା । ଘରେ ଆମେ ସମସ୍ତେ ଏକତ୍ରଭାବେ ଠାକୁରଙ୍କୁ ଦୁଇବେଳା ପୂଜା ପ୍ରାର୍ଥନା କଲୁ । ମୁଁ ଠାକୁରଙ୍କ ବହି ପଢି ଠାକୁରଙ୍କ ବିଷୟରେ ଧୀରେ ଧୀରେ ଜାଣିବାକୁ ଲାଗିଲି । ସଂଘପୂଜାରେ ନିୟମିତ ଯୋଗଦାନ କଲି । ନିଜକୁ କିପରି 'ଠାକୁରଙ୍କ ଘର ପିଲା' ଭାବରେ ଗଢିତୋଳିବାକୁ ହେବ, ସେଥିପାଇଁ ଯତ୍ନବାନ ହେଲି । ଗୃହାସନ ପ୍ରତିଷ୍ଠା ହେବାପରେ ଆମ ଘରର ଚାଲିଚଳନ ରୀତିନୀତି ଅନେକ ପରିମାଣରେ ପରିବର୍ତ୍ତିତ ହେବାକୁ ଲାଗିଲା । ଆଦର୍ଶ ଗୃହସ୍ଥ ଜୀବନ ଯାପନ ଉପରେ ବିଶେଷ ଗୁରୁତ୍ୱ ଦିଆଗଲା । ସେହି ସମୟରେ ଆମ ଘରେ ମହିଳା ତତ୍ତ୍ୱ ଆଲୋଚନା ସଂଘ ଅନୁଷ୍ଠିତ ହେଉଥିଲା । ଏହି ପୂଜାରେ ତାତ୍ତ୍ୱିକ ଆଲୋଚନା ସହ ଅନେକ ଘରୋଇ ଆଲୋଚନା

ହେଉଥିଲା । ଶ୍ରୀଶ୍ରୀଠାକୁରଙ୍କ ପ୍ରତିନିଧି ରୂପେ ରଘୁନାଥ ପତି ଭାଇ ସଭା ପରିଚାଳନା କରୁଥିଲେ । ଆଦର୍ଶ ଗୃହସ୍ଥ ଜୀବନ ଗଠନ ଉପରେ ଅନେକ ଆଲୋଚନା ହେଉଥିଲା । ପତିଭାଇ ଅତି ସହଜ ସରଳ ଭାଷାରେ ଠାକୁରଙ୍କ ଉପଦେଶ ବୁଝାଇ ଦେଉଥିଲେ । ଯେଉଁସବୁ ଉପଦେଶ ମୋତେ ବିଶେଷ ଅନୁପ୍ରାଣିତ କରିଥିଲା, ତାହା ଲେଖୁଛି ।

ଠାକୁରଙ୍କୁ ନେଇ ସଂସାର କରିବାକୁ ହେଲେ, ଆମର ଚିନ୍ତାଧାରାକୁ ଅନେକ ପରିମାଣରେ ବଦଳାଇବାକୁ ପଡିବ । ଆମକୁ ଭାବିବାକୁ ହେବ ଯେ ଏ ଘର ହେଉଛି ଠାକୁରଙ୍କର ଓ ମୁଁ ଠାକୁରଙ୍କ ଘରେ ରହୁଛି । ସ୍ତ୍ରୀ, ପୁତ୍ରାଦି ସମସ୍ତେ ଠାକୁରଙ୍କର । ପିଲାମାନଙ୍କୁ ଠାକୁରଙ୍କର ଆଦର୍ଶ ସେବକ ରୂପେ ଗଢିବା ହେଉଛି କର୍ତ୍ତବ୍ୟ । ଠାକୁର ହେଉଛନ୍ତି ଗୃହର କର୍ତ୍ତା । କିଛି କାର୍ଯ୍ୟ କରିବା ପୂର୍ବରୁ ଯେପରି ଘରର ମୁରବୀଙ୍କ ଠାରୁ ଅନୁମତି ନିଆଯାଏ, ଠିକ୍ ସେହିପରି କିଛି କରିବା ପୂର୍ବରୁ ଠାକୁରଙ୍କୁ ସବୁକଥା ଜଣାଇବ । ଘରେ ଗୁରୁଜନଙ୍କର ଯେପରି ସେବା କର, ଠାକୁରଙ୍କର ସେହିପରି ସେବାପୂଜା କରିବ । ନିଜର ସୁଖ, ଦୁଃଖ ଠାକୁରଙ୍କୁ ଜଣାଇବ । ଠାକୁରଙ୍କୁ କୌଣସି ପାର୍ଥିବ ବସ୍ତୁ ପାଇଁ ପ୍ରାର୍ଥନା କରିବ ନାହିଁ । ନିଜର ଇଚ୍ଛା ଠାକୁରଙ୍କୁ ଜଣାଇବ । କିନ୍ତୁ ତାହା ସଙ୍ଗେ ସଙ୍ଗେ ପ୍ରାର୍ଥନା କରିବ ଯେ – ‘ଠାକୁର, କାହିଁରେ ମୋର ମଙ୍ଗଳ ହେବ, ତାହା ମୋତେ ଜଣା ନାହିଁ । ଯହିଁରେ ମୋର ମଙ୍ଗଳ ହେବ, ତାହା ହିଁ କରନ୍ତୁ । ମୋର ଇଚ୍ଛା ପୂର୍ଣ୍ଣ ହେଉ ଓ ଆପଣଙ୍କ ଇଚ୍ଛା ପୂର୍ଣ୍ଣ ହେଉ ।‘ ଠାକୁରଙ୍କୁ ସର୍ବଦା ବିଶ୍ୱାସ ଓ ନିର୍ଭରତା ପାଇଁ ପ୍ରାର୍ଥନା କରିବ । ଆଦର୍ଶ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେବ । ପିତାମାତା ଓ ଗୁରୁଜନଙ୍କ ସେବା କରିବ ଓ ଗୁରୁଜନଙ୍କ କଥା ମାନି ଚଳିବ । ସଂଘ ଓ ସମ୍ମିଳନୀରେ ନିୟମିତ ଯୋଗଦାନ କରିବ ଏବଂ ଠାକୁର ଓ ଭକ୍ତମାନଙ୍କ ସେବା କରିବ । ସେବା କଲେ ଚିତ୍ତଶୁଦ୍ଧି ହୁଏ । ପିତାମାତା ଆଦର୍ଶ ଜୀବନଯାପନ କଲେ ଓ ଠାକୁରଙ୍କ ଉପଦେଶ ମାନି ଚଳିଲେ, ପିଲାମାନେ ତାହା ଅନୁକରଣ କରି ଆଦର୍ଶ ଓ ଚରିତ୍ରବାନ ହୁଅନ୍ତି । ସାତ୍ତ୍ୱିକ ଆହାର ଗ୍ରହଣ କରିବ ଓ ସରଳ ଜୀବନ ଯାପନ କରିବ । ପ୍ରତି ମାସ ଦରମାର ଅଗ୍ରଭାଗ ଧର୍ମ କର୍ମରେ ଲଗାଇବ । ଗୁରୁଭ୍ରାତାଙ୍କ ସହ କୌଣସି ପ୍ରକାର ବୈଷୟିକ ସଂପର୍କ ରଖିବ ନାହିଁ । ପିତାମାତା ଅନେକ ସମୟରେ ଅଭିଯୋଗ କରନ୍ତି ଯେ ସେମାନଙ୍କ ପିଲାମାନେ ଠାକୁରଙ୍କ ଭାବଧାରାରେ ଚଳୁ ନାହାଁନ୍ତି । ଏହି ପରିସ୍ଥିତିରେ ପିତାମାତା ଛୋଟବେଳୁ ପିଲାଙ୍କୁ ଠାକୁରଙ୍କ ପାଖକୁ ନେବେ, ଠାକୁରଙ୍କ ପୂଜା କିପରି ହୁଏ ଶିଖାଇବେ ଓ ଠାକୁରଙ୍କ ବାଣୀ ଗଳ୍ପାକାରେ ଶୁଣାଇବେ । ଆଉ ସେମାନଙ୍କୁ ବୁଝାଇବେ ଯେ ଠାକୁରଙ୍କ ପୂଜା କଲେ ସମୟ ନଷ୍ଟ ହୁଏ ନାହିଁ, ବରଂ ଚିତ୍ତ ସ୍ଥିର ହୋଇ ଅଳ୍ପ ସମୟରେ ଅଧିକ ପାଠ ପଢିହୁଏ ।

ଶେଷରେ ଏତିକି କହିବି ଯେ – ମୁଁ ସର୍ବଦା ଅନୁଭବ କରିଛି ଯେ ଠାକୁର କୃପାକରି ମୋତେ ତାଙ୍କ ନିକଟକୁ ଆଣିଛନ୍ତି । ଠାକୁରଙ୍କ ପାଖରେ ଯେବେ ଯାହା ଜଣାଇଛି ସେ ତାହା ଶୁଣିଛନ୍ତି । ମୁଁ ବାଙ୍ଗାଲୋର୍ ଆସିବାବେଳେ ଭାବିଲି ଯେ ଆଉ ପ୍ରତିମାସ ସଂଘ ପୂଜା ଯାଇ ହେବନି । ବହୁତ ମନ କଷ୍ଟ ହୋଇଥିଲା । କିନ୍ତୁ ବାଙ୍ଗାଲୋର୍ ଆସିବାପରେ ମହାରଣା ଭାଇଙ୍କ ଘରେ ପ୍ରତିମାସ ମୁଁ ଆଉ ମୋର ଭଉଣୀ ଓ ଭାଇ ମିଶି ସଂଘ ପୂଜା କଲୁ । ସେତେବେଳେ ମୁଁ ମୋ ସାନ ଭଉଣୀସଙ୍ଗେ hostelରେ ରହୁଥିଲି । ତେଣୁ ଆସନ ରଖି ପୂଜା କରିବା ସମ୍ଭବ ହେଉ ନ ଥିଲା । ଏହାପରେ ଘର ଭଡା ନେବାପରେ ଠାକୁରଙ୍କ ଆସନ ରଖି ପୂଜା କରିବାକୁ ମନ ହେଲା । ଡିସେମ୍ବର୍ ଛୁଟିରେ ଘରକୁ ଯାଇଥିବା ସମୟରେ ବୋଉକୁ ଜଣାଇଲି । ବୋଉ କହିଲା ସଂଘର ଅନୁମତି ନ ନେଇ ଆସନ ରଖାହୁଏ ନାହିଁ । ଠିକ୍ ସେହିଦିନ କଟକ ସଂଘର ଅନାଥଭାଇ ଘରକୁ ଆସିଲେ ଓ ମୋତେ କହିଲେ 'ତୁମେମାନେ ତ ସବୁ ଏତେ ଦୂରରେ ରହୁଛ । ଘରେ ଆସନ ରଖି ଦୁଇବେଳା ପୂଜା କରିବ ଓ ଠାକୁରଙ୍କ ବହି ପଢିବ । ଏହାପରେ ମୋର ବାହାଘର ହେଲା ଓ ମୋତେ ଆମେରିକା ଆସିବାକୁ ପଡିଲା । ମୋର ପୁଣି ବଡ ମନକଷ୍ଟ ହେଲା ଯେ ଆଉ ମାସିକ ମିଳିତ ପୂଜା କରିହେବ ନାହିଁ । କିନ୍ତୁ ଠାକୁରଙ୍କ କୃପାରୁ ଓ ରାଉରକେଲାର ଦୋଳଭାଇଙ୍କ ଚେଷ୍ଟାରେ ଆମେରିକାରେ ପାଠଚକ୍ର ସଂଘ ଅନୁଷ୍ଠିତ ହେଲା । ଆମେମାନେ, ଆମେରିକାର ବିଭିନ୍ନ ସ୍ଥାନରେ ଥିବା ଭକ୍ତଭାଇ ଓ ମା'ମାନେ ପ୍ରତିମାସ ଏକ ଘଣ୍ଟା ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ଆଲୋଚନା କରୁଛୁ ।

ଏହିପରି ଜୀବନରେ ଅନେକ ଛୋଟ ବଡ ଘଟଣା ଘଟିଛି । ଯହିଁରେ ମୁଁ ଅନୁଭବ କରିଛି ଯେ ଠାକୁର ସର୍ବଦା ପାଶେ ପାଶେ ରହି ଆମକୁ ପରିଚାଳିତ କରୁଛନ୍ତି । କେବଳ ଆମର ମନକୁ ଅନ୍ତର୍ମୁଖୀ କରି ସର୍ବଦା ଦେଖିବାକୁ ହେବ ଯେ ‘ଠାକୁର ମୋ ଠାରୁ କଣ ଚାହୁଁଛନ୍ତି । ମୁଁ କିପରି ଠାକୁରଙ୍କ କାର୍ଯ୍ୟରେ ଲାଗିପାରିବି ।‘ ଏହି କଥାଟି ପତିଭାଇ ଅସୁସ୍ଥ ଥିବା ସମୟରେ କଟକକୁ ଚିକିତ୍ସାପାଇଁ ଆସି ଆମ ଘରେ ରହିଥିବା ସମୟରେ କହିଥିଲେ । ଠାକୁର ମଧ୍ୟ କହିଛନ୍ତି ଯେ ‘ତୁମେମାନେ ମୋ ହୃଦୟ ନିକୁଞ୍ଜର ଶୁଆଶାରୀ । ସଞ୍ଜସକାଳେ ତୁମମାନଙ୍କର କାକଳୀ ନ ଶୁଣିଲେ ମୋ ହୃଦୟ ବ୍ୟସ୍ତ ହୋଇ ଉଠେ ।‘ ଠାକୁର ସର୍ବଦା ଆମପାଇଁ ଚାହିଁ ରହିଛନ୍ତି । ଆମକୁ ଠାକୁରଙ୍କ ଆସନ ପାଖରେ ପ୍ରାର୍ଥନା କରିବାକୁ ହେବ ଯେ ‘ଠାକୁର, ମୋତେ ଭକ୍ତି ଓ ବିଶ୍ୱାସ ଦିଅନ୍ତୁ । ଆପଣଙ୍କର ମନୋମତ ସେବିକା କରି ଗଢି ତୋଳନ୍ତୁ । ଜୀବନର ପ୍ରତି ପଦକ୍ଷେପରେ ମୁଁ କେବଳ ଆପଣଙ୍କ ଉପରେ ନିର୍ଭର କରି ଚଳେ । ସଂସାର ମାୟାମୋହରେ ମୁଁ ଆପଣଙ୍କୁ ଭୁଲି ଯାଉଛି । ଆପଣଙ୍କ ସେବାପୂଜା ସୁଚାରୁ ରୂପେ କରିପାରୁନାହିଁ । ଶ୍ରୀଚରଣରେ ଏତିକି ପ୍ରାର୍ଥନା –

ଆଣିଲ ଯେବେ ଗୋ ମୋତେ ତୁମରି ପାଶେ
ବାନ୍ଧି ରଖ ଏ ମନକୁ ତୁମରି ବଶେ ।'

ଶ୍ରୀମତୀ ପଦ୍ମଗନ୍ଧା ସାହୁ

## ଅନୁଭୂତି (୩)

ମୋର ବାପାମା' (ଡାଃ ସମୀରଣ ପଟ୍ଟନାୟକ ଏବଂ ଡାଃ ସୁରେଖା ଦେବୀ) ବହୁଦିନରୁ ଠାକୁରଙ୍କୁ ପୂଜା କରିଆସୁଛନ୍ତି । କଟକରେ ଆମ ଘରେ ଶ୍ରୀଶ୍ରୀ ଠାକୁରଙ୍କର ପ୍ରତିଷ୍ଠିତ ଆସନ ରହିଛି । ମୁଁ ଯେତେବେଳେ ୬/୭ ବର୍ଷ ବୟସର ହୋଇଥିଲି, ସେତେବେଳେ ବାପାମାଙ୍କ ସହ ଭୁବନେଶ୍ୱର ଆଶ୍ରମ ଯିବା ଆରମ୍ଭ କଲି । ସେହି ସମୟରୁ ହିଁ ମୁଁ ଠାକୁରଙ୍କ ବିଷୟରେ ଜାଣିବା ଆରମ୍ଭ କଲି ଏବଂ ମୋର ଛୋଟ ମନରେ ଠାକୁର ତାଙ୍କର ଆସନ ପ୍ରତିଷ୍ଠା କରିନେଲେ । ବିବାହ ପୂର୍ବରୁ ବାପାମା'ଙ୍କୁ ପୂଜାରେ ସାହାଯ୍ୟ କରିବା ଆମର କାମ ଥିଲା । ଠାକୁରଘର ପରିଷ୍କାର କରିବା, ଧୂପଦୀପ ଭୋଗାଦି ପ୍ରସ୍ତୁତ କରିବା ଇତ୍ୟାଦି । ବିବାହପରେ ମୁଁ ଯେତେବେଳେ ଆମେରିକା ଆସିଲି ଏଠାରେ ମୋର ସ୍ୱାମୀଙ୍କୁ ଜଗନ୍ନାଥଙ୍କୁ ପୂଜା କରୁଥିବାର ଦେଖିଲି ।

ତାପରେ ଏଠାରେ ମୁଁ ଠାକୁରଙ୍କ ଆସନ ପ୍ରତିଷ୍ଠା କରି ପୂଜା କରିବା ଆରମ୍ଭ କଲି । ବାପାମା' ଏଠାକୁ ଆସିଲା ବେଳେ ଠାକୁରଙ୍କର ବିଗ୍ରହ ଓ ବହିସବୁ ସାଙ୍ଗରେ ଦେଇଥିଲେ । ଏଠାରେ ଠାକୁରଙ୍କ ଧୋତି ମିଳୁ ନ ଥିବାରୁ ଧଳା କନା କିଣି ସେଥିରେ border ଲଗାଇ ଧୋତି ସିଲେଇ କଲି । ଏହିପରି ପ୍ରତିଦିନ ସେବାପୂଜା କଲା ବେଳେ ମନରେ ଥିଲା ଯେ, କେଉଁଠି ବୋଧେ କିଛି ଭୁଲ ରହି ଯାଉଛି । ଏଇ କିଛିଦିନ ତଳେ ମୁଁ ଦିନେ ସ୍ୱପ୍ନରେ ଦେଖିଲି- ଭୁବନେଶ୍ୱର ସଙ୍ଘର ବିଷ୍ଣୁପ୍ରିୟା ପତିମା' ଆମଘରକୁ ଆସିଛନ୍ତି ଓ ମୁଁ କିପରି ପୂଜା କରୁଛି ସେ ବିଷୟରେ ପଚାରୁଛନ୍ତି । ତାପରେ ସେ କହିଲେ - 'ତମେ ସବୁ କରୁଛ କିନ୍ତୁ ମୁଷ୍ଟିଭିକ୍ଷା ପାଇଁ କିଛି କରୁ ନାହଁ । ଯଦି ଚାଉଳ ରଖି ପଠେଇ ପାରୁ ନାହଁ ତାହା ହେଲେ ଅନ୍ୟ କିଛି ପ୍ରଣାମୀ ଦିଅ ।' ସତ କଥା । ମୁଁ ମୁଷ୍ଟିଭିକ୍ଷା ପାଇଁ କିଛି କରୁ ନ ଥିଲି । ଏବେ ପ୍ରତି ମାସରେ ମୁଷ୍ଟିଭିକ୍ଷା ବାବଦରେ କିଛି ପ୍ରଣାମୀ ରଖୁଛି । ବର୍ଷ ଶେଷରେ ଅନ୍ୟ ପ୍ରଣାମୀ ସହ ଆଶ୍ରମକୁ ପଠାଇବି ।

ଏହା ଠାକୁରଙ୍କର ମୋ ପ୍ରତି ନିର୍ଦ୍ଦେଶ । ଏହିପରି ସବୁ ସମୟରେ ଆମ ପାଖରେ ରହି ସେ ଆମମାନଙ୍କୁ ତାଙ୍କ ପଥରେ ଚାଳନ କରୁଛନ୍ତି ଓ ଆମର ଛୋଟ ବଡ ଭୁଲକୁ ସଂଶୋଧନ କରି ଦେଉଛନ୍ତି। ତାଙ୍କ ଶ୍ରୀପଦରେ ପ୍ରାର୍ଥନା କରୁଛି ଯେ, ସେ ମୋତେ ତାଙ୍କ ଇଚ୍ଛାରେ ତାଙ୍କ ପଥରେ ଚଳାଇ ନିଅନ୍ତୁ ।

ଶ୍ରୀମତୀ ପଲ୍ଲବିତା ପଟ୍ଟନାୟକ

## ଅନୁଭୂତି (୪)

ପିଲା ଦିନରୁ ମୁଁ ଠାକୁରଙ୍କୁ ଜାଣିଛି । ମୋ ମା' (କଟକ ଜୋବ୍ରା ସଂଘର କେତକୀ ମା') ଠାକୁରଙ୍କୁ ପୂଜା କରୁଥିଲେ । ତେଣୁ ଆମେ ଭାଇଭଉଣୀମାନେ ଘରେ ଠାକୁରଙ୍କ ପୂଜା କରି ଆସିଛୁ ।

ମୋର ଠାକୁରଙ୍କୁ ନେଇ ପିଲାଦିନର କେତେକ ଅନୁଭୂତି ଅଛି । ମା' ଆମକୁ ସବୁବେଳେ ଆସନ ମନ୍ଦିର ଓ ସମ୍ମିଳନୀକୁ ନେଇ ଯାଉଥିଲେ । ମୁଁ ଆମ ଘରେ ଥିଲାବେଳେ ଏକାଦଶୀରେ ଭୋଗ ରାନ୍ଧି ଠାକୁରଙ୍କୁ ଦିଏ । ମା' ଏକାଦଶୀ କରନ୍ତି । ବାଡିରେ ଆମର ବହୁତ ସଜନା ଛୁଇଁ ହୁଏ । ମୁଁ ମଧ୍ୟ ଘରେ ଭାଇମାନେ ନ ଥିଲା ବେଳେ, ଦରକାର ପଡିଲେ ନଡିରେ ଛୁଇଁ ତୋଳେ । ଦିନେ ଘରେ କେହି ନ ଥିଲେ, ମୁଁ ଛୁଇଁ ଦୁଇଟା ତୋଳି ତରକାରିରେ ପକେଇ ଠାକୁରଙ୍କୁ ଭୋଗ ଦେବି ବୋଲି ବୋଧେ ବହୁତ ଚେଷ୍ଟା କରିଥିଲି, କାରଣ ମା' କୁହନ୍ତି ବର୍ଷର ପ୍ରଥମ ଫଳ ଠାକୁରଙ୍କ ପାଖେ ପ୍ରଥମେ ଭୋଗ ଦିଆଯାଏ । ତେଣୁ ବହୁତ ଚେଷ୍ଟା କରି ତୋଳିଥିଲି । ସେଦିନ ରାତିରେ ମୁଁ ସ୍ୱପ୍ନ ଦେଖିଲି ଆମ ଠାକୁରଙ୍କ ଘର ଝରକା ପାଖରେ ମୁଁ ଠିଆ ହୋଇ ଡାଳକୁ ଟାଣିବାକୁ ଚେଷ୍ଟା କରୁଛି, ମୋ ପଛ ପଟରେ ଠାକୁର ଠିଆ ହୋଇ ଗଛର ଡାଳଟାକୁ ଟାଣିଆଣି ମତେ କହୁଛନ୍ତି ଛୁଇଁ ତୋଳ । ଠାକୁରଙ୍କୁ ପ୍ରତ୍ୟକ୍ଷରେ ଦେଖି ମୋର ରୁମ ଟାଙ୍କୁରି ଉଠିଥିଲା । କାଲି ପରି ଲାଗୁଛି । ତେଣୁ ମୋର ବିଶ୍ୱାସ ଯେ ଠାକୁରଙ୍କ ପାଇଁ ଯେଉଁ ଜିନିଷ ମନପ୍ରାଣ ଦେଇ କରିବାକୁ ଆମେ ଚେଷ୍ଟା କରିବା, ଠାକୁର ନିଶ୍ଚୟ ସାହାଯ୍ୟ କରିବେ । ଜୀବନରେ କେତେ ଘାତ ପ୍ରତିଘାତ ଆସିଛି । ସବୁ ସମୟରେ ମୁଁ ଠାକୁରଙ୍କ ଅଶେଷ କୃପା ଓ ସହାୟତା

ଅନୁଭବ  କରି ପାରିଛି ।  ମୋର  ଠାକୁରଙ୍କ  ପାଖରେ ପ୍ରଗାଢ ଭକ୍ତି ଓ ବିଶ୍ୱାସ ଅଛି । ଠାକୁରଙ୍କୁ ସ୍ମରଣ କରି 'ଜୟଗୁରୁ' ନାମ ଯେଉଁ ସମୟରେ  ନେଇଛି ସବୁ ସମୟରେ ତାଙ୍କ  କୃପା ଓ ସାହାଯ୍ୟ ପାଇଛି ।

ଏଠି ଆମେରିକାରେ  ମୋର ୧୦ ବର୍ଷ କଟିଗଲାଣି । ଠାକୁରଙ୍କୁ ମୁଁ ଘରର ଅଫିସ  ରୁମରେ ରଖିଛି ।  ସକାଳେ ଠାକୁରଙ୍କୁ  ଫୁଲ ଧୂପ ଦିଏ । ସଂଧ୍ୟାରେ ପ୍ରାର୍ଥନା କରେ । ବେଳେବେଳେ ନ କରି ପାରିଲେ ରାତିରେ କରି ଶୁଏ । ମୋର ପୁଅ ଦୁଇଜଣ ଫୁଲ ତୋଳି ଠାକୁରଙ୍କୁ ଦେବାକୁ ଖୁବ ଖୁସି ହୁଅନ୍ତି । ବଡ ପୁଅ  ୬ ବର୍ଷର ।  ସେ ଏବେ  ଶଂଖ ଭଲ ବଜେଇ ପାରୁଛି । ସୁବିଧା  ଅସୁବିଧାରେ  ବାପ ପୁଅ ଧୂପ ମଧ୍ୟ ଦେଇ ଦିଅନ୍ତି । ଫୁଲ ସଜାଇବାକୁ ତାର ଖୁବ ଆଗ୍ରହ ।  ମୁଁ ନିଜ ଦେଶରୁ ଦୂରରେ ରହିଥିଲେ ମଧ୍ୟ ସୁଖରେ ଓ ଦୁଃଖରେ ସବୁ ସମୟରେ ଠାକୁରଙ୍କ  କୃପା ଅନୁଭବ  କରିପାରୁଛି ।  ମୁଁ ଘରେ  ଠାକୁରଙ୍କ  ଗୀତ ବୋଲିବାକୁ ଭଲ ପାଉଥିଲି ।  ଏଠି ମଧ୍ୟ ମଝିରେ ମଝିରେ ଏକୁଟିଆ ସନ୍ଧ୍ୟାରେ  ଗୀତ ବୋଲେ ।  ଏବେ ଏଠି ପାଠଚକ୍ର ହେବାରୁ ଖୁବ  ଭଲ ଲାଗୁଛି ।  ପାଠଚକ୍ର ହେବା ଦ୍ୱାରା ମନରେ  ଖୁବ  ଶାନ୍ତି ଲାଗୁଛି ।  ଶେଷରେ ଠାକୁରଙ୍କ  ପାଖେ ପ୍ରାର୍ଥନା ମୋର କେଉଁଠି  ଭୁଲ ଥିଲେ ମୋତେ କ୍ଷମା କରିବେ ।

ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ର

## ଅନୁଭୂତି (୫)- ମୋର ଏକ ଅଭୁଲା ସୂକ୍ଷ୍ମ ଅନୁଭୂତି

ଶ୍ରୀଶ୍ରୀ ଠାକୁରଙ୍କ ବିଷୟରେ ମୁଁ ମୋର ମାମୁଁ ସୁଧାଂଶୁ ଶେଖର ଦାସ ଓ ମାଇଁ ମନୋରମା ଦାସଙ୍କ ଠାରୁ ଜାଣିଲି । ଛୋଟବେଳୁ ଦେଖିଛି ମୋ ମା' (ବନଲତା ମହାନ୍ତି) ଆମ ଘରେ ଶ୍ରୀଶ୍ରୀଠାକୁରଙ୍କ ପୂଜା କରନ୍ତି । ମୁଁ ମଧ୍ୟ ସବୁଦିନ ସକାଳେ ସଂଧ୍ୟାରେ ଠାକୁରଙ୍କ ପାଖରେ ପ୍ରାର୍ଥନା ବୋଲୁଥିଲି । ମଝିରେ ମଝିରେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀକୁ ଯାଉଥିଲି । କିନ୍ତୁ ମାମୁଁମାଇଁଙ୍କ ପାଖରେ ରହିଲା ପରେ ମୁଁ ଶ୍ରୀଶ୍ରୀଠାକୁରଙ୍କୁ ବିଶେଷ ଭାବରେ ଜାଣିବାର ସୁଯୋଗ ପାଇଲି । ପ୍ରତି ରବିବାର ଦିନ ମୁଁ ଭୁବନେଶ୍ୱର ଏକାମ୍ର ସାରସ୍ୱତ ସଂଘରେ କୁମାରୀ ସଂଘକୁ ଯାଉଥିଲି । ଯେତେବେଳେ ମୋର ବାହାଘର ହେଲା, ମାଇଁ କହିଲେ, "ତୁ ଏତେ ଦୂରକୁ ଯାଉଛୁ । ଶ୍ରୀଶ୍ରୀଠାକୁରଙ୍କ ଇଚ୍ଛାରେ ତୁ ସେଠାକୁ ଯାଉଛୁ ।  ତୋତେ ଆମେ ତାଙ୍କ ପାଖରେ ସମର୍ପଣ କରି ଦେଇଛୁ । ତୁ ସବୁବେଳେ ଠାକୁରଙ୍କ ନାମ ଜପ କରି ରହିବୁ ।"

ଆମେରିକା ଆସିଲାବେଳେ ମୁଁ ଶ୍ରୀଶ୍ରୀଠାକୁରଙ୍କ ବିଗ୍ରହ ଓ ନୀଳାଚଳ ସାରସ୍ୱତ ସଂଘର ସଭାପତି ଓ ପରିଚାଳକ, ଚୈତନ୍ୟ ଚରଣ ଦାସ ଭାଇ, ଦେଇଥିବା ଶ୍ରୀଶ୍ରୀଠାକୁରଙ୍କ ପାଦୁକା ସାଂଗରେ ନେଇ ଆସିଥିଲି । ପ୍ରଥମେ ଯେତେବେଳେ ଆମେ ଭଡାଘରେ ରହୁଥିଲୁ, ଶ୍ରୀଶ୍ରୀଠାକୁରଙ୍କୁ ଗୋଟିଏ ଚଉକି ଉପରେ ନୂଆ ବେଡ୍‌ସିଟ୍‌ପକାଇ ବସାଇଥିଲି । ପ୍ରତିଦିନ ସକାଳେ ଓ ସଂଧ୍ୟାରେ ଠାକୁରଙ୍କ ପାଖରେ ଭୋଗ ଦେଇ ପ୍ରାର୍ଥନା ବୋଲୁଥିଲି । ଏଠାରେ ଘରେ ତଳେ କାର୍ପେଟ ପଡିଥାଏ, ତେଣୁ ନିଆଁକୁ ଭାରି ଡର । ସେଥିପାଇଁ ମୁଁ ଠାକୁରଙ୍କ ପାଖରେ ଧୂପଦୀପ ଦେଇ ପାରୁନଥିଲି । ଫୁଲତୁଳସୀ ତ ମିଳୁ ନଥିଲା, ତେଣୁ ପୂଜା ସମୟରେ ଫୁଲ ତୁଳସୀ ମଧ୍ୟ ଦେଇ ପାରୁନଥିଲି । କେବଳ ମନେ ମନେ ଠାକୁରଙ୍କୁ ଫୁଲ, ତୁଳସୀ, ଧୂପ, ଓ ଦୀପ ଦେଇ ପୂଜା କରୁଥିଲି । ଆମେ ନୂଆ ଘର କିଣି ଆସିଲା ପରେ ବାଡିରେ ଫୁଲ ଓ ତୁଳସୀ ଗଛ ଲଗାଇଛି । ଏବେ ମୁଁ ପ୍ରତିଦିନ ଫୁଲ ଓ ତୁଳସୀ ଦେଇ ଠାକୁରଙ୍କ ପୂଜା କରି ପାରୁଛି । ମନରେ ମୋର ବହୁତ ଶାନ୍ତି ଆସୁଛି । "ଏ ଘରସଂସାର ହେଉଛି ଶ୍ରୀଶ୍ରୀଠାକୁରଙ୍କର । ଶ୍ରୀଶ୍ରୀ ଠାକୁର ହେଉଛନ୍ତି ଏ ଘରର ମୁଖ୍ୟ କର୍ତ୍ତା ଏବଂ ମୁଁ ହେଉଛି ତାଙ୍କର ସେବିକା । ଘରେ ଯେଉଁ କାମ ମୁଁ କରୁଛି, ଶ୍ରୀଶ୍ରୀଠାକୁରଙ୍କ ଘର ପାଇଁ କରୁଛି ।  ଯଦି କେଉଁଠି କିଛି ଭୁଲ୍ କରିବି, ଶ୍ରୀଶ୍ରୀଠାକୁରଙ୍କ ପାଖରେ ଅପରାଧ ହେବ ।" ଏହିଭାବ ନେଇ ସଦାସର୍ବଦା ଠିକ୍‌ଭାବରେ କାମ କରିବାକୁ ଚେଷ୍ଟା କରୁଛି । ଅବଶ୍ୟ ଜାଣତରେ ବା ଅଜାଣତରେ ମୋର ଅନେକ ଦୋଷତ୍ରୁଟି ହୋଇଯାଉଛି । କିନ୍ତୁ ସଦାସର୍ବଦା ନିଜର ଭୁଲ୍ ସଂଶୋଧନ କରି ଶ୍ରୀଶ୍ରୀଠାକୁରଙ୍କ ଉପଯୁକ୍ତ ସେବିକା ଭାବରେ ନିଜକୁ ଗଢି ତୋଳିବା ପାଇଁ ମୁଁ ଚେଷ୍ଟା କରୁଛି ।

ଶ୍ରୀଶ୍ରୀଠାକୁରଙ୍କୁ ପାଇ ମୁଁ କ'ଣ ଯେ ପାଇଛି ତାହା ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଭାଷା ନାହିଁ । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ମୁଁ ତାଙ୍କୁ ଅନୁଭବ କରିପାରୁଛି । ପ୍ରତ୍ୟେକ ମୁହୂର୍ତ୍ତରେ ମୋ ପାଖରେ ରହି ସେ ମତେ ରକ୍ଷା କରୁଛନ୍ତି । ମୋର ଗୋଟିଏ ସୂକ୍ଷ୍ମ ଅନୁଭୂତି ନିମ୍ନରେ ବର୍ଣ୍ଣନା କରୁଛି-

୨୦୦୦ ମସିହା ଡିସେମ୍ବର ମାସରେ ମୋର ଦେହ ଭୀଷଣ ଖରାପ ହୋଇଥାଏ । ମୁଁ ହସ୍ପିଟାଲ୍‌ରେ ପଡିଥାଏ । ଡାକ୍ତର କହିଲେ, "ଏଭଳି ରୋଗୀଙ୍କର କ'ଣ ଯେ ହେବ କହି ହେବନାହିଁ । ସାରା ଜୀବନ ଇଏ ଅପାହିଜ ମଧ୍ୟ ହୋଇଯାଇ ପାରେ । ମନରେ ମୋର ତୀବ୍ର ଯନ୍ତ୍ରଣା ହେଉଥାଏ । ସବୁବେଳେ ମୁଁ କାନ୍ଦୁଥାଏ । ତିନିଦିନ ପରେ ମୁଁ ହସ୍ପିଟାଲ୍‌ରୁ ଘରକୁ ଫେରିଲି । ଠାକୁରଙ୍କ ଆସନରେ ତାଙ୍କ ପାଦରେ ମୁଣ୍ଡ ରଖିଲା ପରେ ମନ ଭଲ ଲାଗୁଥାଏ । କିନ୍ତୁ ତାପରେ ପୁଣି ବ୍ୟସ୍ତ ଲାଗୁଥାଏ । କିଛିଦିନ ପରେ ମୁଁ ସ୍ୱପ୍ନରେ ଦେଖିଲି ଏକ ବିରାଟ ହାତ ଆସି ମୋ ମୁଣ୍ଡ ଉପରେ ରହିଛି । ତାପରେ ମୋ ମନର ସମସ୍ତ ଅଶାନ୍ତି ଓ ଯନ୍ତ୍ରଣା ଦୂର ହୋଇଗଲା । ମନରେ ଅସୀମ ଶାନ୍ତି ପାଇଲି । "ଠାକୁର ଯେ ମୋ ପାଖରେ ଅଛନ୍ତି, ମୁଁ ବ୍ୟସ୍ତ କାହିଁକି ହେଉଛି ? ସେ ତ ନିଶ୍ଚୟ ମୋତେ ରକ୍ଷା କରିବେ । ତାଙ୍କରି ଅଭୟ ଶ୍ରୀଚରଣ ତଳେ ଶରଣ ନେଇ ମୁଁ ଭୟ କରୁଛି କାହାକୁ ?" ଆମେ ଯଦି ଶ୍ରୀଶ୍ରୀଠାକୁରଙ୍କ ଉପରେ ଅଚଳ ଅଟଳ ବିଶ୍ୱାସ ରଖିବା ତେବେ ଦୁଃଖ, ଭୟ, ବିପଦ କିଛି ଆମକୁ କେବେ ବି ଡରାଇ ପାରିବ ନାହିଁ । ଶ୍ରୀଶ୍ରୀ ଠାକୁରଙ୍କୁ ପ୍ରାର୍ଥନା କରି ଆମେ ଗାଉଛୁ-

ରିପୁ ସୂଦନ ମଂଗଳ ନାୟକ ହେ,<br>
ସୁଖ ଶାନ୍ତି ବରାଭୟ ଦାୟକ ହେ,<br>
ତ୍ରୟ ତାପ ହରେ ତବ ନାମ ଗୁଣେ,<br>
ଗୁରୁଦେବ ଦୟାକର ଦୀନଜନେ ।

ଶ୍ରୀମତୀ ଶିବାନୀ ମହାନ୍ତି

## ଅନୁଭୂତି (୬)

ଛୋଟବେଳୁ ମୁଁ ଦେଖିଛି, ମୋ ବାବା ମା' ଶ୍ରୀଶ୍ରୀଠାକୁରଙ୍କୁ ପୂଜା କରନ୍ତି । ଘରେ ଶ୍ରୀଶ୍ରୀଠାକୁରଙ୍କ ବିଗ୍ରହ ଆଗରେ ସକାଳେ ଓ ସନ୍ଧ୍ୟାରେ ପ୍ରାର୍ଥନା ବୋଲନ୍ତି । ଆମେ ମଧ୍ୟ ପ୍ରାର୍ଥନା ବୋଲୁ । ବାବା ମା'ଙ୍କ ସହିତ ଆସନ ମନ୍ଦିର ଯାଉ । ହେଲେ ଛୋଟବେଳେ ଗୁରୁ କିଏ ? ଆମ ଜୀବନରେ ତାଙ୍କର ମହତ୍ତ୍ୱ କଣ, ଗୁରୁଙ୍କ ସହିତ ମଣିଷର କି ସଂପର୍କ, ତାହା ଜଣା ନ ଥିଲା । ମନ ସ୍ଥିର କରି ବସି ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ଶୁଣିବା ଲାଗି ମଧ୍ୟ ଧୈର୍ଯ୍ୟ ନ ଥିଲା । ମାତ୍ର ସମୟ କ୍ରମେ ଧୀରେ ଧୀରେ ସବୁ କିଛି ବଦଳିବାକୁ ଲାଗିଲା । ତା' ପରେ ଆସ୍ତେ ଆସ୍ତେ ବଡ ହେବା ପରେ 'ଗୁରୁ' କିଏ ଜାଣିବାର ଇଚ୍ଛା ଜାଗିଲା । ଠାକୁରଙ୍କ ବିଷୟରେ ଶୁଣିବାର ଆଗ୍ରହ ମଧ୍ୟ ବଢିଲା । ଆସନ ମନ୍ଦିରକୁ ଗଲେ, ଠାକୁରଙ୍କ ବିଷୟରେ ବସି ଶୁଣିଲି । ତା'ପରେ ଠାକୁରଙ୍କ ଜୀବନୀ ପଢିଲି । ଧୀରେ ଧୀରେ ପୂଜା ବି କଲି । ବାବା ମା'ଙ୍କ ସହ ସମ୍ମିଳନୀ କୁ ଗଲି । ମନ ମଧ୍ୟରେ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ବିଶ୍ୱାସ ଜାତ ହେଲା । ସମ୍ମିଳନୀକୁ ଗଲେ କିଛି ଗୋଟିଏ ସେବା ନେବାକୁ ଇଚ୍ଛା ହେଲା ଓ ସେବା ମଧ୍ୟ ନେଲି । ସେବାକରି ବହୁତ ଆନନ୍ଦ ଅନୁଭବ କଲି । ମୋ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଠାକୁର ମୋ ସହିତ ଥିବା ପରି ମୋତେ ଲାଗିଲା । ବାହାଘର ହେବା ପରେ ଗୋଟିଏ ବର୍ଷ ମୁଁ ଚେନ୍ନାଇରେ ଥିଲି । ସେଠି ଘରେ ଠାକୁରଙ୍କ ବିଗ୍ରହ ରଖି ପୂଜା କରୁଥିଲି । ତା'ପରେ ଆମେରିକା ଆସିବା ବେଳେ ଠାକୁରଙ୍କ ବିଗ୍ରହ ସାଙ୍ଗରେ ଆଣିଥିଲି । ଠାକୁରଙ୍କୁ ପ୍ରତିଦିନ ସକାଳେ ପୂଜା କରେ ଓ ପ୍ରାର୍ଥନା କରି ଗୁରୁଗୀତାର ଦୁଇଟି ଶ୍ଳୋକ ପଢେ । ପ୍ରଥମେ ଧୂପ, ଦୀପ କିଛିଦେଇ ପାରୁ ନ ଥିଲି । କାରଣ ମନରେ ସବୁବେଳେ ଗୋଟିଏ ଡର ମନରେ ରହେ ଯେ କାଠର ଘର, ତଳେ ପୁଣି କାର୍ପେଟ୍ ପଡିଛି । ତେଣୁ ଯଦି ଧୂପର ଟିକେ ଅଂଶ ବି ତଳେ ପଡିଯାଏ ତାହାହେଲେ ନିଆଁ ଲାଗିବାର ସମ୍ଭାବନା ଅଛି । କିନ୍ତୁ ଠାକୁରଙ୍କ ଉପରେ ଥିବା ବିଶ୍ୱାସ ଯୋଗୁଁ ଧୀରେ ଧୀରେ ମନରୁ ସେ ଡର ମଧ୍ୟ ଚାଲିଗଲା । ଏବେ Cardboard ରଖି ଧୂପ ଦୀପ ଦେଇ ପାରୁଛି କିନ୍ତୁ ଫୁଲ କି ତୁଳସୀ କିଛି ବି ଦେଇ ପାରୁନି । ତେଣୁ ମନଟା ବୁଝେନି । ପୁଣି ଭାବେ ଠାକୁର ତ ସବୁ ଜାଣୁଛନ୍ତି । ଆଉ ମୋତେ ଯେମିତି ଯାହା ପୂଜା ଆସେ କରେ, ଯେତିକି ଯାହା ଜାଣିଛି କରେ । ଆଉ ପୂଜାରେ ନିଶ୍ଚିତ କିଛି ଭୁଲ୍ ରହି ଯାଇଥିବ ଭାବି ଶେଷରେ ଠାକୁରଙ୍କ ପାଖରେ କ୍ଷମା ପ୍ରାର୍ଥନା କରିନିଏ । ଏଠି ଏତେ ଦୂରରେ ଆସି ରହିଛୁ । ତେଣୁ ମନରେ କେତେବେଳେ କିଛି ବି ଭୟ ଆସିଲେ କି କିଛି ଅସୁବିଧା ସମୟରେ, ମନ କିଛି ସମୟ ପାଇଁ ବିବ୍ରତ ହୋଇ ଉଠେ । କିନ୍ତୁ ପର ମୁହୂର୍ତ୍ତରେ ମନରେ ଆସିଯାଏ, ଯେ ଠାକୁର ପରା ଆମ ସହିତ ଅଛନ୍ତି । ସେ ଆମର ସାହା, ଭରସା ସବୁକିଛି । ତାହା ହେଲେ ମୁଁ କଣ ପାଇଁ ଏତେ ଚିନ୍ତା କରୁଛି । ସେ ସବୁ ଠିକ୍ କରିଦେବେ । ଏହା ଭାବି ସବୁ କିଛି ସଂପୂର୍ଣ୍ଣ ରୂପରେ ଠାକୁରଙ୍କ ଉପରେ ଛାଡିଦିଏ । ଆଉ ତାପରେ ଠାକୁରଙ୍କ କୃପାରୁ ସବୁ କିଛି ଠିକ୍ ହୋଇଯାଇଥାଏ । ଏଠି ଆସି ଶିବାନୀ ମା'ଙ୍କ ସହ ମୋର ପରିଚୟ ହେଲା । ଯେତେବେଳେ ଜାଣିଲି ଯେ ସେ ମଧ୍ୟ ଠାକୁରଙ୍କ ଆଶ୍ରିତା, ମୋତେ ବହୁତ ଖୁସି ଲାଗିଲା । ପୁଣି ଯେତେବେଳେ ଏଠି ଟେଲିଫୋନ୍ ମାଧ୍ୟମରେ ସଂଘ ଆରମ୍ଭ ହେଲା, ମୋତେ ବହୁତ ଆନନ୍ଦ ଲାଗିଲା । ଏ ପ୍ରକାରର ଅନୁଭୂତି ମୋ ଭାବନାର ବାହାରେ ଥିଲା । ସ୍ୱପ୍ନରେ ବି କେବେ ଭାବି ନ ଥିଲି ଯେ ସାତ ସମୁଦ୍ର ତେର ନଈ ଆର ପାରରେ, ଏକ ବିଦେଶ ରାଇଜରେ ବି ମା' ଓ ଭାଇମାନଙ୍କ ସହ ମିଶି ଠାକୁରଙ୍କ ଉପସ୍ଥିତି ପୂର୍ବ ଭଳି ନିଜ ଜୀବନରେ ଅନୁଭବ କରିବି । ମାସକରେ ଥରେ ହେଲେ ବି

ଟେଲଫୋନ୍ ମାଧ୍ୟମରେ ଆମର ଯେଉଁ ସଂଘ ହେଉଛି ଓ ଠାକୁରଙ୍କ ବିଷୟରେ ଶୁଣିବାକୁ ମିଳୁଛି, ତାହା ମୋତେ ବହୁତ ଆନନ୍ଦ ଦେଉଛି । ସବୁ ସେଇ ଠାକୁରଙ୍କ ର କୃପା ।

ଛୋଟବେଳେ ଶୁଣିଥିଲି ଯେ 'ପ୍ରୀତିରେ ଭୀତି କାହିଁକି' ? ଯାହା କି ମୁଁ ମୋ ଜୀବନର ପ୍ରତ୍ୟେକ ପଦକ୍ଷେପରେ ଅନୁଭବ କରି ଚାଲିଛି । ତେଣୁ ଯେତେବେଳେ ଆମେ ଠାକୁରଙ୍କ ପାଖରେ ନିଜକୁ ସମର୍ପଣ କରି ଦେଇଛୁ, ଜୀବନ ପଥରେ ଯେତେ ବି ବାଧାବିଘ୍ନ ଆସିବ ସେ ସବୁ ଠାକୁରଙ୍କ ଆଶୀର୍ବାଦରୁ ଆପଣା ଛାଏଁ ଦୂରେଇ ଯିବ, ଏହା ମୋର ଦୃଢ଼ ବିଶ୍ୱାସ । ଏହିପରି ଭାବେ ଠାକୁରଙ୍କ ଉପରେ ନିର୍ଭର କରି ଆମେ ଏହି ସୁଦୂର ବିଦେଶରେ ଜୀବନ ବିତାଉଛୁ । ଆନନ୍ଦରେ ଅଛୁ । ପ୍ରତିମୁହୂର୍ତ୍ତରେ ଆମର ପାଶେ ପାଶେ ତାଙ୍କର ଉପସ୍ଥିତି ଅନୁଭବ କରୁଛୁ । ଗୃହାସନରେ ତାଙ୍କର ସେବାପୂଜା କରି ଅପାର ଆନନ୍ଦ ପାଉଛୁ । ଏସବୁ ଯେ ସେହି କରୁଣାମୟଙ୍କର ଆମ ପ୍ରତି ଅଯାଚିତ କରୁଣା, ତାହା ଅନ୍ତରରେ ସର୍ବଦା ଅନୁଭବ କରି କୃତଜ୍ଞ ଚିତ୍ତରେ ତାଙ୍କୁ ପ୍ରଣତି ଜଣାଏ ।

ମୋର ଗୋଟିଏ ଅନୁଭୂତି ମୁଁ ଲେଖୁଛି । ବାରିପଦା ସମ୍ମିଳନୀ ରେ ବାବା, ମା' ଓ ମୁଁ ଯାଇଥଲୁ । ମା'ଙ୍କର ଗୋଟିଏ ଜରୁରୀ କାମ ଥିବାରୁ ତୃତୀୟ ଦିନ ସକାଳେ ସେ ଘରକୁ ଫେରି ଯାଇଥାନ୍ତି । ବାବା ଓ ମୁଁ ଥାଉ । ସମ୍ମିଳନୀ ର ଶେଷ ଦିନରେ ଆମେ ସମସ୍ତେ ଦିନରେ ପ୍ରସାଦ ପାଇ ନିଜ ନିଜ camp ରେ ବିଶ୍ରାମ ନେଉଥାଉ । ହଠାତ୍ ଜୋର୍ ରେ ପାଟି ଶୁଣାଗଲା । ମୁଁ କିଛି ବୁଝି ପାରିଲି ନାହିଁ । ଦେଖିଲି ସମସ୍ତେ ବାହାରକୁ ଦୌଡୁଛନ୍ତି । ତେଣୁ ମୁଁ ମଧ୍ୟ ବାହାରକୁ ବାହାରି ଆସିଲି । ବାହାରେ ଆସି ଦେଖିବା ବେଳକୁ ଭାଇମାନଙ୍କ camp ରେ ପୁରା ନିଆଁ ଲାଗି ଯାଇଛି, ଆଉ ସମସ୍ତେ ଖାଲି ଦୌଡୁଥାନ୍ତି । ଏହା ଦେଖି ମୋ ମଥା କିଛି କାମ କରୁ ନ ଥାଏ । ଦେଖିଲି ସମସ୍ତେ ନିଜ ନିଜ ଜିନିଷ ବାହାରକୁ ବାହାର କରି ଆଣୁଛନ୍ତି । ମୁଁ ମଧ୍ୟ ସେହି ଠେଲା ପେଲା ରେ ଆମ ଜିନିଷ ବାହାରକୁ ବାହାର କରି ଆଣିଲି । camp ପଛପଟେ ଗୋଟିଏ ନଇ ଥିଲା । ହେଲେ ସେଥିରେ ସେମିତି ପାଣି ନ ଥିଲା । ଦେଖିଲି ବହୁତ ଜଣ ସେହି ନଇ ଭିତରକୁ ଜିନିଷ ଫୋପାଡିଦେଇ ତା ଭିତରକୁ ପଳାଉଛନ୍ତି । ମୁଁ ମଧ୍ୟ ସେମିତି କଲି । ଆଉ ଜିନିଷ ସବୁ ରଖି ଗୋଟିଏ ଜାଗାରେ ଠିଆ ହେଲି । ସେତେବେଳ ପର୍ଯ୍ୟନ୍ତ ମୁଁ ଜାଣି ପାରୁ ନ ଥାଏ ଯେ କ'ଣ ହୋଇଯାଉଛି । ଖାଲି ଦେଖୁ ଥାଏ ଯେ କିଏ ଦୌଡୁଛି ତ କିଏ କାନ୍ଦୁଛି । ମୁଁ ସେମିତି ସ୍ତବ୍ଧ ହୋଇ ବୋକାଙ୍କ ପରି ଠିଆ ହୋଇଥାଏ । ଶୁଣିଲି ଯେ ମୋ ପାଖରେ ଠିଆ ହୋଇଥିବା ଜଣେ ମା' ଜଣେ ଭାଇଙ୍କୁ କାନ୍ଦି କାନ୍ଦି ପଚାରୁଛନ୍ତି 'ଏହି ଭାଇଙ୍କୁ ଦେଖିଥିଲ କି ? ଆଉ କାହାରି କିଛି ହୋଇ ନି ତ ? ସେ ଭାଇ ମନା କରୁଛନ୍ତି ଓ କହୁଛନ୍ତି 'ବହୁତ ଜଣ ଭାଇ ବୋଧେ ବାହାରି ପାରି ନାହାନ୍ତି, camp ଭିତରେ ରହି ଯାଇଛନ୍ତି' । ଏହା ଶୁଣି ମୋ ମନରେ ଆସିଲା -ଆରେ ମୋ ବାବା ! ମୋ ବାବା ବି ତ ବିଶ୍ରାମ ନେଉଥିଲେ । ତାପରେ ମୁଁ ସଙ୍ଗେ ସଙ୍ଗେ ଜିନିଷ ସବୁ ସେମିତି ପକାଇ ଦେଇ ବାବାଙ୍କୁ ଖୋଜିଲି । ଖାଲି କାନ୍ଦୁଥାଏ ଓ ପାଗଳଙ୍କ ପରି ବାବାଙ୍କୁ ଖୋଜୁଥାଏ । ହେଲେ ବାବାଙ୍କୁ ପାଉ ନ ଥାଏ କି ଆମ ବାଲେଶ୍ୱର ଶାଖା ସଂଘର କେହି ହେଲେ ଚିହ୍ନା ଭାଇ କି ମା'ଙ୍କୁ ଦେଖି ପାରୁ ନ ଥାଏ । ସେମିତି ଖାଲି କାନ୍ଦୁଥାଏ, ମନେ ମନେ ଠାକୁରଙ୍କ ନାମ ନେଉଥାଏ, ଏବଂ ତାହା ସହିତ ବାବାଙ୍କୁ ଖୋଜୁଥାଏ । ଠାକୁରଙ୍କ ନାମ ନେଇ କାନ୍ଦି କାନ୍ଦି ବାବାଙ୍କୁ ଖୋଜୁଥାଏ, ହେଲେ ମନ ଭିତରେ ମୋର ଖାଲି ଆସୁଥାଏ ଯେ ଯେମିତି ଠାକୁର ମୋତେ କହୁଛନ୍ତି, 'ତୁ କାହିଁକି ବ୍ୟସ୍ତ ହେଉଛୁ ? ତୋ ବାବାଙ୍କର କିଛି ହୋଇନାହିଁ । ସେ ଭଲ ଅଛନ୍ତି' । ମନ ଭିତରେ ଏମିତି ଆସୁଥିଲେ ମଧ୍ୟ ମନ ଜମା ବୁଝୁ ନଥାଏ, ସେମିତି କାନ୍ଦିକାନ୍ଦି ମୁଁ ବାବାଙ୍କୁ ଖୋଜୁଥାଏ ।

କେତେଜଣ ଗାଇଡ୍ ମା' ମୋତେ ଖାଲି ମା' ମାନଙ୍କ camp ପାଖରେ ଛାଡି ଦେଇ ଯାଉଥାନ୍ତି ଓ ନିଆଁ ଆଡକୁ ନ ଯିବା ପାଇଁ କହୁଥାନ୍ତି । କିନ୍ତୁ ମୁଁ ସେମିତି ପାଗଳିଙ୍କ ପରି ମୋ ବାବାଙ୍କୁ ଖୋଜି ଖୋଜି ବୁଲୁଥାଏ । ବହୁତ ସମୟ ଏମିତି ଖୋଜିବା ପରେ ଆମ ଶାଖା ସଂଘର ସୋମନାଥ ଭାଇଙ୍କ ସହ ଦେଖା ହେଲା । ମୁଁ ତାଙ୍କୁ ମୋ ବାବାଙ୍କ ବିଷୟରେ ପଚାରିବାରୁ ସେ କହିଲେ, 'ତୋ ବାବା ତୋତେ ଖୋଜୁଛନ୍ତି' । କାହିଁକି କେଜାଣି ତାଙ୍କ କଥାରେ ମୋର ବିଶ୍ୱାସ ହେଉ ନ ଥାଏ । ମୋତେ ଲାଗୁଥାଏ ସେ ମୋତେ ଆଶ୍ୱାସନା ଦେବା ପାଇଁ ଏମିତି କହୁଛନ୍ତି । ମୁଁ ପୁଣି ପଚାରୁ ଥାଏ, 'ଆପଣ ମୋ ବାବାଙ୍କୁ ନିଜେ ଦେଖିଛନ୍ତି ?' । ତା' ପରେ ସେ ହଁ କହିବାରୁ ମୋତେ ଟିକେ ଭଲ ଲାଗିଲା । ତା 'ପରେ ସୋମନାଥ ଭାଇ ମୋ ଜିନିଷ ସବୁ ଆଣି ମୋତେ ଆମ ସଂଘର ମା' ଓ ଭାଇମାନେ ଯେଉଁଠି ଏକାଠି ହୋଇଥିଲେ, ସେଠାକୁ ନେଇଗଲେ । ସେଠାକୁ ଯାଇ ମୁଁ ଦେଖିଲି ଯେ ମୋ ବାବା ମଧ୍ୟ ସେଠାରେ ଠିଆ ହୋଇଛନ୍ତି । ବାବାଙ୍କୁ ଦେଖିବା ପରେ ଯାଇ ଦେହରେ ମୋର ଯେମିତି ଜୀବନ ପଶିଲା । ତା' ପରେ ବାବାଙ୍କୁ ଧରି, ବାବା ଓ ମୁଁ ବହୁତ କାନ୍ଦିଲୁ । ବାବା କହିଲେ ଯେ ନିଆଁ ଲାଗିବାର ଠିକ୍ ପାଞ୍ଚ ମିନିଟ୍ ପୂର୍ବରୁ ସେ ଚାହା ପିଇବା ପାଇଁ ବାହାରକୁ ବାହାରି ଆସିଥିଲେ । ସେହି ଦିନର ଘଟଣା ମନେ ପଡିଲେ, ଏବେ ମଧ୍ୟ ମୋର ଦେହ ଶୀତେଇ ଉଠେ । କିନ୍ତୁ ସେହିଦିନ ଠାରୁ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ମୋର ବିଶ୍ୱାସ ବହୁତ ବଢି ଯାଇଛି । ମୁଁ ଅନୁଭବ କରୁଛି ଯେ ମୋ ଜୀବନର ପ୍ରତି ପଦକ୍ଷେପରେ ସେ ମୋର ପାଖେ ପାଖେ ରହି ମୋର ସହାୟତା କରୁଛନ୍ତି ।

ଶ୍ରୀମତୀ ଅଞ୍ଜନା ଅରୁକ୍

# ଅନୁଭୂତି (୭)

ବହୁ ଜନ୍ମର ପୁଣ୍ୟ ପ୍ରଭାବରୁ ମୁଁ ଏ ଜନ୍ମରେ ଶ୍ରୀଶ୍ରୀଠାକୁରଙ୍କର ଚରଣାଶ୍ରୀତ ହେବାର ସୌଭାଗ୍ୟ ଲାଭ କରିଛି । ଛୋଟବେଳୁ ମୁଁ ଆମଘରେ ଠାକୁରଙ୍କ ପୂଜା ହେବାର ଦେଖି ଆସିଛି । ଘରେ ବାପା, ବୋଉ, ଭାଇ ଓ ଭଉଣୀଙ୍କ ସଙ୍ଗେ ମିଶି ମୁଁ ଠାକୁରଙ୍କ ପୂଜାରେ ଯୋଗ ଦେଉଥିଲି । ମୁଁ ଯେତେବେଳେ ୧୨ ବର୍ଷର ହୋଇଥିଲି ସେତେବେଳେ ମୋର 'ପରିଚୟ ପତ୍ର' କରା ହୋଇଥିଲା । 'ପରିଚୟ ପତ୍ର' ପାଇବା ପରେ ଅନୁଭବ କଲି ଯେପରି ମୁଁ ଏବେ ଶ୍ରୀଶ୍ରୀଠାକୁରଙ୍କର ଚରଣାଶ୍ରୀତ ହୋଇଛି ।

ମୋର ବିବାହବେଳେ ବାପା ମୋତେ ଠାକୁରଙ୍କର ଚାରିଗୋଟି ପୁସ୍ତକ (ଠାକୁରଙ୍କ ଜୀବନୀ, ନିଗମ ଉପଦେଶ, ସତୀ ଚରିତମାଳା ଓ ନିଗମ ଲହରୀ) ଦେଇ କହିଥିଲେ, 'ଶ୍ରୀଶ୍ରୀଠାକୁରଙ୍କୁ ସ୍ମରଣକରି ନିଜ ଗୃହସ୍ଥାଶ୍ରମର ସମସ୍ତ ଦାୟିତ୍ୱ ସୂଚାରୁ ରୂପରେ ତୁଲାଇ ପାରିଲେ ଯଥାର୍ଥରେ ଶ୍ରୀଶ୍ରୀ ଠାକୁରଙ୍କର ଭାବଧାରାରେ ନିଜକୁ ପରିଚାଳିତ କରିବାର ଗୌରବ ଲାଭ କରି ନିଜର ଦୁର୍ଲଭ ଜୀବନ ସାର୍ଥକ କରିପାରିବୁ ।' ବାପାଙ୍କ ଉପଦେଶକୁ ମୁଁ କେତେଦୂର ପାଳନ କରିଛି ତାହା ଆଜି ମୁଁ ଜାଣିନି; କିନ୍ତୁ ଜୀବନର ପ୍ରତି ପଦକ୍ଷେପରେ ମୁଁ ଠାକୁରଙ୍କୁ ଅନୁଭବ କରୁଛି ।

ବିବାହପରେ ମୁଁ ମୋ ସ୍ୱାମୀଙ୍କ ସହିତ ବାଙ୍ଗାଲୋରରେ ରହୁଥିଲି । ଠାକୁରଙ୍କର ଆଶୀର୍ବାଦରୁ ୧୯୯୭ ମସିହା ମାର୍ଚ୍ଚ ମାସରେ ଆମେ ଆମେରିକା ଆସିଲୁ । ଏଠାକୁ ଆସିଲାବେଳେ ଆମେ ଠାକୁରଙ୍କ ବିଗ୍ରହ, ପରିଚୟ ପତ୍ର, ଠାକୁରଙ୍କ ଜୀବନୀ, ନିଗମ ଉପଦେଶ, ସତୀ ଚରିତମାଳା, ନିଗମ ଲହରୀ ଓ କିଛି ପୂଜା ଉପକରଣ ନେଇ ଆସିଥିଲୁ । ଶ୍ରୀଶ୍ରୀଠାକୁରଙ୍କୁ ଗୋଟିଏ ସ୍ୱତନ୍ତ୍ର କୋଠରୀରେ ସ୍ଥାପନ କରିଛୁ । ଏଠାର ଘର କାଠରେ ନିର୍ମିତ ଓ ଚଟାଣ ଗାଲିଚା ଦ୍ୱାରା ଆଚ୍ଛାଦିତ । ତେଣୁ ଅଗ୍ନି ପ୍ରତି ବିପଦ ଥିବାରୁ ଧୂପ ଓ ଦୀପ ଦେବାକୁ ପ୍ରଥମେ ପ୍ରଥମେ ଡର ଲାଗୁଥିଲା । କିଛିଦିନ ପରେ ଠାକୁରଙ୍କୁ ଜଣାଇ ଆମେ ଧୂପ ଓ ଦୀପ ଗୋଟିଏ ଥାଳିଆ ଉପରେ ରଖି ଠାକୁରଙ୍କୁ ଅର୍ପଣ କରୁଛୁ । ଶ୍ରୀଶ୍ରୀଠାକୁରଙ୍କ ପାଖରେ ନିୟମିତ ଭାବରେ ଦୁଇବେଳା ସ୍ତୋତ୍ର ବନ୍ଦନା ଓ ପରିଚୟ ପତ୍ର ପାଠ କରୁଛି । ମୋ ସହିତ ମୋ ସ୍ୱାମୀ ମଧ୍ୟ ପୂଜାରେ ଯୋଗ ଦିଅନ୍ତି । କେବେ ମୋର ଅସୁବିଧା ହେତୁ ପୂଜା କରିନପାରିଲେ, ସେ ସକାଳେ ଓ ସନ୍ଧ୍ୟାରେ ଧୋତି ପିନ୍ଧି ଶ୍ରୀଶ୍ରୀଠାକୁରଙ୍କ ପାଖରେ ଧୂପ ଓ ଦୀପ ଦେଇ ଭୋଗ ଲଗାଇ ପୂଜା କରିଦିଅନ୍ତି । ସ୍ତୋତ୍ରବନ୍ଦନା ମଧ୍ୟ କରନ୍ତି । ମୋ ସ୍ୱାମୀ ବିବାହ ପୂର୍ବରୁ ଶ୍ରୀଶ୍ରୀଠାକୁରଙ୍କୁ ଜାଣିନଥିଲେ ମଧ୍ୟ ମୁଁ ପୂଜା କରିବାରେ କେବେ ହେଲେ ବାରଣ କରିନଥିଲେ । ବରଂ ଆଗ୍ରହର ସହିତ ମୋ ସହିତ ସବୁଦିନ ପୂଜାରେ ଯୋଗଦାନ କରୁଥିଲେ । ତାଙ୍କର ଏପରି ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଭକ୍ତି, ବିଶ୍ୱାସ ଓ ନିର୍ଭରତା ଦେଖି ମୁଁ ଆଚମ୍ବିତ ହୋଇଯାଏ । କେବେ କୌଣସି କଥା ନେଇ ମନ ଖରାପ ହେଲେ, ମୁଁ ସ୍ୱାମୀଙ୍କୁ କୁହେ, ଠାକୁର ତ ମୋ ମନ କଥା ଶୁଣୁନାହାନ୍ତି । ସେ କିନ୍ତୁ ମୋତେ ବୁଝାଇ କୁହନ୍ତି, 'ତୁମେ ଠାକୁରଙ୍କୁ ପୂଜା କରୁଛ, କିନ୍ତୁ ତାଙ୍କୁ ବୁଝି ପାରିନ । ନିଜର କର୍ମ କରିଯାଅ ଓ ଶ୍ରୀଶ୍ରୀଠାକୁରଙ୍କ ଉପରେ ବିଶ୍ୱାସ ରଖ । ସେ ନିଶ୍ଚୟ ତୁମର କଥା ଶୁଣିବେ ।' ମୁଁ ତାଙ୍କୁ ପାଇବା ଶ୍ରୀଶ୍ରୀଠାକୁରଙ୍କର ଆଶୀର୍ବାଦ ଛଡା ଆଉ କିଛି ନୁହେଁ ।

ଜୀବନର ପ୍ରତି କ୍ଷେତ୍ରରେ ଶ୍ରୀଶ୍ରୀଠାକୁରଙ୍କର କୃପା ଉପଲବ୍ଧି କରୁଛି । ସବୁ ଅନୁଭୂତିକୁ ତ ଲେଖାରେ ପ୍ରକାଶ କରି ହେବନାହିଁ କି ଠାକୁରଙ୍କ କୃପାର କୌଣସି ଅନ୍ତ ନାହିଁ, ତଥାପି ମୁଁ ମୋର ଦୁଇଟି ଅନୁଭୂତି ପ୍ରକାଶ କରିବାକୁ ଚାହୁଁଛି ।

ମୋର ଆଜି ସ୍ପଷ୍ଟ ଭାବରେ ମନେଅଛି ମୁଁ ସେତେବେଳେ ଛଅ ବର୍ଷର ହୋଇଥିଲି । ଥରେ ବାପାଙ୍କ ସହିତ ଶ୍ରୀଶ୍ରୀଠାକୁରଙ୍କ ଜନ୍ମ ଉତ୍ସବକୁ ବୀରତୁଙ୍ଗ ଆଶ୍ରମକୁ ଆସୁଥିଲି । ସେତେବେଳେ ଆମେ ସମ୍ବଲପୁରରେ ରହୁଥିଲୁ । ଆମେ ସମ୍ବଲପୁରରୁ ଆସି ପୁରୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିଲାବେଳକୁ ରାତି ପ୍ରାୟ ୧୧ଟା ବାଜି ସାରିଥିଲା । ଏତେ ରାତିରେ ରିକ୍‌ସା କିମ୍ବା ଟାକ୍‌ସି ମିଳିଲା ନାହିଁ । ସେଠି ଆଉ କିଛି ଲୋକ ମଧ୍ୟ ଗାଡି ପାଇଁ ଅପେକ୍ଷା କରିଥିଲେ । ଆମେ ଅପେକ୍ଷା କରିବାର ପ୍ରାୟ ଏକ ଘଣ୍ଟା ହୋଇଗଲା କିନ୍ତୁ କୌଣସି ଗାଡିର ଦେଖା ମିଳିଲା ନାହିଁ । ମତେ ନିଦ ସହିତ ଡର ମଧ୍ୟ ଲାଗୁଥିଲା । ଏହି ସମୟରେ ବାପା ମୋତେ 'ଜୟଗୁରୁ' ନାମ ସ୍ମରଣ କରିବାକୁ କହିଲେ । ସେତେବେଳେ ମୁଁ 'ଜୟଗୁରୁ' ନାମର ମହାତ୍ମ୍ୟ ବୁଝିନଥିଲି । କିନ୍ତୁ ମୁଁ ମନେ ମନେ 'ଜୟଗୁରୁ' ନାମ ଉଚ୍ଚାରଣ କରି ଚାଲିଲି । ନାମ ନେବାର ପାଞ୍ଚ ଦଶ ମିନିଟ୍ ହୋଇଛିକି ନାହିଁ, ସେଠାରେ ଗୋଟିଏ ଟାକ୍‌ସି ଆସି କେହି ବୀରତୁଙ୍ଗ ଯିବାପାଇଁ ଅପେକ୍ଷା କରିଛନ୍ତି କି ବୋଲି ପଚାରିଲା । ଆମେ ସଙ୍ଗେ ସଙ୍ଗେ ସେହି ଟାକ୍‌ସିରେ ଚଢି ବୀରତୁଙ୍ଗ ଆସିଲୁ । ବାପା ମୋତେ କହିଲେ, 'ଠାକୁର ତୋ ଡାକ ଶୁଣିଲେ ।' ସେତେବେଳକୁ ମୁଁ ବାପାଙ୍କ କୋଳରେ ଶୋଇ ପଡିଥିଲି । ଆଜି କିନ୍ତୁ ମୁଁ ସେହି ନାମର ମହାତ୍ମ୍ୟ ବୁଝିପାରିଛି ।

ମୁଁ ଆମେରିକା ଆସିବାର ଛଅ ମାସ ପରେ ଗର୍ଭବତୀ ହେଲି । ପ୍ରଥମଥର ପାଇଁ ଡାକ୍ତରଙ୍କ ପାଖକୁ ଗଲାପରେ ସେ କହିଲେ ଯେ ମୋ ପେଟରେ ଗୋଟିଏ Ovarian cyst ବା Tumor ହୋଇଛି । ଡାକ୍ତର ମୋତେ ପଚାରିଲେ; ମୁଁ ଏ ବିଷୟରେ ଆଗରୁ ଜାଣିଥିଲି କି ନାହିଁ । କିନ୍ତୁ ଆମେ ତ ଭାରତରେ ଥିଲାବେଳେ ଡାକ୍ତରଙ୍କ ପାଖକୁ ଖାଲି ଦେହ ଖରାପ ହେଲେ ଯାଉ, ତେଣୁ ମୁଁ ଏ ବିଷୟରେ ଆଗରୁ ଜାଣିନଥିଲି ବୋଲି କହିଲି । ଡାକ୍ତର ମୋତେ କହିଲେ ଯେ ପ୍ରତି ମାସରେ ସେଇଟା Ultrasound କରି ଦେଖାଯିବ । ସେ tumorଟି ଯଦି ଦିନକୁ ଦିନ ବଡ ହୁଏ ତାହେଲେ ବିପଦଜନକ । ଯଦି କେବେ ବହୁତ କଷ୍ଟ ହୁଏ ତାହେଲେ ସେ tumorଟିକୁ ଅପରେସନ୍ କରି ବାହାର କରିଦେବେ ବୋଲି କହିଲେ । ଅପରେସନ୍ କଲେ ଶିଶୁ ପ୍ରତି ବିପଦ ।

ଆମେ ଦୁହେଁ ଏହା ଶୁଣି ବହୁତ ମନ ଖରାପ କଲୁ । ମୁଁ ମନେ ମନେ ଠାକୁରଙ୍କୁ ଡାକୁଥାଏ, ଏ ସନ୍ତାନ ତ ତୁମର । ତୁମେ ଯାହା କରିବ । କେତେବେଳେ ଦୁଃଖରେ ମନ ବିଚଳିତ ହେଲେ ମୋ ବାପାଙ୍କ ପାଖରେ ଅଳି କଲାପରି ମୁଁ ଠାକୁରଙ୍କ ପାଖରେ କାନ୍ଦିପକାଏ । ବାପାଙ୍କ କଥା ମନେ ପଡେ । ବାପା ସବୁବେଳେ କୁହନ୍ତି, 'ତୋର ସବୁ ଭାର ଠାକୁର ନେଇଛନ୍ତି । ସେ ଯାହା କରିବେ ତୋର ମଙ୍ଗଳ ପାଇଁ । ତୋର ଚିନ୍ତା କ'ଣ?'

ଚାହୁଁ ଚାହୁଁ ମୋର ଗର୍ଭଧାରଣର ସାତ ମାସ ହୋଇଗଲା । ଏ ଭିତରେ ବେଳେ ବେଳେ ପେଟରେ ଟିକିଏ କଷ୍ଟ ହୁଏ । ମୁଁ କିନ୍ତୁ କାହାକୁ କିଛି କୁହେ ନାହିଁ । ଡାକ୍ତର ମଧ୍ୟ ମୋତେ ପ୍ରତି ମାସରେ ପଚାରନ୍ତି ମୋର ପେଟରେ କଷ୍ଟ ହେଉଛି କି ନାହିଁ । ମୁଁ କିନ୍ତୁ କିଛି କୁହେ ନାହିଁ । ଯେପରି ପେଟରେ ଶିଶୁଟି ବଢିବାକୁ ଲାଗିଲା, ଆଉ ultrasoundରେ ସେ tumorଟି ଦେଖାଗଲାନି । ତାହା ପରଠାରୁ ଡାକ୍ତର ଆଉ ultrasound କଲେନାହିଁ । କିନ୍ତୁ ତା ପରଠାରୁ ହିଁ ମୋ ପେଟ କାଟିବା ଆରମ୍ଭ ହୋଇଗଲା । ଶିଶୁଟି ପେଟରେ ଏପଟ ସେପଟ ହେଲାବେଳେ ସେହି tumor ଯାଗାରେ ହିଁ ବେଶୀ ବାଜେ ।

ସେତେବେଳେ ଠାକୁର ମୋତେ ଏତେ ଶକ୍ତି ଦେଲେ ଯେ, ମୁଁ କେମିତି ସମ୍ଭାଳି ପାରିଲି ଏବେ ଭାବିଲେ ବିଶ୍ୱାସ କରି ହୁଏନି । ମୁଁ ବହୁତ ଡରୁଆ ଟିକିଏ କଅଣ ଖଣ୍ଡିଆ ହେଲେ ମୁଁ କାନ୍ଦିବା ଆରମ୍ଭ କରିଦିଏ । ମୋର ସେହି ଅବସ୍ଥାରେ କରୁଣାମୟ ଠାକୁର ଅନେକ ଧୈର୍ଯ୍ୟ ଓ ଶକ୍ତି ଭରି ଦେଉଥାନ୍ତି ।

ମୋର due date ଥାଏ ୧୯୯୮ ମସିହା ମଇ ମାସ ୨୮ ତାରିଖ । ଡାକ୍ତର କହିଥାନ୍ତି, ଯଦି normal delivery ନହୁଏ ତାହେଲେ ଶିଶୁକୁ କାଢିବାପାଇଁ ଅପରେସନ୍ କଲାବେଳେ ସେ tumorକୁ ମଧ୍ୟ କାଢିଦିଆଯିବ । ଯଦି normal delivery ହୁଏ ତାହେଲେ ମାସେ ପରେ ଅପରେସନ୍‌କରି ସେ tumorକୁ କାଢିବାକୁ ପଡିବ ।

୧୯୯୮ ମସିହା ଜୁନ୍ ମାସ ୭ ତାରିଖରେ ମୋର normal delivery ହୋଇ ଝିଅଟିଏ ଜନ୍ମ ହେଲା । ମୁଁ ମୋ ସ୍ୱାମୀଙ୍କୁ ଆଗରୁ କହିଥାଏ ଯେ ଜନ୍ମ ହେଲା ସଙ୍ଗେ ସଙ୍ଗେ ଶିଶୁର କାନରେ 'ଜୟଗୁରୁ' ନାମ କହିଦେବାପାଇଁ । ସେ ଝିଅର କାନରେ 'ଜୟଗୁରୁ' ନାମ କହିଦେଇ ତାକୁ କୋଳରେ ଧରିଥାନ୍ତି । ଝିଅଟିକୁ ଦେଖି ଭାବିଲି ଶ୍ରୀଶ୍ରୀଠାକୁର ତାଙ୍କ ଆଶୀର୍ବାଦର କଳିକାଟିଏ ମୋତେ ଦେଇଛନ୍ତି । ମୁଁ ମନେ ମନେ ଠାକୁରଙ୍କୁ ପ୍ରଣାମ କଲି ।

ଝିଅ ଜନ୍ମ ହେବାର ଦେଢମାସ ପରେ ଡାକ୍ତର ମୋତେ କହିଲେ ଯେ tumorର କିଛି ହେଲେ ପରିବର୍ତ୍ତନ ହୋଇନାହିଁ । ତେଣୁ ତାକୁ ଅପରେସନ୍ କରି ବାହାର କରିବାକୁ ହେବ । ଜୁଲାଇ ୨୫ ତାରିଖରେ laparoscopic surgery କରିବାକୁ ସ୍ଥିର କଲେ । ମୁଁ ଅପରେସନ୍ ପାଇଁ ଯିବା ପୂର୍ବରୁ ଠାକୁରଙ୍କୁ ଜଣାଇ ଥିଲି, 'ଠାକୁର, ମୁଁ ଡାକ୍ତରଖାନା ଯାଉଛି । ମୋ ସ୍ୱାମୀ ଓ ଝିଅଙ୍କର ଦାୟିତ୍ୱ ନେବ' । ଅପରେସନ୍ ରୁମ୍‌ରେ ମୋତେ ଲାଗୁଥାଏ, ଯେପରି ଠାକୁର ମୋ ପାଖେ ପାଖେ ଥାଇ ସବୁ ଖବର ବୁଝୁଛନ୍ତି । ଶ୍ରୀଶ୍ରୀଠାକୁରଙ୍କର ଆଶୀର୍ବାଦରୁ ମୁଁ ଆଜି ସଂପୂର୍ଣ୍ଣଭାବରେ ସୁସ୍ଥ ।

ମୁଁ ଠାକୁରଙ୍କୁ ସବୁବେଳେ ଜଣାଏ ଯେ ଏ କନ୍ୟା ମୋର ନୁହେଁ ଆପଣଙ୍କର । ଆପଣ ଯାହା କରିବେ । ଝିଅକୁ ଏବେ ଚାରି ବର୍ଷ ହେଲାଣି । ଛୋଟ ବେଳୁ ଠାକୁରଙ୍କୁ ନମ କର ବୋଲି କହିଲେ, ଠାକୁରଙ୍କୁ ପ୍ରଣାମ କରୁଛି । କଥା କହିବା ଦିନଠାରୁ ପ୍ରଣାମ କଲାବେଳେ ସେ ଠାକୁରଙ୍କୁ ଜଣାଏ, 'ଭକ୍ତି ଦିଅ । ପାଠ ଦିଅ । ଜ୍ଞାନ ଦିଅ । ବୁଦ୍ଧି ଦିଅ । ଠାକୁର ସମସ୍ତଙ୍କର ମଙ୍ଗଳ କର' । ଯଦି କେବେ ଦେହ ଖରାପ ଥାଏ, ସେ କୁହେ 'ଠାକୁର ମୋର ଦେହ ଭଲ କରିଦିଅ' । ଆମ ସହିତ ମିଶି ପ୍ରାର୍ଥନା କରୁଛି । ବାଞ୍ଛା କଳ୍ପତରୁ ଗୀତଟିକୁ ପୁରା ମନେ

ରଖିଦେଇଛି । ସନ୍ଧ୍ୟା ପୂଜା ଶେଷରେ ସେହି ପ୍ରାର୍ଥନା ଆମ ସହିତ ଭାରି ସୁନ୍ଦର ଭାବରେ ଗାଏ । ମୁଁ ସନ୍ଧ୍ୟା ଦେବାବେଳେ ସେ ବେଳେ ବେଳେ ଅଳିକରି ବସେ ନିଜେ ଧୂପ ବୁଲାଇ ଘଣ୍ଟି ବଜାଇବାକୁ । ତାର କାନ୍ଦ ଦେଖି ସହି ନପାରି ମୁଁ ତା ହାତରେ ଧୂପକାଠି ଧରାଇଦେଲେ ସେ ଭାରି ଖୁସିରେ ଧୂପକାଠି ବୁଲାଇ ଘଣ୍ଟି ବଜାଏ । ଏସବୁ ଦେଖିଲେ ଲାଗେ ସତେ ଯେପରି ସେ ଠାକୁରଙ୍କ ଭାବଧାରାରେ ଗଢା ।

ବିବାହପରେ ଦୂରରେ ଥିବାରୁ ମୁଁ କେବେ ହେଲେ ସମ୍ମିଳନୀରେ ଯୋଗଦେଇ ପାରିନାହିଁ । ଆମେରିକାରେ ପ୍ରଥମଥର ପାଇଁ ହେଉଥିବା ସମ୍ମିଳନୀରେ ଯୋଗଦେବା ପାଇଁ ଆମର ବହୁତ ଇଚ୍ଛା । ଏହିଠାରୁ ସପରିବାର ଶ୍ରୀଶ୍ରୀ ଠାକୁରଙ୍କୁ ବିନମ୍ର ପ୍ରଣତି ଜ୍ଞାପନ କରୁଅଛୁ । ତାଙ୍କର କୃପାହେଲେ ଆମେ ଏହି ସମ୍ମିଳନୀରେ ଯୋଗଦାନ କରିପାରିବୁ । ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଛି ଯେପରି ତାଙ୍କର ପାଦପଦ୍ମରେ ଆମମାନଙ୍କର ଦୃଢ ନିଷ୍ଠା ବିଦ୍ୟମାନ ରହେ ଏବଂ ଆମେମାନେ ଯେପରି ତାଙ୍କ ଇଚ୍ଛାର ଜୟ ଘୋଷଣା କରିପାରୁ ।

ଶେଷରେ ଶ୍ରୀଶ୍ରୀଠାକୁରଙ୍କର ଚରଣରେ, ମୋର ଅତୀତ ଏବଂ ବର୍ତ୍ତମାନରେ ହୋଇଥିବା ସମସ୍ତ ତ୍ରୁଟିବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା କରୁଛି । ଆଜୀବନ ଶ୍ରୀଶ୍ରୀଠାକୁରଙ୍କର ଭାବଧାରା ରକ୍ଷାକରି ଚଳିବାପାଇଁ ଆଶୀର୍ବାଦ ଭିକ୍ଷା କରୁଅଛି ।

'ନଭୁଲାଉ ମୋତେ ସଂସାର ଭ୍ରମ ଭଉଁରୀ ଜାଳ,
ନଯାଉ ପାଶୋର ମନରୁ ତୁମେ ଠାକୁର ମୋର ।'

ଶ୍ରୀମତୀ ସ୍ମିତାରାଣୀ ବାଈ

# ଅନୁଭୂତି (୮) - ମୋର କିଛି ଅନ୍ତରର କଥା

ମୁଁ ଠାକୁରଙ୍କୁ ଜାଣିବା ଆଜିକୁ ଏକ ବର୍ଷରୁ କିଛି ଅଧିକା ହେବ । ମୋର ବିବାହ ହେବାପରେ ଯେତେବେଳେ ମୁଁ ଶ୍ୱଶୁରାଳୟ (ନୟାଗଡ) କୁ ଆସିଲି, ସେଠାରେ ଶ୍ରୀଶ୍ରୀ ଠାକୁରଙ୍କ ବିଷୟରେ ମୋତେ ପ୍ରଥମେ ଜାଣିବାକୁ ମିଳିଲା । ମୋ ଶ୍ୱଶୁର (ଶ୍ରୀଯୁକ୍ତ ବୈରାଗୀ ଚରଣ ସାହୁ) ଏବଂ ଶାଶୁ (ଶ୍ରୀମତୀ ଶାନ୍ତିଲତା ସାହୁ) ଉଭୟେ ମୋତେ ଠାକୁରଙ୍କ ଜୀବନୀ ବିଷୟରେ ଏବଂ ଶ୍ରୀଶ୍ରୀଠାକୁରଙ୍କ ସଂପର୍କରେ ବହୁତ କଥା କହିଲେ । ମୁଁ ଶ୍ରୀଶ୍ରୀ ଠାକୁରଙ୍କ ବହି ପଢିବା ଦ୍ୱାରା ଠାକୁରଙ୍କ ବିଷୟରେ ଅନେକ କିଛି ଜାଣିବାକୁ ପାଇଲି । ମୁଁ America କୁ May 11th 2001 ରେ ଆସିଲା ବେଳେ ମୋ ଶ୍ୱଶୁର ମୋ ହାତରେ ଶ୍ରୀଶ୍ରୀଠାକୁରଙ୍କର ଗୋଟିଏ ବିଗ୍ରହ ଦେଇଥିଲେ । ଏଠାକୁ ଆସି ମୁଁ ଶ୍ରୀଶ୍ରୀ ଠାକୁରଙ୍କ ବିଗ୍ରହକୁ ସ୍ଥାପନା କରି ପୂଜା କରିବାକୁ ଲାଗିଲି । ପ୍ରତ୍ୟେକ ଦିନ ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ଆରତି କରି, ପରିଚୟ ପତ୍ର ପାଠ, ଗୁରୁଗୀତା ପାଠ, ଶ୍ରୀଶ୍ରୀ ଗୁରୁ ପ୍ରଣାମ, ଗୁର୍ବଷ୍ଟକମ ପରେ ପ୍ରାର୍ଥନା ଗୀତିକା ବୋଲୁଥିଲି , ଏବଂ ପ୍ରତ୍ୟେକ ଦିନ ଶ୍ରୀଶ୍ରୀ ଠାକୁରଙ୍କ ଜୀବନୀ ପାଠ କରୁଥିଲି ।

ଏହିପରି କିଛିଦିନ ଗଲା ପରେ ମୋତେ ହଠାତ ମଝିରେ କିଛି ନ ଥାଇ ମଧ୍ୟ ଚନ୍ଦନ, ଧୂପ ର ସୁଗନ୍ଧ ଅନୁଭବ ହେଲା । ଏହି ଅନୁଭବ ମୋର ତିନି, ଚାରିଥର ହେଲା । ଏକଥା ମୁଁ ମୋ ସ୍ୱାମୀ (ଶ୍ରୀ ବିନୟ ସାହୁ)ଙ୍କୁ ଜଣାଇଥିଲି । ତାପରେ ଏବେକାର କଥା, ଯେତେବେଳେ ଓଡିଶାରେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ହେଉଥିଲା, ସେତେବେଳେ ମୋର ମଧ୍ୟ ଇଚ୍ଛା ହେଲା ମୁଁ ସେହି ସମ୍ମିଳନୀରେ ଯୋଗଦାନ କରନ୍ତି । ଏମିତି ମନ କଥା ମନରେ ରଖି ଶ୍ରୀଶ୍ରୀ ଠାକୁରଙ୍କ ସମ୍ମୁଖରେ ଜଣାଇଲି, ଏହାର ତିନିଦିନ ପରେ ମୋ ଶ୍ୱଶୁର ମୋ ପାଖକୁ କିଛି କ୍ୟାସେଟ ପଠାଇଥିଲେ । ସେହି କ୍ୟାସେଟରେ ଶ୍ରୀଶ୍ରୀ ଠାକୁରଙ୍କ ଭଜନ, ପ୍ରାର୍ଥନା, ଜୀବନୀ ଓ ସମ୍ମିଳନୀରେ ବୋଲା ଯାଇଥିବା ପ୍ରାର୍ଥନା ସବୁ ଥିଲା । ତାକୁ ମୁଁ ଏବେ ମଧ୍ୟ ଶୁଣୁଛି ।

ଦିନେ ରାତିରେ ମୁଁ ଶୋଇଥିବା ବେଳେ ସ୍ୱପ୍ନରେ ଦେଖୁଛି ବହୁତ ବଡ କୋଠରୀରେ ଶ୍ରୀଶ୍ରୀ ଠାକୁରଙ୍କ ବଡ ବିଗ୍ରହଟିଏ ଅଛି । ଶ୍ରୀଶ୍ରୀଠାକୁରଙ୍କୁ ପୁଷ୍ପ ଦ୍ୱାରା ସଜ୍ଜା ଯାଇଛି । ସେଠାରେ ଅନେକ ଭକ୍ତ ଅଛନ୍ତି । ଝାଞ୍ଜ, ମୃଦଙ୍ଗରେ ପୂଜା ଚାଲିଛି, ପ୍ରାର୍ଥନା ବୋଲାଯାଉଛି । ସେଠାରେ ମୁଁ ଏବଂ ମୋ ସ୍ୱାମୀ ମଧ୍ୟ ଅଛୁ । ଏତିକି ଦେଖିଲାକ୍ଷଣି ମୋର ନିଦ ଭାଙ୍ଗିଗଲା । ମୁଁ ସାଙ୍ଗେ ସାଙ୍ଗେ ମୋ ସ୍ୱାମୀଙ୍କୁ ଏକଥା ଜଣାଇବାରୁ ସେ କହିଲେ ସେହି ଦିନ ମୋ ଶ୍ୱଶୁରାଳୟରେ ବାର୍ଷିକ ଉତ୍ସବ ଥିଲା । ଏହି ବାର୍ଷିକ ଉତ୍ସବ କଥା ଶ୍ୱଶୁର Phone ମାଧ୍ୟମରେ ଜଣେଇଥିଲେ । Phone ରେ କଥା ହେଲାପରେ ମୁଁ ମୋ ସ୍ୱାମୀଙ୍କୁ କହିଲି ଭଲ ହୋଇଥାନ୍ତା ଯଦି ଆମେ ମଧ୍ୟ ସେଠାରେ ଥାଆନ୍ତେ ।

ସେଦିନ ମୁଁ ଅନୁଭବ କଲି ପ୍ରକୃତରେ ଶ୍ରୀଶ୍ରୀଠାକୁରଙ୍କ ମହିମା କେତେ? ଶ୍ରୀଶ୍ରୀଠାକୁରଙ୍କ କୃପାରୁ ଏବଂ ତାଙ୍କ ଆଶୀର୍ବାଦରୁ ମୁଁ ସ୍ୱପ୍ନରେ ହେଲେ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ଉତ୍ସବରେ ଅଂଶ ଗ୍ରହଣ କରିଛି । ମୁଁ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଏତିକି ପ୍ରାର୍ଥନା କରୁଛି ଯେ, ଶ୍ରୀଶ୍ରୀଠାକୁରଙ୍କ କୃପା ସବୁବେଳେ ଆମ ଉପରେ ରହୁ ଏବଂ ମୋର ସବୁବେଳେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଲକ୍ଷ୍ୟ ରହିଥାଉ । ଶ୍ରୀଶ୍ରୀଠାକୁରଙ୍କର ଏକ ଭକ୍ତ ପରିବାରରେ ମୋର ବିବାହ ମୋର ପରମ ସୌଭାଗ୍ୟର କଥା ବୋଲି ବୁଝି ସଦ୍‌ଗୁରୁ ଶ୍ରୀଶ୍ରୀ ଠାକୁରଙ୍କ ଚରଣାଶ୍ରୀତା ହୋଇ ନିଜକୁ ଧନ୍ୟ ମନେ କରୁଛି । ଜୟଗୁରୁ ।

ଶ୍ରୀମତୀ ଶିବାନୀ ସାହୁ

# ଅନୁଭୂତି (୯)

ମୁଁ ଆଜିକୁ ୨୫ ବର୍ଷ ତଳର କଥା କହୁଛି । ମୋର ୩ ପୁଅ ଓ ୨ ଝିଅ । ମୋର ବଡ ଝିଅକୁ ଯେତେବେଳେ ୮ ବର୍ଷ, ତାକୁ typhoid ଜ୍ୱର ହେଇଥିଲା । ସେ କିନ୍ତୁ ଅନ୍ୟ ୪ ଜଣ ଭାଇଭଉଣୀଙ୍କ ସହିତ ମିଳିମିଶି ଶୋଉଥାଏ । ଅନ୍ୟମାନଙ୍କ ପରାମର୍ଶରେ, ମୁଁ ତାକୁ ତା ନନା (father)ଙ୍କ ପାଖରେ, ଅଲଗା ହୋଇ ଶୋଇବାକୁ କହିଲି । ଜ୍ୱର ହେବାର ୧୮ ଦିନ ହେଇଥାଏ । ସେ ଅଲଗା ହୋଇ ଶୋଇଥିବାରୁ ମୋତେ ଭଲକରି ନିଦ ହେଉ ନ ଥାଏ । ମୁଁ ଥରକୁ ଥର ଉଠି ତାକୁ ଦେଖୁଥାଏ । ସେ ଘରେ ଝରକା ପାଖରେ ଖଟ ପଡିଥାଏ ଓ ଝରକାଟି ଅଧା ଖୋଲା ଥାଏ ।

ମୁଁ ଥରେ ହଠାତ୍ ଉଠି ଦେଖିଲି, ଜଣେ ଧୋତି ପିନ୍ଧା ଲୋକ ପାଛୁଡା ପକାଇ ଝରକା ଆରପଟେ ଛିଡା ହୋଇଛନ୍ତି ଓ ଝୁଲୁର (ମୋ ଝିଅ) ଝରକା ରେଲିଂ ଉପରେ ଥିବା ପାଦକୁ ଆଉଁସୁଛନ୍ତି । ମୁଁ ଆଖି ମଳିମଳି ଭାବିଲି ଏ କ'ଣ ଦେଖୁଛି । ବୋଧହୁଏ ଚୋର । କିନ୍ତୁ ପାଟି କରିବା ପୂର୍ବରୁ ମୁଁ କିଛି ସମୟ ତାଙ୍କୁ ଚାହିଁ ରହିଲି । ହଠାତ୍ ତାଙ୍କ ରୂପ ଦେଖି ମୋର ମନକୁ ଆସିଲା 'ଆରେ ଏ କ'ଣ ଠାକୁର ଆସିଛନ୍ତି କି !' ମୋର ଯେତେବେଳେ, ଠାକୁର ଆସିଛନ୍ତି କି ବୋଲି ମନେହେଲା, ସେ ମୂର୍ତ୍ତି ଧୀରେ ଧୀରେ ପଛକୁ ପଛକୁ ଯାଇ ଅର୍ନ୍ତଧ୍ୟାନ ହୋଇଗଲେ । ମୁଁ ଯାଇ ଝରକା ଖୋଲି, ଲାଇଟ ଲଗାଇ ସମସ୍ତଙ୍କୁ ଡାକିଲି । କିନ୍ତୁ ଆଉ କିଛି ଆମେ ଦେଖି ପାରିଲୁ ନାହିଁ । ଯାହା ଦେଖିଲି, ତାହା ସ୍ୱପ୍ନ, ସତ୍ୟ କି ଚୋର, ଏହି କଥା ଭାବି ଭାବି ରାତିଟି କଟିଗଲା ।

କିନ୍ତୁ ସକାଳ ହେବା ପରେ ଜାଣିଲି, ଝୁଲୁର ଆଉ ଜ୍ୱର ନାହିଁ ଓ ସେ ସଂପୂର୍ଣ୍ଣ ଭାବରେ ସୁସ୍ଥ । ତେଣୁ ଭାବିଲି ସେ ଧୋତି ପିନ୍ଧା ଛାୟା ମୂର୍ତ୍ତି ଜଣଙ୍କ ଆମର ପ୍ରାଣପ୍ରିୟ ଠାକୁରଙ୍କ ଛଡା କେହି ନୁହନ୍ତି । ସେ ଅଳ୍ପ ଦାଢି ଥିବା ଛାୟା ମୂର୍ତ୍ତି ଦେଖିଲା ପରେ, ମୁଁ ଆମ ଘରେ ଥିବା ଶ୍ରୀଶ୍ରୀ ଠାକୁରଙ୍କର ଅନ୍ୟ ବନ୍ଧା ନ ହୋଇ ଥିବା ବିଗ୍ରହ ଗୁଡିକ ଖୋଲି ଦେଖିଲି । ସେହି ଅନ୍ଧାରରେ ଦେଖିଥିବା ଛବିର, ଗୋଟିଏ ବିଗ୍ରହ ସହିତ ବହୁତ ସାମଞ୍ଜସ୍ୟ ଥିଲା ।। ଜୟଗୁରୁ ।।

ଶ୍ରୀମତୀ ଉର୍ମିଳା ତ୍ରିପାଠୀ

# ଅନୁଭୂତି (୧୦)- ମୋ ଜୀବନରେ ଶ୍ରୀଶ୍ରୀଠାକୁର

ପିଲବେଳେ ବିଭିନ୍ନ ଗଳ୍ପରେ ପଢିଥିଲି ଗୁରୁଭକ୍ତି, ଗୁରୁଙ୍କ ସେବା ଓ ଆଦେଶ ପାଳନ ଫଳରେ କିପରି ଅସାଧ୍ୟ ସାଧନ କରାଯାଇପାରେ ଓ ସମସ୍ତ ବିଦ୍ୟା, ଜ୍ଞାନ ଆୟତ୍ତ କରିହୁଏ । ସେତେବେଳେ ବୁଝି ପାରୁନଥିଲି ଏହା କିପରି ସମ୍ଭବ ହେଉଛି । କିନ୍ତୁ ଗୁରୁଙ୍କ ଶକ୍ତି ଉପରେ ଏକ ଖୁବ୍ ଉଚ୍ଚ ଧାରଣା ମନରେ ପୋଷଣ କରିଥିଲି । ଘରେ ବାପା ବୋଉଙ୍କ ଦ୍ୱାରା ପ୍ରଭାବିତ ହୋଇ ମୁଁ ଦେବଦେବୀଙ୍କ ସ୍ତୋତ୍ରବନ୍ଦନା, ନିୟମିତ ପ୍ରାର୍ଥନା ସହ ମହାମନ୍ତ୍ର ଜପ କରୁଥିଲି । କିନ୍ତୁ ଗୁରୁ କରଣ ବିନା ମନୁଷ୍ୟ ଜୀବନରେ ମୁକ୍ତିଲାଭ ହୁଏ ନାହିଁ । ତେଣୁ ବେଳେବେଳେ କଥା ପଡିଲେ ବାପାବୋଉଙ୍କୁ କହେ ଆମେ ସମସ୍ତେ ଗୁରୁଙ୍କ ଠାରୁ ଦୀକ୍ଷା ନେବା । ବାପା କହନ୍ତି ଭାଗ୍ୟରେ ଥିଲେ ହେବ ।

ଏମିତି କିଛିଦିନ ପରେ ଅଦୃଷ୍ଟ ଭାଗ୍ୟନିୟନ୍ତାଙ୍କ ନିର୍ଦ୍ଦେଶରେ ପରମ ସୌଭାଗ୍ୟକ୍ରମେ ମୁଁ ତିନି ପୁରୁଷ ଧରି ସଦ୍‌ଗୁରୁ ଚରଣାଶ୍ରୀତ ପରିବାରକୁ ବୋହୁ ହୋଇ ଆସିଲି । ମୋ ଶ୍ୱଶୁର ଶ୍ରୀ ବସନ୍ତ କୁମାର ସୁନ୍ଦର ରାୟ ଓ ତାଙ୍କ ବାପା ଶ୍ରୀ ବଳଭଦ୍ର ସୁନ୍ଦର ରାୟ ଶ୍ରୀଶ୍ରୀ

ଠାକୁରଙ୍କର ଚରଣାଶ୍ରିତ । ଏବେ ମୁଁ ଜାଣୁଛି ଗୁରୁଶିଷ୍ୟଙ୍କର ଜନ୍ମଜନ୍ମାନ୍ତରରର ସମ୍ବନ୍ଧ ଓ ବହୁ ଜନ୍ମର ପୁଣ୍ୟଫଳରୁ ସଦ୍‌ଗୁରୁଙ୍କ ଚରଣାଶ୍ରୟ ଲାଭ ହୋଇଥାଏ ।

୧୯୯୫ ମସିହା ମେ'ମାସ ୧୨ ତାରିଖ ଶୁକ୍ରବାର ସକାଳେ ମୁଁ ଶାଶୁଘରକୁ ଆସିଲି । ସେଦିନ ସଂଧ୍ୟାରେ ଆମଘରେ ବିଶେଷ ଗୃହାସନ ପୂଜା ଅନୁଷ୍ଠିତ ହୋଇଥିଲା । ମୁଁ ପ୍ରଥମକରି ଯେତେବେଳେ ଶ୍ରୀଶ୍ରୀ ଠାକୁରଙ୍କୁ ପ୍ରଣାମ କଲି, ମୋତେ ଲାଗିଲା ଯେପରି ମୁଁ ତାଙ୍କୁ ବହୁ ଆଗରୁ ଜାଣିଛି ଓ ସେ ମୋର ଏକାନ୍ତ ନିଜର । ସେ ପରିବେଶରେ ଭାଇ ଓ ମା' ସମ୍ବୋଧନ ସାଂଗକୁ 'ଜୟଗୁରୁ' ସମ୍ଭାଷଣ ମୋତେ ଭାରି ଭଲ ଲାଗୁଥାଏ । ସେଠାରେ 'ନୀଳାଚଳ ସାରସ୍ୱତ ସଂଘ' ର ସଭାପତି ଶ୍ରୀ ଚୈତନ୍ୟ ଚରଣ ଦାସ ଭାଇ ମୋତେ ଲକ୍ଷ୍ୟ କରି କହିଲେ – 'ଠାକୁରଙ୍କ ଘରକୁ ଜଣେ ନୂଆ ମା' ଆସିଲେ' । ମୋତେ ଭାରି ଖୁସି ଲାଗିଲା । ତାପରଦିନ ପୂର୍ବବର୍ଷ ଭକ୍ତ ସମ୍ମିଳନୀ ଗୁଡ଼ିକର ଭିଡିଓ କ୍ୟାସେଟ୍ ଦେଖିଲି । ସମସ୍ତଙ୍କ ଆନନ୍ଦ ଦେଖି ଭାବିଲି ଶ୍ରୀଶ୍ରୀ ଠାକୁର କୃପା କଲେ ମୁଁ ଆସନ୍ତା ବର୍ଷ ସମ୍ମିଳନୀରେ ଯୋଗ ଦେବି । ତାପରେ ମୁଁ ଶାଶୁଘରର ସଦସ୍ୟମାନଙ୍କ ସଂଗେ ବହି ଦେଖି ସ୍ତୋତ୍ରବନ୍ଦନା କଲି ଓ ସକାଳ ସଂଧ୍ୟା ପୂଜାରେ ଯୋଗ ଦେଲି । 'ଚିତ୍ତ ଶୁଦ୍ଧି ହେଲେ ଜାଣିବ ଭଲେ, ଏକମାତ୍ର ଗୁରୁ ସବୁରି ମୂଳେ' । ଶ୍ରୀଶ୍ରୀ ଠାକୁରଙ୍କ ଆଶ୍ରିତ ହେବା ପରେ ମୁଁ କେବଳ ତାଙ୍କୁ ହିଁ ପୂଜା କଲି ।

ଶ୍ରୀଶ୍ରୀ ଠାକୁରଙ୍କ କୃପାରୁ ୧୯୯୬ ମସିହାରେ ପଞ୍ଚାମୁଣ୍ଡାଇ ମାଟିଆ ଠାରେ ଅନୁଷ୍ଠିତ ସମ୍ମିଳନୀରେ ମୁଁ ପ୍ରଥମ ଥର ପାଇଁ ଯୋଗ ଦେଇ ମନରେ ସ୍ୱର୍ଗୀୟ ଆନନ୍ଦ ଉପଲବ୍‌ଧି କରିଥିଲି । ତାପରବର୍ଷ ଅର୍ଥାତ୍ ୧୯୯୭ ମସିହା ବାରିପଦା ସମ୍ମିଳନୀ ରେ ମୁଁ ଆମ ପରିବାରର ବହୁ ସଦସ୍ୟ (୧୮ଜଣ)ଙ୍କ ସହିତ ଯୋଗ ଦେଇଥିଲି । ପ୍ରଥମ ଦୁଇଦିନ ଖୁବ୍ ଆନନ୍ଦରେ କଟିଗଲା । ତୃତୀୟ ଦିବସର ଅପରାହ୍ନରେ ଭାଇ ମାନଙ୍କ camp ରେ ନିଆଁ ଲାଗିଗଲା । ମୁଁ ଅସୁସ୍ଥ ଥିବାରୁ campରେ ବିଶ୍ରାମ ନେଉଥାଏ । ନିଆଁ ଲାଗିଗଲା ବୋଲି ଶୁଣି campରୁ ବାହାରି ଆସି ସମ୍ମୁଖ ପଡିଆରେ ଅନ୍ୟମାନଙ୍କ ସଂଗେ ବସିଲି । ଆହତ କିଛି ଭାଇମାନଙ୍କୁ ଆଣି ସେହି ସ୍ଥାନରେ ପ୍ରାଥମିକ ଚିକିତ୍ସା କରୁଥାନ୍ତି । ସେହି ପରିବେଶରେ ପରିବାର ଲୋକଙ୍କଠାରୁ ଅଲଗା ହୋଇ ମୁଁ ଏକ ପ୍ରକାର ସ୍ଥାଣୁ ହୋଇ ଅନବରତ 'ଜୟଗୁରୁ' ନାମ ଜପ କରୁଥାଏ । ଦୁଇ ଘଣ୍ଟା ପରେ ଘର ଲୋକଙ୍କ ସଂଗେ ଯାଇ ସମ୍ମିଳନୀ ମଣ୍ଡପରେ ବସିଲି । ସଂଧ୍ୟା ୬ଟା ସୁଦ୍ଧା ମଧ୍ୟ ସ୍ୱାମୀଙ୍କର କୌଣସି ଖବର ନ ପାଇ ମୁଁ ବିକଳ ହୋଇ ଠାକୁରଙ୍କୁ ଡାକୁଥାଏ । ମନ ସମ୍ଭାଳି ନ ହେବାରୁ ଦାଦା ଶ୍ୱଶୁରଙ୍କ ସଂଗରେ ଯାଇ ବାରିପଦା ହସ୍‌ପିଟାଲ୍‌ରେ ଖୋଜିଲି । ଶ୍ରୀଶ୍ରୀ ଠାକୁରଙ୍କର ଆମପ୍ରତି ଅପାର କରୁଣା । ସ୍ୱାମୀ ଅନ୍ୟ କେତେଜଣଙ୍କ ସଂଗେ ମିଶି camp ର କାଛ ଭାଂଗି ବାହାରକୁ ଆସିଯାଇଥିଲେ । କାରଣ ପ୍ରବେଶ ଦ୍ୱାର ସମ୍ମୁଖରେ ଆହତ ଭାଇମାନେ ପଡିଯାଇଥାନ୍ତି । ତାପରେ ରାସ୍ତାରେ ଯାଉଥିବା ଜଣେ ଲୋକର ସ୍କୁଟରରେ ବସି ଏକ ପ୍ରାଇଭେଟ୍ ନର୍ସିଂହୋମ୍‌କୁ ଯାଇଥିଲେ । ତେଣୁ ଖୁବ୍ ଶୀଘ୍ର ଚିକିତ୍ସା ଆରମ୍ଭ ହୋଇ ପାରିଲା । ସେହି ଅଗ୍ନି ଦୁର୍ଘଟଣାରେ ମୋର ବଡ ନଣଦେଈ ଓ ମାମୁଁ ଶ୍ୱଶୁର ଏ ସଂସାର ଛାଡି ଶ୍ରୀଶ୍ରୀ ଠାକୁରଙ୍କର ଆନନ୍ଦମୟ ରାଜ୍ୟକୁ ଚାଲିଗଲେ ।

ବାରିପଦା ଅଗ୍ନିକାଣ୍ଡ ପରେ ସ୍ୱାମୀଙ୍କର ଚିକିତ୍ସା, ପରିଜନଙ୍କୁ ହରାଇବାର ଦୁଃଖର ବାତାବରଣ ମଧ୍ୟରେ କରୁଣାମୟ ଶ୍ରୀଶ୍ରୀ ଠାକୁର ମନରେ ଅନେକ ଧୈର୍ଯ୍ୟ ଓ ଶକ୍ତି ଭରି ଦେଉଥାନ୍ତି । ନିଜ ପରିବାର ଲୋକଙ୍କୁ ହରାଇବା ଯେ କେତେ କଷ୍ଟ ତାହା ମୁଁ ନିଜେ ଅନୁଭବ କରିଛି । ତଥାପି ମୋ ମନରେ ଆସୁଥାଏ ଯେ, ଏହି ଦୁର୍ଘଟଣାରେ ଯିଏ ରକ୍ଷା ପାଇଛନ୍ତି, ଅଳ୍ପ ଆହତ ହୋଇଛନ୍ତି, ଗୁରୁତର ଆହତ ହୋଇଛନ୍ତି କି ଶ୍ରୀଶ୍ରୀ ଠାକୁରଙ୍କର ନିତ୍ୟଧାମକୁ ଚାଲିଗଲେ, ସମସ୍ତେ ଶ୍ରୀଶ୍ରୀ ଠାକୁରଙ୍କର କୃପା ସମୟ ଓ ପାତ୍ର ଭେଦରେ ଭିନ୍ନ ପ୍ରକାରରେ ଲାଭ କରିଛନ୍ତି । ୧୯୯୮ ମସିହା ଭୁବନେଶ୍ୱର ସମ୍ମିଳନୀରେ ଭାଇ ଓ ମା'ମାନଙ୍କର ଭାବବିନିମୟରୁ ମୁଁ ଏହାର ପ୍ରମାଣ ପାଇଥିଲି । ସଦ୍‌ଗୁରୁଙ୍କ କୃପା ଶିଷ୍ୟଭକ୍ତ ମାନଙ୍କ ଉପରେ ସମଭାବରେ ବୃଷ୍ଟି ହେଉଛି, କିନ୍ତୁ ଚିତ୍ତଶୁଦ୍ଧି ନହେବା ପର୍ଯ୍ୟନ୍ତ ଏହା କେହି ବୁଝିପାରିବେନି । ଏହି ସମ୍ମିଳନୀରେ ମୁଁ ମୋର ୬ ମାସର ଶିଶୁ କନ୍ୟା ସହ ଯୋଗ ଦେଇଥିଲି । ସ୍ୱାମୀ ଆମେରିକାରେ ଥିଲେ । ମୁଁ ଆମେରିକା ଆସିବା ପୂର୍ବରୁ 'ସତ୍‌ଶିକ୍ଷା ମନ୍ଦିର' ଯାଇ ସଂଘରୁ ଅନୁମତି ଓ ଆଶୀର୍ବାଦ ଭିକ୍ଷା କରିଥିଲି । ଚୈତନ୍ୟ ଭାଇ କେମିତି ଠାକୁରଙ୍କୁ ନେଇ ଚଳିବାକୁ ହେବ, ସେ ବିଷୟରେ କହିଲେ ଓ 'ସଁପି ଦେଇଛି ପଦତଳେ ଜୀବନ' ଗୀତ ଗାଇ ବୁଝାଇଦେଲେ ।

ଏଠି ଆମେରିକାରେ ଆମେ ଗୋଟିଏ ପ୍ଲାଷ୍ଟିକ ଚେୟାର ଉପରେ ଯୋଡ ପିନ୍ଧାଇ ଶ୍ରୀଶ୍ରୀ ଠାକୁରଙ୍କର ବିଗ୍ରହ ରଖିଛୁ । ଧୂପ, ଦୀପ, ପୁଷ୍ପ(ବେଳେ ବେଳେ), ନୈବେଦ୍ୟ ଦେଇ ଯଥାବିଧି ପୂଜା କରି ସ୍ତୋତ୍ରବନ୍ଦନା, ପରିଚୟପତ୍ର ପାଠ ଓ ସ୍ୱାଧ୍ୟାୟ କରୁଛୁ । ଏକାଦଶୀ, ଗୁରୁବାର ଓ ପର୍ବଦିନମାନଙ୍କରେ ଭୋଗ ରାନ୍ଧି ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ନିବେଦନ କରୁ । ପାଦାସନ ପ୍ରଣାମୀ ଓ ମୁଷ୍ଟିଭିକ୍ଷା ଚାଉଳର ମୂଲ୍ୟ ପ୍ରଣାମୀ ଆକାରରେ କେନ୍ଦ୍ରକୁ ପଠାଉଛୁ । ଆମର ସବୁ ଭଲମନ୍ଦ ଶ୍ରୀଶ୍ରୀ ଠାକୁରଙ୍କୁ ଜଣାଇ ତାଙ୍କୁ ଗୃହର କର୍ତ୍ତା ଜ୍ଞାନ କରି ସବୁ କାର୍ଯ୍ୟ କରୁ । ଆମର ଯାହା କିଛି ଭଲ ହେଉଛି, ଶ୍ରୀଶ୍ରୀ ଠାକୁରଙ୍କର କୃପାରୁ ହେଉଛି ଓ ଯାହା କିଛି କଷ୍ଟ ଆସୁଛି ତାହା ଆମ କର୍ମଫଳରୁ ଭୋଗୁଛୁ, ବୋଲି ଭାବୁ ।

ଯଦିଓ ମୁଁ କିଛିବର୍ଷ ହେବ ଶ୍ରୀଶ୍ରୀ ଠାକୁରଙ୍କ ପରିବାରକୁ ଆସିଛି, ତଥାପି ଜୀବନର ପ୍ରତି କ୍ଷେତ୍ରରେ ତାଙ୍କ କୃପା ଉପଲବ୍ଧି କରୁଛି । ବହୁଥର ଲକ୍ଷ୍ୟ କରିଛି କୌଣସି କାରଣରୁ ମନ ବ୍ୟସ୍ତ ହେଉଥିଲେ, ସକାଳ କି ସଂଧ୍ୟାରେ ମନ ଶାନ୍ତ ହୋଇଯାଏ । ସେହିଦିନ ଠାକୁରଙ୍କ ବହି ପଢାଗଲା ବେଳେ ମୋତେ ଲାଗେ, ସତେ ଯେପରି ଅନ୍ତର୍ଯ୍ୟାମୀ ଠାକୁର ମୋ ଭଳି ଅଜ୍ଞାନ, ଅବୋଧଟିକୁ ବୁଝାଇବାକୁ ସୁନ୍ଦର ଗଳ୍ପ ଓ ଉପଦେଶ ମାଧ୍ୟମରେ ନୀତିକଥା ସଜାଡି ରଖିଛନ୍ତି । କେତେଥର ଅନୁଭବ କରିଛି, ଶରୀର କଷ୍ଟ ହେଲାବେଳେ ଲାଗେ ମୁଁ ଶ୍ରୀଶ୍ରୀ ଠାକୁରଙ୍କ ପାଦତଳେ ବସିଛି ଓ ସେ ମୋ ମୁଣ୍ଡକୁ ଆଉଁସି ଦେଉଛନ୍ତି, ତାପରେ ମୋତେ ଶାନ୍ତି ଲାଗେ । ବାଞ୍ଛା କଳ୍ପତରୁ ଶ୍ରୀଶ୍ରୀ ଠାକୁର ମୋର ସବୁ ପ୍ରାର୍ଥନା ପୂରଣ କରୁଛନ୍ତି । ୨୦୦୨ ମସିହା ଫେବୃୟାରୀ ମାସ ୧୩ ତାରିଖ ଦିନ ମୁଁ ପୁଅ, ଝିଅଙ୍କୁ ନେଇ ସମ୍ମିଳନୀରେ ଯୋଗ ଦେବାକୁ ଭୁବନେଶ୍ୱର ଯିବାର ସ୍ଥିର ହୋଇଥାଏ । ଏଥିପାଇଁ ଆମେ ସମସ୍ତେ ବହୁଦିନ ଧରି ଠାକୁରଙ୍କୁ ଜଣାଇଥିଲୁ । ଯିବାର ୬ ଦିନ ପୂର୍ବରୁ ଦେଢବର୍ଷର ପୁଅ ଭୀଷଣ ଅସୁସ୍ଥ ହୋଇ ପଡିଲା । ଡାକ୍ତର କହିଲେ ୧୫ ଦିନ ମଧ୍ୟରେ ସେ କୁଆଡେ ଯାଇପାରିବନି । ମନ ଦୁଃଖ ହେଲା । ଶ୍ରୀଶ୍ରୀ ଠାକୁରଙ୍କୁ ଜଣାଇଲି – ପିଲାଙ୍କ ସହ ସମ୍ମିଳନୀର ଆନନ୍ଦ ପାଇବାକୁ ଚାହୁଁଥିଲି, ଆପଣ ଜାଣନ୍ତି ଆମର କେଉଁଥିରେ ମଂଗଳ ହେବ, ହେ ମଂଗଳମୟ ଆପଣଙ୍କ ଇଚ୍ଛା ପୂର୍ଣ୍ଣ ହେଉ । ପ୍ରତିଦିନ ଡାକ୍ତରଙ୍କୁ ଦେଖାଉଥାଉ । ଶ୍ରୀଶ୍ରୀ ଠାକୁରଙ୍କ କୃପାରୁ କମ୍ ସମୟରେ ପୁଅ ସୁସ୍ଥ ହୋଇଗଲା । ୧୩ ତାରିଖ ସକାଳେ ଡାକ୍ତର କହିଲେ ପୁଅ ସଂପୂର୍ଣ୍ଣ ସୁସ୍ଥ ଓ ଆମେ ରାତିରେ ଭାରତ ଗଲୁ । ମୁଁ ଭୁବନେଶ୍ୱରରେ ଥିବାବେଳେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ, ଆଂଚଳିକ ଜିଲ୍ଲା ସମ୍ମିଳନୀ, ବିଭିନ୍ନ ବାର୍ଷିକ ଉତ୍ସବ ଓ ଗୃହାସନ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଛି । ଶ୍ରୀଶ୍ରୀ ଠାକୁରଙ୍କ କୃପାରୁ ପୁଅ ଆଉ ସେମିତି ଅସୁସ୍ଥ ହୋଇନାହିଁ ।

ଆମେରିକା ଆସିବା ପରଠାରୁ ଆମଘର ଭାଇ ଭାବୁଥିଲେ କେମିତି ଏଠାରେ ଗୁରୁଭାଇମାନଙ୍କ ସହ ଶ୍ରୀଶ୍ରୀ ଠାକୁରଙ୍କ ବିଷୟ ଆଲୋଚନା ହେବ । ସେହି ଭାବନାରୁ ସୃଷ୍ଟି teleconference ଆଜି ଶ୍ରୀଶ୍ରୀ ଠାକୁରଙ୍କ କୃପାରୁ ସଫଳତାର ସହ ଆଗେଇ ଚାଲିଛି । ତାଙ୍କରି କୃପାରୁ ଏହି ପ୍ରଥମ ବାର୍ଷିକ ସମ୍ମିଳନୀ କିପରି ସଫଳ ହେବ ଓ ଆମେ ସେବାର ସୁଯୋଗ ପାଇବୁ ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ଜଣାଉଛୁ । ଆଜୀବନ ଶ୍ରୀଶ୍ରୀ ଠାକୁରଙ୍କ ଉପରେ ପୂର୍ଣ୍ଣ ନିର୍ଭରତା ଓ ସମର୍ପଣ ଭାବ ରକ୍ଷା କରି ତାଙ୍କ ଇଚ୍ଛା ଅନୁସାରେ ଚଳିବା ପାଇଁ ଆଶୀର୍ବାଦ ଭିକ୍ଷା କରୁଛୁ । ଜୟଗୁରୁ ।

ଶ୍ରୀମତୀ ସ୍ମିତାରାଣୀ ସୁନ୍ଦର ରାୟ

# ଅନୁଭୂତି (୧୧)

After graduating from REC Rourkela in 1985, I started working at Telco, Jamshedpur. I knew that there was a branch of Nilachal Saraswat Sangh in Jamshedpur. It took me a few months to find out the location. It was in Kadma, which is probably 20 to 25 kilometers from Telco Colony. I used to take a bus from Telco Colony to Sakchi and then change to another bus to go to Kadma. The weekly puja used to be on Sundays in the evening. I used to take the last bus at 8:30 from Kadma to Sakchi and the last bus from Sakchi to Telco Colony at 9:15. One day, while returning from puja, I missed the bus from Sakchi. Missing the bus I tried to take an auto-rickshaw. The auto-rickshaw I found was going to another colony and told me that he could drop me off on the way where I can get another auto-rickshaw to Telco Colony. After reaching this intermediate place, I realized that there was no auto-rickshaw or any other means of transport on the stand. It was about 10 o'clock at night and I was about five to seven kilometers from the Colony. I decided to walk. It was getting late at night and this road had no streetlight. There was no one on the road. I was getting a little fearful and started reciting Jayaguru. Within five to ten minutes, I heard some noise behind me. Even more fearful I kept pacing ahead. Someone started calling on me: "Babu, are you going to the Colony ?" in hindi. Turning back I found a person on a bicycle. He kept on talking: "I can give you a ride only if you paddle." I realized at the instance Shri Shri Thakur was making this happen. I immediately accepted his offer. However, within next five minutes he realized that it was really hard for me to ride the bike in dark and totally unfamiliar road. He decided to ride the bike himself and drop me off at my hostel. At the end of the journey I thanked him and prayed Shri Shri Thakur.

**Gyan Ranjan Dwibedy**

# Directory of Bhaktas in America Saraswat Pathachakra

| Sl No | Name | USA Address | India Address | Introduction |
|---|---|---|---|---|
| 1 | Aditya Narayan Tripathy | | | I came to know Sri Sri Thakur through my parents Late Sri Gobinda Ch. Tripahy and Mrs. Urmila Tripathy of Sunabeda Sangh |
| 2 | Amaresh Tripathy<br>Shalini Mundra | | | I knew Sri Sri Thakur from my grand father Uday Nath Rath from Jamshedpur Sangha and later on from my parents Raghunath and Puspanjali Tripathy who were founder members of Delhi Sangha. |
| 3 | Anjana Aruk<br>Diptish Kumar Aruk<br>**Child:**<br>Adyasha Priyadarshini Aruk | | | My parents are devotee of Sri Sri Thakur and they are from Balasore Sakha Sangha. From my childhood I worship Gurudev. |
| 4 | Bani Prasanna Mohanty<br>Debashree Mohanty<br>**Children**:<br>Minakshee Mohanty (16)<br>Amrita Mohanty (5) | | | I knew Sri Sri Thakura through my parents: Braja Kishore Mohanty and Kalyani Mohanty, who are from Cuttack Sangha. |
| 5 | Bijoy Kumar Sahoo<br>Ratna Jena<br>**Children:**<br>Mohit J. Sahoo (11 Years)<br>Lara Sahoo (6) | | | Through my mother Ketaki Ma. I started accompanying my mother as a child to the Cuttack Jobra Sangha. |

| | | | | |
|---|---|---|---|---|
| 6 | Binaya kumar Sahoo<br>Shibani Sahu ( Aru ) | | | |
| 7 | Biswajit Sundar Ray<br>Smitarani Sundar Ray<br>**Children:**<br>Saymyashree Ray (5 Years)<br>Bedaprakash Ray (2 Years) | | | I knew Sri Sri Thakur from my grand father Late Balabhadra Sundar Ray and father Basanta Kumar Sundar Ray of Ekamra Saraswat Sangha, Bhubaneswar. |
| 8 | Brajendra Panda<br>Rashmi Rekha Panda<br>**Son:** Brij Gopal Panda | | | I work at the Univ. of Arkansas, Fayetteville. I knew Sri Sri Thakur Maharaj since childhood; my grand father, late Biswanath Panda was a member of Kendupatna Shakha Sangh. |
| 9 | Dipti Mohapatra<br>Sandip Mohapatra<br>**Children:** Sarthak (7 Years)<br>Sanat (4 Years) | | | I came to know from my mother. |
| 10 | Gyan Ranjan Dwibedy<br>Sibani Dwibedy<br>**Children:** Swati and Shreya | | | We know Shri Shri Thakur from our parents, Dola Govinda and Malati Dwibedy, and Nrushinha and Bidyabati Panda from Rourkela Saraswat Sangha |
| 11 | Jaminikant Samantaray<br>Mousumi Rath<br>**Son:**Tejas Samantaray | | | |
| 12 | Padmagandha Sahoo<br>Brundaban Sahoo | | | I came to know Sri Sri Thakura from my mother Sobharani Sahoo (Gelha maa) of Cuttack Saraswat Sangha. |
| 13 | Pallabita Patanaik<br>Sanujit Senapati<br>**Son:** Udayan Senapati | | | My parents Dr.Samiran patnaik and Dr.Surekha Devi introduced me to Sri Sri Thakur. They belong to the Ekamra Saraswat Sangha, Bhubaneswar. |

| | | | | |
|---|---|---|---|---|
| 14 | Pruthwiraj Sahoo<br>Ipseeta Choudhury | | | I came to know Sri Sri Thakura from my mother Sobharani Sahoo (Gelha maa) of Cuttack Saraswat Sangha. |
| 15 | Rabi Narayan Tripathy<br>Geeta Dash<br>**Son:** Alok Tripathy | | | I came to know Sri Sri Thakur through my parents Late Sri Gobinda Ch. Tripahy and Mrs. Urmila Tripathy of Sunabeda Sangh |
| 16 | Rambollabha Mohapatra<br>Kalpana Dash<br>**Son:** Ashutosh<br>**Daughter:** Sweta | | | I came to know Sri Sri Thakur Maharaj from my parents-in-law. My mother-in-law and late father-in-law belong to the Bhubaneswar Sangha. |
| 17 | Sibani Mohanty<br>Sitakanta Mohanty | | | I knew Sri Sri Thakur from my uncle Sudhanshu Sekhar Das and aunt Manorama Das of Ekamra Saraswat Sangha, Bhubaneswar. |
| 18 | Suchitra Swain (Leena)<br>Debaranjan Swain<br>**Children :** Abhishek Swain<br>Ankit Swain | | | I knew Sri Sri Thakur from my father Late Basanta Kumar Nayak of Asureswar Sangh, Asureswar, Cuttack. |
| 19 | Smitarani Bai<br>Prabhakar Bai<br>**Child:** Shreya Prabhakar | | | I'm greatful to know about Shri Shri Thakura from my parents Shri Shyamabandhu Pagada and Smt. Bijaylaxmi Pagada of Nayagarh Sangha. |
| 20 | Usha Agarwal | | | I came to Shri Thakura through my mausi Shakuntala Maa and her family. Her house was a second home to me as I was very close to her children, my cousins. During my vacations I literally lived there. I attended the Sangha Puja at Ekamra Sangha and the Morning and Evening Puja sessions at Asan Mandir at her home. Later, I requested Pati Bhai to accept me as a Sangha member |


USA Map with Location of Bhaktas
AK
WA
MT
ND
MN
WI
MI
NY
VT
NH
ME
MA
RI
CT
OR
ID
WY
SD
IA
PA
NJ
DE
DC
MD
OH
IN
IL
WV
VA
CA
NV
UT
CO
NE
KS
MO
KY
NC
TN
SC
OK
AR
MS
AL
GA
AZ
NM
TX
LA
FL
HI